# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୯/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, October 29/2019 | ★★★★★★

୪୫ଶ ଭାଗ ୩୩୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ଦୀପାବଳିରେ ଟ୍ରୋଲ୍ ହେଲେ ଶାହରୁଖ୍**

ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ୍ ନିଜ ଫ୍ୟାନ୍‌ମାନଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଥିବାବେଳେ ତାଙ୍କୁ ସୋସିଆଲ ମିଡିଆରେ ପ୍ରବଳ ଟ୍ରୋଲ୍ କରାଯାଇଛି। **୦୨**

**୧୯** **ହାମିଲଟନଙ୍କୁ ଟାଇଟଲ**

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ରବିବାର ମେକ୍ସିକାନ ଫର୍ମୁଲା ୱାନ ଗ୍ରାଁ.ପ୍ରି. ଟାଇଟଲ ହାସଲ କରିଛନ୍ତି।








## ଶ୍ରଦ୍ଧାଞ୍ଜଳି



ଧରିତ୍ରୀ ତଥା ଓଡ଼ିଶା ପୋଷ୍ଟର ପୂର୍ବତନ ପ୍ରକାଶକ ଦଣ୍ଡପାଣି ମିଶ୍ରଙ୍କର ଆଜି ପଞ୍ଚମ ଶ୍ରାଦ୍ଧଦିବସ। ଏହି ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି।

### ଆଜିର ସମ୍ପାଦକୀୟ

**ଅବୁ ବକର ଅଲ୍ ବାଗ୍‌ଦାଦି**

### ଆଜିର ମନ୍ତବ୍ୟ

" ଆତଙ୍କବାଦକୁ ସମର୍ଥନ ଓ ପ୍ରୋତ୍ସାହନ ଦେଉଥିବା ଦେଶ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### କିଛି ତଥ୍ୟ

ଚଳିତ ଆର୍ଥିକ ବର୍ଷ ଏପ୍ରିଲ–ଜୁନ ସମୟରେ ଦେଶ ମଧ୍ୟକୁ ଏଫ୍‌ଡିଆଇରେ ୨୮% ବୃଦ୍ଧି ଘଟି ୧୬.୩୩ ବିଲିୟନ ଡଲାର ରହିଛି। – ଅର୍ଥ ମନ୍ତ୍ରଣାଳୟ

■ ସୁପ୍ରିମକୋର୍ଟ ପରେ ଆଇନଜୀବୀଙ୍କୁ ବିସିଆଇର ଚରମବାଣୀ

# ଆନ୍ଦୋଳନ ବନ୍ଦ କର

- ■ ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ
- ■ ହାଇକୋର୍ଟ ବାର, ୬୮ଟି ବାର ଆସୋସିଏଶନକୁ ନୋଟିସ୍
- ■ ୩ ତାରିଖ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ

କଟକ ଅଫିସ,୨୮।୧୦

ବିଭିନ୍ନ ଦାବିରେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନ ଓ ରାଜ୍ୟର ୬୮ଟି ବାର ଆସୋସିଏଶନ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଫଳରେ ହାଇକୋର୍ଟ ଓ ତଳ କୋର୍ଟଗୁଡ଼ିକ ଅଚଳ ରହିଛି। ଏହାକୁ ନେଇ କିଛିଦିନ ତଳେ ସୁପ୍ରିମ୍‌କୋର୍ଟ କ୍ଷୁବ୍ଧ ହେବା ସହ ବାର କାଉନସିଲ ଅଫ୍ ଇଣ୍ଡିଆ(ବିସିଆଇ)ର ସହଯୋଗ ଲୋଡ଼ିଥିଲେ। ବିସିଆଇ ଆନ୍ଦୋଳନରତ ଆଇନଜୀବୀଙ୍କୁ ଚରମବାଣୀ ଶୁଣାଇଛନ୍ତି। ତୁରନ୍ତ ଆନ୍ଦୋଳନ ବନ୍ଦ କରି କାର୍ଯ୍ୟରେ ଯୋଗଦେବାକୁ ଆଇନଜୀବୀମାନଙ୍କୁ ବିସିଆଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କିତ ଏକ ପତ୍ର ବିସିଆଇ ପକ୍ଷରୁ ହାଇକୋର୍ଟ ବାର ଏବଂ ୬୮ ବାର ଆସୋସିଏଶନକୁ ଦିଆଯାଇଛି। ନିର୍ଦ୍ଦେଶ ନ ମାନିଲେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆଇନଜୀବୀଙ୍କୁ ନିଲମ୍ବନ କରାଯିବା ସହ ବାର ନିର୍ବାଚନ ପାଇଁ ଅଯୋଗ୍ୟ ଘୋଷଣା କରାଯିବ। ଆନ୍ଦୋଳନରୁ ଓହରିବା ନେଇ ବିସିଆଇକୁ ଆସନ୍ତା ୩ତାରିଖ ମଧ୍ୟରେ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଅଦାଲତରେ ପଡ଼ି ରହିଥିବା ମାମଲା ପରିଚାଳନା ସମ୍ଭବ ହୋଇପାରୁନାହିଁ। ସୁପ୍ରିମକୋର୍ଟରେ ରୁଜୁ ଏକ ମାମଲାର ଶୁଣାଣି ବେଳେ ଏହି ଆନ୍ଦୋଳନ ପ୍ରସଙ୍ଗ ଉତ୍ଥାପନ ହୋଇଥିଲା। ଏହାକୁ ନେଇ ସୁପ୍ରିମକୋର୍ଟ କଠୋର ଅଭିମୁଖ୍ୟ ଗ୍ରହଣ କରିଥିଲେ। ଗତ ୨୪ତାରିଖରେ ହୋଇଥିବା ଶୁଣାଣିରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି, ଓଡ଼ିଶା ବାର୍ କାଉନସିଲ୍ ଅଧ୍ୟକ୍ଷଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ସୁପ୍ରିମ୍‌କୋର୍ଟ ନୋଟିସ ଜାରି କରିଥିଲେ। ସେହିପରି ଆସନ୍ତା ନଭେମ୍ବର ୮ରେ ହେବାକୁ ଥିବା ଶୁଣାଣିରେ ବିସିଆଇ ଅଧ୍ୟକ୍ଷଙ୍କୁ ଉପସ୍ଥିତ ରହି ମାମଲା ପରିଚାଳନାରେ ସହଯୋଗ କରିବାକୁ କହିଥିଲେ। ଆଇନଜୀବୀଙ୍କ ଆନ୍ଦୋଳନ ଯୋଗୁ ଓଡ଼ିଶାର ବିଭିନ୍ନ ଅଦାଲତରେ ଅନେକ କାର୍ଯ୍ୟଦିବସ ବରବାଦ ହୋଇଥିବାରୁ ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ହେବ ସେ ସମ୍ପର୍କରେ ମତ ରଖିବାକୁ ମଧ୍ୟ ସୁପ୍ରିମ୍‌କୋର୍ଟ କହିଥିଲେ। ସୁପ୍ରିମ୍‌କୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ବିସିଆଇର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଡକାଯାଇ ଏଭଳି ନିଷ୍ପତ୍ତି ନିଆଯାଇଛି। କୌଣସି ଅଯୌକ୍ତିକ କାରଣ ପାଇଁ ଅଦାଲତଙ୍କୁ ସହଯୋଗ ନ କରିବା ବରଦାସ୍ତଯୋଗ୍ୟ ନୁହେଁ। ଏଥିଯୋଗୁ ଜନସାଧାରଣ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବାବେଳେ ଏହାକୁ ବିଶୃଙ୍ଖଳିତ ଆଚରଣ ବୋଲି ବିବେଚନା କରାଯିବ ବୋଲି ବିସିଆଇ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଗୋପାଳକୃଷ୍ଣ ମହାନ୍ତି କହିଛନ୍ତି ଯେ, ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ଚିଠି ହସ୍ତଗତ ହୋଇଛି, ଆସନ୍ତା ୧ତାରିଖରେ ଆସୋସିଏଶନର ସାଧାରଣ ପରିଷଦ ବୈଠକ ହେବାକୁ ଅଛି ଓ ଏହି ବୈଠକରେ ସମସ୍ତ ବିଷୟକୁ ତର୍ଜମା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

■ ଜିଲାପାଳଙ୍କ ନିକଟରେ ଚାଷୀଙ୍କ ଅଭିନବ ପ୍ରତିବାଦ

# ଶୁଣାଣି ବେଳେ ଛାଡ଼ିଲେ ଷଣ୍ଢ

ରାଜନଗର, ୨୮।୧୦ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଅଞ୍ଚଳରେ ବୁଲା ଷଣ୍ଢ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ସେମାନଙ୍କ ପ୍ରାଦୁର୍ଭାବ ଯୋଗୁ ଚାଷୀଙ୍କୁ ବହୁ କ୍ଷତି ସହିବାକୁ ପଡୁଛି। ଅନେକ ସମୟରେ ଷଣ୍ଢଗୁଡ଼ିକ କିଆରିରେ ପଶି ଫସଲ ଖାଇବା ସହ ହେକ୍ଟର ହେକ୍ଟର ଫସଲ ନଷ୍ଟ କରି ପକାଉଛନ୍ତି। ଏ ନେଇ ଚାଷୀମାନେ ବାରମ୍ବାର ଅଭିଯୋଗ କରୁଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ପ୍ରଶାସନର ଏଭଳି ନିଷ୍କ୍ରିୟତା ବିରୋଧରେ ସ୍ଥାନୀୟ ଚାଷୀମାନେ ସୋମବାର ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି। ଜିଲାପାଳଙ୍କ ଜନଶୁଣାଣି ଚାଲିଥିବା ବେଳେ ଶିବିର ଭିତରେ ଚାଷୀମାନେ ଷଣ୍ଢ ଛାଡ଼ିଦେବା ଭଳି ଘଟଣା ନଜରକୁ ଆସିଛି। ଯାହାକୁ ନେଇ ଏବେ ଜିଲାବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଛି।

ରାଜନଗର ବ୍ଲକ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନରେ ଜିଲାପାଳ ଓ ଏସ୍‌ପିଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲାପାଳ ସମର୍ଥ ବର୍ମା ପହଞ୍ଚିବା ପୂର୍ବରୁ ଚାଷୀମାନେ ବ୍ଲକ କାର୍ଯ୍ୟାଳୟ ☞ ପୃଷ୍ଠା–୪






■ ଉତ୍ତର ପଶ୍ଚିମ ସିରିଆରେ ଆମେରିକାର ଗୁପ୍ତ ଚଢ଼ାଉ

# ଆଇଏସ୍ ନେତା ବାଗ୍‌ଦାଦି ନିହତ

ୱାଶିଂଟନ,୨୮।୧୦(ପି.ଟି.)



ଉତ୍ତରପଶ୍ଚିମ ସିରିଆରେ ଆମେରିକାର ସ୍ୱତନ୍ତ୍ର ବାହିନୀ ପକ୍ଷରୁ ଗୁପ୍ତ ଚଢ଼ାଉ ବେଳେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମୁଖ୍ୟ ଅବୁ ବକର୍ ଅଲ–ବାଗଦାଦି ନିହତ ହୋଇଛନ୍ତି। ଆମେରିକା ସେନା ହାତରେ ଧରାପଡିବା ନିଶ୍ଚିତ ଜାଣି ଶେଷ ମୂହୂର୍ତ୍ତରେ ବିଶ୍ୱର ସବୁଠୁ ଦୁର୍ଦ୍ଦାନ୍ତ ଓ ନିଷ୍ଠୁର ଆତଙ୍କବାଦୀ ବାଗଦାଦି ଶେଷରେ ଆତଙ୍କ ମଧ୍ୟରେ ନିଜକୁ ବିସ୍ଫୋରଣ କରି ଉଡାଇଦେଇଛନ୍ତି। ଜଣେ ଭୀରୁ ଓ କୁକୁର ଭଳି ସେ ନିହତ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଏହି ଆତଙ୍କବାଦୀ ନେତାଙ୍କ ଶେଷ ମୁହୂର୍ତ୍ତ କ୍ରନ୍ଦନ ଓ ଚିତ୍କାରରେ ବିତିଥିଲା। ଏକ ସୁଡ଼ଙ୍ଗ ମଧ୍ୟରେ ସେ ନିଜକୁ ବିସ୍ଫୋରଣରେ ଉଡାଇ ଦେଇଥିଲେ। ଏହି ବିସ୍ଫୋରଣରେ ତାଙ୍କର ୩ ପିଲା ମଧ୍ୟ ପ୍ରାଣ ହରାଇଥିବା ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌ରେ କହିଛନ୍ତି।

ଆମେରିକାର ସ୍ୱତନ୍ତ୍ର ଅପରେଶନ୍ ଫୋର୍ସ ରାତି ସମୟରେ ନିର୍ଭୀକତାର ସହ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଶେଷରେ ନମ୍ବର ୱାନ୍ ଆତଙ୍କବାଦୀଙ୍କୁ ଆମେରିକା ନ୍ୟାୟର କାଠଗଡ଼ାକୁ ଆଣିଛି ଓ ଦୁର୍ଦ୍ଦାନ୍ତ ବାଗଦାଦି ନିହତ ହୋଇଥିବା ଟ୍ରମ୍ପ୍ ସାରା ବିଶ୍ୱକୁ ଜଣାଇଦେଇଛନ୍ତି। ନିରୀହ ଲୋକଙ୍କୁ ନିର୍ମମ ଭାବେ ହତ୍ୟା କରୁଥିବା ଆଇଏସ୍‌ର ପ୍ରତିଷ୍ଠାତା ଥିଲେ ବାଗଦାଦି। ବହୁବର୍ଷ ହେଲା ତାଙ୍କୁ ଧରିବା ଲାଗି ଆମେରିକା ଅଭିଯାନ ଚଳାଇଥିଲା।

ଆଇଏସ୍ ସଂଗଠନ ସକ୍ରିୟ ଥିବା ଉତ୍ତରପଶ୍ଚିମ ସିରିଆର ଇଡଲିବ୍ ପ୍ରଦେଶ ଅନ୍ତର୍ଗତ ଏକ ଅଞ୍ଚଳରେ ଆମେରିକା ହେଲିକପ୍ଟରରୁ ସ୍ୱତନ୍ତ୍ର ବାହିନୀର ସୈନ୍ୟ ଓହ୍ଲାଇଥିଲେ। ପରେ ହେଲିକପ୍ଟରଗୁଡିକ ବରିଶା ଗ୍ରାମ ବାହାରେ ଥିବା ଏକ ଘର ଓ କାରକୁ ଟାର୍ଗେଟ କରିଥିଲେ। ଏହି କାର୍ଯ୍ୟାନୁଷ୍ଠାନରେ ଆଇଏସ୍‌ର ବରିଷ୍ଠ ନେତା ଅବୁ ୟମାନୁଙ୍କ ସମେତ ୯ ଜଣ ନିହତ ହୋଇଥିଲେ। ନିହତଙ୍କ ମଧ୍ୟରେ ଜଣେ ଶିଶୁ ଓ ୨ ମହିଳା ଥିଲେ ବୋଲି ବ୍ରିଟେନସ୍ଥିତ ସିରିଆ ମାନବାଧିକାର ପର୍ଯ୍ୟବେକ୍ଷଣ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ଉକ୍ତ ଅଞ୍ଚଳରେ ବାଗଦାଦି ଥିଲେ କି ନାହିଁ ତାହା ସ୍ପଷ୍ଟ ହୋଇ ନ ଥିଲା। ଏହି ଆକ୍ରମଣରେ କାର ଭିତରେ ଥିବା ଦୁଇଜଣ ନିହତ ହୋଇଥିଲେ। ତେବେ ଆମେରିକା ସ୍ୱତନ୍ତ୍ର ଅପରେଶନ ବାହିନୀ ନିକଟତର ହେବାରୁ ଆତ୍ମଘାତୀ ପୋଷାକରେ ଥିବା ବାଗଦାଦି ନିଜକୁ ବିସ୍ଫୋରଣରେ ଉଡାଇଦେଇଥିଲେ ବୋଲି ବିଭିନ୍ନ ସରକାରୀ ସୂତ୍ରକୁ ଉଦ୍ଧାର କରି ଆମେରିକା ଗଣମାଧ୍ୟମ ☞ ପୃଷ୍ଠା–୪

**ମହାବାତ୍ୟାକୁ ୨୦ ବର୍ଷ: ସ୍ମୃତି ଆଜି ବି ଅଭୁଲା**

........ ୭ ........





Vencobb Fresh Chicken — Taste the difference!

28.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 61 | 107 | 117 |
| DKL | 62 | 109 | 119 |
| BDK | 63 | 110 | 120 |
| BLS | 65 | 113 | 123 |
| ANG | 63 | 110 | 120 |
| BHM | 59 | 105 | 115 |

*Conditions Apply

Issued in the Interest of Consumers





ଫିଲ୍ମ 'ବାଲା'ର ପ୍ରମୋଶନ ଛାଡ଼ି ମୁଁ ମୋ ପରିବାର ସହ ଦିୱାଲି ପାଳିବାକୁ ଚାହିଁଥିଲି।
- ୟାମି ଗୌତମ, ବଲିଉଡ୍ ଅଭିନେତ୍ରୀ



# ବୃଦ୍ଧିପାଉଛି ଷ୍ଟ୍ରୋକ୍ ଜନିତ ମୃତ୍ୟୁ

**ନୂଆଦିଲ୍ଲୀ:** ସାମ୍ପ୍ରତିକ ସାମାଜିକ ଚାଲିଚଳଣୀ, ଜୀବନଶୈଳୀ ଲୋକମାନଙ୍କ ଶରୀର ଉପରେ ବିଶେଷ ପ୍ରଭାବ ପକାଉଛି। ମାନସିକ ଚାପ ଓ ବିଭିନ୍ନ ରୋଗରେ ପୀଡ଼ିତ ଲୋକମାନେ ଏବେ ଷ୍ଟ୍ରୋକ୍ ବା ଘାତର ଶିକାର ହେଉଛନ୍ତି। ପୃଥିବୀରେ ଯେତିକି ମାତ୍ରାରେ ଅସ୍ୱାଭାବିକ ଅବସ୍ଥାରେ ମୃତ୍ୟୁ ଘଟୁଛି ତା'ର ଅଧା ବିଭିନ୍ନ ଷ୍ଟ୍ରୋକ୍ ଦ୍ୱାରା ହେଉଛି। ଏଣୁ ଅକ୍ଟୋବର ୨୯କୁ ୱାର୍ଲ୍ଡ ଷ୍ଟ୍ରୋକ୍ ଡେ' ଭାବେ ପାଳନ କରାଯାଉଛି। ମନୁଷ୍ୟ ଶରୀରର ବ୍ରେନ୍ ବା ମସ୍ତିଷ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହାର କାର୍ଯ୍ୟଧାରା ବାଧାପ୍ରାପ୍ତ ହେଲେ ଆମେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଉ। ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା

### ୱାର୍ଲ୍ଡ ଷ୍ଟ୍ରୋକ୍ ଡେ'




ପାଇଁ ପ୍ରତିବର୍ଷ ଅକ୍ଟୋବର ୨୯ ତାରିଖକୁ 'ୱାର୍ଲ୍ଡ ବ୍ରେନ୍ ଷ୍ଟ୍ରୋକ୍ ଡେ' ଭାବରେ ମଧ୍ୟ ପାଳନ କରାଯାଇଥାଏ। ଏ ସମ୍ପର୍କରେ ଭୁବନେଶ୍ୱରସ୍ଥ କେୟାର ହସ୍ପିଟାଲର ବରିଷ୍ଠ ନ୍ୟୁରୋଲୋଜି ସ୍ପେଶାଲିଷ୍ଟ ଡା. ଶୁଭ୍ରାଂଶୁ ଶେଖର ଜେନା କହନ୍ତି, ''ନିକଟରେ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଆମ ଦେଶରେ ମୃତ୍ୟୁବରଣ କରୁଥିବା ଲୋକଙ୍କ ପ୍ରମୁଖ କାରଣ ମଧ୍ୟରୁ ବ୍ରେନ୍ ଷ୍ଟ୍ରୋକ୍ ଦ୍ୱିତୀୟ ମୁଖ୍ୟ କାରଣ। ସମଗ୍ର ପୃଥିବୀରେ ପ୍ରତିବର୍ଷ ପାଖାପାଖି ୧୫ ମିଲିୟନ ଲୋକ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହୋଇଥାଆନ୍ତି। ଏପରି କି ପ୍ରତି ୬ ସେକେଣ୍ଡରେ ଜଣେ ବ୍ୟକ୍ତି (ପୃଥିବୀରେ) ବ୍ରେନ୍ ଷ୍ଟ୍ରୋକ୍ ଦ୍ୱାରା ଆକ୍ରାନ୍ତ ହୁଅନ୍ତି। ଖାସ୍ କଥା ହେଲା, ଆମ ଦେଶରେ ପଶ୍ଚିମବଙ୍ଗ ପରେ ଓଡିଶାରେ ସବୁଠାରୁ ଅଧିକ ଲୋକ ବ୍ରେନ୍ ଷ୍ଟ୍ରୋକ୍ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ତେବେ ଯେଉଁମାନଙ୍କର ଡାଇବେଟିସ୍, ବ୍ଲଡପ୍ରେସର ରହିଛି ଏବଂ ରକ୍ତରେ କୋଲେଷ୍ଟରଲ ସମସ୍ୟା ରହିଛି ସେମାନେ ବ୍ରେନ୍ ଷ୍ଟ୍ରୋକ୍‌ର ଶିକାର ହେବାର ଆଶଙ୍କା ଅଧିକ ରହିଛି। ଏହାବ୍ୟତୀତ ଧୂମପାନ, ନିଶାଦ୍ରବ୍ୟ ସେବନ, ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଏହାର ଅନ୍ୟତମ କାରଣ। ବ୍ରେନ୍ ଷ୍ଟ୍ରୋକ ହେବାର ପ୍ରଥମ ୪-୫ ଘଣ୍ଟା ଅଧିକ ଗୁରୁତ୍ୱପୂର୍ଣ୍ଣ। ଯଦି ଆପଣଙ୍କର ମୁହଁ ହଠାତ୍ ବଙ୍କା ହୋଇଯାଉଛି, ବଧିରା ହୋଇଯାଉଛି, ହାତ ଦୁର୍ବଳ ଲାଗୁଛି, ବଧିରା ହୋଇଯାଉଛି ତେବେ ବିଳମ୍ବ ନ କରି ଅଭିଜ୍ଞ ନ୍ୟୁରୋଲୋଜି ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।''



# ଦୀପାବଳି ଶୁଭେଚ୍ଛା ଜଣାଇ ଶାହରୁଖ୍ ହେଲେ ଟ୍ରୋଲ୍

**ମୁମ୍ବାଇ:** ରବିବାର ସାରା ଦେଶରେ ଧୁମ୍‌ଧାମ୍‌ରେ ଦୀପାବଳି ପାଳିତ ହୋଇଛି। ଏହି କ୍ରମରେ ବି-ଟାଉନ୍ ସେଲିବ୍ରିଟିମାନେ ମଧ୍ୟ ସ୍ୱତନ୍ତ୍ର ଭାବେ ପାଳନ କରି ଏହି ଦିବସର ମଜା ଉଠାଇଛନ୍ତି, ଯାହାର ଝଲକ ସୋସିଆଲ୍ ମିଡିଆରେ ଦେଖିବାକୁ ମିଳୁଛି। ବଲିଉଡ୍ ସେଲିବ୍ରିଟି ପ୍ରିୟଙ୍କା ଚୋପ୍ରାଙ୍କଠାରୁ ଅକ୍ଷୟ କୁମାରଙ୍କ ପର୍ଯ୍ୟନ୍ତ ସମସ୍ତେ ଫ୍ୟାନ୍‌ମାନଙ୍କୁ ଦୀପାବଳି ଅବସରରେ ସୋସିଆଲ ମିଡିଆରେ ନିଜ ନିଜ ତରିକାରେ ଶୁଭେଚ୍ଛା ଜଣାଇଥିଲେ। କିନ୍ତୁ ଯେତେବେଳେ ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ୍ ନିଜ ଫ୍ୟାନ୍‌ମାନଙ୍କୁ ଦୀପାବଳିର ଶୁଭେଚ୍ଛା ଜଣାଇଲେ, ତାଙ୍କୁ ସୋସିଆଲ ମିଡିଆରେ ପ୍ରବଳ ଟ୍ରୋଲ୍ କରାଗଲା।

ପ୍ରକୃତରେ ଶାହରୁଖ୍ ନିଜ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଦୀପାବଳି ପାଇଁ ଏକ ନିଆରା ଢଙ୍ଗରେ ଶୁଭକାମନା ଜଣାଇଥିଲେ। ଶାହରୁଖ୍ ନିଜ ପତ୍ନୀ ଗୌରୀ ଖାନ୍ ଓ ପୁଅ ଅବରାମଙ୍କ ସହ ଗୋଟିଏ ଫଟୋ ଶେୟାର କରିଥିଲେ, ଯେଉଁଥିରେ ତିନିଜଣଙ୍କର କେବଳ ଆଖି ଓ କପାଳରେ ତିଳକ ଲଗାଇଥିବା ଦେଖିବାକୁ ମିଳିଥିଲା। ତେବେ ଶାହରୁଖ୍‌ଙ୍କ ଏଭଳି ନିଆରା ଢଙ୍ଗରେ ଦୀପାବଳିର ଶୁଭେଚ୍ଛା ତାଙ୍କ ଫ୍ୟାନମାନଙ୍କୁ ଭଲ ଲାଗିଥିଲେ ମଧ୍ୟ କିଛି କଠୋର ଧର୍ମପନ୍ଥୀଙ୍କ ମନକୁ ପାଇ ନ ଥିଲା। ସେମାନେ ତୁରନ୍ତ ତାଙ୍କୁ ଟ୍ରୋଲ କରିଥିଲେ। ଜଣେ ୟୁଜରଙ୍କ ଅନୁସାରେ, ଶାହରୁଖ୍ ମୁସଲମାନ ହୋଇଥିବାରୁ ତାଙ୍କର ମଥାରେ ତିଳକ ଲଗାଇବା ଉଚିତ ହେଲା ନାହିଁ। ଆଉ ଜଣେ ୟୁଜର ଲେଖିଛନ୍ତି, "କେବେ ଇଦ୍‌ରେ ମଧ୍ୟ ଶୁଭେଚ୍ଛା ଜଣାଇଦିଅ।" ସେହିପରି ଆଉ ଜଣେ ୟୁଜର କହିଛନ୍ତି, "ଏହା କ'ଣ କେସରିଆ ରଙ୍ଗ? ଏବେ ତୁମକୁ ବି ଫତ୍‌ୱା ଜାରି କରାହେବ କି ? ନା କେବଳ ମହିଳାଙ୍କ ଉପରେ ଫତ୍‌ୱା ଜାରି କରାଯାଏ ?" ଏହିପରି କିଛି ସୋସିଆଲ ମିଡିଆରେ ଟ୍ରୋଲର ଶିକାର ହେଲେ ଶାହରୁଖ୍।

ଅନ୍ୟପକ୍ଷରେ ଶାହରୁଖ୍‌ଙ୍କ ପାଇଁ ଶବାନା ଆଜ୍‌ମୀ କିନ୍ତୁ ଟ୍ରୋଲରଙ୍କୁ କଡ଼ା ଜବାବ୍ ଦେଉଛନ୍ତି। ଟ୍ରୋଲରଙ୍କ ପାଲଟା ଜବାବ୍ ଦେଇ ଶବାନା ଟୁଇଟ୍ କରିଛନ୍ତି, ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ଶାହରୁଖ୍‌ଙ୍କ ଦୀପାବଳି ଶୁଭକାମନାକୁ ନେଇ କିଛି ଇସଲାମିକ୍ କ୍ରୋଧିତ। ମଥାରେ ତିଳକ ଲଗାଇଥିବାରୁ ସେମାନେ ତାଙ୍କୁ ଢୋଙ୍ଗି ମୁସଲମାନ ବୋଲି ମଧ୍ୟ କହୁଛନ୍ତି। ଇସଲାମ୍ ଧର୍ମ ଏତେ ଦୁର୍ବଳ ନୁହେଁ ଯେ, ଏହା ଏକ ସୁନ୍ଦର ଭାରତୀୟ ପରମ୍ପରା ଦ୍ୱାରା କ୍ଷତିଗ୍ରସ୍ତ ହୋଇଯିବ। ଗଙ୍ଗା-ଯମୁନା ପରମ୍ପରାରେ ଭାରତର ସୌନ୍ଦର୍ଯ୍ୟ ରହିଛି। " ତେବେ ଶବାନାଙ୍କ ଏପରି କଡ଼ା ଜବାବ ପରେ, ତାଙ୍କୁ ମଧ୍ୟ ଟ୍ରୋଲ୍ ହେବାକୁ ପଡ଼ିଲା। ଏଭଳି ଟୁଇଟ୍ ପରେ ଜଣେ ୟୁଜର ଲେଖିଲେ, "ଏ ଇସଲାମ୍ ବହୁତ ଜଲ୍‌ଦି ଅସୁବିଧାରେ ପଡ଼ିଯାଏ।" ସେହିପରି ଆଉଜଣେ ଲେଖିଲେ, "ଶାନ୍ତିଦୂତଙ୍କ ଦ୍ୱାରା କ'ଣ ବିଶେଷ ଟିପ୍ପଣୀ କରାଗଲା ?"

# ବହୁ ଉପକାରୀ ଅଦା



**ନୂଆଦିଲ୍ଲୀ:** ଅଦା ଅନେକ ଔଷଧୀୟ ଗୁଣରେ ଭରପୁର। ଏହା ନାନା ପ୍ରକାର ରୋଗରୁ ଦୂରେଇ ରଖେ ବୋଲି ଆୟୁର୍ବେଦରେ ଉଲ୍ଲେଖ ଅଛି। ପ୍ରତିଦିନ ସକାଳେ ଖଣ୍ଡେ ଅଦା ଚୋବାଇବା ସହିତ ଗ୍ଲାସେ ଉଷୁମ ପାଣି ପିଇଲେ ଅନେକ ଫାଇଦା ମିଳିଥାଏ। ଏହା ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ସହିତ କୋଲେଷ୍ଟରଲ ସ୍ତର ନିୟନ୍ତ୍ରିତ କରେ। ଫଳରେ ହାର୍ଟଆଟାକ୍‌ରୁ ମୁକ୍ତି ମିଳିଥାଏ । ଏହା ନିଦ୍ରାହୀନତାରୁ ମୁକ୍ତି ଦେବା ସହିତ ଶାରୀରିକ ଦୁର୍ବଳତାକୁ ମଧ୍ୟ ଦୂର କରେ। ପ୍ରତିଦିନ ଅଭ୍ୟାସ କରି ଏପରି କଲେ ମାଂସପେଶୀ ଯନ୍ତ୍ରଣା ଦୂର ହୋଇଥାଏ। ଆଣ୍ଠୁଗଣ୍ଠି ବାତରେ ଏହା ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।



# ଶୋଇଥିବା ହନୁମାନଙ୍କୁ ଏଠି କରାଯାଏ ପୂଜା

**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ଆହ୍ଲାବାଦରେ ଥିବା ହନୁମାନ ମନ୍ଦିର ଏହାର ସ୍ୱତନ୍ତ୍ର ନିର୍ମାଣଶୈଳୀ ପାଇଁ ପ୍ରସିଦ୍ଧ। ଏହା ପୃଥିବୀର ଏକମାତ୍ର ଏପରି ମନ୍ଦିର ଯେଉଁଠି ହନୁମାନଙ୍କ ମୂର୍ତ୍ତି ଶୋଇରହିଥିବା ଅବସ୍ଥାରେ ପୂଜା ପାଉଛନ୍ତି। କୁହାଯାଏ ଏହି ମନ୍ଦିରକୁ ଆସି ହନୁମାନଙ୍କ ଦର୍ଶନ ନ କଲେ ଆହ୍ଲାବାଦର ପବିତ୍ର ସଙ୍ଗମସ୍ଥଳକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଯାତ୍ରା ସମ୍ପୂର୍ଣ୍ଣ ହୋଇ ନ ଥାଏ। ନଦୀରେ ବନ୍ୟା ଆସିଲେ ଏହି ମନ୍ଦିର ବୁଡ଼ିଯାଇଥାଏ। ପୁରାଣ ଅନୁସାରେ ଏହି ସମୟରେ ମାତା ଗଙ୍ଗା ହନୁମାନଙ୍କୁ ସ୍ନାନ କରାଇବାକୁ ଆସିଥାନ୍ତି। ପୁରାଣ ଅନୁସାରେ ଲଙ୍କାରେ ବିଜୟ ପ୍ରାପ୍ତି ପରେ ଭଗବାନ ଶ୍ରୀରାମ ଆହ୍ଲାବାଦର ସଙ୍ଗମସ୍ଥଳକୁ ସ୍ନାନ କରିବାକୁ ଆସିଥିଲେ। ଏହି ସମୟରେ ତାଙ୍କ ପ୍ରିୟ ଭକ୍ତ ହନୁମାନ ବିଶ୍ରାମ ପାଇଁ ଏଠାରେ କିଛି କ୍ଷଣ ଲାଗି ଶୋଇପଡିଥିଲେ। ଏହା ଦେଖି ମାତା ଜାନକୀ ନିଜ ମଥାର ସିନ୍ଦୂରରେ ତାଙ୍କ ଶ୍ରମ ଲାଘବ କରି ଚିରଞ୍ଜିବୀ ହେବାକୁ ଆଶୀର୍ବାଦ ଦେଇଥିଲେ। ସେହିଦିନ ଠାରୁ ଏହି ମନ୍ଦିରରେ ହନୁମାନଙ୍କୁ ସିନ୍ଦୂର ଚଢାଇବାର ପରମ୍ପରା ରହିଛି। ୧୭୮୭ରେ ଏହି ମନ୍ଦିରର ନିର୍ମାଣ ହୋଇଥିଲା। ମନ୍ଦିରରେ ୨୦ ଫୁଟର ହନୁମାନ ମୂର୍ତ୍ତି ଶୋଇଥିବା ଅବସ୍ଥାରେ ରହିଛନ୍ତି। ମନ୍ଦିରରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ମୂର୍ତ୍ତି ମଧ୍ୟ ରହିଛି। ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ରାତି ସାରା ଖୋଲା ରହିଥାଏ। ବିଶ୍ୱାସ ରହିଛି ଏହି ମନ୍ଦିରରେ ମାନସିକ କଲେ ତାହା ହନୁମାନ ପୂରଣ କରନ୍ତି।

# ମାଡ଼ିଆସୁଛି ପୃଥିବୀକୁ ବିପଦ

**ୱାଶିଂଟନ:** ପୃଥିବୀ ଉପରେ ବିପଦ ମାଡ଼ି ଆସୁଛି। ଆସନ୍ତା ଅକ୍ଟୋବର ୩୧ରେ ଗ୍ରହପିଣ୍ଡ ୨୦୧୯ ୟୁଜେ-୩ ପୃଥିବୀ ସହିତ ଧକ୍କା ହେବାର ଆଶଙ୍କା ଥିବା ନାସା ପକ୍ଷରୁ କୁହାଯାଇଛି। ଏହା ଘଣ୍ଟାପ୍ରତି ୨୦ ହଜାର ମାଇଲ୍ ବେଗରେ ପୃଥିବୀ ଆଡ଼କୁ ମାଡ଼ିଆସୁଛି। ଏଥିପାଇଁ ନାସା ପକ୍ଷରୁ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ଏହା ଆକ୍ଟୋବର ୩୧ ସନ୍ଧ୍ୟା ୬ଟା ୩୫ରେ ପୃଥିବୀର ଅତି ନିକଟବର୍ତ୍ତୀ ହେବ। ଏହି ସମୟରେ ପୃଥିବୀ ଏବଂ ୨୦୧୯ ୟୁଜେ-୩ ମଧ୍ୟରେ ଦୂରତା ୨.୭୯ ନିୟୁତ କିମି ହେବ। ଯଦି ଏହା ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଯୋଗୁ ବାୟୁମଣ୍ଡଳରେ ପ୍ରବେଶ କରେ, ତେବେ ପ୍ରବଳ ବେଗରେ ଧକ୍କା ଦେବାର ଆଶଙ୍କା ରହିଛି। ଏପରି ହେଲେ ସୁନାମୀ, ଭୂକମ୍ପ ସହିତ ପ୍ରବଳ ବେଗରେ ପବନ ବହିବ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି।



# ୮୩ ହଜାର ଟଙ୍କାର କଏନ୍ ଦେଇ ଗାଡ଼ି କିଣିଲେ

### ନିଆରା ଇଚ୍ଛା

**ସତ୍‌ନା:** ଅନ୍ୟଠାରୁ କିଛି ଅଲଗା କରିବା ପାଇଁ ଲୋକେ କେତେକ'ଣ ଉପାୟ ଆପଣାନ୍ତି। ନିଜକୁ ଅନ୍ୟମାନଙ୍କଠାରୁ ଭିନ୍ନ ବୋଲି ପ୍ରମାଣ କରିବାକୁ ସବୁବେଳେ ସେମାନେ ଉପାୟ ଚିନ୍ତା କରିଥାନ୍ତି। ମଧ୍ୟପ୍ରଦେଶର ଜଣେ ଯୁବକ ମଧ୍ୟ ସ୍କୁଟି କିଣିବା ସମୟରେ ଏଭଳି କିଛି ନିଆରା କାର୍ଯ୍ୟ କରିଛନ୍ତି। ଯଦ୍ୱାରା ଶୋ' ରୁମ୍ ମାଲିକଙ୍କୁ ନାକେଦମ୍ ହେବାକୁ ପଡ଼ିଛି। ମଧ୍ୟପ୍ରଦେଶର ସତ୍‌ନା ଜିଲାର ରାକେଶ୍ ଗୁପ୍ତା ଧନ୍‌ତେରସ୍ ଉପଲକ୍ଷେ ଏକ ନୂଆ ସ୍କୁଟି କିଣିବାକୁ ଏକ ଶୋ' ରୁମ୍‌କୁ ଯାଇଥିଲେ। ଗାଡ଼ିର ମୂଲ୍ୟ ଥିଲା ୮୩ହଜାର ଟଙ୍କା। ହେଲେ ରାକେଶ ଏହି ଟଙ୍କା କୌଣସି ଚେକ୍ କିମ୍ବା ନୋଟ୍ ଆକାରରେ ନ ଦେଇ କଏନ୍(ମୁଦ୍ରା) ଆକାରରେ ଦେଇଥିଲେ। ୪ଟି ବ୍ୟାଗ୍‌ରେ ଟଙ୍କା ନେଇ ସେ ଗାଡ଼ି କିଣିବାକୁ ଯାଇଥିଲେ। କଏନ ଗଦା କରିବା ପରେ ସମସ୍ତେ ଏହାକୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। କିଛି କ୍ଷଣ ପରେ ଏହାକୁ ଗଣିବା ପାଇଁ ଶୋ' ରୁମ୍ କର୍ମଚାରୀଙ୍କୁ ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଲାଗିଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଶୁଭଦିନରେ ଶୋ' ରୁମ୍ ମାଲିକ ଆସିଥିବା ଲକ୍ଷ୍ମୀଙ୍କୁ ନ ଫେରାଇ ଏତେ ଟଙ୍କା ଖୁଚୁରା ଆକାରରେ ଗ୍ରହଣ କରି ରାକେଶଙ୍କ ଇଚ୍ଛା ପୂରଣ କରିଥିଲେ। ଏହା ଉଭୟଙ୍କ ପାଇଁ ନିଶ୍ଚୟ ସ୍ମୃତି ହୋଇ ରହିବ। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।





## ପୁରାତନ ପରମ୍ପରା

# ଗାଈ ଖୁରାକୁ ବି ଡରିଲେନି ଶ୍ରଦ୍ଧାଳୁ

**ଉଜ୍ଜୟିନୀ:** ମଧ୍ୟପ୍ରଦେଶ ଉଜ୍ଜୟିନୀ ନିକଟବର୍ତ୍ତୀ ବଡ଼ନଗର ତହସିଲ୍‌ରେ ଥିବା ଭିଡ଼ାବଦ୍ ଗାଁରେ ପୁରାତନ ପରମ୍ପରା ସୋମବାର ପାଳିତ ହୋଇଛି। ଏଠାରେ ଶହ ଶହ ଶ୍ରଦ୍ଧାଳୁ ଗାଈ ଖୁରାକୁ ଭ୍ରୁକ୍ଷେପ ନକରି ମାଟିରେ ଶୋଇ ରହିଥିଲେ। ସେମାନଙ୍କ ଉପରେ ଗାଈପଲ ଚାଲି ଯାଇଥିଲେ। ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକଙ୍କର ବିଶ୍ୱାସ ରହିଛି। ଗାଈଠାରେ ୩୩ କୋଟି ଦେବୀଦେବତା ବାସ କରୁଥିବା ପୁରାଣରେ ଉଲ୍ଲେଖ ରହିଛି। ଗାଈପଲ ତଳେ ଶୋଇଥିବା ଶ୍ରଦ୍ଧାଳୁଙ୍କ ଉପରେ ଚାଲୁଥିବା ବେଳେ ଉପସ୍ଥିତ ଅନ୍ୟ ଶ୍ରଦ୍ଧାଳୁ ଭଜନ କୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା। ପ୍ରତିବର୍ଷ ଦୀପାବଳି ପରଦିନ ଏଠାରେ ଏହି ପରମ୍ପରା ପାଳିତ ହୋଇଥାଏ।

# ଏସି ଲଗାଇଲେ ଆସେନା ସୁଖନିଦ୍ରା

**ୱାଶିଂଟନ:** କବାଟ, ଝରକା ଖୋଲାଥିବା ଶୟନ କକ୍ଷ ସୁଖ ନିଦ୍ରା ଦିଏ ବୋଲି ଗବେଷକ କହିଛନ୍ତି। ଶୋଇବା ପୂର୍ବରୁ ଶୟନ କକ୍ଷର କବାଟ ଝରକା ଖୋଲା ରହିଲେ ଭିତରେ ଥିବା ଅଙ୍ଗାରକାମ୍ଳ ମାତ୍ରା କମି ଯାଇଥାଏ। ଫଳରେ କକ୍ଷରେ ଅମ୍ଳଜାନ ମାତ୍ରା ବୃଦ୍ଧି ପାଇଥାଏ। ଏହାଦ୍ୱାରା ଏକ ଶାନ୍ତ ପରିବେଶ ସୃଷ୍ଟି ହୋଇଥାଏ। ଯାହାକି ସୁଖ ନିଦ୍ରା ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେବେ ଏସି ଲଗାଇ ଶୋଇଲେ ସୁଖ ନିଦ୍ରା ଆସି ନ ଥାଏ। ଏନେଇ ଆମେରିକା ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଏସି ଲଗାଇବା ଦ୍ୱାରା ଶୟନ କକ୍ଷରେ ମୁକ୍ତ ବାୟୁ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଫଳରେ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼େ। ଅପରପକ୍ଷରେ କବାଟ, ଝରକା ଖୋଲା ରଖିଲେ ବାୟୁ ଚଳାଚଳ ଯୋଗୁ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଫଳରେ ମନରେ ଆନନ୍ଦ ଉତ୍ପନ୍ନ ହେବା ସହିତ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଆବଶ୍ୟକ ପରିମାଣର ବିଶ୍ରାମ ପାଇଥାନ୍ତି। ଏହା ସହିତ ମସ୍ତିଷ୍କରୁ ନାନା ପ୍ରକାର ଦୁଃଚିନ୍ତା ଦୂରେଇ ଯାଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି।



ରାଜସ୍ଥାନର ଆଜ୍‌ମେର ଜିଲାସ୍ଥିତ ଗାନ୍ଧୀଚୌକଠାରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ କେହି ଭାଙ୍ଗି ଦେଇଛି। ପ୍ରତିମୂର୍ତ୍ତିର ଉପର ଅଂଶ ଭାଙ୍ଗିଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ଜାତୀୟ ସମ୍ପତ୍ତି ଭଙ୍ଗାଯିବା ନେଇ ଥାନାରେ ଅଭିଯୋଗ କରାଯିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ କାହାକୁ ଗିରଫ କରାଯାଇ ନ ଥିବାବେଳେ ସିସିଟିଭି ଫୁଟେଜ୍‌କୁ ଦେଖି ଅଭିଯୁକ୍ତଙ୍କୁ ଧରାଯିବ ବୋଲି ନସିରାବାଦ୍ ଏସ୍‌ଏଚ୍‌ଓ ଲକ୍ଷ୍ମଣ ସିଂ କହିଛନ୍ତି।




## ୩୨୭୮ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଚିଠି

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ରାଜ୍ୟରେ ଡାକ୍ତର ପଦବୀ ପୂରଣ ପାଇଁ ସୋମବାର ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍‌ସି)କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠି ଲେଖିଛି। ବିଭାଗୀୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା ରାଜ୍ୟରେ ଖାଲି ପଡ଼ିଥିବା ମୋଟ ୩୨୭୮ ଡାକ୍ତର ପଦବୀ ପୂରଣ ପାଇଁ ଓପିଏସ୍‌ସିକୁ ଦେଇଥିବା ଚିଠିରେ ଦର୍ଶାଇଛନ୍ତି। ତେବେ ଏଥିରେ ୨ହଜାର ନୂଆ ଲିଭ୍ ଟ୍ରେନିଂ ରିଜର୍ଭ ମେଡିକାଲ ଅଫିସର(ଏଲ୍‌ଟିଆର୍‌ଏମ୍‌ଓ) ପଦବୀ ଅନ୍ତର୍ଭୁକ୍ତ ରହିଛି। ଖାଲି ପଡ଼ିଥିବା ପଦବୀ ମଧ୍ୟରେ ସାଧାରଣବର୍ଗର ୧୩୫୮, ଏସ୍‌ଇବିସି ୧୩୬, ଏସ୍‌ସି ୭୦୯ ଓ ଏସ୍‌ଟି ବର୍ଗରେ ୧୦୭୫ ରହିଛି।

# ଥାନା ପାଇବ ମାସିକ ଅନୁଦାନ

## ଅତିରିକ୍ତ ଜରୁରିକାଳୀନ ପାଣ୍ଠିରୁ ୧୭.୫ କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

- ଭୁବନେଶ୍ୱର-କଟକ ଥାନାକୁ ୪୦ ହଜାର ଟଙ୍କା
- ୧୪୨ ସହରାଞ୍ଚଳ ଥାନାକୁ ୩୦ ହଜାର
- ୩୫୧ ଗ୍ରାମାଞ୍ଚଳ ଥାନାକୁ ମିଳିବ ୨୦ ହଜାର

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ରାଜ୍ୟବାସୀଙ୍କୁ ଦୁର୍ନୀତିମୁକ୍ତ ଏବଂ ତ୍ୱରିତ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଥାନା ଓ ଡାକ୍ତରଖାନାକୁ ଅନ୍ତର୍ଭୁକ୍ତ କରାଯାଇଛି। ଡାକ୍ତରଖାନା ଓ ଥାନାକୁ ଆସୁଥିବା ଲୋକମାନେ କିପରି ସେବା ପାଉଛନ୍ତି ସେ ନେଇ ଅନୁଧ୍ୟାନ କରାଯାଉଛି। ଲୋକମାନଙ୍କ ମତାମତ ସଂଗ୍ରହ କରାଯାଉଛି। ସେହି ଆଧାରରେ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଏହି ଯୋଜନା ଆରମ୍ଭ କରାଯାଇଛି। ରାଜ୍ୟ ସରକାରଙ୍କ ଅଧିକାରୀମାନେ ବିଭିନ୍ନ ଡାକ୍ତରଖାନା ଓ ଥାନା ବୁଲୁଛନ୍ତି। ପ୍ରତ୍ୟେକ ଦିନ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନେ ମଧ୍ୟ ଲୋକମାନଙ୍କ ସହ କଥା ହେଉଛନ୍ତି। ସେମାନଙ୍କ ମତାମତ ରେକର୍ଡ କରାଯାଉଛି। ଥାନାରେ ଆବଶ୍ୟକ କର୍ମଚାରୀ ଏବଂ ବ୍ୟବସ୍ଥା ନ ଥିବାରୁ ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବା ସମ୍ଭବ ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାର ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ସେହିପରି ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇ ଦେବାକୁ ରାଜ୍ୟର ୫୮୭ ଥାନାର ଭିତ୍ତିଭୂମିକୁ ସଜଡ଼ାଯିବ। ଏଥିପାଇଁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଥାନାଗୁଡିକ ପାଇଁ ବାର୍ଷିକ ଅତିରିକ୍ତ ଜରୁରିକାଳୀନ ପାଣ୍ଠି ୧୭.୫ କୋଟି ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଭୁବନେଶ୍ୱର-କଟକ ପୋଲିସ କମିଶନରେଟ୍ ପୋଲିସ ଅଧୀନରେ ଥିବା ୪୪ ଥାନା ପାଇଁ ମାସିକ ୪୦ ହଜାର ଟଙ୍କା ଲେଖାଏ ଦିଆଯିବ। ସେହିପରି ୧୪୨ ସହରାଞ୍ଚଳ ଥାନାକୁ ମାସିକ ୩୦ ହଜାର ଟଙ୍କା ଏବଂ ୩୫୧ ଗ୍ରାମାଞ୍ଚଳ ଥାନାକୁ ମାସିକ ୨୦ ହଜାର ଟଙ୍କା ଲେଖାଏ ଦେବା ପାଇଁ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ରାଜ୍ୟର ୪ ମହିଳା ଥାନା, ୫ ଟ୍ରାଫିକ ଥାନା, ୧୫ ରେଲୱେ ଥାନା, ୪ ସାଇବର ଥାନା, ଗୋଟିଏ ଅର୍ଥନୈତିକ ଅପରାଧ ଥାନା, ଗୋଟିଏ ଏସ୍‌ଟିଏଫ ଥାନା, ଗୋଟିଏ ଏଚ୍‌ଆରପିସି ଥାନା, ଗୋଟିଏ କ୍ରାଇମବ୍ରାଞ୍ଚ ଥାନା ପାଇଁ ମାସିକ ୩୦ ହଜାର ଟଙ୍କା ଲେଖାଏ ଦିଆଯିବାକୁ ଘୋଷଣା କରାଯାଇଛି। ରାଜ୍ୟର ଉପକୂଳରେ ଥିବା ୧୮ଟି ସାମୁଦ୍ରିକ ଥାନା ପାଇଁ ମାସିକ ୨୦ ହଜାର ଟଙ୍କା ଲେଖାଏ ଦିଆଯିବାକୁ ଘୋଷଣା ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ ସର୍ବଭାରତୀୟ ସ୍ତରରେ ଓଡ଼ିଶା ପୋଲିସର ଭିତ୍ତିଭୂମି ସୂଚକାଙ୍କ ୦.୩ ଅର୍ଥାତ୍ ୧୭ ନମ୍ବର ସ୍ଥାନରେ ରହିଥିବାବେଳେ ମାମଲା ସମାଧାନ କ୍ଷେତ୍ରରେ ମଧ୍ୟ ୧୭ ନମ୍ବର ସ୍ଥାନରେ ରହିଛି। ଅନୁସୂଚିତ ଜାତି, ଜନଜାତି, ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ମାମଲା ସମାଧାନ କ୍ଷେତ୍ରରେ ଓଡ଼ିଶା ୧୪ ନମ୍ବର ସ୍ଥାନରେ ରହିଛି। ଅନୁସୂଚିତ ଜାତି ବିରୋଧରେ ହୋଇଥିବା ମାମଲା ପରିଚାଳନା ସୂଚକାଙ୍କ ସର୍ବଭାରତୀୟ ସ୍ତରରେ ୦.୪୨ ଥିବାବେଳେ ଜନଜାତି କ୍ଷେତ୍ରରେ ୦.୪୫, ମହିଳାଙ୍କ କ୍ଷେତ୍ରରେ ୦.୬୬ ଏବଂ ଶିଶୁମାନଙ୍କ କ୍ଷେତ୍ରରେ ୦.୪୫ ରହିଛି।

### ହରିଦାସପୁର ପିଇଓ ସ୍ମିତାରାଣୀ ମୃତ୍ୟୁ ଘଟଣା

# ମହିଳା କମିଶନ ଅଧ୍ୟକ୍ଷାଙ୍କ ଇସ୍ତଫା ଦାବି ତେଜିଲା



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- କମିଶନ କାର୍ଯ୍ୟାଳୟ ଘେରିଲା ଭାଜପା ମହିଳା ମୋର୍ଚ୍ଚା
- ସାମ୍ବିଧାନିକ ପଦବୀରେ ରହି ଦଳୀୟ କାର୍ଯ୍ୟ କରୁଛନ୍ତି: ପ୍ରଭାତୀ
- କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ସୁପାରିସ କରିଛୁ : ମିନତି

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁକୁ ନେଇ ଆନ୍ଦୋଳନକୁ ତୀବ୍ର କରିଛି ଭାଜପା। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଏକ ସାମ୍ବିଧାନିକ ପଦରେ ରହି ଦଳୀୟ ଲୋକଙ୍କୁ ଘଣ୍ଟ ଘୋଡ଼ାଇବା ସହ ନିରପେକ୍ଷ ତଦନ୍ତ କରି ନ ଥିବା ଅଭିଯୋଗ କରି ତାଙ୍କ ଇସ୍ତଫା ଦାବି କରିଛି ଭାଜପା ମହିଳା ମୋର୍ଚ୍ଚା। ଏଥିସହ ସୋମବାର ମଧ୍ୟାହ୍ନରେ କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲା। ମୋର୍ଚ୍ଚା ସଭାପତି ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ ମହିଳା କର୍ମୀ ଦଳୀୟ କାର୍ଯ୍ୟାଳୟରୁ ଶୋଭାଯାତ୍ରାରେ ବାହାରି କମିଶନଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। କମିଶନ ଅଧ୍ୟକ୍ଷାଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସେଠାରେ ଧାରଣାରେ ବସିଥିଲେ। ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ପୋଲିସ ସେମାନଙ୍କୁ ଉଠାଇବାକୁ ଚେଷ୍ଟା କରିବାରୁ ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା।

ଏନେଇ ପ୍ରଭାତୀ କହିଛନ୍ତି, ମହିଳା କମିଶନ ଅଧ୍ୟକ୍ଷା ଅସାମ୍ବିଧାନିକ କାର୍ଯ୍ୟ କରୁଛନ୍ତି। ସେ ସରକାରୀ ଦଳର ସରପଞ୍ଚଙ୍କ ସ୍ୱାମୀଙ୍କୁ ଘଣ୍ଟ ଘୋଡ଼ାଉଛନ୍ତି। ଘଟଣାସ୍ଥଳକୁ ନ ଯାଇ ସରକାରୀ ଟେବୁଲ ଉପରେ ବସି ତଦନ୍ତ ସାରି ଦେଇଛନ୍ତି। ମୃତା ସ୍ମିତାରାଣୀଙ୍କ ପରିବାର ଲୋକଙ୍କୁ ଭେଟି ନାହାନ୍ତି। ଶାସକ ଦଳର ପ୍ରବକ୍ତା ସାଜି ନିଜ ପଦବୀର ମର୍ଯ୍ୟାଦାହାନୀ କରିବା ଭଳି ବୟାନବାଜି କରିବା ମଧ୍ୟ ଦୁର୍ଭାଗ୍ୟଜନକ। ନିଜ କ୍ଷମତାର ଅପବ୍ୟବହାର କରିଥିବା ମହିଳା କମିଶନ ଅଧ୍ୟକ୍ଷାଙ୍କ ଇସ୍ତଫା ଦାବି କରୁଛୁ। ଘଟଣାର ସିବିଆଇ ତଦନ୍ତ କରାଯାଉ ବୋଲି ସେ ଦାବି କରିଛନ୍ତି।

ମହିଳା କମିଶନ ଅଧ୍ୟକ୍ଷା ମିନତି ବେହେରା କହିଛନ୍ତି, ମହିଳା କମିଶନଙ୍କ ନେତୃତ୍ୱରେ ୫ ଜଣିଆ ଟିମ୍ ଦୁଇଥର ଯାଜପୁର ଯାଇ ତଦନ୍ତ କରିଛି। ଏଥିରେ କୌଣସି ପକ୍ଷପାତିତା ହୋଇନାହିଁ। ସବୁ ଦିଗକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ବିରୋଧୀଙ୍କ ଅଭିଯୋଗରେ କୌଣସି ବାସ୍ତବତା ନାହିଁ। ଆମେ ପୋଲିସ ତଦନ୍ତରେ ସନ୍ତୁଷ୍ଟ ନାହୁଁ। ତେଣୁ ଏହି ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପାଇଁ ସୁପାରିସ କରିଛୁ। ଏହାସହ ଯାଜପୁର ଏସ୍‌ପି ଠିକ୍ ତଦନ୍ତ ନ କରି ହଠାତ୍ ମହିଳାଙ୍କ ଚରିତ୍ର ଉପରେ କହିବା ଠିକ୍ ନୁହେଁ। ତେଣୁ ଏନେଇ ତାଙ୍କୁ ଏକ ରିପୋର୍ଟ ମଗାଯାଇଥିଲେ ମଧ୍ୟ ସେ ତାହା ଏଯାଏ ଦେଇ ନ ଥିବା ମିନତି କହିଛନ୍ତି। ତେବେ ମହିଳା କମିଶନ ଅଧ୍ୟକ୍ଷାଙ୍କ ଏଭଳି ମନ୍ତବ୍ୟ ଯାଜପୁର ପୋଲିସକୁ ଅଡୁଆରେ ପକାଇଛି। ଠିକ୍ ତଦନ୍ତ ନ କରି ତରବରିଆ ଭାବେ ଜଣେ ମହିଳାଙ୍କ ଚରିତ୍ର ଉପରେ ଗଣମାଧ୍ୟମରେ ବୟାନ ଦେଇଥିବା ଏସ୍‌ପିଙ୍କ କାର୍ଯ୍ୟଧାରାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଏ ପରିସ୍ଥିତିରେ ସ୍ମିତାରାଣୀଙ୍କ ରହସ୍ୟଜନକ ମୃତ୍ୟୁରେ ଆଉ ଏକ ରହସ୍ୟ ଯୋଡ଼ି ହୋଇଯାଇଛି।






ତାମିଲନାଡୁ ନଦୁକାଟ୍ଟୁପଟ୍ଟିରେ ଏକ ପରିତ୍ୟକ୍ତ ବୋର୍‌ୱେଲରେ ଶୁକ୍ରବାର ଖସିପଡ଼ିଥିବା ୩ ବର୍ଷର ବାଳକ ସୁଜିଥଙ୍କୁ ଉଦ୍ଧାର କରିବା ଲାଗି ପ୍ରୟାସ ଜାରି ରହିଛି। ଘଟଣାସ୍ଥଳରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ସି. ବିଜୟଭାସ୍କର ଉପସ୍ଥିତ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଳକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ଲାଗି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଇ. କେ. ପାଲାନିସ୍ୱାମୀଙ୍କ ସହ କଥା ହୋଇଛନ୍ତି। ସେ ସୁରକ୍ଷିତ ଉଦ୍ଧାର ପାଇଁ ସମସ୍ତ ପ୍ରୟାସ କରିବା ଲାଗି କହିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ

ଶ୍ରଦ୍ଧା ନାୟକ

ବୀର୍ ମାରୁତି

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଶ୍ରୀମନ୍ଦିର ଭିତରେ ଟିକ୍‌ଟକ୍

- ସୋସିଆଲ ମିଡିଆରେ ଭିତର ବେଢ଼ା ଭିଡିଓ ଭାଇରାଲ
- ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ, ସିଂହଦ୍ୱାର ଥାନାରେ ଏତଲା

ପୁରୀ ଅଫିସ,୨୮।୧୦

ବାରମ୍ବାର ସୋସିଆଲ ମିଡିଆରେ ଭାଇରାଲ ହେଉଛି ଶ୍ରୀମନ୍ଦିର ଭିତର ଫଟୋ। କେତେ ବେଳେ ଭକ୍ତ ସେଲ୍‌ଫି ନେଇ ପୋଷ୍ଟ କରୁଛନ୍ତି ତ ଆଉ କେବେ ଶ୍ରୀମନ୍ଦିର କର୍ମଚାରୀ, ପୋଲିସ ଓ ସେବାୟତ ମଧ୍ୟ ଏଥିରୁ ବାଦ୍ ପଡୁନାହାନ୍ତି। ସୋମବାର ପୁଣି ଭାଇରାଲ ହୋଇଛି ଶ୍ରୀମନ୍ଦିର ଭିତର ବେଢ଼ାର ଭିଡିଓ। ଏଥର ଶ୍ରୀମନ୍ଦିର ଭିତରେ ଟିକ୍‌ଟକ୍‌ର ଭିଡିଓ କରାଯାଇଛି। ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ ଦେଇ କେହି ଏଭଳି ଭିଡିଓ କରିଛନ୍ତି। ଏଥିରେ ଭିତର ବେଢ଼ା, ଭୋଗମଣ୍ଡପ ସହ ଆନନ୍ଦବଜାରରେ ମହାପ୍ରସାଦ ସେବନ କରାଯାଉଥିବା ଦୃଶ୍ୟ ରହିଛି। ଏହାକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଆତଙ୍କବାଦୀଙ୍କ ଟାର୍ଗେଟରେ ରହିଛି ଶ୍ରୀମନ୍ଦିର। ଏ ନେଇ ଗୋଇନ୍ଦା ବିଭାଗ ବିଭିନ୍ନ ସମୟରେ ରିପୋର୍ଟ ଦେଇଆସୁଛି। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଭିତରକୁ ମୋବାଇଲ ଫୋନ ନେବା ଉପରେ କଟକଣା ରହିଛି। ଏହାସତ୍ତ୍ୱେ ମୋବାଇଲ ଯାଉଛି କେମିତି? ଚାରିଦ୍ୱାରରେ ପୋଲିସ ମୋବାଇଲ ଫୋନ ଯାଞ୍ଚ କରୁଥିବାବେଳେ ଏଭଳି ଭିଡିଓ ହେଲା କିପରି? ଏମିତି ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ସୋମବାର ଭାଇରାଲ ହୋଇଥିବା ଟିକ୍‌ଟକ୍ ଭିଡିଓରେ ଭିତର ବେଢ଼ାରେ ଭକ୍ତମାନେ ଚଳପ୍ରଚଳ କରୁଥିବା, ଭୋଗ ବୁହାଯାଉଥିବା ଏବଂ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରୁଥିବାର ଦୃଶ୍ୟ ରହିଛି। ଏଭଳି ଘଟଣା ବାରମ୍ବାର ଘଟୁଛି। କିଛିଦିନ ତଳେ ଜଣେ ଅଭିନେତ୍ରୀ ଆନନ୍ଦ ବଜାରରେ ମହାପ୍ରସାଦ ସେବନ କରୁଥିବାର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହି ଘଟଣାରେ ପୋଲିସ ବଡ଼ଶଙ୍ଖର ଜଣେ ଯୁବକଙ୍କୁ ଗିରଫ କରିଥିଲା।

ଏ ନେଇ ପୁରୀ ଜିଲା ଯୁବ ଅଧିବକ୍ତା ସଂଘ ଆବାହକ ଅନିଲ କୁମାର ସାହୁ ସିଂହଦ୍ୱାର ଥାନାରେ ଏତଲା ଦେଇଛନ୍ତି। ଏଭଳି ଘଟଣା ଶ୍ରୀମନ୍ଦିର ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସେ ଅନୁରୋଧ କରିଛନ୍ତି। ସେହିପରି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର ମଧ୍ୟ ଏଭଳି ଭାଇରାଲକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ଏ ଦିଗରେ ସେବାୟତମାନେ ସଚେତନ ଅଛନ୍ତି। ମାତ୍ର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନଙ୍କୁ ଅଧିକ ସତର୍କ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏସ୍‌ପି ଉମାଶଙ୍କର ଦାଶ କହିଛନ୍ତି, ଟିକ୍‌ଟକ୍ ଭିଡିଓ ଯେଉଁ ଆକାଉଣ୍ଟରୁ ଭାଇରାଲ ହୋଇଛି ତାହାକୁ ଠାବ କରିବା ଲାଗି ତଦନ୍ତ ଆରମ୍ଭ ହୋଇଛି। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ନିଶ୍ଚିତ ଏହା ଏକ ଗମ୍ଭୀରତାର ବିଷୟ। ଲଗାତର ଏମିତି ୨/୩ଟି ଘଟଣା ହେଲାଣି। ଭବିଷ୍ୟତରେ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ପଦକ୍ଷେପ ନିଆଯିବ।

ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା
ସାଇ ପ୍ରକାଶ ମହାରଣା (ବିଭୁ)
ଗୁଜି ଦରଡ଼ା, ମିରପାଟଣା, ଭଦ୍ରକ
ଆଜି ତୋର ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ, ସାଇବାବା, ଓଁ ମା' ଭଦ୍ରକାଳୀଙ୍କ ପାଦ ପଙ୍କଜରେ କୋଟି କୋଟି ପ୍ରଣାମ। ତୋର ସଫଳ ଜୀବନ ପାଇଁ ଶୁଭ କାମନା କରିବା ସହ ତୋ ଚଲାପଥକୁ ମହାପ୍ରଭୁ ସଦା ସର୍ବଦା ପୁଷ୍ପ ସୁଖ ସମୃଦ୍ଧି ସହ ଦୀର୍ଘାୟୁ କାମନା କରନ୍ତୁ।
ଶୁଭେଚ୍ଛାସହ:
ବାପା, ମାମା, ଜେଜେମା', ଜେଜେବାପା, ଅଜା, ଆଇ, ବଡ଼ବାପା, ବଡ଼ମାଆ, ପିଉସା, ପିଉସୀ, କାକୁ, ମାମୁ, ଦିଦି, ଭାଇ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୮୨୭

୧୦ମ ଜନ୍ମ ଦିନର ଶୁଭେଚ୍ଛା
Aryan Samantasinghar (Chandan)
ଏ/ଇ-୨୦୦, ଭିଏସ୍ଏସ୍ ନଗର, ଭୁବନେଶ୍ୱର
ଆଜି ଏହି ପବିତ୍ର ଜନ୍ମଦିନରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ଓ ଚଲାପଥ କୁସୁମିତ କାମନା କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-: ଶୁଭେଚ୍ଛା ସହ :-
ଅଜା, ଆଇ, ଗାଗୁନ, ଲଗନ, ସ୍ନେହା, ଲାରିନ, ନିଧି, ଟ୍ୱିଙ୍କିଲ, ଦିୟା ଏବଂ ସୋହିନ୍
ଧ-୧୪୯୬୭

## ଜିଲା ଚିଠି
### ରାଉରକେଲା

# ସେଣ୍ଟ୍ରାଲ ପାର୍କ ଟଙ୍କା

ମୁଖ୍ୟମନ୍ତ୍ରୀ ଦୁର୍ନୀତିମୁକ୍ତ ଶାସନ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଏହି ଉଦ୍ଦେଶ୍ୟରେ '୫-ଟି' ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଏହାର ପ୍ରଭାବ ଢେର ଅଧିକ ବିଭିନ୍ନ ଜିଲାରେ ଦେଖିବାକୁ ମିଳୁଛି। ଏମିତି ଅବସ୍ଥାରେ ରାଉରକେଲା ଛେଣ୍ଡ କଲୋନୀ ସେଣ୍ଟ୍ରାଲ ପାର୍କ ଦୁର୍ନୀତି ନେଇ ବିରୋଧୀଙ୍କ ହୋହଲା ଶାସନ ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଉକ୍ତ ପାର୍କ ନିର୍ମାଣ ନାଁରେ ଏକ ବଡ ଧରଣର ଦୁର୍ନୀତି ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ ହେବା ପରେ ସହରରେ ଚର୍ଚ୍ଚା ଜୋର ଧରିଛି। ଯାହାକୁ ନେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସହିତ ବିକ୍ଷୋଭ ଓ ଧାରଣା ଦିଆଯାଇ ତଦନ୍ତ ଦାବି କରାଯାଇଛି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ଭିଜିଲାନ୍ସରେ ଏତଲା ଦେଇଛି କଂଗ୍ରେସ। ଜନସାଧାରଣଙ୍କ ଚିତ୍ତ ବିନୋଦନ ପାଇଁ ଉଦ୍ଦିଷ୍ଟ ପାର୍କ ନିର୍ମାଣରେ ଏଭଳି ବଡ ଧରଣର ଦୁର୍ନୀତିକୁ ସହଜରେ କେହି ହଜମ କରି ପାରୁନାହାନ୍ତି। ଉକ୍ତ ପାର୍କ ନିର୍ମାଣରେ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ(ଆରଡିଏ) ୨୦୧୪ରୁ ୨୦୧୮ ମସିହା ମଧ୍ୟରେ ୧କୋଟି ୮୧ ଲକ୍ଷ ଟଙ୍କା ବ୍ୟୟ କରିଛି। ତଥାପି ସେହି ସ୍ଥାନ ଏବେ ବଣବୁଦାରେ ପରିଣତ ହୋଇଛି। ପ୍ରାୟ ୮ ଏକର ପରିମିତ ଜମି ଉପରେ ପାର୍କ ନିର୍ମାଣ କରାଯାଇଛି। ନୌକା ବିହାର ନିମନ୍ତେ ପୁଷ୍କରିଣୀ, ଫୁଟପାଥ, ଖୋଲା ବ୍ୟାୟାମ ଶାଳା ଆଦି ସହ ବିଭିନ୍ନ କ୍ରୀଡ଼ା ସାମଗ୍ରୀ ଖଞ୍ଜାଯିବା ପରେ ପାର୍କ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥାନ୍ତା। ଯାହାଦ୍ୱାରା ଛେଣ୍ଡ ଅଞ୍ଚଳବାସୀ ନାନା ସୁବିଧା ଉପଭୋଗ କରିପାରିଥାନ୍ତେ। ହେଲେ ପାର୍କ ନାଁରେ ଅର୍ଥ ଚଳୁ କରାଯିବା ଘଟଣାକୁ ବିରୋଧୀ ଗଣ୍ଠି ପକାଇ ଧରିଛନ୍ତି। ୨୦୧୭ରେ ଉକ୍ତ ପାର୍କକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହା ପରେ ବି ଏଭଳି ଦୁର୍ନୀତିକୁ କିପରି ପ୍ରଶ୍ରୟ ଦିଆଗଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ବିରୋଧୀ କହିଛନ୍ତି। ୧ କୋଟି ୮୧ ଲକ୍ଷ ଛୋଟିଆ ବଜେଟ୍ ନୁହେଁ। ଏହାର ସୁବିନିଯୋଗ କରାଯାଇ ଥିଲେ ସେଣ୍ଟ୍ରାଲ ପାର୍କ ଆଜି ହସି ଉଠୁଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ମାତ୍ର ଯୋଜନାବଦ୍ଧ ଭାବେ ପାଚେରି ନିର୍ମାଣ, ପାର୍କରେ ଥିବା ଏକାଧିକ ଖାଲ ପୋତାଯିବା ନାଁରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କଂଗ୍ରେସ ଉପରୋକ୍ତ ପ୍ରସଙ୍ଗ ଉଠାଇବା ପରେ ସହରବାସୀ ଏହି ଦୁର୍ନୀତିର କେବେ ପର୍ଦ୍ଦାଫାଶ ହେବ ଚାହିଁ ବସିଛନ୍ତି।

– ବସନ୍ତ କୁମାର ଧଳ

# ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିଲେ ପୁରସ୍କାର

## ଡାକ୍ତର, ଅନ୍ୟ କର୍ମଚାରୀଙ୍କୁ ମିଳିବ ଆର୍ଥିକ ପୁରସ୍କାର

- ବିଭିନ୍ନ ଅନୁଷ୍ଠାନଗୁଡ଼ିକୁ ମଧ୍ୟ ପୁରସ୍କୃତ କରାଯିବ
- ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ସ୍ୱାସ୍ଥ୍ୟସେବାରେ ସ୍ୱଚ୍ଛତା ଆଣିବାକୁ ୫ଟି କାର୍ଯ୍ୟକ୍ରମ ମାଧ୍ୟମରେ କିଛିଦିନ ତଳେ ସଚିବମାନେ ବିଭିନ୍ନ ଡାକ୍ତରଖାନା ଗସ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଥିଲେ। ସରକାରଙ୍କ ହଠାତ୍ ଏଭଳି ଆଭିମୁଖ୍ୟ ଦେଖି ସରକାରୀ ଅଧିକାରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମଧ୍ୟ ମିଳିଥିଲା। ତେଣୁ ଏଥିରେ ସୁଧାର ଆଣିବା ପାଇଁ ଏବେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି। ଦୁର୍ନୀତିଗ୍ରସ୍ତଙ୍କୁ ଦଣ୍ଡ ଦେବା ସହିତ ଭଲ କାର୍ଯ୍ୟ କରୁଥିବା ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କାର ଦେବାକୁ ଘୋଷଣା କରିଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ୫ଟି କାର୍ଯ୍ୟକ୍ରମରେ ଡାକ୍ତର ଏବଂ ସେବାରେ ନିୟୋଜିତ କର୍ମଚାରୀଙ୍କ ପାଇଁ ପୁରସ୍କାର ଘୋଷଣା କରିଛନ୍ତି। ଡାକ୍ତରଙ୍କ ଲାଗି ୧୦ଲକ୍ଷ ଟଙ୍କା ଏବଂ ଅନ୍ୟ କର୍ମଚାରୀଙ୍କ ପାଇଁ ୫ ଲକ୍ଷ ଟଙ୍କାର ଘୋଷଣା କରିଛନ୍ତି।

ସରକାରଙ୍କ ଘୋଷଣା ଅନୁଯାୟୀ, ୫ଟି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ଜନସାଧାରଣଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନେକ ଡାକ୍ତର, ପାରାମେଡିକାଲ ଷ୍ଟାଫ୍ ଓ ଅନ୍ୟ କର୍ମଚାରୀମାନେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆନ୍ତରିକତାର ସହ କାର୍ଯ୍ୟ କରୁଛନ୍ତି। ସମ୍ବେଦନଶୀଳଭାବେ ରୋଗୀଙ୍କ ଯତ୍ନ ନେଉଛନ୍ତି। ସେହିଭଳି କାର୍ଯ୍ୟ କରୁଥିବା ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ଉତ୍ସାହିତ କରିବା ସକାଶେ ପୁରସ୍କାର ଦିଆଯିବ। ଏହାସହ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଅନୁଷ୍ଠାନଗୁଡିକୁ ମଧ୍ୟ ପୁରସ୍କୃତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିପାଇଁ ରାଜ୍ୟସ୍ତରୀୟ ଉତ୍ସବରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଶ୍ରେଷ୍ଠ ବିବେଚିତ ୧୦ଜଣ ଡାକ୍ତର ଏବଂ ଅନ୍ୟ କର୍ମଚାରୀ ପୁରସ୍କୃତ ହେବେ। ଡାକ୍ତରଙ୍କ କ୍ଷେତ୍ରରେ ୧୦ଲକ୍ଷ ଟଙ୍କା ଏବଂ ଅନ୍ୟ କର୍ମଚାରୀଙ୍କୁ ୫ଲକ୍ଷ ଟଙ୍କା ଲେଖାଏ ପୁରସ୍କୃତ କରାଯିବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ନେଇ ଏକ କମିଟି ଏନେଇ ନିଷ୍ପତ୍ତି ନେବେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିୟୋଜିତ ଥିବା ଜଣେ ସ୍ଥାୟୀ କର୍ମଚାରୀ ନିଜ ଚାକିରିକାଳ ମଧ୍ୟରେ କରିଥିବା ଉଲ୍ଲେଖନୀୟ ସେବାକୁ ଭିତ୍ତିକରି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ଲାଗି ମନୋନୀତ କର୍ମଚାରୀଙ୍କୁ ଅବସର ଦିନ ଉଚ୍ଚ ପଦବୀକୁ ପଦୋନ୍ନତି ମିଳିବ। ଏଥିପାଇଁ ଜଣେ କର୍ମଚାରୀ ୨୫ବର୍ଷ ସ୍ଥାୟୀ ଚାକିରି କରିଥିବା ଆବଶ୍ୟକ। ଅପରପକ୍ଷରେ ନ୍ୟାଶନାଲ କ୍ୱାଲିଟି ଆକ୍ରିଡିଏସନ ଷ୍ଟାଣ୍ଡାର୍ଡ ପ୍ରମାଣ ପତ୍ର ହାସଲ କରିଥିବା ସ୍ୱାସ୍ଥ୍ୟସେବା ଅନୁଷ୍ଠାନର ଡାକ୍ତରଙ୍କଠାରୁ ଆରମ୍ଭ କରି ନିରାପତ୍ତାରକ୍ଷୀ କର୍ମଚାରୀଙ୍କୁ ଗୋଟିଏ ମାସର ଦରମା ବୋନସ ଭାବେ ପରବର୍ତ୍ତୀ ଆର୍ଥିକ ବର୍ଷରେ ମିଳିବ। କାୟାକଳ୍ପ ହାସଲ କରିଥିବା ସ୍ୱାସ୍ଥ୍ୟସେବା ଅନୁଷ୍ଠାନର ଡାକ୍ତରଙ୍କ ଏବଂ ନିରାପତ୍ତାରକ୍ଷୀ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ଅଧା ମାସର ଦରମା ବୋନସ ଭାବେ ପରବର୍ତ୍ତୀ ଆର୍ଥିକବର୍ଷ ଦିଆଯିବ। ସେହିପରି ଲକ୍ଷ୍ୟ ପ୍ରମାଣପତ୍ର ହାସଲ କରିଥିବା ସ୍ୱାସ୍ଥ୍ୟ ଅନୁଷ୍ଠାନର ପ୍ରସବ ଗୃହ ଓ ମାତୃତ୍ୱ ଅସ୍ତ୍ରୋପଚାର ଗୃହରେ କାର୍ଯ୍ୟରତ ଡାକ୍ତର ଏବଂ ଅନ୍ୟ କର୍ମଚାରୀଙ୍କୁ ଅଧା ମାସର ଦରମା ବୋନସ ଭାବେ ପରବର୍ତ୍ତୀ ଆର୍ଥିକ ବର୍ଷ ମିଳିବ। ମୋ ସରକାର କାର୍ଯ୍ୟକ୍ରମ ଅନୁଯାୟୀ ରୋଗୀଙ୍କ ମତାମତ ଅନୁସାରେ ୫ଟି ଅନୁଷ୍ଠାନ ପୁରସ୍କୃତ ହେବ। ସରକାରୀ ଡାକ୍ତରଖାନା ଯାଉଥିବା ରୋଗୀଙ୍କ ମତାମତକୁ ଭିତ୍ତିକରି ସ୍ଥିର ହୋଇଥିବା ଶ୍ରେଷ୍ଠ ୫ଟି ଅନୁଷ୍ଠାନର ମେଡିକାଲ ଅଫିସରଙ୍କୁ ତ୍ରୈମାସିକ ପ୍ରଶଂସା ପତ୍ର ପ୍ରଦାନ କରାଯିବ। ଏହାସହିତ ବର୍ଷଯାକ ଭଲ କାମ କରିଥିବା ମେଡିକାଲ କର୍ମଚାରୀଙ୍କୁ ଏଲ୍‌ଟିସିରେ ବିଦେଶ ଭ୍ରମଣ ପାଇଁ ସୁଯୋଗ ମିଳିବ। ଏହାସହ ଚୁକ୍ତି ଭିତ୍ତିକ କର୍ମଚାରୀ ତାଲିମ ପାଇଁ ବିଦେଶ ଯାଇପାରିବେ। ପ୍ରସବ ଓ ତଜ୍ଜନିତ ଅସ୍ତ୍ରୋପଚାର ପାଇଁ ଭଲ କାମ କରିଥିବା ଟିମ୍‌କୁ ସ୍ୱାସ୍ଥ୍ୟ ବିଭାଗ ନିୟମାବଳୀ ଅନୁଯାୟୀ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯିବ। ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା ଲାଗି କର୍ମଚାରୀଙ୍କ ମଧ୍ୟରେ ଏକ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି କରିବା ପାଇଁ ଏଭଳି ପୁରସ୍କାର ଘୋଷଣା କରାଯାଇଥିବା ସରକାର ସୂଚନା ଦେଇଛନ୍ତି।

# ଅରୁଣ ଶତପଥୀଙ୍କ ପରଲୋକ

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଜଣାଶୁଣା ବ୍ୟବସାୟୀ ତଥା ଭୁବନେଶ୍ୱର ବାପୁଜୀ ନଗରସ୍ଥିତ ଷ୍ଟାର୍ ଅପ୍ଟିକୋ ଏବଂ ନେତ୍ର ମନ୍ଦିରର ମ୍ୟାନେଜିଂ ପାର୍ଟନର୍ ଅରୁଣ କିଶୋର ଶତପଥୀଙ୍କର ସୋମବାର ଦେହାନ୍ତ ହୋଇଯାଇଛି। ପୂର୍ବାହ୍ନ ୧୧ଟା ୫୦ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଛି। ତାଙ୍କୁ ୭୧ବର୍ଷ ହୋଇଥିଲା। ଭିମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ ବାସିନ୍ଦା ଅରୁଣଙ୍କ ପୈତୃକ ଘର ପୁରୀ ଜିଲା ବଳଙ୍ଗା ଗ୍ରାମରେ ହୋଇଥିବା ବେଳେ ସେ ଭୁବନେଶ୍ୱରରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀଭାବେ ପରିଚିତ ଥିଲେ। ତାଙ୍କ ସ୍ତ୍ରୀ ମନୋରମା ଶତପଥୀ, ଏକମାତ୍ର ପୁଅ ସତ୍ୟବ୍ରତ ଶତପଥୀ, ପୁତ୍ରବଧୂ ଆଶକ୍ତି ଶତପଥୀ ଓ ୩ ଝିଅ ବନ୍ଦନା ତ୍ରିପାଠୀ, ଇପ୍‌ସିତା ରଥ, ମଧୁସ୍ମିତା ହୋତା ଏବଂ ଜ୍ୱାଇଁ ଲିଙ୍ଗରାଜ ତ୍ରିପାଠୀ, ରତ୍ନାକର ରଥ, ହିମାଂଶୁ ହୋତା ଅଛନ୍ତି। ସାନ ଜ୍ୱାଇଁ ହିମାଂଶୁ 'ଧରିତ୍ରୀ'ର ମାର୍କେଟିଂ ହେଡ୍‌ଭାବେ କାର୍ଯ୍ୟ କରନ୍ତି। ୫ଦିନ ତଳେ ଅରୁଣ ଫୁସ୍‌ଫୁସ୍ ଜନିତ ରୋଗରେ ପୀଡ଼ିତ ହୋଇ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ସୋମବାର ପୂର୍ବାହ୍ନରେ ସେ ଇହଧାମ ତ୍ୟାଗ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ସତ୍ୟବ୍ରତ ମୁଖାଗ୍ନି ଦେଇଥିଲେ।

# ଚଳନ୍ତା ମାଲବାହୀ ଟ୍ରେନ୍‌ରୁ ଅଲଗା ହେଲା ୬ ବଗି

ଖୁଣ୍ଟୁଣୀ,୨୮।୧୦(ଡି.ଏନ.ଏ.)

ଖୁଣ୍ଟୁଣୀ ଥାନା ଅଧୀନ ପୂର୍ବତଟ ରେଳବାଇର ଘଣ୍ଟିଖାଲ-ନିଧିପୁର ରେଳଷ୍ଟେଶନ ନିକଟ ଏକ ରେଳ ପୋଲ ଉପରେ ସୋମବାର ଏକ ଚଳନ୍ତା ମାଲବାହୀ ଟ୍ରେନରୁ ୬ଟି ୱାଗନ ଅଲଗା ହୋଇଯାଇଥିଲା। ଫଳରେ ଟ୍ରେନଟି ପ୍ରାୟ ୧୫ମିନିଟ୍ ପର୍ଯ୍ୟନ୍ତ ଟ୍ରାକ ଉପରେ ଅଟକି ରହିଥିଲା। ଏଥିଯୋଗୁ ଆଠଗଡ଼ କଟକ-ପୁରୁଣା କଟକ-ସମ୍ବଲପୁର ରାସ୍ତାର ନିଧିପୁର ଲେଭଲ କ୍ରସିଂ ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ପ୍ରାୟ ୧୫ମିନିଟ ଅଟକି ରହିଥିଲା। ଘଣ୍ଟିଖାଲ ଷ୍ଟେଶନ ମ୍ୟାନେଜର ନିତ୍ୟାନନ୍ଦ ଦାସ ଓ ରେଳ ଚାଳକ ଏହି ଖାଲିଥିବା ମାଲବାହୀ ଗାଡ଼ିକୁ ପଛକୁ ଆଣି ପୁନର୍ବାର କପୁଲ ପିନ ସଂଯୋଗ କରିବା ପରେ ଟ୍ରେନ୍‌ଟି ଚାଲିଥିଲା। ମ୍ୟାନେଜର ଦାସଙ୍କ କହିବା ଅନୁଯାୟୀ, ସୋମବାର ସକାଳ ୮ଟା ୪୦ରେ ଖୋର୍ଦ୍ଧାରୁ ନୟାଗଡ଼ ଯାଉଥିବା ଏହି ମାଲବାହୀ ଟ୍ରେନଟି ଘଣ୍ଟିଖାଲ-ନିଧିପୁର ଷ୍ଟେଶନରେ ପହଞ୍ଚିବାର ଥିଲା। କିନ୍ତୁ ନିଧିପୁର ଲେବଲ କ୍ରସିଂ ନିକଟ ପୋଲ ଉପରେ କପୁଲ ପିନ ବାହାରିଯିବାରୁ ୬ଟି ବଗି ପଛରୁ ଅଲଗା ହୋଇଯାଇଥିଲା। ଟ୍ରେନର ଗତି କମିଯିବାରୁ ଲେଭଲ କ୍ରସିଂ ଓ ବ୍ରିଜ ଉପରେ ଅଟକି ରହିବା ସହ ଇଞ୍ଜିନ ସହିତ ଅନ୍ୟ ବଗିଗୁଡିକ ଷ୍ଟେଶନକୁ ଯିବାପରେ ଅଟକିଥିଲା। ତେବେ ଏହି ତ୍ରୁଟି ଯୋଗୁ କୌଣସି ବିଶେଷ ଅଘଟଣ ଘଟି ନାହିଁ।

# ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାକୁ କଂଗ୍ରେସର ଦାବି

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ଗତ ୨୩ରୁ ୨୫ତାରିଖ ମଧ୍ୟରେ ଲଘୁଚାପଜନିତ ଅତିଶୟ ବର୍ଷାଦ୍ୱାରା ରାଜ୍ୟର ବିଭିନ୍ନ ଜିଲାରେ ବ୍ୟାପକ ଫସଲହାନି ଘଟିଛି। ଅନେକ ସ୍ଥାନରେ ବିଲରେ ଆଣ୍ଠୁଏ ଲେଖାଏ ପାଣି ଜମିଥିବାରୁ ଧାନଗଛଗୁଡିକ ବୁଡିଯିବା ସହିତ ପାଚିଲା ଧାନ ଥୋଡ ଓ ଫୁଲଉଡା ଧାନ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ମୁଗ, ବିରି, କୋଳଥ ପ୍ରଭୃତି ବିଭିନ୍ନ ତୈଳବୀଜ ଓ ପନିପରିବା ଚାଷରେ ନାହିଁ ନ ଥିବା କ୍ଷତି ଘଟିଛି। ବହୁ ଜାଗାରେ ଚାଷ ଜମିରେ ବାଲିଚର ମାଡିଯାଇଛି। ତେଣୁ ଧାନ ଅଗାଡି ହେବାର ସମ୍ଭାବନା ଥିବାରୁ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ସରକାରଙ୍କ ପକ୍ଷରୁ ଚାଷୀ ପ୍ରକୃତପକ୍ଷେ କ୍ଷୟକ୍ଷତିର ଭରଣା ପାଇବ କି ନାହିଁ ତା'ର ମନରେ ସନ୍ଦେହ ସୃଷ୍ଟି ହେଲାଣି। କାରଣ ସରକାରଙ୍କ ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ନିୟମ ଅନୁଯାୟୀ ଫସଲ କ୍ଷତିର ସହାୟତାରେ ଚାଷୀର ପ୍ରକୃତ କ୍ଷୟକ୍ଷତି ଭରଣା ହୋଇପାରିବ ନାହିଁ ବୋଲି ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଯେ, ଚାଷୀଙ୍କ ପାଇଁ ଆଉ କ'ଣ ସ୍ୱତନ୍ତ୍ର ଯୋଜନା କରାଯାଉଛି ଏହାର ଶ୍ୱେତପତ୍ର ରାଜ୍ୟ ସରକାର ପ୍ରଦାନ କରନ୍ତୁ। ପ୍ରାକୃତିକ ବିପର୍ଯ୍ୟୟ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ଅର୍ଥ ସହିତ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ୟାକେଜରେ ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା ସହାୟତା ଦେବାକୁ ପଟ୍ଟନାୟକ ଦାବି କରିଛନ୍ତି।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ଜଟିନ୍ଦ୍ର କୁମାର ରାୟ
ଜିତିକାରସୁଆଁଲୋ, ଭିଙ୍ଗାରପୁର, ବାଲିଅନ୍ତା
ଆବିର୍ଭାବ: ୨୭।୦୭।୧୯୬୮
ତିରୋଧାନ: ୧୯।୧୦।୨୦୧୯
ଆଜି ଏକାଦଶାହ ଦିବସରେ ତୁମ ଆତ୍ମାର ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରି ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ
ବନ୍ଧୁ ଓ ପରିବାରବର୍ଗ।
ଧ-୬୭୦୯୮

ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ କେଶବ ଚରଣ ସ୍ୱାଇଁ
ଡିଙ୍ଗିଆ, କୁଜଙ୍ଗ, ଜଗତସିଂହପୁର
ଆବିର୍ଭାବ: ୧୦।୦୪।୧୯୩୮
ତିରୋଧାନ: ୧୯।୧୦।୨୦୧୯
ହେ ପୂଣ୍ୟାତ୍ମା, ଆପଣଙ୍କ ଆଦର୍ଶ, ନେତୃତ୍ୱ ତ୍ୟାଗ ତଥା ପରୋପକାର ଭାବକୁ କେବଳ ଆମ ପରିବାର ନୁହେଁ ବରଂ ସମଗ୍ର ଅଞ୍ଚଳବାସୀ ଝୁରି ହେଉଛନ୍ତି। ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ମ୍ରିୟମାଣ, ଆଜିର ଏହି ପବିତ୍ର ଏକାଦଶାହରେ ପ୍ରଭୁ ଶ୍ରୀଜଗନ୍ନାଥ ଅମର ଆତ୍ମାର ସଦ୍‌ଗତି କରନ୍ତୁ ଏତିକି ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁଅ: ବଂଶୀଧର, ସୁରେନ୍ଦ୍ର, ବନମାଳୀ ଓ ଅନନ୍ତ, ବୋହୂ: ମମତା, ରୀନା, ଗୀତା, ମାନୀ, ଝିଅ: ମିତାଲି, ଜ୍ୱାଇଁ: ପ୍ରଦୀପ୍, ପୁତୁରା: ଶିଶିର, ମୁରଲୀ, କାହ୍ନୁ ଓ ଧନେଶ୍ୱର, ଭାଇ: ଅଜୟ, ଭଉଣୀ: ସୁନ୍ଦରୀ ଓ ସକୀ, ନାତି: ରିପୁଲ, ସିପୁଲ୍, ଦିପକ, ପପୁ, ଅନୁପମ ଓ ରଂଜନ, ନାତୁଣୀ: ଡୋନା, ଅନନ୍ୟା, ରାନୀ, ସ୍ୱାଗତିକା ଓ ସୋନାଲି।
ଧ-୧୪୯୭୦

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ସ୍ୱର୍ଗତ ଚନ୍ଦ୍ର ଶେଖର ମହାନ୍ତି
ବାଙ୍କିମୁହାଣ, ପୁରୀ
ଆବିର୍ଭାବ - ୧୯୩୨
ତିରୋଧାନ - ୨୦୧୯
ସମୟର ସ୍ରୋତରେ ଆପଣଙ୍କ ପାର୍ଥିବ ଶରୀର ନଥିଲେ ମଧ୍ୟ ଆପଣ ଅମର। ଆପଣ ଆମରି ଭିତରେ ପ୍ରତି ନିଶ୍ୱାସରେ, ବିଶ୍ୱାସରେ, ମନରେ, ହୃଦୟରେ! ମାତ୍ର ଅଦୃଶ୍ୟରେ ସର୍ବଦା ସ୍ମରଣୀୟ। ଆଜିର ଏହି ପୁଣ୍ୟ ଦଶାହ ତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ତପନ ମହାନ୍ତି
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୪୯୬୮

ପଞ୍ଚମ ଶ୍ରାଦ୍ଧବାର୍ଷିକୀ
ସ୍ୱ ସବିତା ମହାନ୍ତି
ସ୍ୱାମୀ-ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି
ସୁକିଦା, ମାଛଗାଁ, ଜଗତସିଂହପୁର
ଆବିର୍ଭାବ: ୩୦.୦୫.୧୯୫୪
ତିରୋଧାନ: ୨୪.୧୦.୨୦୧୪(ଗୋବର୍ଦ୍ଧନପୂଜା)
ଚାହୁଁ ଚାହୁଁ ପାଞ୍ଚବର୍ଷ ବିତିଗଲା, ତୁମେ ଆମକୁ ପବିତ୍ର ଗୋବର୍ଦ୍ଧନପୂଜା ଦିନରେ ଛାଡ଼ି ଆର ପାରିକୁ ଚାଲିଗଲ। ତୁମର ନିତି, ଆଦର୍ଶ, ସ୍ନେହ, ଶ୍ରଦ୍ଧା, ମମତା ଓ ଭଲପାଇବା ଆମ ପାଇଁ ଚିର ସ୍ମରଣୀୟ ହୋଇ ରହୁ, ତୁମର ଅମର ଆତ୍ମା ସଦ୍‌ଗତି ଲାଭକରୁ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଭକ୍ତିପୂତ ଶ୍ରଦ୍ଧାଞ୍ଜଳି: ସ୍ୱାମୀ, ପୁତ୍ର-ଶିବୁ, ବୁବୁ, କନ୍ୟା-ରୁନି, ଝିଅ-ଝିଲି, ଶିଲି, ନିନି ଓ ବୁନି, ଜ୍ୱାଇଁ-ବାପୁ, ରତନ, ବାପି ଓ ବବ୍‌ଲୁ, ନାତି-ସୋମନାଥ (ରେହାନ), ନାତୁଣୀ- ଶ୍ୱେତଲିନା, ସୁଶ୍ରୀ ଓ ଜୟଶ୍ରୀ
ଧ-୬୬୧୯୯

ଶ୍ରଦ୍ଧାଞ୍ଜଳି
ଦ୍ୱାଦଶାହ ଉପଲକ୍ଷେ
ସ୍ୱର୍ଗତ ନାରାୟଣ ମିଶ୍ର
ଏନ୍ ୧-୨୧୭ ଆଇ.ଆର.ସି. ଭିଲେଜ, ଭୁବନେଶ୍ୱର
ଆବିର୍ଭାବ- ୧୪.୦୬.୧୯୪୧
ତିରୋଧାନ-୧୮.୧୦.୨୦୧୯
ତୁମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେପାଥେୟ ହେଉ। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପାର୍ଥନା।
ଶୋକ ସନ୍ତପ୍ତ: ସ୍ତ୍ରୀ- ସତ୍ୟଭାମା, ପୁତ୍ର ଓ ପ୍ରତୁବଧୂ- ନଳିନୀ କାନ୍ତ/ ଅନସୂୟା, କମଳ କାନ୍ତ/ଦୁର୍ଗେଶ ନନ୍ଦିନୀ, ବିମଳକାନ୍ତ/ ରଞ୍ଜିତା, ଝିଅ ଓ ଜ୍ୱାଇଁ- ନମିତା/ ଭୁବନରଞ୍ଜନ, କନ୍ୟା- ସର୍ମିଷ୍ଠା, ନାତି- ତିଲକରଞ୍ଜନ, ଅଭିଷେକ, ଋତୁରାଜ, ନିଖିଲେଶ, ନାତୁଣୀ- ମେଲିନା, ଶାଲିନୀ ଓ ଅନ୍ୟାନ୍ୟ ଶୋକାକୁଳ ବର୍ଗ- ମନୋରମା/ ଅଶୋକ, ବନମାଳୀ/ ଶାନ୍ତି।
ଧ-୧୪୯୬୬

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

CLASSIFIED DISPLAY

ଶ୍ରବଣ ସମସ୍ୟା?
Free Hearing Check-up Camp (Going on at all Audizone Centres)
Exchange Offer ■ EMI Facility ■ Attractive Discount
ଶ୍ରବଣ ଯନ୍ତ୍ର DIGITAL HEARING AID
signia Life sounds brilliant. SIEMENS
Signia GmbH is a Trademark Licensee of Siemens AG
Audizone Speech & Hearing Clinic
BHUBANESWAR: Baramunda 9777806331 | Saheed Nagar 6371045707 | Jaydev Vihar 6372287878
CUTTACK: Link Road 7381770531
KORAPUT: In front of S.L.N Medical 6372307123

ଘରେ ଘରେ ପରିଚିତ ସୁଗନ୍ଧ ବାସ୍ନା ସହ ସମସ୍ତଙ୍କର ପ୍ରିୟ
ଗୁପ୍ତଗଙ୍ଗା ଅଗରବତୀ
ଓଡିଶାର No. 1 ଅଗରବତୀ
ଆମ କମ୍ପାନିରୁ ଅଗରବତୀ ମେସିନ କିଣି ମାସକୁ ୧୫ ରୁ ୨୦ ହଜାର ଟଙ୍କା ରୋଜଗାର କରନ୍ତୁ
M/S RADHAMADHAB INDUSTIES, KEONJHAR MOB : 9937608757

ଇନ୍ଦ୍ରିୟମାନଙ୍କର କ୍ରିୟାକଳାପ ବା ପ୍ରାଣର ଆବେଗ କିମ୍ବା କାମନା ବାସନା ଗୁଡ଼ିକୁ ଯଦି ଆମେ ପରିହାର ବା ଦମନ କରୁ – ତେବେ ଆମେ ସେଗୁଡ଼ିକୁ ନିୟାମୟ କରି ପାରିବା ନାହିଁ। ତା'ପରିବର୍ତ୍ତେ ଆମେ ଯଦି ସେଗୁଡ଼ିକୁ ବୁଦ୍ଧି ଓ ବିବେକ ଦ୍ୱାରା ଅନୁଶାସିତ ବା ପରିଶୀଳିତ କରୁ ବା ମାର୍ଜିତ କରୁ– ତା'ହେଲେ ସେମାନଙ୍କ ଉପଦ୍ରବରୁ ଆମେ ରକ୍ଷା ପାଇବା। – ଶ୍ରୀମା

# ଅବୁ ବକର୍ ଅଲ୍-ବାଗ୍‌ଦାଦି

ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)ର ମୁଖ୍ୟ ଅବୁ ବକର୍ ଅଲ୍-ବାଗ୍‌ଦାଦିଙ୍କୁ ମୃତ୍ୟୁବରଣ କରିବାକୁ ପଡ଼ିଛି ବୋଲି ପୂର୍ବରୁ ଅନେକଥର ମିଥ୍ୟା ପ୍ରଚାର କରାଯାଇଥିଲା। ଗତ ସପ୍ତାହରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ଦେଶର ସ୍ପେଶାଲ ଫୋର୍ସେସ୍ ବାଗ୍‌ଦାଦିଙ୍କୁ ପଶ୍ଚିମ ସିରିଆର ଏକ ବଙ୍କର୍‌ରେ ଠାବ କରି ମାରିପାରିଥିଲେ ବୋଲି ଘୋଷଣା କରିବା ପରେ ଏହି ଖବର ସତ୍ୟ ବୋଲି ଜଣାପଡ଼ିଛି। ଟ୍ରମ୍ପ୍‌ଙ୍କ କହିବା ଅନୁଯାୟୀ, ଶେଷ ବେଳକୁ ବାଗ୍‌ଦାଦି କାନ୍ଦି ପକାଇଥିଲେ ଏବଂ ନିଜର ତିନୋଟି ସନ୍ତାନଙ୍କୁ ନେଇ ପଳାଇବାର ଉଦ୍ୟମ ବିଫଳ ହେବା ପରେ ଆତ୍ମଘାତୀ ବିସ୍ଫୋରଣ ଘଟାଇଥିଲେ। ଏଥିରେ ତାଙ୍କ ସମେତ ତାଙ୍କ ସନ୍ତାନମାନଙ୍କ ମୃତ୍ୟୁ ଘଟିଥିଲା।

୧୯୭୧ ମସିହାରେ ଇରାକ୍ ରାଜଧାନୀ ବାଗ୍‌ଦାଦ୍ ସହର ନିକଟବର୍ତ୍ତୀ ଏକ ଗ୍ରାମରେ ଜନ୍ମ ନେଇଥିବା ବାଗ୍‌ଦାଦିଙ୍କ ମୃତ୍ୟୁ ଏବେ ଏକ ବିକଟାଳ ପର୍ଯ୍ୟାୟର ସମାପ୍ତି ଆଣିଥାଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଇରାନ୍‌ର ସୂଚନା ମନ୍ତ୍ରୀ ମହମ୍ମଦ ଜାଭାଦ୍‌ଙ୍କ ଟୁଇଟ୍। ଯେତେବେଳେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ଟୁଇଟ୍ ଯୋଗେ ସମଗ୍ର ପୃଥିବୀକୁ ଜଣାଇଲେ ଯେ, ଗୋଟେ ବିରାଟ ଘଟଣା ଘଟିଛି, ସେତେବେଳେ ଉତ୍ତର ଦେଇ ଜାଭାଦ୍ ଟୁଇଟ୍ କଲେ, 'ବାଗ୍‌ଦାଦିଙ୍କ ମୃତ୍ୟୁ' ଏକ ବଡ଼ ଘଟଣା ନୁହେଁ। ତୁମ ଦ୍ୱାରା ଜନ୍ମିତ ଜନ୍ତୁଙ୍କୁ ତୁମେ ମାରିଛ। ଇତିହାସ ଦେଖିଲେ ସୋଭିଏଟ୍ ରୁଷିଆର ଆଫଗାନିସ୍ତାନ ଭିତରେ ପ୍ରବେଶକୁ ପ୍ରତିହତ କରିବାକୁ ଯାଇ ଆମେରିକା ତାହାର ବୁଦ୍ଧିରେ ମୁଜାହିଦ୍ଦିନ୍ ଗୋଷ୍ଠୀ ସୃଷ୍ଟି କରିଥିଲା। ସେହି ଗୋଷ୍ଠୀର ଅନ୍ୟତମ ନେତା ଥିଲେ ଓସାମା ବିନ୍ ଲାଡେନ୍। ପରବର୍ତ୍ତୀ ସମୟରେ ସୋଭିଏଟ୍ ବ୍ୟବସ୍ଥା ଭାଙ୍ଗିପଡ଼ିଲା। ମୁଜାହିଦ୍ଦିନ୍‌ଙ୍କ ପାଖରେ ବନ୍ଧୁକ, ଗୋଳାବାରୁଦ ରହିଗଲା। ଓସାମା ବିନ୍ ଲାଡେନ୍-ଏକ ନୂଆ ଗୋଷ୍ଠୀ ଅଲ୍ କାଏଦା-ସୃଷ୍ଟି କରି ଏହି ଏକବିଂଶ ଶତାବ୍ଦୀର ଆରମ୍ଭରେ ଆମେରିକା ଉପରେ ଆକ୍ରମଣ କରାଇଥିଲେ। ପରବର୍ତ୍ତୀ ସମୟରେ ସେହି ଆମେରିକାକୁ କଳ-ବଳ-କୌଶଳ ବ୍ୟବହାର କରି ଲାଡେନ୍‌ଙ୍କୁ ପାକିସ୍ତାନର ଆବୋଟ୍ଟାବାଦ୍‌ରେ ହତ୍ୟା କରିବାକୁ ପଡ଼ିଥିଲା। ଅର୍ଥାତ୍ ଆମେରିକା ସୃଷ୍ଟି କରୁଥିବା ଉଗ୍ରବାଦକୁ ସେହି ଆମେରିକା ନିଜେ ରକ୍ତ ଦେଇ ଲଢ଼ିବାକୁ ପଡୁଛି। ବାଗ୍‌ଦାଦିଙ୍କ ଆବିର୍ଭାବ ପରେ ଆଇଏସ୍‌ର ଗୁରୁତ୍ୱ ବଢ଼ିଲା ଯେତେବେଳେ, ୧୭ ବର୍ଷ ପୂର୍ବେ, ଇରାକ୍‌ର ତତ୍କାଳୀନ ରାଷ୍ଟ୍ରପତି ସଦ୍ଦାମ୍ ହୁସେନ୍‌ଙ୍କ ପତନ ଘଟିଲା। ସେହି ପତନ ପାଇଁ ଆମେରିକା ମୁଖ୍ୟତଃ ଦାୟୀ।

ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ୍ ହୁସେନ୍ ଓବାମାଙ୍କ ୮ ବର୍ଷର ଶାସନ ସମୟରେ ଆଇଏସ୍‌ର ଔଦ୍ଧତ୍ୟ ଅତ୍ୟଧିକ ମାତ୍ରାରେ ବୃଦ୍ଧି ପାଇଥିଲା। ଓବାମାଙ୍କ ପରେ ଟ୍ରମ୍ପ୍ ରାଷ୍ଟ୍ରପତି ପଦବୀ ଗ୍ରହଣ କରିବା କ୍ଷଣି ଆମେରିକାର ଚାପ ଆଇଏସ୍ ଉପରେ ବୃଦ୍ଧି ପାଇଥିଲା। ରୁଷିଆ ଏବଂ ସିରିଆର ରାଷ୍ଟ୍ରପତି ବଶର ଅଲ୍-ଆସାଦ୍‌ଙ୍କ ଅସହଯୋଗ ସତ୍ତ୍ୱେ ଟ୍ରମ୍ପ୍‌ଙ୍କ ନିର୍ଦ୍ଦେଶ ଯୋଗୁ ଆଇଏସ୍ ଉପରେ ଆମେରିକାର ଆକ୍ରମଣ ଜାରି ରହିଲା। ଏବେ କୁହାଯାଉଛି ଯେ, ନିଜ ବିରୋଧରେ ଆସିଥିବା ମହାଭିଯୋଗକୁ ବାଟବଣା କରିବା ଏବଂ ଆସନ୍ତାବର୍ଷ ନଭେମ୍ବରରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ଜିତିବା ପାଇଁ ବାଗ୍‌ଦାଦିଙ୍କୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଟ୍ରମ୍ପ୍ ବ୍ୟବହାର କରିଛନ୍ତି। ଏଭଳି ମାନସିକତା ସହିତ ଭାରତୀୟମାନେ ମଧ୍ୟ ଅତ୍ୟନ୍ତ ପରିଚିତ। ଯୁଦ୍ଧ ଏବଂ ଆତଙ୍କବାଦର ଦ୍ୱାହି ଦେଇ ନିର୍ବାଚନ ଜିତିବା ପାଇଁ ଶାସକ ଗୋଷ୍ଠୀର ଉଦ୍ୟମ ଭାରତରେ ନୂଆ ନୁହେଁ। ସେହିଭଳି ଭାରତୀୟ ପୁସ୍ତକରୁ, ସମ୍ଭବତଃ, ଟ୍ରମ୍ପ୍ ଏକ ପୃଷ୍ଠା ନେଇ ଅଲ୍-ବାଗ୍‌ଦାଦି ନାଟକ ରଚାଇ ପାରିଥାଆନ୍ତି। କିନ୍ତୁ ଯେକୌଣସି ଉଦ୍ଦେଶ୍ୟରେ ହେଉ ପଛେ ବାଗ୍‌ଦାଦିଙ୍କ ମୃତ୍ୟୁ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆର ଭବିଷ୍ୟତକୁ ନିଶ୍ଚିତ ଭାବେ ପ୍ରଭାବିତ କରିବ। ଓସାମା ବିନ୍ ଲାଡେନ୍‌ଙ୍କ ମୃତ୍ୟୁ ପରେ ତାଙ୍କ ପୁତ୍ରକୁ ମଧ୍ୟ ହତ୍ୟା କରାଯାଇଥିଲା ଏବଂ କେତେକ ମହଲରେ ଚିନ୍ତା କରାଯାଉଛି ଯେ, ଅଲ୍-କାଏଦାର ପ୍ରଭାବ ହ୍ରାସ ପାଇଛି। ଅନୁରୂପ ଭାବେ ବାଗ୍‌ଦାଦିଙ୍କ ମୃତ୍ୟୁ ନିଶ୍ଚିତ ଭାବେ ଆଇଏସ୍‌ର କାର୍ଯ୍ୟ ପ୍ରଣାଳୀରେ ଦୁର୍ବଳତା ଆଣିଦେଇପାରେ। ଅନ୍ୟପଟେ ଏହା ମନେରଖିବାକୁ ହେବ ଯେ, ଆଧୁନିକ ପୃଥିବୀର ସଭ୍ୟତା ପ୍ରତି ସବୁଠାରୁ ବଡ଼ ବିପଦ ସୃଷ୍ଟି କରିଛି ଧର୍ମୀୟ ଉଗ୍ରବାଦ। ବାଗ୍‌ଦାଦିଙ୍କ ଅନୁପସ୍ଥିତିରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ପୂରଣ କରିବା ପାଇଁ କିଏ ଆଗେଇ ଆସିବେ ତାହା କହିବା କଷ୍ଟକର। ଅନ୍ୟପଟେ ଆମେରିକା ଚିନ୍ତା କରୁଛି, ତା'ର ସୈନ୍ୟକୁ ମଧ୍ୟପ୍ରାଚ୍ୟ ଓ ପଶ୍ଚିମ ଏସିଆରୁ ପ୍ରତ୍ୟାହାର କରିନେବ । ଯଦି ତାହା ହୁଏ, କେବଳ ଯେ ଆମେରିକା ସହିତ ଥିବା କୁର୍ଦ୍ଦ, ସିରିଆର ଗଣତାନ୍ତ୍ରିକ ଶକ୍ତି ବାଧାପ୍ରାପ୍ତ ହେବ ତାହା ନୁହେଁ, ସମଗ୍ର ପୃଥିବୀ ପାଇଁ କଳାବାଦଲ ଭାବେ ସୃଷ୍ଟି ହୋଇଥିବା ଆତଙ୍କବାଦ ପୁନର୍ବାର ଶକ୍ତିଶାଳୀ ହୋଇ ମୁଣ୍ଡ ଟେକିବାର ଆଶଙ୍କା ବୃଦ୍ଧିପାଇବ।

## ଚିରନ୍ତନୀ

ଅଳପ ଦିନକୁ ଯେଣୁ ଆସିଥିଲି କହି
ବସିଥିବ ମୋ କଣ୍ଠର ଅପେକ୍ଷାରେ ରହି
ନୁଆଇଁ ମୁଖ ମଳିନ
ଗଣୁଥିବ ନିଶି ଦିନ
କି ବାରତା ଏ ପବନ ବହିନେବ ତହିଁ
ଜୀବନ ଦୋସର ଚିର ମୋର ପ୍ରାଣସହୀ।
ଶିଶୁ କଳକଣ୍ଠେ ଭରା ମୋ ଦୀନ କୁଟୀର
ମୋ ବିଚ୍ଛେଦେ ଭଜିଥିବ ବିଷାଦ ଗଭୀର,
ଦୟା ସ୍ନେହର ଆକର
ଦୁଃଖିନୀ ଜନନୀ ମୋର
ମୋ ଲାଗି କି ହେଉଥିବ କାତର ଅଧୀର,
ତୋଷିବ ତାହାକୁ ଏହି ଶୀତର ସମୀର !

(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 7 | | | | E | | | 2 | | | A | | | 3 |
| | | | | | 8 | 7 | | | 3 | | D | E | | |
| | | | 2 | | | | | C | | 6 | | | | |
| | | | | | | B | D | | 9 | | | 8 | | |
| | 4 | | D | | | 0 | | | C | | | | 9 | 7 |
| | E | | | | 7 | 9 | | | 0 | 8 | | | B | |
| | | 9 | | 5 | | 6 | B | | | 4 | C | | | |
| 3 | | | | B | | | | 8 | | | | 9 | | |
| | 0 | 4 | | | | | C | 7 | 6 | | | | | |
| | 8 | D | 9 | | C | 3 | | | 7 | | | A | | |
| 2 | | | | 6 | 5 | | | A | D | | 1 | | 4 | |
| | | 3 | | | | | | | | | | C | | |
| | | | | E | 1 | | 8 | D | | | 0 | 7 | 3 | |
| | A | | | C | | | | | | 2 | | 1 | | |
| | D | 1 | 3 | | | 5 | 2 | | | B | | | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | E | 1 | 8 | 9 | 2 | 7 | 4 | 3 | 6 | 0 | A | 5 | B |
| 5 | 2 | 0 | 7 | E | A | 1 | 3 | 8 | 9 | B | D | C | 4 | 6 |
| 9 | A | 8 | 2 | 3 | 6 | B | 5 | C | 1 | 4 | E | D | 7 | 0 |
| 1 | 7 | 6 | B | 4 | D | E | 0 | A | 5 | 8 | C | 2 | 3 | 9 |
| 4 | 3 | B | C | 5 | 0 | D | 6 | 9 | 2 | 7 | A | 1 | 8 | E |
| 7 | 6 | 4 | 9 | 0 | E | 3 | A | 5 | B | 1 | 2 | 8 | C | D |
| 8 | E | 9 | 5 | C | 7 | 0 | 4 | 2 | A | D | 3 | 6 | B | 1 |
| 2 | 0 | 1 | 6 | D | 8 | C | E | B | 4 | 5 | 7 | 9 | A | 3 |
| A | B | 5 | 3 | 2 | 1 | 6 | 8 | D | C | 0 | 9 | 4 | E | 7 |
| 3 | D | C | A | B | 4 | 9 | 1 | 7 | 6 | E | 8 | 0 | 2 | 5 |
| C | 5 | A | D | 7 | 3 | 4 | 9 | 0 | E | 2 | 6 | B | 1 | 8 |
| 6 | 8 | D | E | 1 | 2 | 7 | C | 3 | 0 | A | B | 5 | 9 | 4 |
| B | 4 | 7 | 0 | 6 | 5 | A | 2 | E | 8 | 9 | 1 | 3 | D | C |
| 0 | 9 | 3 | 4 | A | B | 8 | D | 1 | 7 | C | 5 | E | 6 | 2 |
| E | 1 | 2 | 8 | 9 | C | 5 | B | 6 | D | 3 | 4 | 7 | 0 | A |

ରବିବାରର ଉତ୍ତର

# ମନୋହର ଆଲୁଅ



ଡ. ରମେଶ ଚନ୍ଦ୍ର ପରିଡ଼ା

ଉଦିତ ସୂର୍ଯ୍ୟର ମନୋଲୋଭା ରୂପ ମନରେ ଭରି ଦେଇଥାଏ ବିଲୋଳ ଆନନ୍ଦ। ପ୍ରାତଃସ୍ମରଣୀୟ କବି ସଚ୍ଚି ରାଉତରାୟ ସମ୍ଭବତଃ ଏହାକୁ ହିଁ ତାଙ୍କ ଛୋଟ ଗାଁର 'ମନୋହର ଆଲୁଅ' ରୂପେ ବର୍ଣ୍ଣନା କରିଛନ୍ତି– 'ଆଲୁଅ ତା'ର କି ମନୋହର, ଅନ୍ଧକାର ତା'ଠାରୁ ଭଲ..' (ଛୋଟ ମୋର ଗାଁଟି)। ତାହା ମନକୁ ଚାପମୁକ୍ତ କରେ ଏବଂ ତାହାକୁ ପୁନଃନିର୍ମାଣ କରେ ନୂତନ ଆହ୍ୱାନର ସମ୍ମୁଖୀନ ହେବା ପାଇଁ। ଅନ୍ୟପକ୍ଷରେ ଶରୀର ଉପରେ ଏହାର ପ୍ରଭାବ ଅନୁଭୂତ ହୋଇଥାଏ ଅଧିକ ପ୍ରତ୍ୟକ୍ଷ ରୂପେ। କାରଣ ତହିଁରେ ଥିବା ଅଲଟ୍ରାଭାଓଲେଟ ବା ଅତିବାଇଗଣୀ ରଶ୍ମି ଆମ ଚର୍ମ ଉପରେ ପତିତ ହେଲେ ଉତ୍ପନ୍ନ କରିଥାଏ ଭିଟାମିନ୍-ଡି। ଚର୍ବିରେ ଦ୍ରବୀଭୂତ ହେଉଥିବା ଏହି ଭିଟାମିନ୍‌ର ବିଭିନ୍ନ ରୂପ ରହିଛି (ଡି-୧ରୁ ଡି-୫ ଯାଏ) ଏବଂ ସେ ପ୍ରତ୍ୟେକର ଧର୍ମ ଅଳ୍ପବହୁତେ ଭିନ୍ନଭିନ୍ନ। ତେବେ ତନ୍ମଧ୍ୟରୁ ମୁଖ୍ୟ ଦୁଇଟି ହେଲା ଭିଟାମିନ୍-ଡି ୨ ଏବଂ ଡି ୩। ସାଧାରଣ ଭାବେ ଭିଟାମିନ୍-ଡି କହିଲେ ଏହାକୁ ହିଁ ବୁଝାଇଥାଏ। ଅନ୍ୟାନ୍ୟ ଭିଟାମିନ୍, ଖଣିଜ ପୁଷ୍ଟିକ ଏବଂ ଜୀବରସ ବା ହରମୋନ ସହଯୋଗରେ ଡି-୩ ଆମ ହାଡ଼ର ଧାତବାୟନ କରେ ଓ ତାହାକୁ ଶକ୍ତ କରେ।

ବିବର୍ତ୍ତନ ଫଳରେ ଆଜକୁ ପ୍ରାୟ ୪୦୦ ନିୟୁତ ବର୍ଷ ପୂର୍ବେ ମେରୁଦଣ୍ଡୀ ପ୍ରାଣୀମାନଙ୍କର ଆବିର୍ଭାବ ଘଟିଲା। ପ୍ରାଗୈତିହାସିକ ଯୁଗର ଏକକୋଷୀ ପ୍ରାଣୀମାନେ ତାଙ୍କ ପରିବେଶରୁ କ୍ୟାଲସିୟମ୍ ପ୍ରାପ୍ତ ହେଉଥିଲେ। କିନ୍ତୁ ଯେତେବେଳେ ବହୁକୋଷୀ ପ୍ରାଣୀର ବିକାଶ ଘଟିଲା ଏବଂ ସେମାନେ ସମୁଦ୍ରଠାରୁ ଦୂରକୁ ଗଲେ ତାଙ୍କର ଶକ୍ତ ଏବଂ ଚଳତ୍‌ଶକ୍ତିସମ୍ପନ୍ନ ଏକ ଆଭ୍ୟନ୍ତରୀଣ କଙ୍କାଳର ଆବଶ୍ୟତା ପଡ଼ିଲା। ଫଳରେ ମେରୁଦଣ୍ଡୀ ପ୍ରାଣୀମାନଙ୍କ ଅଭ୍ୟୁଦୟ ଘଟିଲା ଏବଂ ଏଥିରେ ଭିଟାମିନ୍-ଡି ଓ ପାରାଥୋର୍‌ମୋନ୍ ପ୍ରମୁଖ ହରମୋନ୍ ରୂପେ ଜୀବକୋଷ ବାହାରେ ଥିବା କ୍ୟାଲସିୟମ୍ ତଥା ଫସ୍‌ଫରସ୍ ସମାସ୍ଥିତି (ହୋମିଓଷ୍ଟେସିସ୍)କୁ ନିୟନ୍ତ୍ରଣ କଲେ। ସେହିକାଳରୁ ଏହି ଭିଟାମିନ୍ ମେରୁଦଣ୍ଡୀ ପ୍ରାଣୀମାନଙ୍କ ଜୀବନ ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

ହାଡ଼ ତିଆରି ପାଇଁ ଭିଟାମିନ୍-ଡି, କ୍ୟାଲସିୟମ୍ ଏବଂ ଫସଫରସ୍ ଅତ୍ୟାବଶ୍ୟକ। ଏହି ଭିଟାମିନ୍‌ର ଅଭାବରେ ପ୍ରାପ୍ତବୟସ୍କଙ୍କଠାରେ ହାଡ଼ ପାପରା ହେବା ଓ ତାହା ଭାଙ୍ଗିଯିବା ଏବଂ ପିଲାମାନଙ୍କଠାରେ ରିକେଟ୍ ଭଳି ରୋଗର କାରଣ ହୋଇଥାଏ। ବିଶେଷକରି ବୟସ୍କ ଲୋକଙ୍କଠାରେ ଏବଂ ମହିଳାମାନଙ୍କ ରତୁବିରତି ପରେ ହାଡ଼ ପାପରା ସମସ୍ୟା ଅଧିକ ଜଟିଳ ହୋଇଥାଏ। ତେବେ ଏହା ଆହୁରି ଅନେକ ଘାତକ ରୋଗର ମଧ୍ୟ କାରଣ ହୋଇପାରେ। ସେଗୁଡ଼ିକ ଭିତରେ ଅଛି ପୌରୁଷଗ୍ରନ୍ଥି, ସ୍ତନ୍ୟ, ମଳଦ୍ୱାର ତଥା ଅନ୍ୟାନ୍ୟ କର୍କଟ ରୋଗ। ଭିଟାମିନ୍-ଡି କର୍କଟ ରୋଗ କୋଷିକାଗୁଡ଼ିକୁ ବଂଶବୃଦ୍ଧି କରିବାକୁ ଏବଂ ବଢ଼ିବାକୁ ଦିଏନାହିଁ। ସେହିପରି ଏହାର ଅଭାବ ମାନସିକ ଚାପକୁ ଦ୍ୱିଗୁଣିତ କରିବା ସଙ୍ଗେ ସଙ୍ଗେ ବାର୍ଦ୍ଧକ୍ୟଜନିତ ସ୍ମୃତିଶକ୍ତିହୀନତା ଏବଂ ଆଲ୍‌ଝିମର୍ସ୍ ରୋଗର ସମ୍ଭାବନାକୁ ୧୨୫ ଶତାଂଶ ବୃଦ୍ଧିକରେ। ହୃଦ୍‌ଘାତ ବିଖଣ୍ଡିତ ମନସ୍କତା (ସିଜୋଫେନିଆ), ଚର୍ମରୋଗ-ସୋରିଆସିସ୍, ଉଚ୍ଚ ରକ୍ତଚାପ ଆଦି ରୋଗ ମଧ୍ୟ ଏଥିସହିତ ସମ୍ପୃକ୍ତ ହେବାର ଜଣାପଡ଼ିଲାଣି।

ଆମେରିକାର ନ୍ୟାଶ୍‌ନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ (୨୦୧୭) ଅନୁସାରେ ଭିଟାମିନ୍-ଡି ଆମ ଜୀବକୋଷ ଭିତରେ ଏବଂ ବାହାରେ ରୋଗପ୍ରତିରୋଧକ ଶକ୍ତିକୁ ନିୟନ୍ତ୍ରଣ କରୁଥିବା ହରମୋନ୍ 'କାଲ୍‌ସିଟ୍ରାଇଅଲ୍'ର ପୁରୋଗାମୀ (ଏଥିରୁ ତାହା ସୃଷ୍ଟି ହୁଏ), ଯାହାକି ଆମକୁ ସନ୍ଧିପ୍ରଦାହ, ଶିରା ଓ ଧମନୀରେ ବାହିକା ରୋଗ, ମଧୁମେହ ଭଳି ସ୍ୱନିର୍ବେଶ୍ୟ (ଅଟୋଇମ୍ୟୁନ୍) ରୋଗରୁ ସୁରକ୍ଷା ପ୍ରଦାନ କରେ। ଏହାର ଅଭାବ ହୃଦ୍‌ସଙ୍ଘାତ, ୧୭ ପ୍ରକାର କର୍କଟ ରୋଗ, ବିବିଧ ସ୍ନାୟୁ-ମନସ୍ତାତ୍ତ୍ୱିକ ସମସ୍ୟା, ମାଂସପେଶୀ ବିନଷ୍ଟ, ଦୁର୍ବଳତା, ଫ୍ଲୋରୋସିସ୍, ଦୀର୍ଘକାଳୀନ ଯନ୍ତ୍ରଣା, ଜନ୍ମଗତ ଅସଙ୍ଗତି ଭଳି ରୋଗର କାରଣ ମଧ୍ୟ ହୋଇପାରେ। ଫଳରେ ଆୟୁକ୍ଷୟ ଘଟେ।

ଜଣେ ବ୍ୟକ୍ତିର ରକ୍ତ ଲସିକାରେ ଭିଟାମିନ୍-ଡି୩ ମାପିବା ଦ୍ୱାରା ତା'ଠାରେ ଏହାର ସ୍ଥିତି ଜଣାପଡ଼େ। ତେବେ ତହିଁରେ ଏହାର ପରିମାଣ ବ୍ୟକ୍ତିରୁ ବ୍ୟକ୍ତି ଭିତରେ ଭିନ୍ନ ଭିନ୍ନ ହୋଇଥାଏ। କାରଣ ଆମ ଖାଦ୍ୟ, ପୋଷାକ, ବାସ କରୁଥିବା ଭୌଗୋଳିକ ସ୍ଥାନ, ଚର୍ମର ରଙ୍ଗ, ବୃତ୍ତି, ସ୍ୱାସ୍ଥ୍ୟ, ଜଳବାୟୁ ଉପରେ ଏହା ନିର୍ଭରଶୀଳ। ତେବେ ମୋଟାମୋଟି ଭାବେ ଆମେ ଏହା ଦିନକୁ ୪୦୦ 'ଆନ୍ତର୍ଜାତିକ ଏକକ' ପରିମାଣରେ ଆବଶ୍ୟକ କରୁ। ଅନ୍ୟପକ୍ଷରେ ବିଛଣାରେ ପଡ଼ି ରହିଥିବା ରୋଗୀ ଏବଂ ଦିନର ଅଧିକାଂଶ ସମୟ ଛାଇରେ କଟାଉଥିବା ଲୋକେ ଯଥେଷ୍ଟ ସୂର୍ଯ୍ୟାଲୋକ ପାଉ ନ ଥିବାରୁ ସେମାନଙ୍କର ଏହା ଅଧିକ ଦରକାର। ତେଣୁ ଏହାର ଏକ ସାର୍ବଜନୀନ ମାନକ ମୂଲ୍ୟ ସ୍ଥିର କରିବା ସମ୍ଭବ ନୁହେଁ। ତଥାପି ରକ୍ତରେ ଭିଟାମିନ୍-ଡି୩ର ମାତ୍ରା ମିଲିଲିଟର ପ୍ରତି ୧୦ଗ୍ରାମରୁ କମ୍ ହେବା ଦ୍ୱାରା ନାନାପ୍ରକାର ଶାରୀରିକ ଅସ୍ୱାଭାବିକତାର ସୂଚନା ଦିଏ।

ବିଗତ କିଛିବର୍ଷ ତଳେ (୨୦୦୮ ମସିହା) ଚେନ୍ନାଇସ୍ଥିତ ଆପୋଲୋ ହସ୍ପିଟାଲର ଡାକ୍ତର ବିଜୟ କୁମାରଙ୍କ ମାର୍ଗଦର୍ଶନରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ, ଅଧିକାଂଶ ସମୟ କମ୍ପ୍ୟୁଟରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ମଧ୍ୟରେ ଅଣ୍ଟା, ହାତ ଓ ବେକରେ ଅଧିକ ଯନ୍ତ୍ରଣା ହେବା ମୂଳରେ ରହିଛି ଭିଟାବିନ-ଡି'ର ଅଭାବ। ସେମାନଙ୍କୁ ଅଧିକାଂଶ ସମୟ ଘରଭିତରେ କଟାଇବାକୁ ପଡ଼େ। ଏଣୁ ତାଙ୍କର ସୂର୍ଯ୍ୟାଲୋକକୁ ଉନ୍ମୁକ୍ତ ହେବାର ସମ୍ଭାବନା କମ୍। ମୁଖ୍ୟତଃ ଏ ଅସୁବିଧାର ସମ୍ମୁଖୀନ ହେଉଥିବା ଅନ୍ୟମାନଙ୍କ ମଧ୍ୟରେ ଅଛନ୍ତି ଗର୍ଭବତୀ ମହିଳା, ରତୁବିରତି ହୋଇଥିବା ମଧ୍ୟମ ଆୟବର୍ଗ ପରିବାରର ଗୃହପତ୍ନୀ, ବୟସ୍କ ଲୋକେ ଏବଂ ଘର ମଧ୍ୟରେ ଆବଦ୍ଧ ରହୁଥିବା କର୍କଟ ରୋଗୀ। ଏମାନଙ୍କ ମଧ୍ୟରୁ ୮୦ ପ୍ରତିଶତଙ୍କଠାରେ ଭିଟାମିନ୍-ଡି ଅଳ୍ପବହୁତେ କମ୍ ଥିବାର ଦେଖାଯାଇଛି। ସାଧାରଣ ଭାବେ ବର୍ତ୍ତମାନ ସମଗ୍ର ବିଶ୍ୱର ୩୦ରୁ ୪୦ ପ୍ରତିଶତ ଲୋକଙ୍କଠାରେ ଏ ସମସ୍ୟା ପରିଲକ୍ଷିତ ହେଉଛି। ସୂର୍ଯ୍ୟକିରଣକୁ ଉନ୍ମୁକ୍ତ ହେବାର ସୁଯୋଗ ନ ଥିବା ଜୀବନଶୈଳୀ ମୁଖ୍ୟତଃ ଏଥିପାଇଁ ଦାୟୀ। ଏହାକୁ ଏବେ କୁହାଯାଉଛି 'ଭିଟାମିନ୍-ଡି ଅଭାବଜନିତ ମହାମାରୀ'।

ଆଜିକାଲି ଆମ ଶରୀରରେ ଏହାର ଅଭାବ ପୂରଣ ଲାଗି ଗଣମାଧ୍ୟମରେ ହେଉଥିବା ପ୍ରଚାର ଦ୍ୱାରା ପ୍ରଭାବିତ ହୋଇ ଅବିଚାରିତ ଭାବେ ଆମେ ନାନାଦି ପରିପୂରକ ଔଷଧ ବା ଖାଦ୍ୟ ଖାଉଛୁ। ଏହା ଆମ ଶରୀରରେ ତାହାର ମାତ୍ରା ବୃଦ୍ଧି ଘଟାଇପାରେ। ତେବେ ତାହା ମଧ୍ୟ କ୍ଷତିକାରକ। ଏଣୁ ସେଗୁଡ଼ିକ ପରିବର୍ତ୍ତେ ଏହା ଯଥେଷ୍ଟ ଥିବା କଡ୍‌ଲିଭର୍ ତେଲ ଏବଂ ସାଲ୍‌ମୋନ୍ କୋଚିଆ, ମାକେରେଲ୍, ସାରଡିନ୍ ଭଳି ସାମୁଦ୍ରିକ ମାଛ ତଥା କଲିଜା, ଅଣ୍ଡା, କ୍ଷୀର, ସଜନାପତ୍ର ଆଦି ପ୍ରାକୃତିକ ଖାଦ୍ୟ ଅଧିକ ଉପାଦେୟ। ଡାକ୍ତରମାନଙ୍କ ମତରେ ଆମେ ପ୍ରତିଦିନ ସକ୍ରିୟ ହରମୋନ୍ କାଲ୍‌ସିଟ୍ରାଇଅଲ୍ ବଟିକାଟିଏ ଅପେକ୍ଷା କଡ୍‌ଲିଭର୍ ତେଲର କ୍ୟାପ୍‌ସୁଲଟିଏ ଖାଇବା ଅଧିକ ନିରାପଦ। ତେବେ ସବୁଠାରୁ ନିରାପଦ ଓ ଲାଭଜନକ ହେଲା ଦିନକୁ ବିଶେଷକରି ସକାଳର ସୂର୍ଯ୍ୟଙ୍କ 'ମନୋହର ଆଲୁଅ' ଭିତରେ ଅନ୍ତତଃ ଘଣ୍ଟାଟିଏ କଟାଇବା।

ଜହ୍ନ ଆଲୁଅ ମଧ୍ୟ ମନୋହର। ତେବେ ତାହା ହେଲା ସୂର୍ଯ୍ୟାଲୋକର ପ୍ରତିଫଳନ। ସେଥିରେ ଭିଟାମିନ୍-ଡି ତିଆରି କଲା ଭଳି ଅଲଟ୍ରାଭାଓଲେଟ୍-ବି ରଶ୍ମି ପ୍ରାୟତଃ ନ ଥାଏ। ସେହିପରି ସାଧାରଣ ବିଜୁଳିବତିର ଆଲୁଅର ବି ଏ ଗୁଣ ନାହିଁ। ଏସବୁର ମନକୁ ହରଣ କଲାଭଳି ରୂପ ଥାଇପାରେ କିନ୍ତୁ ଦେହ ଓ ମନକୁ ସୁସ୍ଥ ରଖିବାର ଗୁଣ ନାହିଁ।

ଭୁବନେଶ୍ୱର, ମୋ-୯୯୩୭୯୮୫୭୬୭

# ଆଶ୍ରୟସ୍ଥଳୀ ପରିଚାଳନାରେ ସହଭାଗିତା



ଶୁଭନାରାୟଣ ଶତପଥୀ

ମହାବତ୍ୟାର ଅନୁଭୂତିକୁ କୋଡିଏ ବର୍ଷ ହୋଇଥିଲେ ମଧ୍ୟ ୧୯୯୯ ଅକ୍ଟୋବର ୨୯ ତାରିଖରେ ପ୍ରକୃତିର ଭୟଙ୍କର ରୂପ ଏବେ ବି ଆଖି ଆଗରେ ନାଚି ଉଠେ। ଭୂଇଁରେ ଲୋଟି ଯାଉଥିବା ମହାଦ୍ରୁମ, ଉଡିଯାଉଥିବା ଛପର, ବୁଡି ଯାଉଥିବା ମଣିଷ, ସାଗରର ବିଶାଳ ଢେଉକୁ ଭୁଲିପାରି ନାହାନ୍ତି ଜନସାଧାରଣ। ଅନୁଷ୍ଠାନ, ସରକାର ଏହାର ଭୟାବହତାକୁ ଉପଲବ୍ଧି କରି ପ୍ରତିବର୍ଷ ପ୍ରସ୍ତୁତି ଓ ସମୀକ୍ଷା କରନ୍ତି ବିପର୍ଯ୍ୟୟ ପରିଚାଳନା ଯୋଜନାର। କାରଣ ଓଡ଼ିଶାର ୪୮୦କି.ମି. ବ୍ୟାପୀ ସୁଦୀର୍ଘ ଉପକୂଳ ହେଉଛି ବାତ୍ୟାପ୍ରବଣ। ମହାବାତ୍ୟା ରଚିଯାଇଥିବା ତାଣ୍ଡବରୁ ଶିକ୍ଷାଲାଭ କରି ବିପର୍ଯ୍ୟୟ ପରିଚାଳନା ଯୋଜନାର ଏକ ଅଂଶସ୍ୱରୂପ ଆଶ୍ରୟସ୍ଥଳୀ ପରିଚାଳନା ଓ ତତ୍‌ସମ୍ପର୍କୀୟ କାର୍ଯ୍ୟର ରୂପରେଖ ପ୍ରସ୍ତୁତ କରିବାକୁ ସମସ୍ତେ ଆଗଭର। କାରଣ ଆଶ୍ରୟସ୍ଥଳୀ ହେଉଛି ପ୍ରକୃଷ୍ଟ ସ୍ଥଳ ଯାହା ସଂଲଗ୍ନ ଗ୍ରାମଗୁଡିକର ଅଧିବାସୀ ଏକାଠି ହୁଅନ୍ତି ନିଜର ସମ୍ବଳ ଓ ଦୁର୍ବଳ ସ୍ଥିତିର ସମୀକ୍ଷା କରିବାକୁ। ମହାବାତ୍ୟାର ଅଭିଜ୍ଞତାରୁ ଜନ୍ମଲାଭ କରିଥିବା ଆଶ୍ରୟସ୍ଥଳୀ ଓ ତା'ର ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ଗ୍ରାମପଞ୍ଚାୟତ ତଥା ସ୍ଥାନୀୟ ବାସିନ୍ଦାଙ୍କ ଉପରେ ନ୍ୟସ୍ତ। ଏହାର ରକ୍ଷଣାବେକ୍ଷଣ ଓ ପରିଚାଳନା ନିମନ୍ତେ କମିଟି ମଧ୍ୟ ଗଠନ କରାଯାଇଛି। ଏଥିରେ ସ୍ଥାନୀୟ ଡାକ୍ତରଖାନା ଓ ପଞ୍ଚାୟତର ପ୍ରତିନିଧି, ଅଙ୍ଗନୱାଡି କର୍ମୀ, ଶିକ୍ଷକ, ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍‌ଜିଓ କର୍ମୀ ଆଦି ସଦସ୍ୟ ରହିଛନ୍ତି। ସ୍ଥାନୀୟ ସରପଞ୍ଚ ଏହି କମିଟିର ଅଧ୍ୟକ୍ଷ ରହିଛନ୍ତି।

ଓଡ଼ିଶାର ବାତ୍ୟା ଓ ବନ୍ୟାପ୍ରବଣ ଜିଲାଗୁଡିକରେ ଧନଜୀବନର ସୁରକ୍ଷା ପାଇଁ ଅଦ୍ୟାବଧି ୮୦୦ରୁ ଊର୍ଦ୍ଧ୍ୱ ବାତ୍ୟା ଓ ବନ୍ୟା ନିରୋଧୀ ଆଶ୍ରୟସ୍ଥଳୀର ବ୍ୟବସ୍ଥା କରାଯାଇଛି, ଯାହାକୁ ବିପର୍ଯ୍ୟୟ ସମୟ ବ୍ୟତୀତ ବହୁମୁଖୀ କାର୍ଯ୍ୟରେ ବ୍ୟବହାର କରାଯିବା ପାଇଁ ପରିକଳ୍ପନା କରାଯାଇଛି। ତେବେ ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ଅନ୍ତରୀଣ ଗ୍ରାମସମୂହକୁ ନେଇ ପଚାଶରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନର ସହଭାଗିତାରେ ଜରୁରୀ ପରିସ୍ଥିତିର ମୁକାବିଲା ଉଦ୍ଦେଶ୍ୟରେ ଉଦ୍ଧାରକାର୍ଯ୍ୟ, ପ୍ରାଥମିକ ଚିକିତ୍ସା, ପରାମର୍ଶ ଆଦି ପାଇଁ ଦଳଗଠନ ଓ ତାଲିମ ବ୍ୟବସ୍ଥା ହୋଇଛି। ସେଠାରେ ପ୍ରତିବର୍ଷ ମକ୍‌ଡ୍ରିଲ ମଧ୍ୟ କରାଯାଏ। ଏହା ବ୍ୟତୀତ ଉକ୍ତ ଆଶ୍ରୟସ୍ଥଳୀଗୁଡିକରେ ୪୦ରୁ ଊର୍ଦ୍ଧ୍ୱ ପ୍ରକାରର ଜରୁରିକାଳୀନ ଆବଶ୍ୟକତା ଯଥା: ଦଉଡି, ଜରି, ରନ୍ଧାଖାଦ୍ୟ ପାଇଁ ବାସନକୁସନ, ଲାଇଟ୍, ଫ୍ୟାନ, ଜେନେରେଟର, ପ୍ରାଥମିକ ଚିକିତ୍ସା ବାକ୍ସ ଆଦି ଯୋଗାଇ ଦିଆଯାଇଛି, ଯାହା ଦୁର୍ବିପାକ ସମୟରେ ଲୋକଙ୍କ କାର୍ଯ୍ୟରେ ଆସିବ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ସ୍ଥାନୀୟ ବାସିନ୍ଦାଙ୍କ ଚଳପ୍ରଚଳ ଏବଂ ଆସବାବପତ୍ରର ବ୍ୟବହାର ସହିତ ଉକ୍ତ ଆଶ୍ରୟସ୍ଥଳୀ ପାଇଁ ସମ୍ବଳ ସୃଷ୍ଟିକଲେ ଏହା ଜରୁରୀ ପରିସ୍ଥିତି ବେଳକୁ ବ୍ୟବହାର ଉପଯୋଗୀ ହୋଇ ରହିଥିବ। ନଚେତ୍ ଦରକାରୀ ଜିନିଷ ଦରକାର ବେଳକୁ ଅକାମୀ ହୋଇସାରିଥିବ।

ଅପରପକ୍ଷରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦାମାନଙ୍କ ମଧ୍ୟରେ ଯେଉଁମାନେ ଉଚ୍ଚଶିକ୍ଷିତ, କର୍ମଠ ଓ କୁଶଳୀ ସେମାନଙ୍କ ମଧ୍ୟରୁ ଅଧିକାଂଶ ରୋଜଗାର ଅନ୍ୱେଷଣରେ ବାହାରକୁ ଚାଲିଗଲା ପରେ ଯେଉଁମାନେ ରହୁଛନ୍ତି ସେମାନଙ୍କର ଦକ୍ଷତା ବୃଦ୍ଧି କରି ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ କିପରି କରାହେବ ତାହା ସମ୍ପୃକ୍ତ ସରପଞ୍ଚଙ୍କ ଉପରେ ନିର୍ଭର କରେ। ତେବେ ଏମିତି କିଛି ସ୍ଥାନୀୟ ଲୋକ ଅଛନ୍ତି, ଯେଉଁମାନେ ଦୃଷ୍ଟି ଆଢୁଆଳରେ ଆଶ୍ରୟସ୍ଥଳୀର ବିଦ୍ୟୁତ୍ ତାର, ବଲ୍‌ବ, ସୁଇଚ୍ ଆଦି ଅନ୍ୟାନ୍ୟ ଉପକରଣ ଚୋରାଇ ନେବାକୁ ଭୁଲନ୍ତି ନାହିଁ। ଫଳରେ ଜରୁରୀ ସମୟରେ ଏସବୁ ଜିନିଷ କାମରେ ଲାଗିପାରି ନ ଥାଏ। ତା'ଛଡା ସ୍ଥାନୀୟ ଉଦ୍ୟୋକ୍ତା, ଉଚ୍ଚଶିକ୍ଷିତ ବ୍ୟକ୍ତିସମୂହଙ୍କ ଲକ୍ଷ୍ୟ ଆଶ୍ରୟସ୍ଥଳୀ ଉପରେ କେନ୍ଦ୍ରୀଭୂତ ନ ହେବା କାରଣରୁ ସେଠାରେ ଧନ୍ଦାମୂଳକ ଶିକ୍ଷା, ଟ୍ୟୁଶନ ସେଣ୍ଟର, ବିବାହ, ବ୍ରତ ଆଦି କାର୍ଯ୍ୟ ଆଖିଦୃଶିଆ ରୂପେ କରାଯାଇ ପାରୁନାହିଁ। ଫଳରେ ଆଶ୍ରୟସ୍ଥଳୀ ତା'ର ରକ୍ଷଣାବେକ୍ଷଣ ନିମନ୍ତେ ଏକ ବଡ଼ ସମ୍ବଳ ହରାଉଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏଣୁ ଏହି ଆଶ୍ରୟସ୍ଥଳୀରେ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱୟଂସହାୟକ ଗୋଷ୍ଠୀ ଓ ଯୁବକ ସଂଘର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଓଡ଼ିଶାର ଉପକୂଳ ଅଞ୍ଚଳର ଅଧିବାସୀମାନେ ଗୋଟିଏ ପରେ ଗୋଟିଏ ବାତ୍ୟାର ସାମ୍ନା କରି ଆସୁଛନ୍ତି। ଆମକୁ ବାତ୍ୟାର ପ୍ରଭାବକୁ ହ୍ରାସ କରିବାକୁ ଅନେକ ପଦକ୍ଷେପ ନେବାକୁ ପଡିବ। ସେଥିପାଇଁ ଆଶ୍ରୟସ୍ଥଳୀ ପରିଚାଳନା କମିଟିର ପଞ୍ଜୀକରଣ ସହିତ ସ୍ଥାନୀୟ ଅଞ୍ଚଳର ଜୀବିକା, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ସାମାଜିକ ଓ ସାଂସ୍କୃତିକ ବିକାଶ ପାଇଁ ସରକାରୀ ଓ ବେସରକାରୀ ସହାୟତା କ୍ରମେ ପାଣ୍ଠି ଯୋଗାଇଦେଲେ ଏହା ସ୍ଥାନୀୟ ମାନବସମ୍ବଳକୁ ଧରି ରଖିପାରନ୍ତା ଓ ସେମାନଙ୍କୁ ରୋଜଗାର ଯୋଗାଇପାରନ୍ତା। ଏହି ସହଭାଗିତା ସୃଷ୍ଟି କରିବ ସାମଗ୍ରିକ ବିକାଶର ସୁଯୋଗ ଓ ଏହି ବିକାଶର ପ୍ରାଣକେନ୍ଦ୍ର ପାଲଟିବ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ। ଏହାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ ହେଲେ ହୁଏତ ବାତ୍ୟା ଆଶ୍ରୟସ୍ଥଳୀ ସଦା ପ୍ରସ୍ତୁତ ହୋଇ ରହିଥିବ। ଏହା ନିଶ୍ଚିତ ଯେ, ଯେତେବେଳେ ବାତ୍ୟା, ବନ୍ୟା ଭଳି ଦୁର୍ବିପାକ ମାଡିଆସେ ସେତେବେଳେ ନିଜ ଘରଠାରୁ ଏହି ଆଶ୍ରୟସ୍ଥଳୀ ବେଶି ସୁରକ୍ଷିତ ମନେହୁଏ। ଏଣୁ ଯେଉଁଭଳି ଆମେ ନିଜ ଘରକୁ ସୁରକ୍ଷିତ ରଖିବା ପାଇଁ ଧୂଳି ଜମିବାକୁ ନ ଦେବା ସହ ଟିକେ ଖଣ୍ଡିଆଖାବରା ହେଲେ ମରାମତି କରୁ ସେହିଭଳି ଆଶ୍ରୟସ୍ଥଳୀକୁ ସୁରକ୍ଷିତ ରଖିପାରିଲେ ଏହା ଜରୁରୀ ସ୍ଥିତିରେ ଧନଜୀବନର ସୁରକ୍ଷା କରିପାରିବ । ନଚେତ୍ ଅବହେଳାର ଶିକାର ହୋଇ ଲକ୍ଷାଧିକ ଅର୍ଥ ବ୍ୟୟରେ ନିର୍ମିତ ଏହି ଆଶ୍ରୟସ୍ଥଳୀଗୁଡିକ ଭୂତକୋଠିରେ ପରିଣତ ହେବା ସାର ହେବ। ଆଉ ବିପତ୍ତି ସମୟରେ ସ୍ଥାନୀୟ ଲୋକଙ୍କ ଆଶ୍ରୟର ଆଶା ମଉଳିଯିବ ଓ ମଣିଷ ଝଡ଼ର ଗର୍ଜନରେ ହଜିଯାଇଥିବ। ବେଳହୁଁ ସତର୍କ ହୋଇ ପଦକ୍ଷେପ ନେଲେ ବିପର୍ଯ୍ୟୟ ସହ ଅନେକ ସମସ୍ୟାର ଦୀର୍ଘ ଓ ସ୍ଥାୟୀ ସମାଧାନ ହୋଇପାରିବ।

ବିଜିପୁର, ବ୍ରହ୍ମଗିରି, ପୁରୀ,
ମୋ-୯୪୩୮୪୩୨୦୨୩

## ଏଇ ଭାରତରେ

'ଈଶ୍ୱରଙ୍କ ସଂସାରରେ କୌଣସି ଜିନିଷର ଅଭାବ ନାହିଁ, ଖୋଜିଲେ କୋହିନୂର ମଧ୍ୟ ମିଳିଯାଏ। ନିଜ ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ ଅନ୍ଧାରରେ ଚାଲୁଥିବା ବ୍ୟକ୍ତିଙ୍କୁ ବି ଈଶ୍ୱର ଆଲୋକର ବାଟ ଦେଖାଇ ଦିଅନ୍ତି।' ଏହି ଉକ୍ତିକୁ ସାକାର କରିଛନ୍ତି ଛତିଶଗଡ଼ର ରାୟପୁରସ୍ଥିତ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷୟିତ୍ରୀ ନନ୍ଦା ଦେଶମୁନ୍। ଯେଉଁ ପିଲାମାନେ ପାଠଠାରୁ ଦୂରକୁ ଚାଲି ଯାଉଛନ୍ତି ସେମାନଙ୍କୁ ସେ ଖୋଜି ଆଣି ପଢାଉଛନ୍ତି। ଭିକ୍ଷାବୃତ୍ତି କିମ୍ବା ଅନ୍ୟ କାର୍ଯ୍ୟରେ ଲିପ୍ତ ପିଲାମାନଙ୍କୁ ନନ୍ଦା ଶିକ୍ଷାଦାନ କରୁଛନ୍ତି। ରାୟପୁରର ସପେରା ବସ୍ତିରେ ରହୁଥିବା ଏଭଳି ପିଲାମାନଙ୍କ ପାଇଁ ସେ ପାଲଟିଯାଇଛନ୍ତି ଶିକ୍ଷାର ବର୍ତ୍ତିକା। ଏହି ବସ୍ତିର ଲୋକମାନେ ସାପ ଖେଳ ପ୍ରଦର୍ଶନ କରିଥାନ୍ତି। ପିଲାମାନେ ନ ପଢି ଭିକ୍ଷାବୃତ୍ତି କରନ୍ତି। ଏହାସହ ସେମାନେ ନିଶାସେବନ ମଧ୍ୟ କରନ୍ତି। ମାତା-ପିତା ପିଲାମାନଙ୍କ ନାମ ସ୍କୁଲରେ ଲେଖାଇଦିଅନ୍ତି ସତ, କିନ୍ତୁ ସେମାନେ ସ୍କୁଲ ଯିବାର ନାଁ ଧରନ୍ତି ନାହିଁ କି ଅଭିଭାବକମାନେ ଏଥିପ୍ରତି ଗୁରୁତ୍ୱ ଦିଅନ୍ତିନି। ପ୍ରଥମେ ନନ୍ଦା ସ୍କୁଲ୍‌ରେ ଯୋଗଦେବା ପରେ ପିଲାମାନେ ସ୍କୁଲ୍ ଆସୁ ନ ଥିବାର ଦେଖି ସେମାନଙ୍କୁ ଖୋଜି ସ୍କୁଲ୍‌କୁ ଆଣିବା ପାଇଁ ସକ୍ଷମ ହୋଇଛନ୍ତି। ପିଲାମାନେ ସ୍କୁଲରୁ ଯିବାପରେ ମଧ୍ୟ ନନ୍ଦା ସେମାନଙ୍କ ଘରେ ପହଞ୍ଚି ପୁଣି ସେମାନଙ୍କୁ ପଢ଼ାଉଛନ୍ତି। ପିଲାମାନଙ୍କୁ ଶିକ୍ଷିତ କରାଇବା ସହ ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ସାକ୍ଷର କରାଉଛନ୍ତି। ତାଙ୍କର ଏପରି ଉଦ୍ୟମ ଯୋଗୁ ବସ୍ତିର ପ୍ରାୟ ୯୦ ପ୍ରତିଶତ ପିଲା ଏବେ ଭିକ୍ଷାବୃତ୍ତିରୁ ମୁକ୍ତ ହୋଇପାରିଛନ୍ତି। ଯେଉଁ ପିଲାମାନେ ନିଶାସେବନରେ ଲିପ୍ତ ରହୁଥିଲେ ସେମାନେ ତା'ଠାରୁ ଦୂରେଇ ଯାଇଛନ୍ତି। ଯେଉଁ ଅଭିଭାବକମାନେ ପିଲାଙ୍କୁ ପଢ଼ାଇବା ପାଇଁ ନାରାଜ ହେଉଥିଲେ ସେମାନେ ପିଲାମାନଙ୍କୁ ଏବେ ସ୍କୁଲ୍‌କୁ ପଠାଉଛନ୍ତି। ପୂରା ବସ୍ତିର ଲୋକମାନଙ୍କ ସହ ପିଲାମାନଙ୍କୁ ସ୍ୱଚ୍ଛତା ସମ୍ବନ୍ଧରେ ଅବଗତ କରୁଛନ୍ତି ନନ୍ଦା। ଏବେ ପିଲାମାନେ ପୂରା ସଫାସୁତୁରା ହୋଇ ସ୍କୁଲ ଆସୁଛନ୍ତି। ନନ୍ଦାଙ୍କର ଏପରି କାର୍ଯ୍ୟକୁ ସବୁଆଡ଼େ ପ୍ରଶଂସା କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଅକ୍ଟୋବର ୧୯୯୪

- ଶ୍ରୀଲଙ୍କାର ମୁଖ୍ୟ ବିରୋଧୀ ଦଳ ୟୁ.ଏନ.ପି.ର ନୂଆ ନେତା ଭାବେ ରନିଲ ୱିକ୍ରମ ସଂଘେ ମନୋନୀତ।
- ଉତ୍ତରାଖଣ୍ଡ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଅତ୍ୟାଚାରର ସିବିଆଇ ତଦନ୍ତ ପାଇଁ ଆଲ୍ଲାହାବାଦ ହାଇକୋର୍ଟର ରାୟ ଉପରେ ରହିତାଦେଶ ଜାରି କରିବା ସକାଶେ ଏକ ଆବେଦନକୁ ସୁପ୍ରିମକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଗ୍ୟାସ୍ ଚୁଲାରେ ସୁବିଧା ଯେତିକି ବିପଦ ସେତିକି

ମହାଶୟ,

ଗାଁ ଗହଳିରେ କାଠଚୁଲି ଆଉ ଲାଗୁନାହିଁ। କୋଇଲା ଚୁଲି ବି ଲାଗୁନି। ବର୍ତ୍ତମାନ ଘରେ ଘରେ ଗ୍ୟାସ୍ ଚୁଲା। ଗ୍ରାହକମାନେ ଯେତେ ଗ୍ୟାସ୍ ଆଣୁଛନ୍ତି ସେତେ ନିଅଣ୍ଟ। ବିତରକ ଅଫିସରୁ ଲୋକମାନେ ଗ୍ୟାସ୍ ନ ପାଇ ଫେରୁଛନ୍ତି। ଗ୍ୟାସ୍ ଚୁଲାରେ ପାକକ୍ରିୟା ଶୀଘ୍ର ହୋଇଯାଉଛି। ମୁଁ ଆଜକୁ ଦଶବର୍ଷରୁ ଊର୍ଦ୍ଧ୍ୱ ହେଲାଣି ଗ୍ୟାସ୍ ଚୁଲା ବ୍ୟବହାର କରିଆସୁଛି। ଭାରି ଭୟ ଲାଗେ। ଗ୍ୟାସ୍ ଚୁଲା ବଡ ସାବଧାନ ସହକାରେ ବ୍ୟବହାର କରିବାକୁ ପଡ଼େ। ସମସ୍ତେ ଗ୍ୟାସ୍ ଚୁଲା ସାବଧାନରେ ବ୍ୟବହାର କରିବା ଉଚିତ। ବ୍ୟବସାୟୀମାନେ ଗ୍ୟାସ୍‌କୁ କିପରି ସାବଧାନ ସହକାରେ ବ୍ୟବହାର କରାଯିବ ଏବଂ ଆକସ୍ମିକ ଅଗ୍ନିକାଣ୍ଡ ହେଲେ କିପରି ପ୍ରତିହତ କରାଯାଇପାରିବ, ତାହା ଉପଭୋକ୍ତାମାନଙ୍କୁ ଜଣାଇଦେବା ଉଚିତ। ଗ୍ୟାସ୍ ପାଇପ ଓ ରେଗୁଲେଟର ଇତ୍ୟାଦି ନିୟମିତ ବ୍ୟବଧାନରେ ବଦଳାଇବା ଦରକାର। ନହେଲେ ଗ୍ୟାସ୍ ଚୁଲାରେ ସୁବିଧା ଯେତିକି ବିପଦ ବି ସେତିକି।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଦୁର୍ନୀତିଗ୍ରସ୍ତ ନେତାଙ୍କ ପାଇଁ କଂଗ୍ରେସର ନାଟକ

ନିକଟରେ କଂଗ୍ରେସ ଦଳର ଟାଣୁଆ ନେତା ତଥା ପ୍ରାକ୍ତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍ ଓ କର୍ନାଟକର ପ୍ରାକ୍ତନ ମନ୍ତ୍ରୀ ଡି.କେ. ଶିବକୁମାରଙ୍କୁ ଦୁର୍ନୀତି ଅଭିଯୋଗରେ ଗିରଫ କରାଯାଇଥିଲା ବେଳେ କଂଗ୍ରେସ ସେମାନଙ୍କ ପକ୍ଷ ନେବାକୁ ଯାଇ ନାଟକ କରୁଛି। କ୍ଷମତାରେ ଥିବାବେଳେ ସେମାନେ ହଜାର ହଜାର କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଛନ୍ତି। ସର୍ବଭାରତୀୟ ପୁରୁଣା କଂଗ୍ରେସ ଦଳର ଜନପ୍ରିୟତା ହ୍ରାସ ପାଉଥିବା ବେଳେ ସେମାନେ ଦୁର୍ନୀତିଗ୍ରସ୍ତ ଗିରଫ ନେତାଙ୍କ ସପକ୍ଷରେ ଆନ୍ଦୋଳନ କରିବା ଦୁର୍ଭାଗ୍ୟଜନକ।

ନିର୍ମଳ ଚନ୍ଦ୍ର ସାମଲ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଗତ ୯ ବର୍ଷ ମଧ୍ୟରେ ୧୦ ରାଜ୍ୟରେ ମାଓବାଦୀଙ୍କ ହିଂସାକାଣ୍ଡ ଯୋଗୁ ୩,୭୪୯ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାର୍ଷିକ ରିପୋର୍ଟରେ ପ୍ରକାଶ କରାଯାଇଛି। ୨୦୧୦ଠାରୁ ଦେଶର ୧୦ ରାଜ୍ୟରେ ୧୦,୬୬୦ ଥର ମାଓବାଦୀ ହିଂସାକାଣ୍ଡ ଘଟିଛି। କେବଳ ଛତିଶଗଡ଼ରେ ସର୍ବାଧିକ ୩,୭୬୯ ହିଂସାକାଣ୍ଡ ଘଟିଥିବାବେଳେ ୧,୩୭୦ ଲୋକ ପ୍ରାଣ ହରାଇଛନ୍ତି। ସେହିଭଳି ଝାଡ଼ଖଣ୍ଡରେ ଏହି ସମୟ ମଧ୍ୟରେ ୩,୩୫୦ ହିଂସାକାଣ୍ଡ ଘଟିଥିବାବେଳେ ୯୯୭ ଜଣ ପ୍ରାଣ ହରାଇଛନ୍ତି।

## ■ ସଡ଼କ ଦୁର୍ଘଟଣାରେ ଗୁରୁତରଙ୍କ ପାଇଁ ବ୍ୟବସ୍ଥା

# ଘରୋଇ ହସ୍ପିଟାଲରେ ମିଳିବ ମାଗଣା ଚିକିତ୍ସା

- ■ ଜାରି ହେଲା ଗାଇଡ ଲାଇନ
- ■ ୬ ମାସରେ ଖର୍ଚ୍ଚର ହେବ ସମୀକ୍ଷା

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇ ଦିଆଯିବ। ଏ ନେଇ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ଗାଇଡଲାଇନ ପ୍ରସ୍ତୁତ କରାଯାଇଛି। ଗୁରୁତର ଭାବେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କୁ ମେଡିକାଲ/ ସର୍ଜିକାଲ ଏବଂ ଗୁରୁତର ସ୍ୱାସ୍ଥ୍ୟ ସେବା ଘରୋଇ ହସ୍ପିଟାଲରେ ମାଗଣାରେ ଯୋଗାଇ ଦିଆଯିବ। ଏହି ଖର୍ଚ୍ଚ ରାଜ୍ୟ ସରକାରଙ୍କ ମାଗଣା ଚିକିତ୍ସା ଟ୍ରମା ପାଣ୍ଠି(ଏଫ୍‌ଟିଏଫ୍)ରୁ ଯୋଗାଇ ଦିଆଯିବ। ସରକାରୀ ଡାକ୍ତରଖାନା ଛଡା କଟକ ଓ ଭୁବନେଶ୍ୱରରେ ଥିବା ଘରୋଇ ହସ୍ପିଟାଲରେ ମଧ୍ୟ ଦୁର୍ଘଟଣା ଘଟିବାର ୪୮ ଘଣ୍ଟା ମଧ୍ୟରେ ମାଗଣା ଚିକିତ୍ସା ସୁବିଧା ମିଳିପାରିବ। ପ୍ରଥମ ପର୍ଯ୍ୟାୟରେ କଟକଠାରେ ଥିବା ଅଶ୍ୱିନୀ, ଭୁବନେଶ୍ୱରରେ ଥିବା ଆମ୍ରି ଓ ଆପୋଲୋ ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ ହେବ। ଆସନ୍ତା ୬ ମାସ ମଧ୍ୟରେ ଏହି ହସ୍ପିଟାଲଗୁଡ଼ିକରେ ଚିକିତ୍ସିତ ହୋଇଥିବା ବ୍ୟକ୍ତିମାନଙ୍କର ଖର୍ଚ୍ଚ ସମ୍ପର୍କରେ ସମୀକ୍ଷା କରାଯିବ। ଏହା ପରେ ରାଜ୍ୟର ଅନ୍ୟାନ୍ୟ ହସ୍ପିଟାଲରେ ଏହି ସୁବିଧା ଉପଲବ୍ଧ କରିବା ନେଇ ନିଷ୍ପତ୍ତି ନିଆଯିବ।

ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ପହଞ୍ଚିବା ମାତ୍ରେ ଘରୋଇ ହସ୍ପିଟାଲ ସମସ୍ତ ଜରୁରୀ ଚିକିତ୍ସା ଯୋଗାଇ ଦେବେ। ଏଥିସହିତ ମେଡିକାଲ ଶିକ୍ଷା ନିର୍ଦ୍ଦେଶକ(ଡିଏମଇଟି)ଙ୍କୁ ଆହତ ବ୍ୟକ୍ତିଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ଓ କି ପ୍ରକାର କ୍ଷତି ହୋଇଛି ସେ ନେଇ ୪୮ ଘଣ୍ଟା ମଧ୍ୟରେ ସୂଚନା ଦେବେ। ଯଦି ୪୮ ଘଣ୍ଟା ମଧ୍ୟରେ ଅନ୍ୟ ହସ୍ପିଟାଲକୁ ରୋଗୀଙ୍କୁ ସ୍ଥାନାନ୍ତର କରିବାକୁ ପଡେ ତେବେ ପ୍ରଥମେ ଆସିଥିବା ହସ୍ପିଟାଲର ବିଲ୍ ସହିତ ତାହାକୁ ହିସାବକୁ ନିଆଯିବ। ଯଦି ୪୮ ଘଣ୍ଟା ପରେ ଟ୍ରମା କେୟାର ଆରମ୍ଭ ହେବ ତେବେ ସେହି ଆହତ ବ୍ୟକ୍ତି ଏଫ୍‌ଟିଏଫ୍‌ରୁ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ। ସେଭଳି କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗର ବୈଷୟିକ କମିଟିକୁ ଜଣାଇବାକୁ ହେବ। ଏଭଳି କ୍ଷେତ୍ରରେ ରୋଗୀ ଯଦି ଓଡ଼ିଶା ରାଜ୍ୟ ଚିକିତ୍ସା ପାଣ୍ଠି(ଓଏସ୍‌ଟିଏଫ୍)ରୁ ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହେବେ ତାଙ୍କୁ ଘରୋଇ ହସ୍ପିଟାଲରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇ ପାରିବ। ଯଦି କୌଣସି ସମସ୍ୟା ହେବ ତେବେ ଡିଏମ୍‌ଇଟି ଅନିଲ କୁମାର ସାହୁ (୯୪୩୭୦୫୪୯୩୦), ମଣିଲାଲ ଗୁପ୍ତା(୯୪୩୯୯୯୮୧୫୩) ଏବଂ ଦିଲ୍ଲୀପ କୁମାର ନନ୍ଦ(୯୩୪୮୬୭୭୧୩୩)ଙ୍କ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଚିକିତ୍ସାର ୪୮ ଘଣ୍ଟା ପରେ ସମ୍ପୃକ୍ତ ଘରୋଇ ହସ୍ପିଟାଲ ଏକ ନିର୍ଦ୍ଦିଷ୍ଟ ଫର୍ମାଟରେ ସମସ୍ତ ଖର୍ଚ୍ଚ ପ୍ରମାଣ ପତ୍ର ସହ ଆବେଦନ କରିବାକୁ ହେବ। ଡିଏମଇଟି ଉପଯୁକ୍ତ ପରୀକ୍ଷା ନିରୀକ୍ଷା ପରେ ସେହି ହସ୍ପିଟାଲକୁ ଚିକିତ୍ସାର ସମସ୍ତ ଖର୍ଚ୍ଚ ପ୍ରଦାନ କରିବେ।

## ସଂକ୍ଷେପରେ

### ସବୁ କଲେଜର ଜମି ସମ୍ବନ୍ଧୀୟ ତଥ୍ୟ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ

୮ ସୁଦ୍ଧା ପଠାଇବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ବର୍ତ୍ତମାନ ରୁଷା ଅନୁଦାନ ଏବଂ ନାକ୍ ମାନ୍ୟତା ଚିନ୍ତା ଘାରିବାରେ ଲାଗିଛି। ଯଦି କୌଣସି କଲେଜର ଜମି ସମ୍ବନ୍ଧୀୟ ତଥ୍ୟ ଠିକ୍ ନ ଥିବ ସେହି ଅନୁଷ୍ଠାନକୁ ରୁଷା ଅର୍ଥ ମିଳିପାରିବ ନାହିଁ। ସମାନଭାବେ ସେହି କଲେଜଗୁଡିକ ନାକ୍ ମାନ୍ୟତା ପାଇବାରୁ ବଞ୍ଚିତ ହେବେ। ଏ ପରିସ୍ଥିତିରେ ବିଭିନ୍ନ କଲେଜର ଜମି ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ କିପରି ଠିକ୍ କରାଯାଇପାରିବ ସେନେଇ ଯୋଜନା ପ୍ରସ୍ତୁତ କରାଯାଇ ଜିଲାପାଳମାନଙ୍କୁ କୁହାଯାଇଥିଲା। ସୋମବାର ଉଚ୍ଚଶିକ୍ଷା ବିଭାଗ ଅତିରିକ୍ତ ସଚିବ ରାଜଶ୍ରୀ ମହାନ୍ତି ଏ ବାବଦରେ ସମସ୍ତ ଜିଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ୮ ତାରିଖ ସୁଦ୍ଧା ସବୁ ଜିଲାର ଜିଲାପାଳମାନେ ତହସିଲଦାର ଏବଂ ପ୍ରିନ୍ସିପାଲମାନଙ୍କୁ କଲେଜଗୁଡିକର ଜମି ସମ୍ବନ୍ଧୀୟ ତଥ୍ୟ ଯୋଗାଡ କରି ଦେବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି। ଏହାସହ ଜମିର ସମ୍ପୂର୍ଣ୍ଣ ତଥ୍ୟ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟଗୁଡିକର ଜମିର ତଥ୍ୟ ଦେବାକୁ କୁହାଯାଇଛି। ଏଥିପାଇଁ ଏକ ଫର୍ମର ନକଲ ପଠାଯାଇ ସେହିଭଳି ଏକ ଫର୍ମରେ ଫିଲପ୍ କରି ପଠାଇବା ପାଇଁ କୁହାଯାଇଛି।

### ୭୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ

**ନନ୍ଦପୁର,୨୮।୧୦(ଡି.ଏନ୍.ଏ.):** କୋରାପୁଟ ଜିଲା ପାଡୁଆ ପୋଲିସ ରବିବାର ସକାଳେ ପାଟ୍ରୋଲିଂ କରୁଥିବା ବେଳେ ଏକ କାର୍‌କୁ ଯାଞ୍ଚକରି ସେଥିରୁ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା କାନ୍ତାନିଆ ଗ୍ରାମର ସୁଶାନ୍ତ କୁମାର ମଙ୍ଗୁଆଲ। ସୂଚନା ଅନୁଯାୟୀ, ପୋଲିସ ପାଟ୍ରୋଲିଂ ଚାଲିଥିବା ବେଳେ ଛକ ନିକଟରେ ଏକ ଇଣ୍ଡିଗୋ କାର (ଓଡି୦୫ ଡି ୫୪୬୯)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରୁ ୭୮ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ମିଳିବା ପରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସୋମବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଗଞ୍ଜେଇ ଦୁକାନପୁଟ ଗ୍ରାମରୁ କଟକ ଅଞ୍ଚଳକୁ ଚାଲାଣ ହେଉଥିଲା ବୋଲି ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି। ଏନେଇ କେସ୍ ନମ୍ବର ୭୨/୧୯ରେ ଏକ ମାମଲା ରୁଜୁ ହୋଇଛି।

### ଦୀପାବଳିରେ ଦୁର୍ଘଟଣା ବାଣ ଫୁଟାଉଥିବା ବେଳେ ୨ ମୃତ

**ଖଲ୍ଲିକୋଟ,୨୮।୧୦(ଡି.ଏନ.ଏ.):** ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଶ୍ୟାମସୁନ୍ଦରପୁର ଗାଁ ଦଳିତ ସାହିରେ ଦୀପାବଳି ରାତିରେ ଏକ ଦୁର୍ଘଟଣା ଘଟିଛି। ବାଣ ଫୁଟାଉଥିବା ବେଳେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ୮ନଂ. ୱାର୍ଡ ଶ୍ୟାମସୁନ୍ଦରପୁର ଗାଁର ମାଧବ ଦାସ (୨୫) ଓ ଶ୍ରଦ୍ଧେୟ ଦାସ (ପିଣ୍ଟୁ) (୨୫)। ପ୍ରକାଶ ଯେ, ରବିବାର ରାତିରେ ମାଧବ ଓ ପିଣ୍ଟୁ ମିଶି ବାଣ ଫୁଟାଉଥିଲେ। ଏହି ସମୟରେ ଅସାବଧାନତା କାରଣରୁ ଏକ ଉଚ୍ଚ ଶବ୍ଦ ସମ୍ପନ୍ନ ବାଣ ତାଙ୍କ ହାତରେ ଫୁଟିଥିଲା। ଫଳରେ ଉଭୟେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାଧବଙ୍କ ମୃତ୍ୟୁ ହୋଇଥିଲା। ପିଣ୍ଟୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ହେଲେ ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଖୋଜାପଲି ଗ୍ରାମର ଜଣେ ନାବାଳକ ମୁନା ଜେନା (୧୦) ଦୀପାବଳି ପାଳନ କରିବା ପାଇଁ ତାଙ୍କ ଅଜା ଘର କୈରାଶିକୁ ଆସିଥିଲେ। ସନ୍ଧ୍ୟାରେ ବାଣ ଫୁଟୁଥିଲା। ଫୁଟି ନ ଥିବା ଏକ ବାଣକୁ ମୁନା ଦେଖୁଥିବା ବେଳେ ତାହା ହଠାତ୍ ଫୁଟିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଖଲ୍ଲିକୋଟ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବହୁ ବେଆଇନ୍ ବାଣ ଦୋକାନ ଏବଂ ତିଆରି ସ୍ଥାନରୁ ବାଣ ଜବତ କରିବାସତ୍ତ୍ୱେ ବିଭିନ୍ନ ସ୍ଥାନରେ ବାଣ ଫୁଟିଥିବା ଦେଖିବାକୁ ମିଳିଥିଲା, ଯାହାଫଳରେ ବିଭିନ୍ନ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡ଼ିଛି।

## ଜମି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ

# ଠେଙ୍ଗାରେ ପିଟି ଜଣଙ୍କୁ ହତ୍ୟା, ୨ ଗିରଫ



ଗିରଫ ୨ ଅଭିଯୁକ୍ତ।

ରଘୁନାଥପୁର,୨୮।୧୦(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଥାନା ଅନ୍ତର୍ଗତ ଜଗନ୍ନାଥପୁର ବଡ଼ପାଟଣା ଗ୍ରାମରେ ଜମି ବିବାଦକୁ ନେଇ ଜଣଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ସେ ହେଲେ ଏହି ଗ୍ରାମର ଇନ୍ଦ୍ରମଣି ସେଠୀ(୪୮)। ଏହି ଘଟଣାରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ଅନ୍ୟଜଣେ ଫେରାର ଥିବା ପୋଲିସ କହିଛି। ଅଭିଯୁକ୍ତମାନେ ହେଲେ ଏହି ଗ୍ରାମର ଲିପୁ ସେଠୀ ଓରଫ ହାବା ଏବଂ ତାଙ୍କ ଭାଇ କେଦାର ସେଠୀ ଓରଫ ପପୁ। ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ପୋଲିସ ଜବତ କରିବା ସହ ସୋମବାର ଜଗତ୍‌ସିଂହପୁର ଏସ୍‌ପି ଆର୍. ପ୍ରକାଶ, ଏସ୍‌ଡିପିଓ ଡି.ଆର୍.ଜେନା, ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଇଜମାଇଲ ଜମିରେ ରାସ୍ତାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳରୁ ଏହି ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ସୂଚନା ଅନୁଯାୟୀ, ରବିବାର ରାତିରେ ବଡ଼ପାଟଣା ଗ୍ରାମର ଇନ୍ଦ୍ରମଣିଙ୍କ ପିଲାମାନେ ଏକ ସ୍ଥାନରେ ବସିଥିବା ବେଳେ ଅଭିଯୁକ୍ତ ଲିପୁ ଏଠି କାହିଁକି ବସିଛ ବୋଲି ପଚାରିଥିଲେ। ଏହା ପରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ଇନ୍ଦ୍ରମଣିଙ୍କ ଭାଇ ଚନ୍ଦ୍ରମଣି ସେଠୀ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ବେଳେ ଲିପୁଙ୍କ ପରିବାର ଲୋକେ ବିରୋଧ କରିବା ସହ ତାଙ୍କୁ ଠେଲିଦେଇଥିଲେ। ପରେ ଉଭୟ ପରିବାରଙ୍କ ମଧ୍ୟରେ ବଚସା ସହ ଗଣ୍ଡଗୋଳ ହୋଇଥିଲା। ହଠାତ୍ ଲିପୁ ପାଖରେ ଥିବା ଏକ ଠେଙ୍ଗାରେ ଇନ୍ଦ୍ରମଣିଙ୍କ ମୁଣ୍ଡକୁ ଜୋରରେ ପିଟିଥିଲେ। ଫଳରେ ଇନ୍ଦ୍ରମଣି ରକ୍ତାକ୍ତ ଅବସ୍ଥାରେ ତଳେ ପଡିଯାଇଥିଲେ। ଏ ନେଇ ଇନ୍ଦ୍ରମଣିଙ୍କ ପୁଅ ସରୋଜ ସଙ୍ଗେ ସଙ୍ଗେ ଥାନାରେ ଅଭିଯୋଗ କରିଥିଲେ। ଖବରପାଇ ଆଇଆଇସି ବବିତା ଦଳାଇ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଇନ୍ଦ୍ରମଣିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସରୋଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା(ନଂ.୯୩/୧୯)ରୁଜୁ କରି ଅଭିଯୁକ୍ତ ଦୁଇଭାଇଙ୍କୁ ଗିରଫ କରିଥିଲା। ଏହି ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଲିପୁଙ୍କ ବାପା ଫେରାର ଥିବା ଆଇଆଇସି ଦଳାଇ କହିଛନ୍ତି।

# ମହାବାତ୍ୟାକୁ ୨୦ ବର୍ଷ: ସ୍ମୃତି ଆଜି ବି ଅଭୁଲା

**ବର୍ଷଣ ମୁଖର କରାଳ ରାତି, ଘନ ଅନ୍ଧକାର ମଧ୍ୟରେ କେବଳ ପବନର ସୁ ସୁ ଶବ୍ଦ। ପ୍ରଚଣ୍ଡ ବର୍ଷା ଓ ବିଜୁଳି ଆଲୋକରେ ଘରୁ ବାହାରିବା ଥିଲା କଷ୍ଟକର। ହଠାତ୍ ସମୁଦ୍ରରୁ ମାଡ଼ି ଆସିଲା ୨୦ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚର ଜୁଆର। ନିମିଷକ ମଧ୍ୟରେ ନିଶ୍ଚିହ୍ନ ହୋଇଗଲା ସବୁକିଛି। କିଏ କେଉଁଠି ରହିଲେ, କୁଆଡ଼େ ଗଲେ କିଛି ଜଣାପଡ଼ିଲା ନାହିଁ। ଚାରିଆଡ଼େ ପ୍ରଳୟର ଦୃଶ୍ୟ, ପ୍ରଚଣ୍ଡ ବେଗର ପବନ ଓ ପାଣି ମୁହୂର୍ତ୍ତକ ପରେ ନିଜକୁ କିଏ କେଉଁଠି କିପରି ଅବସ୍ଥାରେ ଆବିଷ୍କାର କଲେ ତାହା ଜଣା ନ ଥିଲା। ଆତ୍ମୀୟ ସ୍ୱଜନ, ପରିବାର ଲୋକେ ସବୁ ଆଖି ଆଗରେ ଭାସିଗଲେ। ଘରଦ୍ୱାର କେଉଁ ଜାଗାରେ ରହିଥିଲା ତାହା ଠଉରାଇବା ସମ୍ଭବ ନ ଥିଲା। ଆଜକୁ ଠିକ୍ ୨୦ବର୍ଷ ତଳେ, ୧୯୯୯ ଅକ୍ଟୋବର ୨୯ ତାରିଖରେ ପ୍ରକୃତି ତା'ର ଏଭଳି ଏକ କରାଳ ରୂପ ଦେଖାଇଥିଲା, ଯାହା ମହାବାତ୍ୟା ରୂପେ ଆଜି ମଧ୍ୟ ଅଲିଭା ସ୍ମୃତି ହୋଇ ରହିଛି।**

ଏରସମା,୨୮।୧୦(ସ୍ୱ.ପ୍ର.)

୧୯୯୯ ମହାବାତ୍ୟା ବିଶେଷକରି ଉପକୂଳ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ରଚିଥିଲା ତାଣ୍ଡବଲୀଳା। ପ୍ରକୃତି ଯେ କେତେ କରାଳ ରୂପ ଧାରଣ କରିପାରେ ତାହା ସେହିଦିନ ହିଁ ଦେଖିବାକୁ ମିଳିଥିଲା। ମାତ୍ର କେତେ ସମୟ ମଧ୍ୟରେ ଝଡ଼ର ତାଣ୍ଡବ, ଘଣ୍ଟା ପ୍ରତି ୩୫୦ କିମି ବେଗର ପବନ, ସମୁଦ୍ର ଜୁଆର ଓ ବର୍ଷାର ଏକ ମିଳିତ ସଂହାରଲୀଳା ଥରାଇ ଦେଲା ସମଗ୍ର ଉପକୂଳ ଓଡ଼ିଶାକୁ। କେବଳ ଏରସମା ବ୍ଲକରେ ହିଁ ଲିଭିଗଲା ୧୦,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଦୀପ। ଘରଦ୍ୱାର ଛାଡ଼, ଗାଁ ଗଣ୍ଡା ମଧ୍ୟ ନିଶ୍ଚିହ୍ନ ହୋଇଗଲା। ଜୀବନ ବଞ୍ଚାଇବାର ବିକଳ ସଂଗ୍ରାମ ଭିତରେ ମା' ଭୁଲିଯାଇଥିଲା ପିଲାଙ୍କୁ, ସ୍ୱାମୀ ଭୁଲିଯାଇଥିଲା ସ୍ତ୍ରୀକୁ। ପାଣି ଛାଡ଼ିବାବେଳକୁ ଚାରିଆଡେ ପଡ଼ିଥିଲା ଖାଲି ପଶୁ, ପକ୍ଷୀ ଓ ମଣିଷଙ୍କ ମୃତଦେହ। ସୁନ୍ଦର ସବୁଜିମା ଏକ ପ୍ରକାର ଧ୍ୱଂସସ୍ତୁପରେ ପରିଣତ ହୋଇଥିଲା। ବିଶାଳ ବୃକ୍ଷରାଜି ସବୁ ମାଟିରେ ଲୋଟିପଡ଼ିଥିଲା। ଇତିମଧ୍ୟରେ ବିତିଯାଇଛି ୨୦ ବର୍ଷ। ସେହି ବିନାଶ ଭିତରୁ ହୋଇଛି ବିକାଶର ସୂତ୍ରପାତ। ତଥାପି ଆଜି ମଧ୍ୟ ମହାବାତ୍ୟାର ସେହି ଧ୍ୱଂସଲୀଳା ଏରସମାବାସୀଙ୍କ ହୃଦୟରେ ଅଲିଭା ଦାଗ ହୋଇ ରହିଯାଇଛି।



### ସେଦିନର ନବଜାତ ମଧୁସ୍ମିତା ଏବେ ବିଏସ୍‌ସି ଛାତ୍ରୀ

ମହାବାତ୍ୟାର କରାଳ ରୂପ ଗ୍ରାସ କରିଥିଲା ଏରସମା ଭୂଇଁକୁ। ଲୁଣା ଜୁଆର ଓ ଝଡ଼ର ତାଣ୍ଡବ କବଳ ରୁ ରକ୍ଷା ପାଇବାକୁ ଚାଲିଥିଲା ପ୍ରାଣମୂର୍ଚ୍ଛା ସଂଗ୍ରାମ। ସେହି ଚରମ ଦୁର୍ଦ୍ଦିନରେ ଜନ୍ମ ହୋଇଥିଲେ ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଶ୍ରୀରାମପୁର ଗ୍ରାମର ଅତୂଲ୍ୟ ବିଶ୍ୱାଳ ଓ ପୁଷ୍ପଲତା ବିଶ୍ୱାଳଙ୍କ ଝିଅ ମଧୁସ୍ମିତା। ନିଜ କଚ୍ଚାଘର ଖଣ୍ଡିକ ଭାସିଯିବା ପରେ ନବଜାତ ଶିଶୁ କନ୍ୟା (ମଧୁସ୍ମିତା)ଙ୍କୁ ହାତରେ ଟେକି ଧରି ବେକେ ପାଣିରେ ଯାଇ ଏକ ଗଛ ଉପରେ ସେମାନେ ବସିରହିଥିଲେ ୨ ଦିନ। ଭୋକ ଉପାସରେ କଟିଥିଲା ଦିନରାତି। ଏବେ ମଧୁସ୍ମିତାଙ୍କୁ ୨୦ ବର୍ଷ। ସେ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ବିଏସ୍‌ସି ପଢୁଛନ୍ତି। ବାପା ଶ୍ରମିକ ଭାବେ କାମ କରି ପରିବାର ଚଳାଉଛନ୍ତି। ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ଉଚ୍ଚଶିକ୍ଷା ଲାଭ ପାଇଁ ଆଶା ରଖିଛନ୍ତି ମଧୁସ୍ମିତା। ସରକାରୀ ପ୍ରୋତ୍ସାହନ ମିଳିଲେ ଝିଅ ଆହୁରି ଉପରକୁ ଯାଇପାରନ୍ତା ବୋଲି କହିଛନ୍ତି ତାଙ୍କ ମା' ପୁଷ୍ପଲତା।

### ଆଜିର ପିଢ଼ିକୁ ଗପ ଭଳି ଲାଗୁଛି

ପାରାଦୀପ, ୨୮।୧୦(ସ୍ୱ.ପ୍ର.)



ଆଜକୁ ଠିକ୍ ୨୦ ବର୍ଷ ତଳେ ଉପକୂଳ ଓଡ଼ିଶାରେ ମହାପ୍ରଳୟ ରଚିଥିଲା ମହାବାତ୍ୟା। ମହାବାତ୍ୟାକୁ ସାମ୍ନା କରିଥିବା ଲୋକେ ଏବେ ସେଦିନର କଥାକୁ ମନେ ପକାଇବା ବେଳେ ସେମାନଙ୍କ ଲୋମ ଟାଙ୍କୁରି ଉଠୁଛି। ନିଜ ଆଖି ଆଗରେ ସେମାନଙ୍କ ଘର ପରିବାର ଉଜୁଡ଼ି ଯାଇଥିଲା। ଏହା ମଧ୍ୟରେ ସେମାନେ ଅଣ୍ଟା ସଳଖି ଠିଆହେଲେଣି। ପ୍ରତିଗାଁରେ ଏବେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହୋଇଛି। ୧୯୯୯ ମସିହାରେ ଉପକୂଳ ଓଡ଼ିଶାର ପ୍ରାୟ ସମସ୍ତ ଗ୍ରାମରେ ୯୫ ପ୍ରତିଶତ ଚାଳଘର ଥିଲା। ଏହି ୨୦ ବର୍ଷ ମଧ୍ୟରେ ଅନେକ ଲୋକ ଚାଳଘର ବଦଳରେ କୋଠାଘରେ ରହିଲେଣି। କଙ୍କ୍ରିଟ ରାସ୍ତା, ନଦୀରେ ପୋଲ, ପକ୍କାଘର ମିଳିବା ସହ ବିଭିନ୍ନ ସରକାରୀ ଯୋଜନାରେ ଲୋକେ ସ୍ୱାବଲମ୍ବୀ ହେଲେଣି। ବାତ୍ୟା ସମ୍ପର୍କରେ ଆଗୁଆ ସୂଚନା ବ୍ୟବସ୍ଥା, ଉପଲାର ରାଡାର ସ୍ଥାପନ ଆଦି ବୈଜ୍ଞାନିକ ଜ୍ଞାନକୌଶଳର ବିକାଶ ଘଟିଛି। ତେଣୁ ଆଜିର ପିଢିକୁ ମହାବାତ୍ୟା କାହାଣୀ ଭଳି ଲାଗୁଛି। ସୋମବାର ପାରାଦୀପ କଲେଜ ସମ୍ମୁଖରେ ଯୁକ୍ତ ୨ ଛାତ୍ର ସୌମ୍ୟ ମହାପାତ୍ର, ବାଦଲ କୁମାର ମହାନ୍ତିଙ୍କ ସମେତ ୭/୮ ଜଣଙ୍କୁ ମହାବାତ୍ୟା ସମ୍ପର୍କରେ ପଚାରିବାରେ ସେମାନେ କୌତୁହଳ ପ୍ରକାଶ କରିଥିଲେ। କହିଲେ ଆମେ ମା'ବାପାଙ୍କଠାରୁ ଶୁଣିଛୁ ମହାବାତ୍ୟା ଘଟଣା। କିନ୍ତୁ ଏବେର ପାରଦୀପକୁ ଦେଖିଲେ ଲାଗୁନାହିଁ ଏଠାରେ ମହାବାତ୍ୟା ହୋଇଥିଲା ବୋଲି। ପବନର ଗତି, ଉଚ୍ଚ ଜୁଆର, କୁଡ଼ କୁଡ଼ ଶବ ଆଦି କଥା ଶୁଣିବା ପରେ ସେମାନଙ୍କୁ ତାହା କାଳ୍ପନିକ ଲାଗିଥିଲା।

# ଖଣି ଅଞ୍ଚଳ ବୁଲିବେ ସିଇସି

**ଖର୍ଚ୍ଚର ସମୀକ୍ଷା କରିବେ**

ଭୁବନେଶ୍ୱର,୨୮।୧୦(ବ୍ୟୁରୋ)

ଖଣିଗୁଡ଼ିକଠାରୁ ଆଦାୟ କରାଯାଇଥିବା ଅର୍ଥ ସେହି ଅଞ୍ଚଳରେ କିଭଳି ବିନିଯୋଗ ହୋଇଛି ତାହା ବୁଲି ଦେଖିବେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ସେଣ୍ଟ୍ରାଲ ଏମ୍ପାୱାର କମିଟି(ସିଇସି)। ସିଇସି ଅଧ୍ୟକ୍ଷ ପି.ଭି. ଜୟକ୍ରିଷ୍ଣନ, ମେମ୍ବର ସେକ୍ରେଟାରୀ ଏସ.କେ. ପଟ୍ଟନାୟକ ଏବଂ ମହେନ୍ଦ୍ର ବ୍ୟାସଙ୍କୁ ନେଇ ଗଠିତ ଏହି ଟିମ୍ ବିଭିନ୍ନ ଖଣି ଅଞ୍ଚଳ ବୁଲିବେ। ଏହି ଟିମ୍ କେନ୍ଦୁଝର ଏବଂ ମୟୂରଭଞ୍ଜ ଅଞ୍ଚଳ ବୁଲି ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ (ଡିଏମ୍‌ଏଫ୍) ଅର୍ଥକୁ କିପରି ବିନିଯୋଗ କରାଯାଇଛି ତାହା ପରଖିବେ। ଖଣି ଅଞ୍ଚଳକୁ ଯିବା ପୂର୍ବରୁ ସିଇସି ଟିମ୍ ଓଡ଼ିଶା ମିନେରାଲ ବିୟରିଂ ଏରିଆ ଡେଭେଲପମେଣ୍ଟ କର୍ପୋରେଶନ (ଓମ୍ବାଡକ)ର ଅଧିକାରୀମାନଙ୍କ ସହ ବିଭିନ୍ନ ପ୍ରସ୍ତାବିତ ପ୍ରକଳ୍ପର ସମୀକ୍ଷା କରିବେ।

## ■ ସ୍କୁଲରେ ପହଞ୍ଚିପାରିଲାନି ପ୍ରଶ୍ନପତ୍ର

# ଘୁଞ୍ଚିଲା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପରୀକ୍ଷା

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)/ ବ୍ରହ୍ମଗିରି (ଡି.ଏନ.ଏ.)

ସାରା ରାଜ୍ୟରେ ଆଜିଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମେଟିଭ୍ ଆସେସ୍‌ମେଣ୍ଟ-୧(ଷାଣ୍ମାସିକ ପରୀକ୍ଷା) ଆରମ୍ଭ ହୋଇଥାନ୍ତା। କିନ୍ତୁ ରାଜ୍ୟର ସମସ୍ତ ସ୍କୁଲରେ ପ୍ରଶ୍ନପତ୍ର ପହଞ୍ଚି ପାରି ନ ଥିବାରୁ ପରୀକ୍ଷାକୁ ଘୁଞ୍ଚାଇ ଦିଆଯାଇଥିବା ସୂଚନା ମିଳିଛି। ପ୍ରଶ୍ନପତ୍ରଗୁଡ଼ିକ ସମସ୍ତ ଜିଲାକୁ ପଠାଯାଇଥିବାବେଳେ ଅନେକ ଜିଲା ସ୍କୁଲଗୁଡ଼ିକୁ ପ୍ରଶ୍ନପତ୍ର ପହଞ୍ଚିପାରି ନ ଥିବା ଜଣାପଡ଼ିଛି। ବର୍ଷା ଯୋଗୁ ସ୍କୁଲଗୁଡ଼ିକ ଛୁଟି ରହିଥିବା ଏବଂ ଯୋଗାଯୋଗ ହୋଇପାରୁ ନ ଥିବାରୁ ପ୍ରଶ୍ନପତ୍ର ପହଞ୍ଚିପାରିନାହିଁ। ତେଣୁ ପରୀକ୍ଷାକୁ ଘୁଞ୍ଚାଇବା ପାଇଁ ବିଭିନ୍ନ ଜିଲାରୁ ଅନୁରୋଧ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଗଣଶିକ୍ଷା ବିଭାଗ ପରୀକ୍ଷା ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲା। ଏନେଇ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ସୋମବାର ସମସ୍ତ ଜିଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ନଭେମ୍ବର ୧ରୁ ପରୀକ୍ଷା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଅକ୍ଟୋବର ୨୯, ୩୦ ଓ ୩୧ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ଯଥାକ୍ରମେ ନଭେମ୍ବର ୪, ୫ ଓ ୬ତାରିଖକୁ ଘୁଞ୍ଚାଯାଇଥିବାବେଳେ ନଭେମ୍ବର ୧ ଓ ୨ତାରିଖରେ ହେବାକୁ ଥିବା ପରୀକ୍ଷା ଅପରିବର୍ତ୍ତିତ ରହିଛି ବୋଲି ଚିଠିରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ, ପୂର୍ବରୁ ଏହି ପରୀକ୍ଷା ପାଇଁ ଜିଲାଗୁଡ଼ିକ ନିଜେ ନିଜେ ପ୍ରଶ୍ନପତ୍ର ପ୍ରସ୍ତୁତ କରୁଥିଲେ। କିନ୍ତୁ ଚଳିତବର୍ଷ ପ୍ରଥମ ଥର ପାଇଁ ସାରା ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ପରୀକ୍ଷା କରିବାକୁ ସ୍ଥିର କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଷ୍ଟେଟ୍ କାଉନସିଲ ଅଫ୍ ଏଜୁକେଶନ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ(ଏସ୍‌ଇଆର୍‌ଟି) ପକ୍ଷରୁ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇଥିଲା ଏବଂ ଓସେପା ସମସ୍ତ ଜିଲାକୁ ପ୍ରଶ୍ନ ପଠାଇଥିଲା।

## ମୋ ସରକାର ଯୋଜନାରେ ୩ଜିଲା ଡାକ୍ତରଖାନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ସୁନ୍ଦରଗଡ, ମୟୂରଭଞ୍ଜ, ରାଉରକେଲା ଏସ୍‌ପିଙ୍କୁ ମିଳିବ ୧୦ଲକ୍ଷ ଟଙ୍କା

ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)

ମୋ ସରକାର ପ୍ରତିନିଧି ଦଳ ନିକଟରେ ୫ ଜିଲା ଗସ୍ତ କରି ତୃତୀୟ ରିପୋର୍ଟ ପ୍ରଦାନ କରିଥିଲେ। ସେହି ରିପୋର୍ଟ ଆଧାରରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ଜିଲା ସକାଶେ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଏହି ତାଲିକାରେ ସୁନ୍ଦରଗଡ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ରହିଛି। ସୁନ୍ଦରଗଡ ଜିଲା ମୁଖ୍ୟ ଚିକିତ୍ସାଳୟର ଆଟେଣ୍ଡାଣ୍ଟ ଏବଂ ଷ୍ଟାଫ କ୍ୱାର୍ଟର୍ସର ଭିତ୍ତିଭୂମି ସଜଡାଯିବ। ଏଥିପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ଆଣି ଖର୍ଚ୍ଚ କରାଯିବ। ରକ୍ତ ସଂଗ୍ରହ ଅଭିଯାନକୁ ଅଧିକ ପ୍ରଚାର ପ୍ରସାର କରିଥିବାରୁ ସୁନ୍ଦରଗଡ ଜିଲା ଏସ୍‌ପିଙ୍କୁ ୧୦ଲକ୍ଷ ଟଙ୍କା ଦିଆଯିବ। ଏହାସହ ଦୁଇଟି ଆମ୍ବୁଲାନ୍ସ ଏବଂ ମହାପ୍ରୟାଣ ଗାଡି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି ରାଉରକେଲା ସରକାରୀ ଡାକ୍ତରଖାନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଘୋଷଣା କରାଯାଇଛି। ରାଉରକେଲା ସରକାରୀ ଡାକ୍ତରଖାନାର ବେଡ୍ ସଂଖ୍ୟା ୪ଶହକୁ ବୃଦ୍ଧି କରାଯିବ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ଲକ୍ଷ ଟଙ୍କା ଅଣାଯାଇ ରୋଗୀ କଲ୍ୟାଣ ସମିତିକୁ ଦିଆଯିବ। ଏହି ଅର୍ଥ ରୋଗୀଙ୍କ କଲ୍ୟାଣକାରୀ ଏବଂ ନୂତନଭାବେ କିଛି ପ୍ରସ୍ତୁତି ପାଇଁ ଖର୍ଚ୍ଚ କରାଯିବ। ରାଉରକେଲା ଏସ୍‌ପିଙ୍କୁ ମଧ୍ୟ ରକ୍ତ ସଂଗ୍ରହ ଅଭିଯାନର ଉତ୍ତମ ପ୍ରଚାର ପ୍ରସାର କରିପାରିଥିବା କାରଣରୁ ୧୦ଲକ୍ଷ ଟଙ୍କା ଦିଆଯିବ ବୋଲି ଘୋଷଣା କରାଯାଇଛି। ସମାନଭାବେ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ସଜାଡିବା ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫ଲକ୍ଷ ଟଙ୍କା ରୋଗୀ କଲ୍ୟାଣକାରୀ ବାବଦରେ ଖର୍ଚ୍ଚ କରାଯିବ। ରକ୍ତ ସଂଗ୍ରହ ଅଭିଯାନର ପ୍ରଚାର ପ୍ରସାର ଠିକ୍‌ରେ କରିଥିବାରୁ ମୟୂରଭଞ୍ଜ ଏସ୍‌ପିଙ୍କୁ ମଧ୍ୟ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେହିପରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ସଜାଡିବା ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ସଡ଼କ ଦୁର୍ଘଟଣାରେ ଗଲା ୫ ଜୀବନ

## ଝିଅ ପୁଅଙ୍କ ସହ ବାପା ମୃତ

ଯୋଡା,୨୮।୧୦(ଡି.ଏନ.ଏ.)

ଜଣେ ଦୁର୍ବୃତ୍ତ ଏକ ବୋଲେରୋ ଚୋରାଇ ଫେରାର ହେବାବେଳେ ମର୍ମନ୍ତୁଦ ଦୁର୍ଘଟଣା ଘଟାଇଛି। ଏଥିରେ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଦୁଲୁନ ଲୋହାର (୩୫), ତାଙ୍କ ୩ ବର୍ଷର ପୁଅ ମୁନୁ ଓ ୫ବର୍ଷର ଝିଅ ପ୍ରିୟା। ସୂଚନା ଅନୁଯାୟୀ, ସୋମବାର କେନ୍ଦୁଝର ଜିଲା ଯୋଡ଼ା ସହରର ଫେରୋ ମାଙ୍ଗାନିଜ୍ ପ୍ଲାଣ୍ଟ ନିକଟ ରାସ୍ତା ପାର୍ଶ୍ୱରେ ଏକ ବୋଲେରୋ (ନଂ. ଓଆର ୦୨ ଏଏନ୍ ୫୦୮୬) ଥିଲା। ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ଯୋଡ଼ା ଅଞ୍ଚଳର ଗୁଲୁଆ ଖାନ ସେଠାରେ ପହଞ୍ଚି କୌଶଳ କ୍ରମେ ଗାଡ଼ିଟିକୁ ଷ୍ଟାର୍ଟ କରି ଦ୍ରୁତ ଗତିରେ ନେଇ ଫେରାର ହୋଇଯାଉଥିଲେ। ଏହି ସମୟରେ ଗଣେଶ ଭବନ ନିକଟ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ ସ୍ଥାନୀୟ ବାସିନ୍ଦା ଦୁଲୁନ, ତାଙ୍କ ପୁଅ ମୁନୁ ଓ ଝିଅ ପ୍ରିୟା। ଗୁଲୁଆ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ସେମାନଙ୍କ ଉପରେ ଚଢ଼ାଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଲୁନଙ୍କ ମୃତ୍ୟୁ ଘଟିଥିଲା। ମୁନୁ ଓ ପ୍ରିୟାଙ୍କୁ ସ୍ଥାନୀୟ ଲୋକେ ଯୋଡ଼ା ଟାଟାଷ୍ଟିଲ ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୁଲୁଆଙ୍କୁ ସ୍ଥାନୀୟ ଲୋକେ ନିସ୍ତୁକ ପିଟିଥିଲେ। ସେଥିରେ ସେ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛି। ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରାଯାଇଛି।



ଦୁର୍ଘଟଣାଗ୍ରସ୍ତ ବୋଲେରୋ।

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଦାଦା, ଝିଆରୀ ମୃତ

ଭଦ୍ରକ ଅଫିସ, ୨୮।୧୦

ଭଦ୍ରକ ଜିଲା ୧୬ ନମ୍ବର ଜାତୀୟ ରାଜପଥର ତ୍ରିଶଳପୁର ଛକ ନିକଟରେ ସୋମବାର ଅପରାହ୍ଣରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଦାଦା ଓ ଝିଆରୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବନ୍ତ ଅଣିଜୋ ଗ୍ରାମର ଭଗବାନ ପଣ୍ଡା(୨୭) ଓ ତାଙ୍କ ଝିଆରୀ ମାମାଲି ପଣ୍ଡା(୬)। ଜଣେ ସମ୍ପର୍କୀୟଙ୍କ ଘରୁ ସେମାନେ ବାଇକ ଯୋଗେ ଅଣିଜୋକୁ ଫେରୁଥିବାବେଳେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ମହିନ୍ଦ୍ରା ପିକଅପ୍ ଭ୍ୟାନ୍ (ନଂ.ଓଡି ୨୨ ଏଫ୍ ୭୫୫୪) ପଛରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଭଗବାନ ଓ ମାମାଲିଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବି କରି ସ୍ଥାନୀୟ ଲୋକେ ହୋହଲ୍ଲା କରିଥିଲେ। ପୋଲିସ ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଭ୍ୟାନ ଜବତ କରି ତଦନ୍ତ ଚଳାଇଛି।



“ଜମ୍ମୁ-କଶ୍ମୀର ଗସ୍ତ ଲାଗି ଦେଶର ବଡ଼ନେତାଙ୍କୁ ବାରଣ କରାଯାଇ ଥିବାବେଳେ ୟୁରୋପୀୟ ସଂଘର ପ୍ରତିନିଧିଙ୍କୁ ମୋଦି ସରକାର ଅନୁମତି ପ୍ରଦାନ କରିବା ଭାରତୀୟ ପାର୍ଲାମେଣ୍ଟ ଓ ଗଣତନ୍ତ୍ର ପ୍ରତି ଅପମାନ।
- ଜୟରାମ ରମେଶ, ବରିଷ୍ଠ କଂଗ୍ରେସ ନେତା

## ଟ୍ରକ୍ ଡ୍ରାଇଭରଙ୍କୁ ହତ୍ୟା

**ଶ୍ରୀନଗର, ୨୮।୧୦**

ଦକ୍ଷିଣ କଶ୍ମୀରର ଅନନ୍ତନାଗ ଜିଲାର ବିଜ୍‌ବେହେରା ଅଞ୍ଚଳରେ ଆତଙ୍କବାଦୀମାନେ ସୋମବାର ପୁଣି ଜଣେ ଅଣକଶ୍ମୀର ଟ୍ରକ୍ ଡ୍ରାଇଭରଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଉକ୍ତ ଡ୍ରାଇଭରଙ୍କ ନାମ ନାରାୟଣ ଦତ୍ତ ଓ ଘର ଜମ୍ମୁର କାତ୍ରାରେ ବୋଲି ଜଣାପଡ଼ିଛି। ୩୭୦ ଧାରା ଉଚ୍ଛେଦ ପରେ ଚଳିତ ମାସରେ ଏହାକୁ ମିଶାଇ ୪ ଡ୍ରାଇଭରଙ୍କୁ ଆତଙ୍କବାଦୀମାନେ ହତ୍ୟା କଲେଣି।

## ଜାନୁୟାରୀ ୩୧କୁ ଘୁଞ୍ଚିଲା ବ୍ରେକ୍‌ଜିଟ୍

**ବ୍ରୁସେଲ୍ସ ୨୮।୧୦**

ବ୍ରେକ୍‌ଜିଟ୍‌କୁ ଜାନୁୟାରୀ ୩୧କୁ ଘୁଞ୍ଚାଇ ଦିଆଯାଇଛି। ୟୁରୋପ ସଂଘ ପକ୍ଷରୁ ଏହାକୁ ଅନୁମୋଦନ ମିଳିଛି। ଅକ୍ଟୋବର ୩୧ରେ ଏହା ହେବାକୁ ଥିବାବେଳେ ଏହାକୁ ଘୁଞ୍ଚାଇ ଦିଆଯାଇଥିବା ପ୍ରକାଶ। ୟୁରୋପ ପରିଷଦର ସଭାପତି ଡୋନାଲ୍ଡ ଟୁସ୍କ ଟୁଇଟର୍‌ରେ କହିଛନ୍ତି ଯେ, ବ୍ରିଟେନ ଅନୁରୋଧ ରକ୍ଷା ଲାଗି ସଂଘର ୨୭ ରାଷ୍ଟ୍ର ରାଜି ଅଛନ୍ତି।

# ଦୀପାବଳିରେ ଗଲା ୭ ଜୀବନ

## ରାଜଧାନୀରେ ୩୦୦ରୁ ଊର୍ଦ୍ଧ୍ୱ ଅଗ୍ନି ଦୁର୍ଘଟଣା

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

ଦୀପାବଳିକୁ ସାରା ଦେଶରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ ଅଘଟଣ ଘଟି ଧନ ଜୀବନ ନଷ୍ଟ ହୋଇଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗର ହରିଦେବପୁରରେ ୨ ଓ ଛତିଶଗଡ଼ର କୋଣ୍ଡାଗାଓଁରେ ୩, ଓଡ଼ିଶାରେ ୨ ଜଣଙ୍କ ଜୀବନ ଯାଇଛି। ଅନେକ ଲୋକ ନିଆଁରେ ପୋଡ଼ିହୋଇ ଆହତ ମଧ୍ୟ ହୋଇଛନ୍ତି। ଜୟପୁରର ସୱାଇ ମାନସିଂ ହସ୍ପିଟାଲରେ ୪୯୮, ସଫ୍‌ଦରଜଙ୍ଗ ହସ୍ପିଟାଲରେ ୬୨, ଚେନ୍ନାଇର କିଲ୍‌ପକ୍ ସରକାରୀ ମେଡିକାଲ ହସ୍ପିଟାଲରେ ୩୧ ଲୋକ ଚିକିତ୍ସିତ ହେଉଛନ୍ତି। ଦେଶବ୍ୟାପୀ ବିଭିନ୍ନ ସ୍ଥାନରେ ବାଣ ବିସ୍ଫୋରଣ ଯୋଗୁ ଅନେକେ ଆହତ ହୋଇଥିବା ଖବର ମିଳିଛି।

ରାଜଧାନୀ ଦିଲ୍ଲୀରେ କେବଳ ୩୦୦ରୁ ଊର୍ଦ୍ଧ୍ୱ ଅଗ୍ନି ଦୁର୍ଘଟଣା ଘଟିଛି। ଦିଲ୍ଲୀ ଅଗ୍ନିଶମ ବିଭାଗ ରିପୋର୍ଟ ଅନୁଯାୟୀ ଦୀପାବଳି ରାତି ୧୨ ସୁଦ୍ଧା ୨୪୫ ଫୋନ୍ କଲ୍ ଓ ତା’ପରଦିନ ୧୦ଟା ସୁଦ୍ଧା ୯୬ ଫୋନ୍ କଲ୍ ମିଳିଛି। ବାଣଫୁଟାରୁ ବିଭିନ୍ନ ଜାଗାରେ ନିଆଁ ଲାଗିବା ନେଇ ଏହି କଲ୍ ଆସିଥିବା ଚିଫ୍ ଫାୟାର୍ ଅଫିସର ଅତୁଲ ଗର୍ଗ ପ୍ରକାଶ କରିଛନ୍ତି। ସଦର ବଜାର ମାର୍କେଟରେ ଥିବା ଦୋକାନରେ ନିଆଁ ଲାଗିବାରୁ ୫ ମହଲା ପର୍ଯ୍ୟନ୍ତ ଏହା ବ୍ୟାପିଯାଇଥିବା ସେ କହିଛନ୍ତି। ଏହାକୁ ଲିଭାଇବା ଲାଗି ୧୨ ଦମକଳ ଗାଡ଼ି ଓ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ସେହିଭଳି ଜଗତପୁରୀ ଅଞ୍ଚଳରେ ଏକ ସାନିଟାରି ଦୋକାନରେ ନିଆଁ ଲାଗିବା, ଅଳିଆ ଗଦା ଓ ବିଭିନ୍ନ ସ୍ଥାନରେ ବାଣ ଯୋଗୁ ନିଆଁ ଲାଗିଥିବା ରିପୋର୍ଟ ହସ୍ତଗତ ହୋଇଥିଲା।




## ଦିଲ୍ଲୀରେ ଭୟଙ୍କର ବାୟୁ ପ୍ରଦୂଷଣ

ଦୀପାବଳି ପରେ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ଭୟଙ୍କର ରୂପ ଧାରଣ କରିଛି। ତଥାପି ଗତ ୩ ବର୍ଷ ଅପେକ୍ଷା ଭଲ ରହିଥିବା କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ମତ ଦେଇଛି। ଦୀପାବଳି ପରେ ସୋମବାର ବାୟୁ ପ୍ରଦୂଷଣ ଉଗ୍ରରୂପ ଧାରଣ କରିଥିଲା। ରାତି ୧ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସ୍ଥିତି ଅତିଶୟ ହୋଇପଡ଼ିଥିଲା। ୨୦୧୬, ୨୦୧୭ ଓ ୨୦୧୮ର ସ୍ଥିତି ଏହାଠାରୁ ଅଧିକ ଭୟଙ୍କର ଥିଲା ବୋଲି କେନ୍ଦ୍ରୀୟ ପ୍ରଦୂଷଣ ବୋର୍ଡ ପକ୍ଷରୁ କୁହାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ନ ମାନି ବହୁ ଅଞ୍ଚଳରେ ରାତି ୮ ପୂର୍ବରୁ ଓ ୧୦ଟା ପରେ ବାଣଫୁଟା କାର୍ଯ୍ୟ ଜାରି ରହିଥିଲା ବୋଲି କୁହାଯାଇଛି। ମାଲଭିୟା ନଗର, ଲଜ୍‌ପତ ନଗର, କୈଳାସ ହିଲ୍, ସରିତା ବିହାର, ହରିନଗର, ଲକ୍ଷ୍ମୀନଗର, ଗୌତମନଗରରେ ଏହାକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସୂତା ମାଜିଲେ ସରୁ
କଥା ମାଜିଲେ ଗରୁ।**

କୌଣସି ଛୋଟ କଥାଟିକୁ ବେଶି ମାତ୍ରାରେ ଚର୍ଚ୍ଚା କଲେ ତାହା ବଡ଼ ଆକାର ଧାରଣ କରେ। ଅତ୍ୟଧିକ ତର୍ଜମା କରିବା ଫଳରେ ନାନା କଥା ବାହାରିବା ସହ ଭିନ୍ନ ଅର୍ଥ ପ୍ରକାଶ ପାଏ। ଏପରି କି କଥାର ମୋଡ଼ ମଧ୍ୟ ବଦଳିଯାଏ, ଯାହା କି ସହଜରେ ଛିଣ୍ଡି ନ ଥାଏ। ତେଣୁ ଛୋଟ ମୋଟ ବା ସାମାନ୍ୟ କଥାକୁ ଆବଶ୍ୟକତାଠୁ ଅଧିକ ଗୁରୁତ୍ୱ ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସବୁ କହି
ଲୋକର ମରମ ନ କହି।**

ଗୁପ୍ତ ବା ଆନ୍ତରିକ କଥାକୁ ସର୍ବଦା ଗୋପନୀୟ ରଖିବା ହିଁ ଶ୍ରେୟସ୍କର। କିଛି କିଛି କଥା ଅନ୍ୟର ମନରେ ଗଭୀର ଆଘାତ ସୃଷ୍ଟି କରିଥାଏ। ଏପରି କିଛି କଥା ଅଛି ଯାହା ଶୁଣିଲେ ଶୁଣିବା ଲୋକର ମନ ବେଦନାସିକ୍ତ ହୋଇଯାଇଥାଏ। ତେଣୁ କଥା କହିବା ବେଳେ ବାକ୍ ସଂଯମ ରକ୍ଷାକରିବା ନିହାତି ଆବଶ୍ୟକ। କଥାରେ କଥାରେ ଅନ୍ୟର ମରମଭେଦୀ କଥା କହି ବ୍ୟଥା ଦେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ



ଜମ୍ମୁ-କଶ୍ମୀରର ରାଜୌରୀ ସେକ୍ଟରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯବାନଙ୍କ ସହ ଦୀପାବଳି ପାଳନ ଅବସରରେ ମିଠା ଖୁଆଉଛନ୍ତି।

## ଗ୍ରେନେଡ୍ ଆକ୍ରମଣରେ ୨୦ ଆହତ

**ଶ୍ରୀନଗର, ୨୮।୧୦(ପି.ଟି.)**

ଜମ୍ମୁ-କଶ୍ମୀରର ସୋପୋରସ୍ଥିତ ଏକ ବସ୍‌ଷ୍ଟାଣ୍ଡ ନିକଟରେ ଆତଙ୍କବାଦୀମାନେ ଗ୍ରେନେଡ୍ ଆକ୍ରମଣ କରିବାରୁ ଅତିକମ୍‌ରେ ୨୦ ସାଧାରଣ ନାଗରିକ ଆହତ ହୋଇଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରୁ ୬ଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ସେମାନଙ୍କୁ ଶ୍ରୀନଗର ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ୟୁରୋପ ସଂଘର ପ୍ରତିନିଧି ଦଳ ଜମ୍ମୁ-କଶ୍ମୀର ଗସ୍ତ କରିବାର ଗୋଟିଏ ଦିନ ପୂର୍ବରୁ ଆତଙ୍କବାଦୀମାନେ ଏଭଳି ଆକ୍ରମଣ କରି ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ଆତଙ୍କବାଦୀ ଆକ୍ରମଣ ପରେ ଉକ୍ତ ଅଞ୍ଚଳକୁ ସୁରକ୍ଷାକର୍ମୀମାନେ କର୍ଡନ କରିବା ସହ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିବା ପ୍ରକାଶ। ଗତ ୪୮ ଘଣ୍ଟା ମଧ୍ୟରେ ଏହା ଜମ୍ମୁ-କଶ୍ମୀରରେ ଦ୍ୱିତୀୟ ଗ୍ରେନେଡ୍ ଆକ୍ରମଣ। ଗତ ଶନିବାର ଶ୍ରୀନଗରର କରନ୍‌ନଗରରେ ଆତଙ୍କବାଦୀମାନେ ଗ୍ରେନେଡ୍ ଆକ୍ରମଣ କରିଥିବାବେଳେ ୪ ସିଆର୍‌ପିଏଫ୍ ଯବାନ ଆହତ ହୋଇଥିଲେ।

# ରାଜ୍ୟପାଳଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ, ଶିବସେନା ନେତା

**ମୁମ୍ବାଇ, ୨୮।୧୦(ପି.ଟି.)**

ମହାରାଷ୍ଟ୍ରରେ କ୍ଷମତା ବଣ୍ଟନକୁ ନେଇ ଦୁଇ ସହଯୋଗୀ ଦଳ ଭାଜପା ଓ ଶିବସେନା ମଧ୍ୟରେ ବିବାଦ ଛିଡୁ ନ ଥିଲାବେଳେ ସୋମବାର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଓ ଶିବସେନା ନେତା ଦିବାକର ରାଓତ୍ ପୃଥକ୍ ଭାବେ ଯାଇ ରାଜ୍ୟପାଳ ଭଗତ ସିଂ କୋଶ୍ୟାରିଙ୍କୁ ଭେଟିଛନ୍ତି। ରାଜ୍ୟପାଳଙ୍କ ସହ ସେମାନଙ୍କର କ’ଣ ଆଲୋଚନା ହୋଇଛି ତାହା ଜଣାପଡି ନ ଥିବାବେଳେ ଏହା ଏକ ସୌଜନ୍ୟମୂଳକ ସାକ୍ଷାତ ଥିଲା ବୋଲି ରାଜଭବନ ସୂତ୍ରରୁ କୁହାଯାଇଛି। ଫଡ୍‌ନବିସ ପୂର୍ବାହ୍ନ ୧୧ଟାରେ ରାଜଭବନ ଯାଇଥିଲେ। ଏହାର କିଛି ସମୟ ପରେ ରାଓତ ଯାଇ ରାଜ୍ୟପାଳଙ୍କୁ ଭେଟିଥିଲେ। ସରକାର ଗଢ଼ିବା ଲାଗି ଭାଜପା-ଶିବସେନା ମେଣ୍ଟକୁ ଆବଶ୍ୟକ ସଂଖ୍ୟା ମିଳିଥିଲେ ହେଁ କ୍ଷମତା ସମବଣ୍ଟନ ନେଇ ଉଦ୍ଧବ ଠାକ୍‌ରେଙ୍କ ଦଳ ଜିଦ୍‌ରେ ଅଟଳ ରହିଛି। ଲୋକ ସଭା ନିର୍ବାଚନ ଏକାଠି ଲଢ଼ିବା ପୂର୍ବରୁ ଅଢ଼େଇ ବର୍ଷ ଲେଖାଏଁ ମୁଖ୍ୟମନ୍ତ୍ରୀ ପଦ ବଦଳ ଲାଗି ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କ ସହ କଥାବାର୍ତ୍ତା ହୋଇଥିଲା ବୋଲି ଉଦ୍ଧବ କହିଛନ୍ତି। ତେଣୁ ସରକାର ଗଠନ ପୂର୍ବରୁ ଶିବସେନା ଭାଜପାଠାରୁ ଏଥିପାଇଁ ଲିଖିତ ପ୍ରତିଶ୍ରୁତି ଦାବି କରୁଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା ୧୦୫ ଆସନରେ ବିଜୟୀ ହୋଇଥିଲାବେଳେ ଶିବସେନାକୁ ୫୬ ଆସନ ମିଳିଛି।



ଦେବେନ୍ଦ୍ର ଫଡ୍‌ନବିସ



ଦିବାକର ରାଓତ୍

# ଆଜି କଶ୍ମୀର ଗସ୍ତ କରିବ ଇୟୁ ପ୍ରତିନିଧି ଦଳ

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

- ମୋଦି ଓ ଡୋଭାଲଙ୍କୁ ଭେଟିଲେ
- ଆତଙ୍କବାଦର ପ୍ରାୟୋଜକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ: ପ୍ରଧାନମନ୍ତ୍ରୀ

ୟୁରୋପୀୟ ସଂଘ (ଇୟୁ)ର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜମ୍ମୁ-କଶ୍ମୀର ଗସ୍ତକରି ସେଠାର ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିବେ। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ସେଠାର ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ଗଣମାଧ୍ୟମରେ ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଆସୁଛି। ଭାରତର ଏଭଳି ପଦକ୍ଷେପକୁ ପାକିସ୍ତାନ ତୀବ୍ର ବିରୋଧ କରୁଛି। ଏହି ପରିପ୍ରେକ୍ଷୀରେ ୟୁରୋପୀୟ ସଂଘର ୨୫ରୁ ଊର୍ଦ୍ଧ୍ୱ ଏମ୍‌ପିଙ୍କର ଏକ ପ୍ରତିନିଧି ଦଳ ସେଠାକୁ ଗସ୍ତରେ ଆସିଥିବାରୁ ସେମାନେ ବାସ୍ତବ ସ୍ଥିତି ସମ୍ପର୍କରେ ଅବଗତ ହୋଇପାରିବେ ବୋଲି କୁହାଯାଉଛି। ସୋମବାର ସେମାନେ ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କୁ ଭେଟିଛନ୍ତି। ଉକ୍ତ ପ୍ରତିନିଧି ଦଳଙ୍କୁ ଜମ୍ମୁ-କଶ୍ମୀର ସ୍ଥିତି ଓ ସୀମାପାର ଆତଙ୍କବାଦ ସମ୍ପର୍କରେ ଅବଗତ କରାଯାଇଥିଲା।

ଆତଙ୍କବାଦକୁ ଯେଉଁମାନେ ସମର୍ଥନ କରୁଛନ୍ତି ଓ ପ୍ରାୟୋଜିତ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉକ୍ତ ପ୍ରତିନିଧି ଦଳଙ୍କୁ କହିଛନ୍ତି। ଆତଙ୍କବାଦକୁ ଆଦୌ ବରଦସ୍ତ କରାଯାଇପାରିବ ନାହିଁ। ଇୟୁ ପ୍ରତିନିଧି ଦଳର ଦେଶର ବିଭିନ୍ନ ଅଞ୍ଚଳ ଗସ୍ତ ଫଳପ୍ରଦ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ସେମାନେ ଜମ୍ମୁ-କଶ୍ମୀର ଓ ଲଦାଖର ସଂସ୍କୃତି ଓ ଧର୍ମୀୟ ବିବିଧତା ସମ୍ପର୍କରେ ସ୍ପଷ୍ଟ ଚିତ୍ର ପାଇପାରିବେ। ଉକ୍ତ ଅଞ୍ଚଳରେ ପ୍ରଶାସନିକ ପ୍ରାଥମିକତା ଓ ବିକାଶ ସମ୍ପର୍କରେ ପ୍ରତିନିଧି ଦଳ ଭଲଭାବେ ଅବଗତ ହୋଇପାରିବେ।

ପ୍ରଧାନମନ୍ତ୍ରୀ କୌଣସି ରାଷ୍ଟ୍ରର ନାଁ ନ ନେଇ କହିଥିଲେ, ଆତଙ୍କବାଦକୁ ରାଷ୍ଟ୍ରନୀତି କରିଥିବା ଓ ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇ ଆସୁଥିବା ଦେଶ ବିରୋଧରେ ଜରୁରୀ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଏହା ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ଭାରତର ସଫଳତାକୁ ନେଇ ପ୍ରଧାନମନ୍ତ୍ରୀ ପ୍ରତିନିଧି ଦଳଙ୍କୁ ଅବଗତ କରାଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ବିମାନ ଉଡ଼ାଣ ଲାଗି ଅନୁମତି ଦେଲାନି ପାକ୍

**ନୂଆଦିଲ୍ଲୀ, ୨୮।୧୦**–ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲାଗି ପାକିସ୍ତାନ ନିଜ ବାୟୁସୀମାରେ ବିମାନ ଉଡ଼ାଣକୁ ଅନୁମତି ଦେଇନାହିଁ। ଭାରତ ଏନେଇ ପାକିସ୍ତାନକୁ ଅନୁମତି ମାଗିଥିଲେ ହେଁ ଏହାକୁ ସେ ଅଗ୍ରାହ୍ୟ କରିଦେଇଛି। ଜମ୍ମୁ-କଶ୍ମୀରରେ ମାନବାଧିକାର ଉଲ୍ଲଂଘନର ଆଳ ଦେଖାଇ ପାକିସ୍ତାନ ଏଭଳି ଅନୁରୋଧକୁ ଖାରଜ କରିଥିବା କହିଛି। ଗତ ସେପ୍ଟେମ୍ବରରେ ମଧ୍ୟ ମୋଦି ଆମେରିକା ଗସ୍ତ ପାଇଁ ବାହାରି ଥିବାବେଳେ ପାକିସ୍ତାନ ବିମାନ ଉଡ଼ାଣ ଲାଗି ନିଜ ବାୟୁସୀମା ଉନ୍ମୁକ୍ତ କରି ନ ଥିଲା। ପାକିସ୍ତାନର ଏଭଳି ଆଚରଣକୁ ଭାରତ ବିରୋଧ କରିବା ସହ ଅନ୍ତର୍ଜାତୀୟ ବିମାନ ଚଳାଚଳ ସଂସ୍ଥା ନିକଟରେ ଆପତ୍ତି ଉଠାଇଛି।

## [ଇତିହାସର ଆଇନାରେ] ଅକ୍ଟୋବର ୨୯ର ପ୍ରମୁଖ ଘଟଣା

୨୦୧୫ ଅକ୍ଟୋବର ୨୯ରେ ପଡ଼ୋଶୀ ଚାଇନା ଦୀର୍ଘ ୩୫ ବର୍ଷ ପରେ ଗୋଟିଏ ସନ୍ତାନ ନୀତିଠାରୁ ଦୂରେଇଥିଲା। ଜନସଂଖ୍ୟା ବିସ୍ଫୋରଣକୁ ରୋକିବା ଲାଗି ପୂର୍ବରୁ ଏଭଳି ଆଇନ କରାଯାଇଥିଲା। ଏହାକୁ ନେଇ ବହୁ ବିବାଦ ଦେଖାଦେବା ପରେ ୨୦୧୬ରେ ଦୁଇ ସନ୍ତାନ ନୀତି ଗ୍ରହଣ କରାଯାଇଥିଲା।

୨୦୧୮ ଅକ୍ଟୋବର ୨୯ରେ ଇଣ୍ଡୋନେସିଆର ଏକ ବୋଇଂ ବିମାନ ଉଡ଼ାଣ ଆରମ୍ଭ କରିବାର ୧୩ ମିନିଟ୍ ପରେ ଜାଭା ସାଗରରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ସମସ୍ତ ୧୮୯ ଯାତ୍ରୀ ପ୍ରାଣ ହରାଇଥିଲେ। ବିମାନଟି ଜାକର୍ତ୍ତାର ସୋକର୍ନୋ ହାଟ୍ଟା ଅନ୍ତର୍ଜାତୀୟ ବିମାନବନ୍ଦରରୁ ଡେପାଟି ଅମୀର ବିମାନବନ୍ଦରକୁ ଯାଉଥିଲା।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା, ଘଡ଼ଘଡ଼ି ସହ ଥଣ୍ଡା ଅନୁଭବ ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**–ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ସୋମବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ରବିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୦ | ୨୦.୮ |
| ଚାନ୍ଦବାଲି | ୩୦.୮ | ୨୩.୪ |
| କଟକ | ୩୧.୬ | ୨୧.୪ |
| ପାରାଦ୍ୱୀପ | ୩୧.୦ | ୨୪.୮ |
| ଭୁବନେଶ୍ୱର | ୩୦.୭ | ୨୨.୯ |
| ଗୋପାଳପୁର | ୩୧.୭ | ୨୪.୪ |
| ପୁରୀ | ୩୧.୬ | ୨୪.୨ |
| ଅନୁଗୋଳ | ୩୧.୧ | ୨୦.୦ |
| ବାରିପଦା | ୨୯.୦ | ୨୨.୫ |
| ଝାରସୁଗୁଡ଼ା | ୩୦.୮ | ୨୧.୪ |
| କେନ୍ଦୁଝର | ୨୮.୭ | ୨୦.୧ |
| ସମ୍ବଲପୁର | ୩୨.୭ | ୨୧.୬ |
| ସୁନ୍ଦରଗଡ଼ | ୨୭.୦ | ୧୫.୦ |
| ହୀରାକୁଦ | ୩୨.୨ | ୨୨.୭ |
| ତାଳଚେର | ୩୧.୨ | ୨୨.୫ |
| ଭବାନୀପାଟଣା | ୩୦.୬ | ୨୨.୦ |
| ବଲାଙ୍ଗୀର | ୩୧.୫ | ୨୧.୭ |
| କୋରାପୁଟ | ୨୯.୬ | ୧୯.୨ |
| ଫୁଲବାଣୀ | ୩୦.୨ | ୨୧.୫ |
| ଟିଟିଲାଗଡ଼ | -- | ୧୯.୧ |
| ମାଲକାନଗିରି | ୨୯.୦ | -- |
| ସୋନପୁର | ୩୧.୬ | ୧୯.୪ |
| ଦାରିଙ୍ଗିବାଡ଼ି | -- | ୧୫.୫ |

ଡିଗ୍ରୀ ସେଲ୍‌ସିୟସ୍



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY
FINANCE
BUSINESS

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି। ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429, 9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ଼। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Bhagyalaxmi Finance
Reg No. U6519TN198PLC00855
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗ୍ରୁପ୍, ବ୍ୟବସାୟ ଓ ସମସ୍ତ ଋଣ
2-3 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି, ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
ମୋ. 7689936101, 7310644390
Vishal Mansion, Mahatma Gandhi Road, UP

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9453480851

SEE COLOR DISPLAY CLASSIFIED
ON EVERY TUESDAY & FRIDAY

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଯେଉଁମାନେ କୌଣସି ମତ ପ୍ରକାଶ କରନ୍ତି ନାହିଁ, ସେମାନଙ୍କର ସଦ୍‌ଗୁଣର ମୂଲ୍ୟ ମନୁଷ୍ୟ ସମାଜ ପାଇଁ କିଛି ହେଲେ ନାହିଁ।
- ଆବ୍ରାହମ୍ ଲିଙ୍କନ



## ଆଜି କ'ଣ କେଉଁଠି

### ଭୁବନେଶ୍ୱର
- ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଅବସରରେ ସ୍ମୃତିଚାରଣ ଓ ବୃକ୍ଷରୋପଣ, ଏଜି ଛକସ୍ଥିତ ପ୍ରତିମୂର୍ତ୍ତି, ସକାଳ ୮ଟା।
- ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦।
- ବିଶ୍ୱ କୋମା ଦିବସ ଅବସରରେ ରୋଗୀଙ୍କୁ ସଚେତନ କାର୍ଯ୍ୟକ୍ରମ, ହୋଟେଲ କ୍ରାଉନ, ଅପରାହ୍ନ ୧ଟା।
- ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ପୁସ୍ତକଚର୍ଚ୍ଚା, ଓଡ଼ିଆ ଭାଷା ପ୍ରତିଷ୍ଠାନ, ଭଞ୍ଜକଳା ମଣ୍ଡପ ପଛ, ସନ୍ଧ୍ୟା ୬ଟା।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସନ୍ଧ୍ୟା ୬ଟା।
- ତ୍ରିଧାରା ପକ୍ଷରୁ ଗୁରୁ ଦେବପ୍ରସାଦ ଆୱାର୍ଡ ଫେଷ୍ଟିଭାଲ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶୀ ଆସର, ଉତ୍କଳ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା ୩୦।
- ନୃତ୍ୟ ନୈବେଦ୍ୟର ୪ର୍ଥ ନୃତ୍ୟ ନୈବେଦ୍ୟ ଓଡ଼ିଶୀ ଉତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

### କଟକ
- ଜିଲାସ୍ତରୀୟ ବିପର୍ଯ୍ୟୟ ପ୍ରସ୍ତୁତି ବୈଠକ, ଜିଲା ରେଡକ୍ରସ ଭବନ, ପୂର୍ବାହ୍ନ ୧୧ଟା।
- ସାରଳା ସାହିତ୍ୟ ସଂସଦ ଆନୁକୂଲ୍ୟରେ ସାରସ୍ୱତ ସ୍ରଷ୍ଟା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ସ୍ମୃତି ସମାରୋହ, ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସନ୍ଧ୍ୟା ୬ଟା।

### ବାଲିଅନ୍ତା
- ଶ୍ରୀ ରାମଚରିତ ମାନସ ପାରାୟଣା, ନିକୁଞ୍ଜ ବିହାରୀ ମନ୍ଦିର ପ୍ରାଙ୍ଗଣ, ସକାଳ ୭ଟା ଓ ପ୍ରବଚନ, ରାତି ୭ଟା।

### ସାକ୍ଷୀଗୋପାଳ
- ଆନ୍ତଃ ମହାବିଦ୍ୟାଳୟ କବାଡି ପ୍ରତିଯୋଗିତା, ସାକ୍ଷୀଗୋପାଳ କଲେଜ ଖେଳପଡ଼ିଆ, ପୂର୍ବାହ୍ନ ୧୦ ଟା।
- ଅଁଳାନବମୀ ଦ୍ୱିତୀୟ ସମନ୍ୱୟ ବୈଠକ, ସାକ୍ଷୀଗୋପାଳ ପାନ୍ଥଶାଳା, ଅପରାହ୍ନ ୪ଟା।

## ବାଣ ନ ଫୁଟାଇ ନିଆରା ଦୀପାବଳି

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):** ବାଣ କି ଆତସବାଜି ନୁହେଁ ଦୀପ ଜାଳି, ଘର ସଜାଇ ଓ ପରସ୍ପର ସହ ହସଖୁସିରେ ସମୟ ବିତାଇ ଏଥର ପାଳନ ହୋଇଥିଲା ଦୀପାବଳି। ଅଧିକାଂଶ ସଚେତନ ନାଗରିକ ଓ ବହୁ ଯୁବପିଢ଼ି କିନ୍ତୁ ପ୍ରଦୂଷଣମୁକ୍ତ ଦୀପାବଳି ପାଳନ କରିବାକୁ ଆଗେଇ ଆସିଥିଲେ। ସେହିଭଳି ରକ୍ତଦାନ ଓ ଶ୍ରମଦାନ କରି କିଛି କଲେଜପଢୁଆ ଛାତ୍ରୀଛାତ୍ର ଚଳିତବର୍ଷ ଦୀପାବଳୀକୁ ସ୍ୱତନ୍ତ୍ରଭାବେ ପାଳନ କରିଥିଲେ। ଏହାସହ କେତେକ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ଦୀପାବଳି ପାଳନ କରିଥିବା ଦେଖିବାକୁ ମିଳିଥିଲା। ବାଣ ଫୁଟାଇବା ପରିବର୍ତ୍ତେ ସେମାନେ ସେହି ଅର୍ଥରେ ବିଭିନ୍ନ ପ୍ରକାର ସାମଗ୍ରୀ ଦାନ ଧର୍ମ କରିଥିଲେ। ବିଭିନ୍ନ ଏନ୍‌ଜିଓ ଗଛ ଉପହାର ଦେବାକୁ ଲୋକଙ୍କୁ ପରାମର୍ଶ ଦେଇଥିଲେ।



ଶ୍ରୀଲିଙ୍ଗରାଜ ମନ୍ଦିର ପରିସରରେ ଶ୍ରଦ୍ଧାଳୁମାନେ ବଡ଼ବଡୁଆ ଡାକୁଛନ୍ତି।

# ବଡ଼ବଡୁଆ ଡାକିଲେ ୧୦ହଜାର ଶ୍ରଦ୍ଧାଳୁ

**ପୁରୁଣା ଭୁବନେଶ୍ୱର,୨୮।୧୦(ଡି.ଏନ୍.ଏ.)**

ରବିବାର ଥିଲା ପବିତ୍ର ଦୀପାବଳି। ଏହି ଅବସରରେ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବଡ଼ବଡୁଆ ଡାକିଥିଲେ। ଦୈନନ୍ଦିନ ନୀତି ଠାକୁରଙ୍କ ଆଳତି, ଅବକାଶ ହୋଇ ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରଦ୍ଧାଳୁମାନେ ଶ୍ରୀ ଲିଙ୍ଗରାଜ ମନ୍ଦିରର ସିଂହଦ୍ୱାର ବାମପାର୍ଶ୍ୱରେ ଥିବା ଯଜ୍ଞ କୁଣ୍ଡରେ କାଉଁରିଆରେ ବଡ଼ବଡୁଆ ଡାକିଥିଲେ। ଏଥିପାଇଁ ପାଳିଆ ସେବାୟତମାନେ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଭାବେ ଏହି କାର୍ଯ୍ୟ କରାଇଥିଲେ। ଏଥିପାଇଁ ତଳ ବଜାର, ରଥଖଳା, ବଢେଇବାଙ୍କ, ଶ୍ରୀ ଲିଙ୍ଗରାଜ ହାଟ ପ୍ରାୟ ମନ୍ଦିର ଚତୁଃପାର୍ଶ୍ୱ ପୂଜା ସାମଗ୍ରୀ ଦୋକାନରେ ନାହିଁ ନ ଥିବା ଭିଡ଼ ହୋଇଥିଲା।

ଅନ୍ୟପକ୍ଷରେ ଦିନତମାମ ମନ୍ଦିର ଭିତରେ ଭିଡ଼ ଲାଗିରହିଥିଲା। ଏହାର ସୁଯୋଗ ନେଇ କେତେକ ଲୁଟେରା ୨ଜଣ ମହିଳାଙ୍କଠାରୁ ସୁନା ଚେନ ଲୁଟି ନେଇଥିଲେ। ସୂଚନା ଥାଉ କି ମନ୍ଦିର ଭିତରେ ଗର୍ଭଗୃହ, ଆଡ଼କାଠ, ୨୨ପାହାଚ, ପାର୍ଶ୍ୱଦେବଦେବୀ ଆଦି ସମ୍ବେଦନଶୀଳ ଅଞ୍ଚଳରେ ୨୪ରୁ ଊର୍ଦ୍ଧ୍ୱ ସିସିଟିଭି କ୍ୟାମେରା ଲଗାଯାଇଛି। ଏହାସହ ୨୪ଘଣ୍ଟିଆ ସୁରକ୍ଷା ଫୋର୍ସ ମୁତୟନ ହୋଇଛି। ସିଂହଦ୍ୱାରଠାରେ ସ୍ୱତନ୍ତ୍ର ଯାଞ୍ଚ ମଧ୍ୟ ଚାଲିଛି। ଏଭଳି କଟକଣା ସତ୍ତ୍ୱେ କିଭଳି ଲୁଟେରାମାନେ ବିନା ଦ୍ୱିଧାରେ ଲୁଟପାଟ କରୁଛନ୍ତି ତାହା ମୁତୟନ ପୋଲିସ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

### ଶ୍ରୀ ଲିଙ୍ଗରାଜ ମନ୍ଦିର ଭିତରେ ଲୁଟେରା

# ଅନାଥ ଶିଶୁଙ୍କ ମୁହଁରେ ହସ ଫୁଟାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**



ଆଲୋକର ପର୍ବ ଦୀପାବଳିକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଭୁବନେଶ୍ୱର ଖଣ୍ଡଗିରିସ୍ଥିତ ଏସଓଏସ୍ ଭିଲେଜ୍ ଚାଇଲ୍ଡ କେୟାରରେ ଅନାଥ ପିଲାଙ୍କ ସହ ମୁଖ୍ୟମନ୍ତ୍ରୀ ଦୀପାବଳି ପାଳିଛନ୍ତି। କୁନି କୁନି ପିଲାଙ୍କ ଗହଣରେ ମୁଖ୍ୟମନ୍ତ୍ରୀ ବେଶ୍ ହସଖୁସି ସହ ଦୀପାବଳି ପାଳନ କରିବା ସହ ସେମାନଙ୍କ ମୁହଁରେ ହସ ଫୁଟାଇଛନ୍ତି। ପିଲାଙ୍କୁ ଉପହାର ଦେବା ସହ ସେମାନଙ୍କୁ ସେବା ଓ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବା ନେଇ ନୀତିବାଣୀ ଦେଇଥିଲେ। ସୂଚନାଯୋଗ୍ୟ, ଦୀପାବଳି ପୂର୍ବରୁ 'ମୋ ସରକାର'ର ମୂଳ ଲକ୍ଷ୍ୟ ବୁଝାଇ ଦଳୀୟ କର୍ମୀ, ସମସ୍ତ ଅଫିସର ଏବଂ ସବୁ ଜିଲାର ଜିଲାପାଳଙ୍କୁ ଦୀପାବଳି ପାଳନ କରିବାକୁ ମୁଖ୍ୟମନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶକ୍ରମେ ସରକାରୀ ବାବୁମାନଙ୍କଠାରୁ ଆରମ୍ଭ କରି ବରିଷ୍ଠ ପୋଲିସ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହିଭଳି ଭାବେ ଦୀପାବଳି ପାଳନ କରିଛନ୍ତି।

ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ଅନ୍ୟ ଦୁଇ ବରିଷ୍ଠ ଅଧିକାରୀ ମୁଖ୍ୟ ଶାସନ ଅସିତ୍ ତ୍ରିପାଠୀ ଓ ୫-ଟି ସଚିବ ଭି କାର୍ତ୍ତିକେୟ ପାଣ୍ଡିଆନ ମଧ୍ୟ ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛନ୍ତି। ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଭୁବନେଶ୍ୱରରେ ଥିବା ଚେତନା ଗୃହକୁ ଯାଇ ମିଠା ବାଣ୍ଟିବା ସହ ଶବ୍ଦ ବିହୀନ ବାଣ ଫୁଟାଇ ଦୀପାବଳି ପାଳନ କରିଥିବା ବେଳେ ସଚିବ ପାଣ୍ଡିଆନ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା ସ୍ପୋର୍ଟ୍ସ ହଷ୍ଟେଲ ଅନ୍ତେବାସୀଙ୍କ ସହ ଦୀପାବଳି ପାଳିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



ସ୍ମିତା



ବିନୟ



ରାମ



ଆଶିଷ



ବିଶ୍ୱଜିତ୍



ସୀତାରାମ



ସାଗର



ଅରୂପାନନ୍ଦ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/

### କମିଶନରେଟ ପୋଲିସ ନିର୍ଦ୍ଦେଶକୁ ଫୁ

# ଅପରାହ୍ନ ୫ରୁ ସାରା ରାତି ଫୁଟିଲା ବାଣ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ):** ବାୟୁ ପ୍ରଦୂଷଣ ରୋକିବା ପାଇଁ ସୁପ୍ରିମକୋର୍ଟ ବାଣ ଫୁଟାଇବା ଉପରେ କଟକଣା କଲେ। ଏପରି କି ଦୀପାବଳିରେ ରାତି ୮ଟାରୁ ୧୦ ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ନିୟମ କଲେ। ଏହାକୁ ପାଳନ କରିବା ପାଇଁ କମିଶନରେଟ ପୋଲିସ ନିର୍ଦ୍ଦେଶନାମା ଜାରିକଲେ। ହେଲେ ରବିବାର ଦୀପାବଳିରେ ସବୁ ନିୟମକୁ ଫୁ କରିଦେଲେ ରାଜଧାନୀବାସୀ। ଅପରାହ୍ନ ୫ରୁ ଆରମ୍ଭ ହୋଇଥିଲା ବାଣଫୁଟା। ରାତି ୧୨ଟା ପର୍ଯ୍ୟନ୍ତ ଏକାଧିକ ସ୍ଥାନରେ ବାଣ ଫୁଟୁଥିବା ଦେଖାଯାଇଥିଲା। ବିଳମ୍ବିତ ରାତିରେ ବି ହାତଗଣତି କିଛି ସ୍ଥାନରେ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଣ ଲୋକଙ୍କ ନିଦକୁ ହଜାଇ ଦେଇଥିଲା। ସାରା ରାତି ବାଣ ଫୁଟୁଥିଲେ ମଧ୍ୟ କୌଣସି ଥାନା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି।

### ସ୍କାଏ ଲଣ୍ଠନରେ ଝଲସିଲା ଆକାଶ

ଏଥର ଘଡି, ଖୋଲା, ଫୁଲଝରୀ, ହାବେଳି, ସଟ୍‌ସ ରକେଟ ବାଣ ସାଙ୍ଗକୁ ସ୍କାଏ ସଟ୍‌ସରେ ରାଜଧାନୀ ଆକାଶ ଆଲୋକମୟ ହୋଇଥିଲା। କଟକଣା ଯୋଗୁ ଲୋକେ ଉଚ୍ଚ ଶବ୍ଦଯୁକ୍ତ ବାଣ ଅପେକ୍ଷା ଲାଇଟ୍ ବାଣ ଫୁଟାଇବାକୁ ଅଧିକ ଗୁରୁତ୍ୱ ଦେଇଥିଲେ। ବିଶେଷ କରି ସ୍କାଏ ଲଣ୍ଠନ ବାଣକୁ ଅଧିକ ପସନ୍ଦ କରିଥିଲେ। ଲୋକମାନେ ନିଜ ଛାତ ଉପରେ ସ୍କାଏ ଲଣ୍ଠନ ବାଣକୁ ଆକାଶକୁ ଛାଡିଥିଲେ। ରାତି ପ୍ରାୟ ୧୧ଟାରେ ହଠାତ୍ ବିଭିନ୍ନ ସ୍ଥାନରେ ସ୍କାଏ ଲଣ୍ଠନକୁ ସାମୂହିକ ଭାବେ ଆକାଶକୁ ଛଡ଼ାଯାଇଥିଲା। ଫଳରେ ରାଜଧାନୀ ଆକାଶ ପୂରା ଝଲସି ଉଠିଥିଲା।

### ବାଣନିଆଁରେ ପୋଡ଼ିଯାଇ ୨୯ରୁ ଊର୍ଦ୍ଧ୍ୱ ଆହତ

ବାଣ ଫୁଟାଇବାବେଳେ ଭୁବନେଶ୍ୱରର ୨୯ଜଣରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ସୂଚନା ମିଳିଛି। ଅଧିକାଂଶ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ଅନେକ ଗୁରୁତର ଅଛନ୍ତି। ବିଶେଷକରି ସେମାନଙ୍କ ହାତ ଓ ମୁହଁ ପୋଡ଼ି ଯାଇଛି। ଆଉ କେତେଜଣ ବିଭିନ୍ନ ଘରୋଇ ହସ୍ପିଟାଲ ଓ କଟକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଅସାବଧାନତା ଯୋଗୁ ଏଭଳି ଘଟିଛି। ପ୍ରତିବର୍ଷ ଏଥିପାଇଁ ସଚେତନ କରାଯାଉଥିଲେ ମଧ୍ୟ ଲୋକେ ନ ମାନିବାରୁ ବିପଦରେ ପଡୁଛନ୍ତି।

### ସକାଳୁ ଗଳିକନ୍ଦିରେ କୁଢ କୁଢ ଅଳିଆ

ସୋମବାର ସକାଳୁ ରାଜଧାନୀର ଗଳିକନ୍ଦିରେ କୁଢ଼ କୁଢ଼ ଅଳିଆ ଗଦା ହୋଇଥିବା ଦେଖିବାକୁ ମିଳିଛି। ପୋଡା ବାଣ ଟୁକୁରା ରାଜରାସ୍ତାରେ ପଡିଥିଲା। ବିନ୍ଦୁସାଗର କୂଳରେ ଅଧିକ ଅଳିଆ ପଡିଥିଲା। ଶ୍ରଦ୍ଧାଳୁମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଏଠାରେ ବଡ଼ବଡୁଆଙ୍କୁ ଡାକିବା ସହ ବାଣ ଫୁଟାଇଥିଲେ। ଫଳରେ ସେଠାରେ ପୋଡାବାଣ ସହ କାଉଁରିଆ ଗଦା ହୋଇପଡିଥିଲା। ସକାଳୁ ବିଏମ୍‌ସିର କର୍ମଚାରୀ ଏହାକୁ ସଫା କରିବା ପାଇଁ ନାକେଦମ ହୋଇଥିଲେ।






ଓଡିଶା ସରକାର
ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ
ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନାରେ
ବୁନ୍ଦା ଓ ସିଞ୍ଚନ ଜଳସେଚନ ପ୍ରଣାଳୀ ସ୍ଥାପନ କରି
➢ କମ ଜଳରେ ଅଧିକ ଫସଲ ଚାଷ କରନ୍ତୁ
➢ ଜଳ ବଞ୍ଚାନ୍ତୁ
➢ ଅଧିକ ଅମଳ କରି ଲାଭବାନ ହୁଅନ୍ତୁ ।
ଏହି ପ୍ରଣାଳୀ ସ୍ଥାପନ ପାଇଁ ମିଳୁଥିବା ରିହାତି :





| ଚାଷୀ | ରିହାତି |
|---|---|
| କ୍ଷୁଦ୍ର ଓ ନାମମାତ୍ର ଚାଷୀ | ୯୦% ଭାଗ |
| ଅନ୍ୟ ଚାଷୀ | ୮୦% ଭାଗ |

ପଞ୍ଜିକରଣ ପାଇଁ pmksy.nic.in portal ରେ ଆବେଦନ କରନ୍ତୁ ।
ଉଦ୍ୟାନକୃଷି ନିର୍ଦ୍ଦେଶାଳୟ, ଭୁବନେଶ୍ୱର
Email: supportdho.od@nic.in Website: odihort.nic.in
DSPL-130
01038/13/0006/1920



ଯେତେ ବିପଦ କାଳ ଉପସ୍ଥିତ ହେଲେ ମଧ୍ୟ
ଅସତ୍, ଅନ୍ୟାୟ ଆଚରଣ କରିବା ଅନୁଚିତ।
- ଅଭିରାମ ପରମହଂସ



# ଓଁ ଜୟନ୍ତୀ ମଙ୍ଗଳା କାଳୀ...



ଭୁବନେଶ୍ୱର ପୁରୁଣା ଷ୍ଟେଶନ ବଜାରରେ ମା'କାଳୀଙ୍କ ଚାନ୍ଦି ଓ ସୁନା ମେଢ଼।



ଭୁବନେଶ୍ୱର ଶହୀଦନଗର



କଟକରୋଡ୍ ବ୍ୟବସାୟୀ ସଂଘ ପକ୍ଷରୁ ଲକ୍ଷ୍ମୀସାଗର ଛକରେ ପୂଜା ପାଉଥିବା ମା'କାଳୀ।



କଟକରୋଡ ବେଙ୍ଗଲୀ କଲୋନୀ ବରୁଣ କୁମାର ସେନ୍‌ଗୁପ୍ତା ପରିବାରର ମା'କାଳୀ।



କଟକରୋଡ ବେଙ୍ଗଲୀ କଲୋନୀ ଗୁପ୍ତା କୁଟୀର ପକ୍ଷରୁ କାଳୀପୂଜା।



ଲକ୍ଷ୍ମୀସାଗର ରିଫ୍ୟୁଜି କଲୋନୀ



ଭୁବନେଶ୍ୱର ରେଳଷ୍ଟେଶନ



ଭୁବନେଶ୍ୱର ଭିଏସ୍‌ଏସ୍‌ନଗର



କାଳୀପୂଜା ଅବସରରେ ଭୁବନେଶ୍ୱର ସତ୍ୟନଗର କାଳୀମନ୍ଦିର ନିକଟରେ ନିର୍ମିତ ତୋରଣ।



ପୁରୀ ଜେନାରିଗଛସ୍ଥିତ ମା'ରାମଚଣ୍ଡୀ



ପୁରୀ ସ୍ୱର୍ଗଦ୍ୱାରସ୍ଥିତ ମା'କାଳୀ



କଟକ ସେଖ୍‌ବଜାରରେ ପୂଜା ପାଉଥିବା ମା'ଶ୍ୟାମାକାଳୀ।




କଟକ ଖାନ୍‌ନଗରରେ ପୂଜା ପାଉଥିବା ମା'ଶ୍ୟାମାକାଳୀ।



କଟକ ରାଣୀହାଟ



କଟକ ମଙ୍ଗଳାବାଗ



କାଳୀପୂଜା ଅବସରରେ କଟକ ବାଖରାବାଦରେ ପୂଜା ପାଉଥିବା ମା'ଛିନ୍ନମସ୍ତା।



କଟକ ଚାନ୍ଦିନୀଚୌକ



କଟକ ଚାଉଳିଆଗଞ୍ଜ



କଟକ ଫିରିଙ୍ଗିବଜାର



କଟକ ହରିପୁର ଦୋଳମୁଣ୍ଡାଇ



ସମସ୍ତଙ୍କ ଭିତରେ ତୁମେ ନିଜକୁ ଚିହ୍ନ। ଭଗବାନଙ୍କୁ ଭଲ ପାଅ। ଭଗବାନଙ୍କ ଗୁଣ କୀର୍ତ୍ତନ କର। ଯାହାର ବୋଝ ବୋହିପାରିବାର ସାମର୍ଥ୍ୟ ଅଛି, ସେହି ହିଁ କେବଳ ବୋଝ ବୋହି ପାରିବ। - ଗୁରୁ ନାନକ



## ମହାବାତ୍ୟାର ୨୦ ବର୍ଷ ପରେ

# ଶୁଖିନି ଲୁହ, ଥମିନି କୋହ



ବାତ୍ୟାରେ ନିଶ୍ଚିହ୍ନ ହୋଇଯାଇଥିବା ତଣ୍ଡାଘର ଗାଁ।



ବାତ୍ୟା ପରଠୁ ବନ୍ଦ ରହିଥିବା ଗ୍ରାମ ଦେବତୀଙ୍କ ମନ୍ଦିର।

**ସନ୍ତୋଷ ଦାଶ**

**କାକଟପୁର, ୨୮।୧୦**

୧୯୯୯ ଅକ୍ଟୋବର ୨୯ତାରିଖରେ ପ୍ରଳୟଙ୍କରୀ ମହାବାତ୍ୟାରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଇଥିଲା ପୁରୀ ଜିଲାର ଅସ୍ତରଙ୍ଗ ବ୍ଲକ। ପ୍ରଭାବିତ ହୋଇଥିଲା ବ୍ଲକର ୧୩ଟି ପଞ୍ଚାୟତ। ସମୁଦ୍ର କୂଳରେ ଥିବାରୁ ନୂଆଗଡ଼ ପଞ୍ଚାୟତର ୨୦ଟି ଗାଁ, ଶିଶୁଅ ପଞ୍ଚାୟତର ୫ଟି ଗାଁ, ଛୁରୀଅନା ପଞ୍ଚାୟତର ୬ଟି ଗାଁ ଭିତରକୁ ଜୁଆର ପାଣି ମାଡ଼ି ଆସିଥିଲା। ଫଳରେ ନୂଆଗଡ଼ ପଞ୍ଚାୟତରେ ସର୍ବାଧିକ ୧୭ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପ୍ରାୟ ୧୦ଜଣ ନିଖୋଜ ହୋଇଯାଇଥିଲେ। ସେହିପରି ଶିଶୁଅ ଏବଂ ଛୁରୀଅନା ପଞ୍ଚାୟତରେ ୭ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ନିଖୋଜ ହୋଇଯାଇଥିଲେ। ସମୁଦ୍ର ତଟବର୍ତ୍ତୀ ଅସ୍ତରଙ୍ଗ ବ୍ଲକ ଅଞ୍ଚଳ ଛାରଖାର ହୋଇଯାଇଥିଲା। ଏବେ ମହାବାତ୍ୟାକୁ ୨୦ବର୍ଷ ବିତିଛି। ସରକାରଙ୍କ ପୁନଃଗଠନ କାର୍ଯ୍ୟ ଫଳରେ ଅସ୍ତରଙ୍ଗର ରୂପ କିଛିଟା ବଦଳିଯାଇଛି। ଏହାରି ମଧ୍ୟରେ ହୁଡ୍‌ହୁଡ୍, ତିତ୍‌ଲି ଏବଂ ଫନୀ ପରି ସାମୁଦ୍ରିକ ଝଡ଼କୁ ସାମ୍ନା କରିଛନ୍ତି ଅଞ୍ଚଳବାସୀ। କିନ୍ତୁ କେହିବି ଭୁଲିପାରିନାହାନ୍ତି ମହାବାତ୍ୟାର ତାଣ୍ଡବଲୀଳାକୁ। ନିଜର ପରିବାର ସଦସ୍ୟଙ୍କୁ ହରାଇଥିବା ବିପନ୍ନଙ୍କ ଆଖିରୁ ଲୁହ ଶୁଖିନି କି ଥମିନି ଛାତି ତଳର କୋହ। ଅକ୍ଟୋବର ୨୯ ଆସିଲେ ମହାବାତ୍ୟାର ସ୍ମୃତି ପୁଣିଥରେ ତାଜା ହୋଇଯାଉଛି।

ମହାବାତ୍ୟା ପ୍ରଭାବରେ ଅଶାନ୍ତ ହୋଇପଡ଼ିଥିଲା ସମୁଦ୍ର। ଅଶାନ୍ତ ସମୁଦ୍ର ମାଡ଼ିଆସିଥିଲା ନୂଆଗଡ଼ ପଞ୍ଚାୟତର ନୂଆଗଡ଼, ମଧୁପୁର, ଛୁରୀଅନା ପଞ୍ଚାୟତର ତାଲୁଅକଣି, ଜାହାନିଆଁ, ବଳଭଦ୍ରପୁର, ଶିଶୁଅ ପଞ୍ଚାୟତର ଛେନୁ, କଳମକଣୀ, ତଣ୍ଡାହାର, କଟକଣା ପ୍ରଭୃତି ଗାଁ ଭିତରକୁ। ଗାଁ ଭିତରେ ଥିବା ହାତଗଣତି କୋଠା ଗୃହରେ ସମସ୍ତେ ଆଶ୍ରୟନେଇ ଭଗବାନଙ୍କୁ ଡାକିଥିଲେ। ମହାବାତ୍ୟାରେ ଭିଟାମାଟି ଛାଡ଼ିଥିବା ତଣ୍ଡାହାର ଗ୍ରାମବାସୀ ଏବେବି ଗାଁକୁ ଫେରି ନାହାନ୍ତି। ଗାଁର ଚିହ୍ନବର୍ଣ୍ଣ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବାବେଳେ କେବଳ ଗ୍ରାମଦେବତୀଙ୍କ ପରିତ୍ୟକ୍ତ ମନ୍ଦିର ମନେ ପକାଇଦେଉଛି ମହାବାତ୍ୟାର ତାଣ୍ଡବଲୀଳାକୁ।



କଳ୍ପନା ବେହେରା



କମଳା ବିଶ୍ୱାଳ

ମହାବାତ୍ୟାକୁ ମନେ ପକାଇ ଏବେବି ନୂଆଗଡ଼ର କମଳା ବିଶ୍ୱାଳ ଏବଂ କଳ୍ପନା ବେହେରା କାନ୍ଦି ଉଠନ୍ତି। ମହାବାତ୍ୟା କମଳାଙ୍କୁ ବିଧବା କରିଦେଇଥିବାରୁ ବୃଦ୍ଧ ଶ୍ୱଶୁର ଆଉ ୩ ସନ୍ତାନଙ୍କ ବୋଝ ପଡ଼ିଥିଲା ତାଙ୍କ ଉପରେ। ପର ଘରେ ପାଇଟି କରି ସମସ୍ତଙ୍କ ମୁହଁରେ ଆହାର ଦେଇ ଅଣ୍ଟା ସଳଖି ବାଟ ଚାଲିଛନ୍ତି ସେ। ସେହିପରି ମହାବାତ୍ୟା କଳ୍ପନାଙ୍କ ଆଖି ଆଗରେ ଛଡ଼ାଇନେଇଥିଲା ସ୍ୱାମୀ, ଶ୍ୱଶୁର ଏବଂ ଝିଅପୁଅଙ୍କ ଜୀବନକୁ। ସେ ହୋଇଯାଇଥିଲେ ଏକୁଟିଆ। ସେ ମଧ୍ୟ କମଳାଙ୍କ ପରି ନିଜକୁ ସମ୍ଭାଳି ଏବେ ଏକୁଟିଆ ଜୀବନ ବିତାଉଛନ୍ତି। ମହାବାତ୍ୟା କଳ୍ପନା ଓ କମଳାଙ୍କର ସର୍ବସ୍ୱ ଛଡ଼ାଇ ନେଇଛି।



ଜିଲାପାଳ ବଲଓ୍ୱନ୍ତ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶ ପିଲାଙ୍କ ସହ ବାଣ ଫୁଟାଉଛନ୍ତି।

## ବାଳାଶ୍ରମରେ ଦୀପାବଳି ପାଳିଲେ ଜିଲାପାଳ, ଏସ୍‌ପି

# ପିଲାଙ୍କୁ ବାଣ୍ଟିଲେ ବାଣ, ଖୁଆଇଲେ ମିଠା

**ପୁରୀ ଅଫିସ,୨୮।୧୦**

ପୁରପଲ୍ଲୀରେ ରବିବାର ଦୀପାବଳି ପାଳିତ ହୋଇଯାଇଛି। ଏଥର ପୁରୀ ସହରସ୍ଥ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କ ସହିତ ଜିଲାପାଳ ବଲଓ୍ୱନ୍ତ ସିଂ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଲ ସିଂ ଏବଂ ଏସ୍‌ପି ଉମାଶଙ୍କର ଦାଶ ମିଶି ଦୀପାବଳି ପାଳନ କରିଥିଲେ। ସନ୍ଧ୍ୟାରେ ଏହି ତିନି ବରିଷ୍ଠ ଅଧିକାରୀ ବାଳାଶ୍ରମରେ ପହଞ୍ଚିବା ପରେ ସେମାନଙ୍କୁ ପିଲାମାନେ ସ୍ୱାଗତ କରିଥିଲେ। ଜିଲାପାଳ, ଏସ୍‌ପି ଏବଂ ପିଡି ପିଲାମାନଙ୍କୁ ଶବ୍ଦବିହୀନ ବାଣ ବାଣ୍ଟିଥିଲେ। ଏଥିସହ ସେମାନଙ୍କ ସହିତ ମିଶି ବାଣ ଫୁଟାଇଥିଲେ। ଅଧିକାରୀମାନେ ପିଲାମାନଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ। ଶେଷରେ ଅନ୍ତେବାସୀଙ୍କୁ ମିଠା ଖୁଆଇଥିଲେ। ଏଥିଯୋଗୁ ପିଲାମାନଙ୍କ ଓଠରେ ହସ ଫୁଟି ଉଠିଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# ଦକ୍ଷିଣକାଳୀଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

**ସାକ୍ଷୀଗୋପାଳ, ୨୮।୧୦(ଡି.ଏନ୍.ଏ.)**

ସତ୍ୟବାଦୀ ବ୍ଲକ ବୀରଗୋବିନ୍ଦପୁର ଗ୍ରାମରେ ମା' ଦକ୍ଷିଣକାଳୀଙ୍କ ମହାଭୈରବୀ ବେଶ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ବର୍ଷକୁ ଗୋଟିଏ ଦିନ ମା'ଙ୍କର ଏହି ବେଶ ହୋଇଥାଏ। ପରମ୍ପରା ଅନୁଯାୟୀ ରବିବାର ସନ୍ଧ୍ୟାରେ ଦେବୀଙ୍କ ପୂଜା ନିମନ୍ତେ ଜଳକଳସ ସଂଗ୍ରହ, ଘଟ ସ୍ଥାପନ, ପଞ୍ଚ ଦେବ ପୂଜା, ନିଶାର୍ଦ୍ଧରେ କାଳୀପୂଜା, ହୋମ, ମୃଣ୍ମୟୀ ମୂର୍ତ୍ତିଙ୍କ ପ୍ରାଣ ପ୍ରତିଷ୍ଠା, ଜପ, ଜୀବନ୍ୟାସ, ବଳି, ଆଳତି, ଖେଚୁଡିଭୋଗ, ପଣାଭୋଗ ଓ ମହାପ୍ରସାଦ ସମର୍ପଣ କରାଯାଇଥିଲା। ସତ୍ୟବାଦୀ ବିଡିଓ ସରୋଜ କୁମାର ଦତ୍ତ, ଅତିରିକ୍ତ ତହସିଲଦାର ଉଲ୍ଲାସ ଚନ୍ଦ୍ର ସେଠୀ ଓ ଥାନା ଆଇଆଇସି ଶକୁନ୍ତଳା ପତିଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସ ଓ ଅଗ୍ନିଶମ କର୍ମଚାରୀ ମୁତୟନ ଥିଲେ। ଗୋପାଳକୃଷ୍ଣ ଯୁବକ ସଂଘ ପକ୍ଷରୁ ସାଂସ୍କୃତିକ ସମାରୋହ ହୋଇଥିଲା। ଗ୍ରାମର ମହାଜନ କୋଠ ପକ୍ଷରୁ ଦେବୀଙ୍କ ପୂଜାନୀତି ସମ୍ପାଦନ ସହ ବିସର୍ଜନ ଶୋଭାଯାତ୍ରାରେ ଗ୍ରାମବାସୀ ସାମିଲ ହୋଇଥିଲେ। ଚନ୍ଦନପୁରରେ ଦକ୍ଷିଣକାଳୀ, ଉଗ୍ରତାରା ଓ କାମରୂପାଙ୍କ ମିଳନ ପରେ ଆଳତି ଓ ପଣାଭୋଗ କରାଯାଇ ଭାର୍ଗବୀ ନଦୀର କାଳୀଘାଟରେ ଦେବୀମାନଙ୍କୁ ବିସର୍ଜନ କରାଯାଇଥିଲା।



ପୂଜା ମଣ୍ଡପରେ ବୀରଗୋବିନ୍ଦପୁରର ମା' ଦକ୍ଷିଣକାଳୀ, ସମଯାଜପୁରର ମା' ଉଗ୍ରତାରା ଏବଂ ବୀରପ୍ରତାପପୁରର ମା' କାମରୂପା।

## ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡ଼ାଣ ନେଇ ମାମଲା

**ପୁରୀ ଅଫିସ,୨୮।୧୦:** ଶ୍ରୀମନ୍ଦିର ଉପରେ ବେଆଇନ ଭାବେ ଡ୍ରୋନ୍ ଉଡ଼ାଣ ଘଟଣା ନେଇ ସୋମବାର ସିଂହଦ୍ୱାର ଥାନାରେ ମାମଲା ରୁଜୁ ହୋଇଛି। ଗତ ୨୫ ତାରିଖରେ 'ଭଏସ୍ ଅଫ କମନ୍‌ମ୍ୟାନ'ର ହେକ୍ଟର ମିଶ୍ର ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଏକ ଭିଡିଓ ଗ୍ରୁପ୍ ଡ୍ରୋନ ସାହାଯ୍ୟରେ ଶ୍ରୀମନ୍ଦିରର ଏରିୟଲ ଭ୍ୟୁ ରେକର୍ଡିଂ କରିବା ସହ ଫଟୋ ଉତ୍ତୋଳନ କରିଥିଲା, ଯାହାକି ପ୍ରାଚୀନ କୀର୍ତ୍ତିରାଜି ନିୟମକୁ ଉଲ୍ଲଂଘନ କରୁଛି। ନୋ ଫ୍ଲାଇଂ ଜୋନ୍‌ରେ ଡ୍ରୋନ ଉଡ଼ାଣ ଓ ଚିତ୍ର ଉତ୍ତୋଳନ ସହ ସୋସିଆଲ ମିଡିଆରେ ଭାଇରାଲ କରାଯିବା ସାଇବର ଅପରାଧ ବୋଲି ମିଶ୍ର ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି ମାମଲା ରୁଜୁ କରାଯାଇଥିବା ଆଇଆଇସି ରଞ୍ଜନ କୁମାର ମଲିକ କହିଛନ୍ତି।

# ଯୋଗ ଚାମ୍ପିୟନଶିପ୍‌ରେ ପୁରୀର ସଫଳତା





କୋଚ୍ ଏବଂ ଅନ୍ୟମାନଙ୍କ ଗହଣରେ କୃତୀ ପ୍ରତିଯୋଗୀ।

**ପୁରୀ ଅଫିସ, ୨୮।୧୦:** ଅନ୍ତର୍ଜାତୀୟ ସ୍ୱାସ୍ଥ୍ୟ ଯୋଗ ଫେଡେରେଶନ ଆନୁକୂଲ୍ୟରେ ଛତିଶଗଡ଼ର ରାୟପୁରରେ ଅନୁଷ୍ଠିତ ପ୍ରଥମ ଜାତୀୟ ହଟ ଯୋଗ ଚାମ୍ପିଆନଶିପ୍‌ରେ ପୁରୀକୁ ସଫଳତା ମିଳିଛି। ଏଥିରେ ଦେଶର ୫୫୦ଜଣ ପ୍ରତିଯୋଗୀ ଭାଗ ନେଇଥିବାବେଳେ ଓଡ଼ିଶାରୁ ୨୬ଜଣ ରହିଥିଲେ। ଏଥିରେ ଓଡ଼ିଶା ୨୧ଟି ପଦକ ପାଇଛି। ତନ୍ମଧ୍ୟରେ ପୁରୀର ୪ଟି ପଦକ ରହିଛି। ୧୮ରୁ ୨୫ବର୍ଷ ବାଳିକା ବର୍ଗରେ ମାଲଖମ୍ଭ କୁଇନ ଭାବେ ପରିଚିତ ଶ୍ରୀଲତା ଓ ରିଙ୍କିପ୍ରଭା ରାୟ ଚାମ୍ପିୟନ ହୋଇଛନ୍ତି। ବାଳକ ବର୍ଗ (ବ୍ୟକ୍ତିଗତ ଇଭେଣ୍ଟ)ରେ ଆଶିଷ ନାରାୟଣ ନାୟକ ୩ୟ ଓ ଲମ୍ବୋଦର ପରିଡ଼ା ୪ର୍ଥ ସ୍ଥାନରେ ରହିଛନ୍ତି। ମାଲଖମ୍ଭ କୋଚ ମଧୁସୂଦନ ରାୟଙ୍କ ଦୁଇଝିଅ ଶ୍ରୀଲତା ଓ ରିଙ୍କିପ୍ରଭା ବାପାଙ୍କ ତତ୍ତ୍ୱାବଧାନରେ ତାଲିମ ନେଉଛନ୍ତି। ଏହି ଦୁଇ ଭଉଣୀ ଆସନ୍ତା ୨୦୨୦ରେ ନେପାଳରେ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଚାମ୍ପିୟନଶିପ୍‌ରେ ଭାଗ ନେବେ।

## ଅମ୍ରିତଙ୍କୁ ବିମାନରେ ଆଣ୍ଡାମାନ ପଠାଯିବ

**ପୁରୀ ଅଫିସ, ୨୮।୧୦:** ଆଣ୍ଡାମାନ ନାବିକ ଅମ୍ରିତ କୁଜୁରଙ୍କର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ସେ ପରିବାର ସହ ଫୋନ ଯୋଗେ କଥାବାର୍ତ୍ତା ହୋଇଛନ୍ତି। ତାଙ୍କୁ ଆଣ୍ଡାମାନ ଫେରାଇବା ଲାଗି ପଦକ୍ଷେପ ଆରମ୍ଭ ହୋଇଛି। ଏ ନେଇ ଟୁରିଷ୍ଟ ଅଫିସରଙ୍କ ସହ ଆଲୋଚନା କରାଯାଇଛି। ସେ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ଜଣେ ସହାୟକଙ୍କ ଜରିଆରେ ବିମାନ ଯୋଗେ ତାଙ୍କୁ ଆଣ୍ଡାମାନ ପଠାଇ ଦିଆଯିବ ବୋଲି ପୁରୀ ଏସ୍‌ପି ଡା. ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି।

## ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା



**କୋଣାର୍କ, ୨୮।୧୦(ଡି.ଏନ୍.ଏ.):** କୋଣାର୍କର ବାଣପଦାସ୍ଥିତ ମା'ଶ୍ୟାମାକାଳୀ କମିଟି ଆନୁକୂଲ୍ୟରେ ମା'ଶ୍ୟାମାକାଳୀଙ୍କ ପୂଜା ପାଳିତ ହୋଇଯାଇଛି। କମିଟି ସଭାପତି ଭରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜାରେ ପୂଜକ ଆଲୋକ ପଣ୍ଡା ଧାର୍ମୀୟ ଚଣ୍ଡୀପାଠ, ହୋମଯଜ୍ଞ ଓ ନିଶାର୍ଦ୍ଧ ପୂଜା ସହ ମା'ଙ୍କ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। କାର୍ଯ୍ୟକ୍ରମକୁ ପୂଜା କମିଟି ଉପଦେଷ୍ଟା ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, କମିଟିର ସମ୍ପାଦକ ମଙ୍ଗରାଜ ବେଉରା, କୋଷାଧକ୍ଷ ସୁଶାନ୍ତ ବେଉରା, ନୃସିଂହ ପ୍ରସାଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ଦିଗହରା ନାବିକଙ୍କ ଲୋମଟାଙ୍କୁରା କାହାଣୀ

# 'ଆଉ କେବେ ସମୁଦ୍ରକୁ ଯିବିନାହିଁ'



ଅଗଷ୍ଟ ୨୮ ତାରିଖ। ଛୋଟ ବୋଟ୍ (ସ୍ଥାନୀୟ ଭାଷାରେ ଟାପା)ରେ ରାଶନ ସାମଗ୍ରୀ ସହ ଏକ ନୂଆ ସ୍କୁଟି ଲଦି ପୋର୍ଟବ୍ଲେୟାରରୁ ବାହାରିଥିଲେ ନାବିକ ଅମ୍ରିତ କୁଜୁର(୪୨)। ଲକ୍ଷ୍ୟ ଥିଲା ନିଜ ଗାଁ ଆଣ୍ଡାମାନ ନୀଲ୍‌ଦୀପର ଶହୀଦ ଦ୍ୱୀପରେ ପହଞ୍ଚିବେ। ସାଙ୍ଗରେ ଥିଲେ ସାଥୀ ରଞ୍ଜନ ବିଶ୍ୱାସ। କିନ୍ତୁ ସମୁଦ୍ରରେ ଝଡ଼ ସେମାନଙ୍କୁ ଦିଗହରା କରିଦେଲା। ୫୭ ଦିନ ପରେ ଗତ ୨୪ ତାରିଖ ରାତି ସାଢେ ୧ଟାରେ କୃଷ୍ଣପ୍ରସାଦ ବ୍ଲକ ଖିରିସାହି ନିକଟ ସମୁଦ୍ର କୂଳରେ ପହଞ୍ଚିଥିଲେ ଅମ୍ରିତ୍। କିନ୍ତୁ ଅଧାବାଟରେ ଜୀବନ ହାରିଥିଲେ ରଞ୍ଜନ। ଭୋକ ଉପାସରେ ସମୁଦ୍ରର ଅଥଳ ଜଳରାଶି ସହ ସଂଗ୍ରାମ କରି ନୂଆ ଜୀବନ ପାଇଥିବା ଅମ୍ରିତଙ୍କ ସହ ଧରିତ୍ରୀର ଆଳାପ...

***ପରିବାର ଏବଂ ବୃତ୍ତି ସମ୍ପର୍କରେ କ'ଣ କହିବେ ?***

● ଆଣ୍ଡାମାନ ଦ୍ୱୀପପୁଞ୍ଜ ନୀଲ୍‌ଦୀପ ଅନ୍ତର୍ଗତ ଶହୀଦ ଦ୍ୱୀପ ହେଉଛି ମୋ ଗାଁ। ସ୍ତ୍ରୀ ଓ ତିନି ଝିଅଙ୍କୁ ନେଇ ମୋର ପରିବାର। ଜଣେ ମାଲିକଙ୍କ ପାଖରେ ବୋଟ୍ ଚାଳକ ଭାବେ କାମ କରେ। ବିଶେଷକରି ପୋର୍ଟବ୍ଲେୟାରରୁ ରାଶନ ଓ ଅନ୍ୟାନ୍ୟ ଘର ଉପକରଣ ସାମଗ୍ରୀ ବୋଟ୍‌ରେ ନେଇ ଗାଁରେ ପହଞ୍ଚାଇଥାଏ। ପୋର୍ଟବ୍ଲେୟାରରୁ ଶହୀଦ ଦ୍ୱୀପ ୪୬ କି.ମି. ବାଟକୁ ପ୍ରାୟ ୩ ଘଣ୍ଟା ଲାଗେ।

***ଅଗଷ୍ଟ ୨୮ରେ ଆପଣଙ୍କ ସହିତ କ'ଣ ଘଟିଲା ?***

● ସେଦିନ ଅପରାହ୍ନରେ ପୋର୍ଟବ୍ଲେୟାରରୁ ଚୁଡା, ଚାଉଳ, ଗହମ, ଡାଲି, ଅଟା, ବିସ୍କୁଟ, ଆଜବେଷ୍ଟସ୍ ଶିଟ୍ ସହ ଏକ ନୂଆ ସ୍କୁଟିକୁ ବୋଟ୍‌ରେ ଲଦି ସାଥୀ ରଞ୍ଜନ (୩୬) ଏବଂ ମୁଁ ଶହୀଦ ଦ୍ୱୀପକୁ ଫେରୁଥିଲୁ। ୧୦୦ ଲିଟର ଡିଜେଲ ଆମ ପାଖରେ ଥିଲା। ଅଧାବାଟ ଯାଇଛୁ ଅଚାନକ ସମୁଦ୍ରରେ ଝଡ଼ର ସାମ୍ନା କଲୁ। ବୋଟ୍‌କୁ ଆୟତ୍ତ କରିବା ସମ୍ଭବ ହେଲାନାହିଁ। ତେଣୁ ଲଙ୍ଗର ପକାଇଲୁ, ହେଲେ ପବନର ବେଗ ଏତେ ମାତ୍ରାରେ ଥିଲା ଯେ ଲଙ୍ଗର ରହିଲା ନାହିଁ। ମୋବାଇଲ ଫୋନରେ ମାଲିକଙ୍କୁ ଯୋଗାଯୋଗ ପାଇଁ ଚେଷ୍ଟା କଲୁ, ହେଲେ ନେଟୱର୍କ ନ ଥିଲା। ପ୍ରବଳ ବର୍ଷା ଓ ପବନ ହେଉଥିଲା। ବୋଟ୍ ବୁଡ଼ିଯିବା ଭଳି ସ୍ଥିତି ଉପୁଜିବାରୁ କେବଳ ଖାଦ୍ୟ ସାମଗ୍ରୀ ଓ ପିଇବା ପାଣି ରଖି ସବୁ ରାଶନ ସମୁଦ୍ର ମଧ୍ୟକୁ ଫିଙ୍ଗି ଦେଇଥିଲୁ।

***ମ୍ୟାନ୍‌ମାର୍‌ରେ କେମିତି ପହଞ୍ଚିଲେ ?***

● ସମୁଦ୍ର ମଧ୍ୟରେ ଦିଗହରା ହୋଇଯିବାରୁ ଆମ ପାଖରେ ଥିବା ଡିଜେଲ ସରିଗଲା। ତେଣୁ ପବନକୁ ହିଁ ଭରସା କଲୁ। ପବନ ଯୁଆଡ଼େ ବହିଲା ସେଇଆଡ଼େ ଚାଲିଲୁ। ବାଟରେ ଏକାଧିକ ଜାହାଜ ଦେଖିଛୁ। ହେଲେ ସେମାନେ ଆମଠାରୁ ଯଥେଷ୍ଟ ଦୂରରେ ଥିବାରୁ ଆମ କଥା ସେମାନଙ୍କୁ ଶୁଣାଗଲା ନାହିଁ। ଆମ ସାହାଯ୍ୟର ଡାକ ପବନରେ ଉଡ଼ି ଯାଉଥିଲା। ସମୁଦ୍ରରେ ଭାସି ଭାସି ୧୫ ଦିନ ପରେ ଆମେ ମ୍ୟାନ୍‌ମାର୍ ସୀମାନ୍ତ ସମୁଦ୍ରରେ ପହଞ୍ଚିଗଲୁ।

***ମ୍ୟାନ୍‌ମାର୍‌ରେ ପହଞ୍ଚିବା ପରେ କି ପ୍ରକାର ସାହାଯ୍ୟ ପାଇଲେ ?***

● ମ୍ୟାନ୍‌ମାର୍‌ର ଏକ ମାଛଧରା ବୋଟ ସହିତ ଭେଟ ହେଲା। କିନ୍ତୁ ସେଥିରେ ଥିବା ଲୋକେ ଆମ ଭାଷା ବୁଝିପାରିଲେ ନାହିଁ କି ଆମେ ତାଙ୍କ କଥା ବୁଝିପାରିଲୁ ନାହିଁ। ତେଲଟାଙ୍କି ଦେଖାଇ ଆମର ତେଲ ସରିଯାଇଥିବା ନେଇ ସମ୍ପୃକ୍ତ ବୋଟ କର୍ମଚାରୀଙ୍କୁ ଇସାରା ଦେଲି। ସେମାନେ ଆମକୁ ତେଲ ଏବଂ କିଛି ଖାଦ୍ୟ ଦେଲେ। ଏଥିସହ ମ୍ୟାନ୍‌ମାର୍‌ରେ ପହଞ୍ଚିବା ଲାଗି ବାଟ ବତାଇ ଦେଲେ। ଅପରାହ୍ନ ୫ଟାରେ ମ୍ୟାନ୍‌ମାର୍‌ରେ ପହଞ୍ଚିଗଲୁ। ସେଠାକାର ଏକ ନୌବାହିନୀ ଜାହାଜଠାରୁ ସାହାଯ୍ୟ ମାଗିଲୁ। ସେମାନେ ରଶି ସାହାଯ୍ୟରେ ଆମକୁ ଜାହାଜକୁ ନେଇଗଲେ। ଆମ ପରିଚୟପତ୍ର ଦେଖିଲେ। ଖାଇବା ପିଇବାକୁ ଦେଇ ୨ ଦିନ ସେମାନଙ୍କ ପାଖରେ ରଖିଲେ। ତୃତୀୟ ଦିନ ସକାଳେ ୨୬୦ ଲିଟର ତେଲ, ଦିଗ ନିର୍ଣ୍ଣୟ ପାଇଁ କମ୍ପାସ ଏବଂ ଖାଇବା ପାଇଁ ୪ ପ୍ୟାକେଟ ବ୍ରେଡ୍ ଏବଂ ୧୭ ପ୍ୟାକେଟ ମ୍ୟାଗି ଦେଇ ଆମକୁ ବିଦାୟ ଦେଇଥିଲେ। ଏକ ମାଛଧରା ବୋଟକୁ ଆମ ସହିତ ପଠାଇ ତାଙ୍କ ସୀମା ପାର କରାଇଦେଲେ। ପୂର୍ବ ଦିଗକୁ ଗଲେ ଆଣ୍ଡାମାନରେ ପହଞ୍ଚିବ ବୋଲି କହିଥିଲେ।

***ଫେରିବା ବାଟରେ କ'ଣ ଘଟିଲା ?***

● ଭାଗ୍ୟର ବିଡମ୍ବନା। ୨/୩ ଦିନ ପରେ ପୁଣି ତେଲ ସରିଗଲା। କ'ଣ କରିବୁ ବୁଦ୍ଧିବାଟ ଦିଶିଲାନି। ବାଟରେ କୌଣସି କାର୍ଗୋ ଜାହାଜ କିମ୍ବା ମାଛଧରା ବୋଟ୍ ଦେଖାଗଲେନି। ପବନରେ କେଉଁଆଡେ ଯାଉଥିଲୁ ଜାଣିପାରୁ ନ ଥିଲୁ। ୪/୫ ଦିନ ପରେ ବଡ଼ ବଡ଼ କାର୍ଗୋ ଜାହାଜ ଦୂରରେ ଯାଉଥିବା ଦେଖୁଥିଲୁ, ହେଲେ ତାଙ୍କ ପାଖକୁ ଯାଇପାରୁ ନ ଥିଲୁ। ଏପଟେ ଖାଦ୍ୟ ଓ ପାଣି ବି ସରି ଆସିଥିଲା। ବର୍ଷା ନ ଥିଲା ତେଣୁ ସମୁଦ୍ର ପାଣିକୁ ପିଇବା ଆରମ୍ଭ କଲି। କିନ୍ତୁ ରଞ୍ଜନ ସମୁଦ୍ର ପାଣି ପିଉ ନ ଥିବାରୁ ଧୀରେ ଧୀରେ ନିସ୍ତେଜ ହୋଇପଡ଼ିଥିଲେ। ୨/୩ ଦିନ ପରେ ସେ ଶୋଇପଡ଼ିଲେ ଯେ ଆଉ ଉଠିପାରିଲେ ନାହିଁ କିମ୍ବା କଥା କହିପାରିଲେ ନାହିଁ।

***ସେ ସମୟରେ ଭୟ ଲାଗୁଥିଲା ?***

● ଭୟ ତ ଲାଗୁଥିଲା, ହେଲେ ଜୀବନ କେମିତି ବଞ୍ଚାଇପାରିବୁ ସେହି କଥା ହିଁ ଭାବୁଥିଲୁ। ମୁଁ ଯିଶୁଖ୍ରୀଷ୍ଟଙ୍କୁ ପ୍ରାର୍ଥନା କରୁଥିଲି। ପରିବାର କଥା ମନେ ପଡୁଥିଲା। ଦିନେ ସକାଳୁ ରଞ୍ଜନଙ୍କୁ ଡାକିବାରୁ ସେ କୌଣସି ଜବାବ ଦେଲେନାହିଁ। ତାଙ୍କ ଛାତିରେ କାନ ଦେଲି ହେଲେ ସେ ନିଃଶ୍ୱାସ ପ୍ରଶ୍ୱାସ ନେଉ ନ ଥିଲେ। ତାଙ୍କର ମୃତ୍ୟୁ ହୋଇଯାଇଥିବା ନିଶ୍ଚିତ ହେଲି। ମୃତଦେହକୁ ନେଇ ଯେତେ ଭୟ ଲାଗୁ ନ ଥିଲା ଲୋକଙ୍କୁ କ'ଣ ଜବାବ ଦେବି ସେଥିନେଇ ଅଧିକ ଚିନ୍ତିତ ହୋଇପଡୁଥିଲି। ବୋଟର ଗୋଟିଏ ପାର୍ଶ୍ୱରେ ଯାଇ ବସିପଡ଼ିଲି। ଅପରାହ୍ନ ହେଲା, ଧୀରେ ଧୀରେ ମୃତଦେହ ଗନ୍ଧ ହେବାକୁ ଲାଗିଲା। ତେଣୁ ଇଚ୍ଛା ନ ଥିଲେ ମଧ୍ୟ ମୃତଦେହକୁ ସମୁଦ୍ର ମଧ୍ୟରେ ଫିଙ୍ଗିଦେଲି।

***ଆଖି ଆଗରେ ସହଯୋଗୀଙ୍କ ମୃତ୍ୟୁ ପରେ ରାତିରେ ସମୁଦ୍ର ମଧ୍ୟରେ ଏକୁଟିଆ ସେହି ବୋଟ୍‌ରେ ରହିଥିଲେ। କ'ଣ ଅନୁଭବ ହେଉଥିଲା ?***

● ବଞ୍ଚିବି ବୋଲି ଆଉ ଆଶା ନ ଥିଲା। ହେଲେ ଭଗବାନଙ୍କ ଉପରେ ଭରସା ଥିଲା ଏବଂ ଯିଶୁଙ୍କୁ ହିଁ ସ୍ମରଣ କରୁଥିଲି। ଯୁଆଡେ ଚାହିଁବ ଖାଲି ପାଣି ଆଉ ପାଣି। ଧୀରେ ଧୀରେ ମୋ ଦେହ ବି ଦୁର୍ବଳ ହେବାକୁ ଲାଗିଲା। ସମୁଦ୍ର ପାଣି ପିଇବା ଅଭ୍ୟାସ ଥିବାରୁ ପିଉଥିଲି। କମ୍ପାସ ମାଧ୍ୟମରେ ଆଣ୍ଡାମାନ ଦକ୍ଷିଣ ଦିଗରେ ଥିବାବେଳେ ମୁଁ ପୂର୍ବ ଦିଗକୁ ଯାଉଥିବା ଜାଣୁଥିଲି, ହେଲେ ନିରୁପାୟ ଥିଲି। ଏମିତି କି ୨୬ ଦିନ କିଛି ନ ଖାଇ କେବଳ ସମୁଦ୍ର ପାଣି ହିଁ ପିଉଥିଲି। କିଛିଦିନ ପରେ ପୁନଶ୍ଚ ପୂର୍ବଦିଗରୁ ଦକ୍ଷିଣ ଦିଗକୁ ପବନ ବୋହି ଥିଲା। ବୋଟ୍ ଦକ୍ଷିଣ ଦିଗକୁ ଚାଲିଲା। ୪ ଦିନ ଏମିତି ପୂର୍ବ ଦିଗରୁ ଦକ୍ଷିଣ ଦିଗକୁ ହିଁ ଗଲି।

***ପୁରୀ ଉପକୂଳରେ ଲାଗିଲେ କେମିତି ?***

● ଅକ୍ଟୋବର ୨୪ ରାତିରେ ଅଚାନକ ପୁରୀ ଉପକୂଳରେ ମୋ ବୋଟ ସ୍ଥଳଭାଗରେ ଲାଗିଗଲା। ବୋଟରେ ହିଁ ବସି ରହିଲି। ସକାଳ ହେବା ପରେ ଧୀରେ ଧୀରେ ଆଗକୁ ଚାଲିଲି। କିଛି ବାଟ ପରେ ଗୋବର ପଡ଼ିଥିବା ଦେଖି ଭାବିଲି ଆଖପାଖରେ ନିଶ୍ଚିତ ଜନବସତି ଅଛି। ଆଉ କିଛିବାଟ ପରେ ପୁଣି ଗୋବର ଏବଂ ଏହାର କିଛି ଦୂରରେ ଏକ କୂଅ ଦେଖିଲି। ସେଠାରେ ରଶିରେ ଏକ ଡବା ବନ୍ଧା ଯାଇଥିଲା। ସେଥିରେ କୂଅରୁ ପାଣି କାଢି ମୁହଁ, ହାତ ଭଲ ଭାବେ ଧୋଇ ହୋଇ ପାଣି ପିଇଲି। ଏହାପରେ କିଛିବାଟ ଯାଇଛି ଏକ କୁଡ଼ିଆ ଘର ପାଇଲି। ସେଠାରେ ୨ଜଣ ଲୋକ ଜାଲ ବୁଣୁଥିଲେ। ନିକଟସ୍ଥ ଥାନା କେଉଁଠି ପଚାରିବାରୁ ସୁଦୀର୍ଘ ଜଳପଥ ଅତିକ୍ରମ କଲେ ସେପଟେ ପଡ଼ିବ କହିଥିଲେ। ଏହାକୁ ପୁଣି ପାର ହେବି କେମିତି ? ଏମିତି ଚିନ୍ତାରେ ଆଗକୁ ଯିବା ପରେ ମତ୍ସ୍ୟଜୀବୀ ଦମ୍ପତିଙ୍କୁ ଦେଖିଲି। ତାଙ୍କ ସହ କଥା ହେଲି, ସେମାନେ ତାମିଲ ମିଶା ଓଡ଼ିଆ ଭାଷା କହୁଥିଲେ। ମୁଁ ତାମିଲ ଭାଷା ଅଳ୍ପ ବୁଝୁଥିବାରୁ ସେମାନଙ୍କ ସହ କଥା ହୋଇ ତାଙ୍କ ଘରକୁ ଗଲି। ସେମାନେ ଖାଇବା ପିଇବାକୁ ଦେଲେ। ଏହାପରେ ପରିବାର ଲୋକଙ୍କ ସହ ମଧ୍ୟ କଥା ହେଲି।

***ଏବେ କ'ଣ ଅନୁଭବ କରୁଛନ୍ତି ?***

● ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ଏହି ପବିତ୍ର ମାଟିରେ ମୋର ପାଦ ପଡ଼ିଲା। ଆଗରୁ କେବେ ଓଡ଼ିଶା ଆସି ନ ଥିଲି। ଏଠାକାର ଲୋକେ ବହୁତ ସ୍ନେହୀ ଓ ପରୋପକାରୀ। ସରକାରଙ୍କ ପକ୍ଷରୁ ମୋ ରହିବା, ଖାଇବା ଏବଂ ଚିକିତ୍ସା ଆଦି ସବୁ ବ୍ୟବସ୍ଥା କରାଯାଇଛି। ମୋର ଟିକେଟ୍ ମଧ୍ୟ କରାଯାଇଛି । ନିଶ୍ଚିତ ଏକ ନୂଆ ଜୀବନ ପାଇ ଘରକୁ ଫେରିଯିବାକୁ ଥିବାରୁ ବହୁତ ଖୁସି ଲାଗୁଛି। ପୂର୍ବରୁ ମଧ୍ୟ ତିନିଥର ଏମିତି ଘଟଣା ମୋ ସହିତ ଘଟିଛି। ଏହା ଚତୁର୍ଥ ଘଟଣା। ଜୀବନ ଥିବା ଯାଏ ଆଉ କେବେ ସମୁଦ୍ରକୁ ଯିବିନାହିଁ, ପିଲାଛୁଆଙ୍କ ସହ ବାକି ଜୀବନ କାଟିବି ବୋଲି ସ୍ଥିର କରିଛି।

**–ସାକ୍ଷାତ୍: ହେମନ୍ତ ନାୟକ, ପୁରୀ**

**ସଂକ୍ଷେପରେ**

## କ୍ରୁଟ୍ ହାତକୁ ଗଲା ସିଟି ବସ୍ ସେବା

### ସିଏମ୍‌ସିରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଗାଡ଼ି ବିକ୍ରିହେବ

**କଟକ ଅଫିସ, ୨୮।୧୦:** ବହୁଦିନର ତର୍କବିତର୍କ ପରେ ଶେଷରେ କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (ସିଆର୍‌ୟୁଟି) ହାତକୁ ଗଲା କଟକ ମହାନଗର ନିଗମ(ସିଏମ୍‌ସି) ସିଟି ବସ୍ ସେବା। ଏ ନେଇ ଧରିତ୍ରୀରେ ଅଗଷ୍ଟରେ ଖବର ପ୍ରସାରଣ ପରେ ସିଏମ୍‌ସି ଏ ଦିଗରେ ତତ୍ପରତା ଦେଖାଇଥିଲା। ସିଟି ବସ୍‌ଗୁଡିକ କିପରି ନଷ୍ଟ ହେବାରୁ ରକ୍ଷାପାଇବ ସେ ଦିଗରେ ସିଏମ୍‌ସି ପକ୍ଷରୁ ବିଭିନ୍ନ ପଦାଧିକାରୀଙ୍କୁ ନେଇ ଅନୁଷ୍ଠିତ ବୈଠକ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯାଇଥିଲା। ସେପ୍ଟେମ୍ବର ୨୬ରେ ସିଏମ୍‌ସି କାର୍ଯ୍ୟାଳୟରେ ଏ ନେଇ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ହୋଇଥିଲା। ଶେଷରେ ସିଏମ୍‌ସି ସମସ୍ତ ବସ୍‌କୁ ଗତ ୨୫ ସୁଦ୍ଧା କ୍ରୁଟ୍‌କୁ ହସ୍ତାନ୍ତର କରିଛି।

ସୂଚନାଥାଉ କି, ସହରବାସୀଙ୍କୁ ବିଭିନ୍ନ ଅଞ୍ଚଳକୁ ଯାତାୟାତର ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ କଟକ ଅର୍ବାନ ଟ୍ରାନ୍ସପୋର୍ଟ ସର୍ଭିସ ଲିମିଟେଡ୍ (ସିୟୁଟିଏସ୍‌ଏଲ୍) ଏବଂ ସାହାରା ରୋଡ୍‌ୱେଜ୍ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତିନାମା ଅନୁଯାୟୀ କଟକ ସହରରୁ ବିଭିନ୍ନ ଜାଗାକୁ ବସ୍ ଚଳାଚଳ ହେବ। ସେହିପରି ଏହି ସେବା ଦ୍ୱାରା ଚୌଦ୍ୱାର, ବାଙ୍କୀ, ମଙ୍ଗୁଳି, ନୂଆପଡ଼ା, ସାଲେପୁର, କଟକ ସଦର, କନ୍ଦରପୁର, ପାଇକରାପୁର, ଆଠଗଡ଼ ଅଞ୍ଚଳର ବାସିନ୍ଦା ଉପକୃତ ହୋଇପାରିଥାନ୍ତେ। କିନ୍ତୁ ବସ୍‌ରେ ଲାଗିରହିଥିବା ସମସ୍ୟା ଦୂର କରିବା ବଦଳରେ ସିଏମ୍‌ସି ବସ୍ ସେବାକୁ କ୍ରୁଟ ହାତକୁ ଟେକିଦେଇଛି। ଏ ସମ୍ପର୍କରେ ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର କହିଛନ୍ତି, ସିଏମ୍‌ସି ଜାଣିଶୁଣି ଘରୋଇ କମ୍ପାନୀ ହାତକୁ ଏହି ସେବାକୁ ଟେକିଦେଇଛି। ସିଟି ବସ୍ ସେବା ଫଳରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଚାକିରି ପାଇଥିଲେ। ଏବେ ସେମାନେ ଚାକିରି ହରାଇଲେ। ଅନ୍ୟପକ୍ଷରେ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ଆଇନ ଅନୁଯାୟୀ ଯାହା ସମସ୍ୟା ରହିଛି ଯଥା- ଲୋନ୍, କର୍ମଚାରୀ, ଦରମା, ଗାଡ଼ିର ରକ୍ଷଣାବେକ୍ଷଣ ଭଳି ସମସ୍ତ ଦାୟିତ୍ୱ କ୍ରୁଟ ବୁଝିବ। ଏଥିସହିତ ସିଏମ୍‌ସି ପରିସରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଗାଡ଼ିଗୁଡିକର ଟେଣ୍ଡର କରାଯାଇ ବିକ୍ରି କରାଯିବ।

## ବିଶେଶ୍ୱର ଦେଙ୍କ ପରଲୋକ

**କଟକ ଅଫିସ, ୨୮।୧୦:** ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ପୂର୍ବତନ ଉପନିର୍ଦ୍ଦେଶକ ବିଶେଶ୍ୱର ଦେ(୮୪)ଙ୍କ ଗତ ରବିବାର ରାତିରେ ଅସୁସ୍ଥତା କାରଣରୁ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ, ସାମାଜିକ କର୍ମୀ, କଟକ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ କଟକ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଅଧିକାରୀ ଏବଂ କର୍ମଚାରୀମାନେ ଶୋକ ପ୍ରକାଶ କରିବା ସହ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ପ୍ରମୋଦ କୁମାର ମଲ୍ଲିକ ଶୋକସଭାରେ ଅଧକ୍ଷତା କରିବା ସହ ବିଶେଶ୍ୱରଙ୍କ ସ୍ମୃତିଚାରଣ କରିଥିଲେ।



### ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି: ନେତା, ଅଫିସର ଅଭିଯୁକ୍ତ

# ଅଯୋଗ୍ୟ ହିତାଧିକାରୀ ଖୋଜା ଜୋରଦାର

**କଟକ ଅଫିସ, ୨୮।୧୦**

କଟକ ଜିଲାର ମାହାଙ୍ଗା ଓ ବଡ଼ମ୍ବା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ତଦନ୍ତ କରାଯିବା ପରେ ଏହି ଦୁଇଟି ବ୍ଲକରେ ହୋଇଥିବା ଦୁର୍ନୀତି ସାମ୍ନାକୁ ଆସିଛି। ବଡ଼ମ୍ବା ଘଟଣାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଗତ ଶୁକ୍ରବାର ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି। ଏତଲାକୁ ଭିତ୍ତି କରି ବିଡିଓ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ, ଶଙ୍ଖାମାରୀ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ପୋଲିସ ଏକ ମାମଲା ରୁଜୁ କରିଛି। ସେହିପରି ମାହାଙ୍ଗା ବ୍ଲକର ଜଣେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ପାଇଁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଗ୍ରାମାଞ୍ଚଳ ଏସ୍‌ପିଙ୍କୁ ଚିଠି ଲେଖାଯାଇଛି। ଅର୍ଥାତ୍ ନିର୍ବାଚିତ ଲୋକ ପ୍ରତିନିଧିମାନେ ସରକାରୀ ଯୋଜନାରୁ ଫାଇଦା ହାତେଇବା ପାଇଁ ବ୍ୟସ୍ତ ଥିବାବେଳେ ସରକାରୀ ଅଧିକାରୀମାନେ ଏହି କାର୍ଯ୍ୟରେ ସେମାନଙ୍କୁ ପ୍ରଚ୍ଛନ୍ନ ସହାୟତା ଯୋଗାଉଛନ୍ତି। ଫଳରେ ଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ବାଦ ପଡୁଥିବାବେଳେ ଅନେକ ଅଯୋଗ୍ୟ ହିତାଧିକାରୀ ଯୋଜନାରୁ ଲାଭବାନ ହେଉଛନ୍ତି। ହେଲେ ଦୁଇ ବ୍ଲକର ଦୁର୍ନୀତି ଜଣାଡ଼ିବା ପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସମଗ୍ର ଜିଲାରେ ଖୋଳତାଡ଼ ଆରମ୍ଭ ହୋଇଛି। କେଉଁ ବ୍ଲକରେ ଅଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ଲାଭବାନ ହୋଇଛନ୍ତି ତା'ର ତଦନ୍ତ ଜୋରଦାର ହୋଇଛି। ନଭେମ୍ବର ୫ ସୁଦ୍ଧା ତଦନ୍ତ ରିପୋର୍ଟ ପହଞ୍ଚିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରାଜ ବିବେକାନନ୍ଦ ନାୟକ କହିଛନ୍ତି।

୨୦୧୯-୨୦ ମସିହାରେ କଟକ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୧,୫୫୩ ଘର ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ସେଥିମଧ୍ୟରୁ ୧୦,୫୩୪ ହିତାଧିକାରୀଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସୋମବାର ସୁଦ୍ଧା ଏହି ହିତାଧିକାରୀମାନଙ୍କ ମଧ୍ୟରୁ ୯୭୭୨ ଜଣଙ୍କୁ ଗୃହ ନିର୍ମାଣ ବାବଦକୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା। ସେଥିମଧ୍ୟରୁ ୩୧୩୮ ଜଣଙ୍କୁ ଦ୍ୱିତୀୟ କିସ୍ତି, ୬୯୭ ଜଣଙ୍କୁ ତୃତୀୟ କିସ୍ତି, ୩୮ ଜଣଙ୍କୁ ଚତୁର୍ଥ କିସ୍ତି ପ୍ରଦାନ କରାଯାଇଛି। ମୋଟାମୋଟି ଭାବେ ଜିଲାରେ ୧୬୭ ଜଣ ହିତାଧିକାରୀ ଘର ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ତଥ୍ୟରୁ ଜଣାପଡ଼ିଛି। ଆର୍ଥିକବର୍ଷ ଆରମ୍ଭ ହେବାକୁ ଇତିମଧ୍ୟରେ ୭ ମାସ ବିତିଥିଲେ ମଧ୍ୟ ଗୃହ ନିର୍ମାଣ ହାର କଟକ ଜିଲାରେ ମାତ୍ର ୧.୪୫ ପ୍ରତିଶତ ରହିଛି। ଜିଲାର ବଡ଼ମ୍ବା, ବାଙ୍କୀ, ବାରଙ୍ଗ, କଣ୍ଟାପଡ଼ା, ନିଆଳି ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଅଦ୍ୟାବଧି ଗୋଟିଏ ଘର ବି ନିର୍ମାଣ ଶେଷ ହୋଇନାହିଁ।

**କଟକ ଜିଲା**

- ମାହାଙ୍ଗା, ବଡ଼ମ୍ବା ଘଟଣା ପରେ ଚେଇଁଲା ପ୍ରଶାସନ
- ହାତଗୁଞ୍ଜା ନ ଦେଲେ ମିଳୁନି କିସ୍ତି ଅର୍ଥ

ଯୋଜନାକୁ ସରକାରୀ ସ୍ତରରେ କଦର୍ଥ କରାଯାଉଥିବା କେତେଜଣ ହିତାଧିକାରୀ ନାମ ଗୋପନ ରଖି କହିଛନ୍ତି। ପଞ୍ଚାୟତ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀମାନେ ହିତାଧିକାରୀଙ୍କ ଘର ବୁଲି ଦେଖିଯିବା ପରେ ମଧ୍ୟ ହାତଗୁଞ୍ଜା ନ ପାଇବା ପର୍ଯ୍ୟନ୍ତ କିସ୍ତି ଟଙ୍କା ଆକାଉଣ୍ଟକୁ ପଠାଉନାହାନ୍ତି। ମାହାଙ୍ଗା ବ୍ଲକ ଅଞ୍ଚଳର ଜଣେ ହିତାଧିକାରୀ ନାମ ଗୋପନ ରଖି କହିଛନ୍ତି, ଗୃହ ନିର୍ମାଣ କାର୍ଯ୍ୟାଦେଶ ମିଳିବାଠୁ ଆରମ୍ଭ କରି ଚୂଡ଼ାନ୍ତ ବିଲ୍ ପର୍ଯ୍ୟନ୍ତ ପ୍ରତ୍ୟେକ ପର୍ଯ୍ୟାୟରେ ନିର୍ବାହୀ ଅଧିକାରୀଙ୍କୁ ୧ହଜାର ଲେଖାଏ ଟଙ୍କା ଦେବାକୁ ପଡ଼ିଥାଏ। ହାତଗୁଞ୍ଜା ନ ଦେଲେ କିସ୍ତି ଟଙ୍କା ମିଳିବା ଅସମ୍ଭବ। ସେହିପରି ମାହାଙ୍ଗା ବ୍ଲକର ଉଷୁମା ପଞ୍ଚାୟତ ଅଧିବାସୀ ଶରତ ସ୍ୱାଇଁ କୁହନ୍ତି, ସେ ଜଣେ ପାନ ଦୋକାନୀ। ଦୁଇ ବଖରା ଆଜବେଷ୍ଟସ ଘରେ ତାଙ୍କ ପରିବାର ରୁହନ୍ତି। ବାତ୍ୟା ଫନୀ ରେ ଘରର ଆଜବେଷ୍ଟସ୍ ଭାଙ୍ଗିଯିବାରୁ ସେଥିରେ ସେ ପଲିଥିନ ପକାଇ ରହୁଛନ୍ତି। ଗତ ଲଘୁଚାପ ବର୍ଷାରେ ଘର ଭିତରେ ବର୍ଷାପାଣି ଲହଡି ମାରିଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହେବାକୁ ହେଲେ ତାଙ୍କୁ ୧୦ହଜାର ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ବ୍ଲକର ଜଣେ ଅଧିକାରୀ କହିଥିଲେ। ଫଳରେ ଶରତ ଭାଗ୍ୟକୁ ଆଦରି ପଡ଼ି ରହିଛନ୍ତି। ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ନାୟକ କହିଛନ୍ତି, ବେଆଇନ ଭାବେ ଯିଏବି ଯୋଜନାରୁ ଲାଭବାନ ହୋଇଥିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମନ୍ତ୍ରୀଙ୍କ ଅଞ୍ଚଳରେ ପକ୍କାଘର ଦୁର୍ନୀତି ଅଭିଯୋଗ କଲା ଭାଜପା

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଚାଲିଛି। ଖୋଦ୍ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ନିର୍ବାଚନମଣ୍ଡଳୀରେ ଦୁର୍ନୀତି ହେଉଥିବା ଭାଜପା ନେତା ଶାରଦା ପ୍ରଧାନ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଶାରଦା କହିଛନ୍ତି, ରାଜ୍ୟର ସମସ୍ତ ଜିଲାରେ ଏଭଳି ଦୁର୍ନୀତି ଚାଲିଛି। ମାହାଙ୍ଗା ନିର୍ବାଚନମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକର ୩ଟି ପଞ୍ଚାୟତରେ ହୋଇଥିବା ଦୁର୍ନୀତି ସମ୍ପର୍କିତ ତଥ୍ୟ ରାଜ୍ୟରେ କେମିତି ପକ୍କାଘର ଯୋଜନାରେ ଦୁର୍ନୀତି ଚାଲିଛି ତାହା ଦର୍ଶାଉଛି। ନିଶ୍ଚିନ୍ତକୋଇଲି ବ୍ଲକର ଦାଉଦପୁର ପଞ୍ଚାୟତର ସମୁଦାୟ ୧୨୦୮ ପରିବାର ରହୁଛନ୍ତି। ସେଥିରୁ ୨୦୧୧ ସାମାଜିକ ଅର୍ଥନୈତିକ ଗଣନା ଅନୁଯାୟୀ ୭୬୮ ପରିବାର ପକ୍କାଘର ପାଇବା ପାଇଁ ଯୋଗ୍ୟ। ମାତ୍ର ସେହି ପଞ୍ଚାୟତରେ ୧୪୨୧ ପରିବାରକୁ ପକ୍କାଘର ମିଳିଛି ବୋଲି ସରକାରୀ ତଥ୍ୟରୁ ଜଣାପଡିଛି, ଯାହା ମୋଟ ଘର ସଂଖ୍ୟାଠାରୁ ଅଧିକ। ଏହାଠାରୁ ଆଶ୍ଚର୍ଯ୍ୟର କଥା କ'ଣ ଅଛି। ମୋଉଦା ପଞ୍ଚାୟତରେ ୨୦୧୮-୧୯ ଆର୍ଥିକ ବର୍ଷରେ ଯେଉଁ ଆବେଦନଗୁଡିକୁ ସେମାନଙ୍କର କୋଠାଘର ଅଛି ବୋଲି ନାକଚ କରାଯାଇଥିଲା ପୁଣି ସେମାନଙ୍କୁ ସେହି ବର୍ଷ ଯୋଗ୍ୟ ବୋଲି ଦର୍ଶାଇ ପକ୍କାଘର ଦିଆଯାଇଛି। ଉକ୍ତ ବ୍ଲକର ଆଉ ଏକ ପଞ୍ଚାୟତରେ ୨୨୬ ହିତାଧିକାରୀଙ୍କୁ ପକ୍କାଘର ମିଳିଥିବାବେଳେ ସେଥିରୁ ୧୬୬ ଜଣ ଅଯୋଗ୍ୟ ବୋଲି ପଞ୍ଚାୟତ ଲୋକମାନେ ଅଭିଯୋଗ କରିଛନ୍ତି।

ଭାଜପା ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ବାତ୍ୟା ଫନୀ ପରେ ୩ଲକ୍ଷ ୮୯ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କେନ୍ଦ୍ରକୁ ରାଜ୍ୟ ସରକାର ଚିଠି ଲେଖିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ପ୍ରାୟ ତିନିମାସ ପରେ ରାଜ୍ୟ ସରକାର ପୁଣି ଆଉ ଗୋଟିଏ ଚିଠି ଲେଖି ୧୨ଲକ୍ଷ ୭୫ହଜାର ୪୨ଟି ପକ୍କାଘର ମାଗିଲେ। ୩ ମାସରେ ରାଜ୍ୟର ଦାବି ଏତେ କେମିତି ବଢିଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ମନ୍ତ୍ରୀ ଜେନା ଅନିୟମିତତାର ପ୍ରମାଣ ଦେଲେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଥିଲେ। କିନ୍ତୁ ଖୋଦ୍ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ବ୍ୟାପକ ଦୁର୍ନୀତି ହୋଇଥିବା ଦୁର୍ଭାଗ୍ୟର କଥା। ରାଜ୍ୟ ସରକାର ଏବେ ଯେଉଁ ୧୨ଲକ୍ଷ ୭୫ହଜାର ଗରିବ ଲୋକଙ୍କୁ ପକ୍କାଘର ଦେବାପାଇଁ ଯାଉଛନ୍ତି ତାହାର ହିତାଧିକାରୀ ଚୟନ ଆଉଥରେ ହେଉ, ଯେଉଁ ଗରିବ ଲୋକମାନେ ପକ୍କାଘର ପାଇବାରୁ ବଞ୍ଚିତ ହୋଇଛନ୍ତି ସେମାନଙ୍କୁ ପକ୍କାଘର ଦିଆଯାଉ ବୋଲି ଗୋଲକ କହିଛନ୍ତି।



ଦୀପାବଳି ଅବସରରେ କଟକ ଖାନ୍‌ନଗର ଦକ୍ଷିଣକାଳୀ ମନ୍ଦିର ସମ୍ମୁଖରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।

## ଟ୍ରକ୍‌ରୁ ବ୍ୟାଟେରି ଚୋରି ଉଦ୍ୟମ: ୨ ଗିରଫ

**କଟକ ଅଫିସ,୨୮।୧୦**

ଟ୍ରକ୍‌ରୁ ବ୍ୟାଟେରି ଚୋରି ଉଦ୍ୟମ ଅଭିଯୋଗରେ ମର୍କତନଗର ପୋଲିସ ୨ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଲାଲ୍‌ବାଗ ଥାନା ଅଧୀନ କାଫ୍‌ଲାବଜାର ଅଞ୍ଚଳର ମନୋଜ ନାଏକ ଓ ରବି ନାଏକ। ପୋଲିସ ସୂଚନା ଅନୁଯାୟୀ, କାଠଯୋଡ଼ି ରିଂରୋଡ୍‌ର ଦୋହରୀକରଣ କାର୍ଯ୍ୟରେ ନିୟୋଜିତ ଏକ କନ୍‌ଷ୍ଟ୍ରକ୍‌ଶନ କମ୍ପାନୀର ଗୋଟିଏ ଟ୍ରକ୍ କାଠଯୋଡ଼ି ବିହାର ବସ୍ତି ନିକଟରେ ପାର୍କିଂ କରିଥିଲା। ମନୋଜ ଓ ରବି ଉକ୍ତ ଟ୍ରକ୍‌ରୁ ବ୍ୟାଟେରି ଚୋରି କରିବାକୁ ଉଦ୍ୟମ କଲାବେଳେ ଚାଳକ ସେଠାରେ ପହଞ୍ଚି ଉଭୟଙ୍କୁ କାବୁ କରିଥିଲେ। ଖବର ପାଇ ପୋଲିସ ସେଠାରେ ପହଞ୍ଚି ଉଭୟଙ୍କୁ ଗିରଫ କରିଥିଲା। ଟ୍ରକ୍ ଚାଳକଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି।

## ଅନ୍ତେବାସୀଙ୍କ ସହ ଦୀପାବଳି ପାଳିଲେ ସିପି



ଅନ୍ତେବାସୀଙ୍କ ଗହଣରେ ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀ।

**କଟକ ଅଫିସ,୨୮।୧୦**

ପୋଲିସ କମିଶନର(ସିପି) ଡ. ସୁଧାଂଶୁ ଷଡ଼ଙ୍ଗୀ ରବିବାର ନିଆରା ଢଙ୍ଗରେ ଦୀପାବଳି ପାଳନ କରିଛନ୍ତି। ଅପରାହ୍ନ ୧ଟାରେ ଷଡ଼ଙ୍ଗୀ ବିଡ଼ାନାସୀସ୍ଥିତ ବସୁନ୍ଧରାରେ ପହଞ୍ଚି ଅନାଥ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିସହ ପିଲାମାନଙ୍କ ବିଷୟରେ ବସୁନ୍ଧରା କର୍ତ୍ତୃପକ୍ଷଙ୍କଠାରୁ ପଚାରି ବୁଝିଥିଲେ। ଏ ନେଇ କମିଶନର କହିଥିଲେ, ସନ୍ତାନମାନଙ୍କୁ ଜନ୍ମଦେଇ ରାସ୍ତାକଡ଼ରେ ଛାଡି ଚାଲିଯିବାର ଅଧିକାର ମା', ବାପାଙ୍କର ନାହିଁ। ଦୁନିଆ ଦେଖି ନ ଥିବା ଶିଶୁମାନଙ୍କୁ ମରଣ ମୁହଁରେ ଫୋପାଡ଼ି ସେମାନଙ୍କୁ ବେସାହାରା କରି ରାସ୍ତାରେ ଛାଡ଼ିବା ଉଚିତ ନୁହେଁ। ଅଭିଯୁକ୍ତଙ୍କୁ ଧରିବା କେବଳ ପୋଲିସର କାର୍ଯ୍ୟ ନୁହେଁ, ନିରାଶ୍ରୟ ଓ ଅସହାୟଙ୍କୁ ସହାୟତା ଯୋଗାଇଦେବା ମଧ୍ୟ ପୋଲିସର କର୍ତ୍ତବ୍ୟ। ଏହି କାର୍ଯ୍ୟକ୍ରମରେ କଟକ ଡିସିପି ଅଖିଳେଶ୍ୱର ସିଂହଙ୍କ ସମେତ କଟକ କମିଶନରେଟ ପୋଲିସ ଅଧୀନ ସମସ୍ତ ଜୋନ୍‌ର ଏସିପି ଓ ଥାନା ଅଧିକାରୀ ଯୋଗଦେଇଥିଲେ।

### ଆରଏମ୍‌ସିର ଭାରପ୍ରାପ୍ତ ସମ୍ପାଦକ ଘରେ ଭିଜିଲାନ୍ସ ଯାଞ୍ଚ

# ୭୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**କଟକ ଅଫିସ/ ନିମାପଡ଼ା, ୨୮।୧୦ (ଡି.ଏନ୍.ଏ.)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୁରୀ ଜିଲା ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି(ଆରଏମ୍‌ସି)ର ଭାରପ୍ରାପ୍ତ ସମ୍ପାଦକ ବିଜୟ କୁମାର ସ୍ୱାଇଁଙ୍କ ଘରେ ସୋମବାର ଭିଜିଲାନ୍ସ ଯାଞ୍ଚ କରିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ପକ୍ଷରୁ ଜାରି କରାଯାଇଥିବା ସର୍ଚ୍ଚ ୱାରେଣ୍ଟ ବଳରେ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର କର୍ମଚାରୀମାନେ ସ୍ୱାଇଁଙ୍କ ନିମାପଡ଼ାର ପାଟପୁର ମେଳକଠାରେ ଥିବା ଘର, କିଆକଣ୍ଟା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର ଓ ନିମାପଡ଼ାଠାରେ ଥିବା ଅଫିସକୁ ଏକକାଳୀନ ଯାଞ୍ଚ କରିଥିଲେ। ଯାଞ୍ଚରୁ ମୋଟ୍ ୭୩ ଲକ୍ଷ ୯୮ହଜାର ୩୧୦ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ସ୍ୱାଇଁ ଓ ତାଙ୍କ ପରିବାରବର୍ଗଙ୍କ ଦଖଲରେ ଥିବା ଭିଜିଲାନ୍ସ ସୂଚନା ଦେଇଛି। ସମ୍ପତ୍ତିଗୁଡ଼ିକ ମଧ୍ୟରେ ସ୍ୱାଇଁଙ୍କର ପାଟପୁର ମେଳକ ଗାଁରେ ଏକ ୩ ମହଲା କୋଠା ରହିଛି। ଏହାର ମୂଲ୍ୟ ୬୭ ଲକ୍ଷ ୪୧ହଜାର ୫୫୦ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ସେହିପରି ତାଙ୍କର ଦୁଇଟି ବାଇକ୍, ତାଙ୍କ ଘରୁ ୨ ଲକ୍ଷ ୨୦ହଜାର ଟଙ୍କାର ସୁନାଗହଣା ଠାବ କରାଯାଇଛି। ବ୍ୟାଙ୍କ ଓ ପୋଷ୍ଟ ଅଫିସରେ ସ୍ୱାଇଁ ୪୨ହଜାର ଟଙ୍କା ଜମା ରଖିଥିବା ବେଳେ ତାଙ୍କ ଘରୁ ୨ ଲକ୍ଷ ୮୭ହଜାର ୭୬୦ ଟଙ୍କା ମୂଲ୍ୟର ଆସବାବପତ୍ର ଭିଜିଲାନ୍ସ ଠାବ କରିଛି।



ବିଜୟ କୁମାର ସ୍ୱାଇଁଙ୍କ ବାସଭବନରେ ଭିଜିଲାନ୍ସ ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

## ମାନିଲେନି କଟକଣା, ରାତି ଅଧଯାଏ ଚାଲିଲା ବାଣଫୁଟା

**କଟକ ଅଫିସ,୨୮।୧୦**

ଆଲୋକର ପର୍ବ ଦୀପାବଳି। ଅସତ୍ୟ ଉପରେ ସତ୍ୟର ଜୟକୁ ନେଇ ପ୍ରତ୍ୟେକ ଭାରତୀୟ ଏହି ପର୍ବ ପାଳନ କରିଥାନ୍ତି। ରବିବାର ସମଗ୍ର ଦେଶରେ ଏହି ପର୍ବ ପାଳିତ ହୋଇଯାଇଛି। ତେବେ ଜନସାଧାରଣ ସରକାରୀ ନିୟମକୁ ନ ମାନି ରାତିଅଧଯାଏ ବାଣ ଫୁଟାଇଥିଲେ। କଟକ ସହର ଓ ଏହାର ଆଖପାଖ ଅଞ୍ଚଳରେ ଦେଢ଼ କୋଟିରୁ ଅଧିକ ଟଙ୍କାର ବାଣ ବିକ୍ରି ହୋଇଥିବା ଜଣାପଡିଛି। ଅଧିକ ଶବ୍ଦଯୁକ୍ତ ବାଣ ଫୁଟାଇବା ଉପରେ କଟକଣା ରହିଥିଲେ ମଧ୍ୟ ଜନସାଧାରଣ ଏହାକୁ ଆଦୌ କର୍ଣ୍ଣପାତ କରି ନ ଥିଲେ। ପରିବେଶ ଓ ଶବ୍ଦ ପ୍ରଦୂଷଣ ପାଇଁ ସୁପ୍ରିମକୋର୍ଟ କିଛି କଟକଣା ଜାରି କରିଛନ୍ତି। ଏହି କଟକଣା ଅନୁଯାୟୀ ରାତି ୮ଟାରୁ ୧୦ଟା ମଧ୍ୟରେ ବାଣ ଫୁଟିବାର ନିୟମ ରହିଛି। ମାତ୍ର ରବିବାର ଅପରାହ୍ନରୁ ବାଣଫୁଟା ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ସେହିପରି ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋର୍ଟ, ଧାର୍ମିକ ସ୍ଥାନରେ ବାଣଫୁଟା ଉପରେ କଟକଣା ରହିଥିଲେ ମଧ୍ୟ ସହରରେ ଥିବା ଏସ୍‌ସିବି ମେଡ଼ିକାଲ ସହ ଅନ୍ୟ ମେଡ଼ିକାଲ ଅଞ୍ଚଳରେ ଅଧିକ ଶବ୍ଦଯୁକ୍ତ ବାଣ ଫୁଟୁଥିବା ଦେଖିବାକୁ ମିଳିଥିଲା।

## ଶପଥ ନେଲେ ପୋଲିସ କର୍ମଚାରୀ

**କଟକ ଅଫିସ, ୨୮।୧୦**

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ସୋମବାର ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ଆର୍.ପି. କୋଚେ ଯୋଗଦେଇ ମୁଖ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କୁ ସମସ୍ତ କାର୍ଯ୍ୟରେ ସାଧୁତା, ସ୍ୱଚ୍ଛତା ବଜାୟ ରଖିବା ସହ ଜୀବନର ପ୍ରତ୍ୟେକ ସ୍ତରରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ବିନା ଦ୍ୱିଧାରେ କାର୍ଯ୍ୟ କରିବାକୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇଜି ରେଖା ଲୋହାନିଙ୍କ ସମେତ ସମସ୍ତ ଏଆଇଜି, ସମସ୍ତ ସଂସ୍ଥା ଅଧିକାରୀ, ଉପବିଭାଗ ଅଧିକାରୀ ଓ କର୍ମଚାରୀ ଶପଥ ପାଠ କରିଥିଲେ।



ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଆର୍.ପି. କୋଚେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଶପଥପାଠ କରାଉଛନ୍ତି।

## ପ୍ରତି ମାସରେ ହେବ 'ଓଡ଼ିଶୀ ଆସର'

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାଲାଗି ଅଣ୍ଟା ଭିଡ଼ିଛି ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର। ବହୁ ପୂର୍ବରୁ ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଥିବାରୁ ଓଡ଼ିଶୀ ସଙ୍ଗୀତକୁ କିଭଳି ଶାସ୍ତ୍ରୀୟ ମାନ୍ୟତା ମିଳିପାରିବ ସେଥିଲାଗି ପ୍ରୟାସ ଆରମ୍ଭ ହୋଇଛି। ଓଡ଼ିଶୀ ସଙ୍ଗୀତର ପ୍ରଚାର ପ୍ରସାର ସହ ଏହା ଉପରେ ଅଧିକ ଆଲୋଚନା ପାଇଁ ଏଣିକି ପ୍ରତିମାସରେ 'ଓଡ଼ିଶୀ ଆସର' ନାମରେ ଏକ କାର୍ଯ୍ୟକ୍ରମ କରିବାକୁ ସ୍ଥିର ହୋଇଛି। ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତି ମାସରେ ଓଡ଼ିଶୀ ଗବେଷଣା କେନ୍ଦ୍ର ପରିସରରେ ଥିବା 'ଉତ୍କଳ ରଙ୍ଗମଞ୍ଚ'ରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ବରିଷ୍ଠଙ୍କ ଠାରୁ କନିଷ୍ଠଙ୍କ ପର୍ଯ୍ୟନ୍ତ ସବୁ ପିଢିର ଓଡ଼ିଶୀ ଶିଳ୍ପୀ ଓ କଳାକାରମାନେ କଳା ପ୍ରଦର୍ଶନ କରିବାର ସୁଯୋଗ ପାଇବେ।

- ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାକୁ ଉଦ୍ୟମ
- ଗୋଟିଏ ମଞ୍ଚରେ ଏକାଠି ହେବେ ବରିଷ୍ଠ-ଯୁବ ଶିଳ୍ପୀ
- ଓଡ଼ିଶୀ ସଙ୍ଗୀତକୁ ନେଇ ସ୍ୱତନ୍ତ୍ର ଆଲୋଚନା

'ଓଡ଼ିଶୀ ଆସର'ର ପ୍ରଥମ କାର୍ଯ୍ୟକ୍ରମ ମଙ୍ଗଳବାର ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏହି ଅବସରରେ ସୌମ୍ୟା ସମାପ୍ତା ମିଶ୍ର ଓଡ଼ିଶୀ ଗାୟନ ପରିବେଷଣ କରିବେ। ପରେ ପରେ ଯନ୍ତ୍ର ସଙ୍ଗୀତରେ ଗୁରୁ ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀଙ୍କ ସିତାର ବାଦନ ଏବଂ ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ଦ୍ୱାରା ଓଡ଼ିଶୀ ଗାୟନ ମଞ୍ଚସ୍ଥ ହେବ। କାର୍ଯ୍ୟକ୍ରମରେ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଭାଗୀୟ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ନିର୍ଦ୍ଦେଶକ ବିଜୟ କୁମାର ନାୟକ, ସ୍ୱତନ୍ତ୍ର ଶାସନ ସଚିବ ରାମକୃଷ୍ଣ ସାହୁ, ଗବେଷକ ଡକ୍ଟର ସୁବାସ ପାଣି ଏବଂ ଓଡ଼ିଶୀ ଗବେଷଣା କେନ୍ଦ୍ର ମୁଖ୍ୟ ନିର୍ବାହୀ ଡ. ସଂଗୀତା ଗୋସାଇଁ ପ୍ରମୁଖ ଯୋଗଦେବେ। ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ଦେବାଲାଗି ସରକାରୀ ସ୍ତରରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ନଭେମ୍ବର ମାସର 'ଓଡ଼ିଶୀ ଆସର' କାର୍ଯ୍ୟକ୍ରମ ୧୮ ତାରିଖରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ଶାସ୍ତ୍ରୀୟତାର ସମସ୍ତ ଗୁଣ ଓ ଉପାଦାନ ଓଡ଼ିଶୀ ସଙ୍ଗୀତ ନିକଟରେ ରହିଥିବାବେଳେ ଏହା ହିନ୍ଦୁସ୍ତାନୀ ଓ କର୍ନାଟକୀ ସଙ୍ଗୀତଠାରୁ ଅଧିକ ଋଦ୍ଧିମନ୍ତ। ଶାସ୍ତ୍ରୀୟ ମାନ୍ୟତା ପାଇଁ ଆବଶ୍ୟକ ମୂଳଗୁଣ ଏହାର ପରମ୍ପରା, ନିର୍ଦ୍ଦିଷ୍ଟ ଶାସ୍ତ୍ର, ନିଜସ୍ୱ ରାଗ ଓ ତାଳକୁ ନେଇ ସ୍ୱତନ୍ତ୍ର ବ୍ୟାକରଣ ଓଡ଼ିଶୀ ସଙ୍ଗୀତ ନିକଟରେ ରହିଛି। ମନ୍ଦିର କଳାକୃତିରୁ ମଧ୍ୟ ଏହାର ପ୍ରାଚୀନତାର ଅନେକ ପ୍ରମାଣ ମିଳିସାରିଛି। ଏହା ସତ୍ତ୍ୱେ ଆଜିଯାଏଁ ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟ ସଙ୍ଗୀତର ମାନ୍ୟତା ପାଇପାରିନାହିଁ। ଓଡ଼ିଶୀ ନୃତ୍ୟ ଓ ଓଡ଼ିଆ ଭାଷାକୁ ଇତିମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ମିଳିସାରିଥିଲେ ମଧ୍ୟ ଓଡ଼ିଶୀ ସଙ୍ଗୀତ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ପ୍ରାଚୀନତାର ପ୍ରମାଣପତ୍ର ଏକାଠି କରିବାରେ ରାଜ୍ୟ ସରକାର ବାରମ୍ବାର ବିଫଳ ହେଉଥିବାରୁ ଭାରତବର୍ଷର ଏହି ପୁରାତନ ସଙ୍ଗୀତ ନିଜ ହକ୍ ପାଇବାରୁ ବଞ୍ଚିତ ହୋଇଛି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୀୟ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି। -**ବ୍ୟାସଦେବ**



## ସଂକ୍ଷେପରେ

### ଟ୍ୟାଙ୍କର ଦୁର୍ଘଟଣା: ଚିକିତ୍ସାଧୀନ ଯୁବକଙ୍କ ମୃତ୍ୟୁ

**କଟକ ରୋଡ,୨୮।୧୦(ଡି.ଏନ୍.ଏ ):** ଟ୍ୟାଙ୍କର ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲିଙ୍ଗରାଜ ଥାନା ଅଧୀନ ଜମ୍ବେଶ୍ୱର ପାଟଣା ସାହିର ହେମନ୍ତ କୁମାର ଜେନା। ସୂଚନା ଅନୁଯାୟୀ ୨୪ତାରିଖ ରାତିରେ ହେମନ୍ତ ତାଙ୍କ ବାଇକରେ ରାଜମହଲରୁ ଘରକୁ ଫେରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ୟାଙ୍କର (ଓଆର ୨୩ଇ ୬୭୬୩)ତାଙ୍କୁ ଧକ୍କା ଦେଇଥିଲା। ଫଳରେ ହେମନ୍ତ ଗାଡ଼ିରୁ ପଡିଯିବା ସହ କିଛିବାଟ ଘୋଷାଡି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ହେମନ୍ତଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ହେମନ୍ତଙ୍କ ଭାଇ ପ୍ରଶାନ୍ତଙ୍କ ଅଭିଯୋଗକ୍ରମେ ବଡ଼ଗଡ଼ ପୋଲିସ ଏକ ମାମଲା (ନଂ.୩୫୦/୧୯)ରୁଜୁ କରିଥିଲା। ପୋଲିସ ଟ୍ୟାଙ୍କରକୁ ଜବତ କରିଥିବା ବେଳେ ଚାଳକଙ୍କୁ ଗିରଫ କରାଯିବ ବୋଲି ଥାନାର ଜଣେ ଅଧିକାରୀ କହିଛନ୍ତି।

### ଯୁବତୀଙ୍କୁ ପ୍ରତାରଣା, ଅଭିଯୁକ୍ତ ଗିରଫ

**ବାଲିପାଟଣା,୨୮।୧୦(ଡି.ଏନ୍.ଏ):** ବାଲିପାଟଣା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ସୋମବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ପିପିଲି ବ୍ଲକ ଅଞ୍ଚଳର ସୁଶାନ୍ତ ବେହେରା। ସୂଚନା ଅନୁଯାୟୀ, ସୁଶାନ୍ତ ଯୁବତୀଜଣକୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। କିଛି ଦିନ ପରେ ବିବାହ କରିବେ ବୋଲି କହି କେଉଁଆଡେ ପଳାଇଯାଇଥିଲେ। ଗ୍ରାମରେ ଗତ ୨ ଅକ୍ଟୋବରରେ ପଞ୍ଚାୟତ ବସିବା ପରେ ଯୁବତୀଜଣକଙ୍କୁ ସୁଶାନ୍ତ ତାଙ୍କ ଘରକୁ ନେଇଥିଲେ। ଏହା ପରେ ସୁଶାନ୍ତ ଯୁବତୀଙ୍କୁ ମାରପିଟ କରିଥିଲେ। ଏ ନେଇ ଯୁବତୀଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଯୁବତୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ.୨୬୦/୧୯)ରୁଜୁକରି ତଦନ୍ତ ଚଳାଇଥିଲା।

### କଣ୍ଟାବାଡ଼ରେ ମାଙ୍କଡ଼ ଉତ୍ପାତ

**ବାରଙ୍ଗ,୨୮।୧୦(ଡି.ଏନ.ଏ.):** ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମରେ ମାଙ୍କଡ ଆତଙ୍କ ଦେଖାଦେଇଛି। ଏହି ମାଙ୍କଡ଼ଟି ଗତ କିଛିଦିନ ହେବ ଗ୍ରାମମୁଣ୍ଡରେ ଥିବା ଏକ ଗଛରେ ରହୁଛି। ରାସ୍ତାରେ ଯାଉଥିବା ପଥଚାରୀଙ୍କୁ କାମୁଡ଼ିବାକୁ ପଛାଉନାହିଁ। ଏହି ମାଙ୍କଡ଼ କାମୁଡାରେ ଗତ ସପ୍ତାହ ମଧରେ ୬ଜଣ ଆହତ ହୋଇଥିବାବେଳେ ସୋମବାର ପୁଣି ତିନିଜଣଙ୍କୁ କାମୁଡି ଖଣ୍ଡିଆଖାବରା କରିଦେଇଛି। ଆହତଙ୍କ ମଧରେ ଜଣେ ମହିଳା ହୋଇଥିବାବେଳେ ଦୁଇଜଣ ଯୁବକ ଅଛନ୍ତି। ପ୍ରମିଳା ସାହୁଙ୍କ ଗୋଡକୁ କାମୁଡିଥିବାବେଳେ ନରି ବେହେରା ହାତକୁ ଓ ଲିଟୁନ ବେହେରାଙ୍କ ପେଟକୁ ମାଙ୍କଡ଼ଟି କାମୁଡିଛି। ଯାହାକୁ ନେଇ ଲୋକେ ସେହି ବାଟ ଦେଇ ଯିବାକୁ ଭୟ କରୁଛନ୍ତି। ଏଥିପ୍ରତି ବନ ବିଭାଗ କର୍ମଚାରୀମାନେ ଦୃଷ୍ଟିଦେଇ ମାଙ୍କଡ଼କୁ ଧରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ପଦାତିକ ବାହିନୀ ଦିବସ ପାଳିତ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ୧୨୦ ବାଟାଲିୟନରେ ୭୩ତମ ପଦାତିକ ବାହିନୀ ଦିବସ ପାଳିତ ହୋଇଯାଇଛି। ଏଠାକାର ସୁବଠୁ ବରିଷ୍ଠ ପଦାତିକ ସେନା ଅଧିକାରୀ ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ ଜେ.କେ. ମହାନ୍ତି ସମସ୍ତ ପଦାତିକ ଯବାନଙ୍କ ପକ୍ଷରୁ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ୪୦ରୁ ଆରମ୍ଭ କରି ୮୦ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ ବୟସ ବର୍ଗର ୧୫୦ରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ପଦାତିକ ବାହିନୀର ଅଧିକାରୀମାନେ ଯୋଗ ଦେଇ ବୀର ଶହୀଦଙ୍କ ବଳିଦାନର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଲ୍ୟୁଟନାଣ୍ଟ ଜେନେରାଲ ମହାନ୍ତି କହିଲେ, ଦେଶର ସର୍ବଭୌମତ୍ୱ ଏବଂ ଅଖଣ୍ଡତାର ରକ୍ଷା କରିବା ଲାଗି ବହୁ ବୀର ସୈନିକ ସେମାନଙ୍କର ପ୍ରାଣବଳି ଦେଇଥିଲେ। ପଦାତିକ ବାହିନୀର ପ୍ରଥମ ସାମରିକ କାର୍ଯ୍ୟାନୁଷ୍ଠାନର ସ୍ମୃତି ଚାରଣ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅକ୍ଟୋବର ୨୭କୁ ପଦାତିକବାହିନୀ ଦିବସ ଭାବେ ପାଳନ କରାଯାଇଥାଏ। ସେନାବାହିନୀରୁ ପ୍ରାପ୍ତ ଅଭିଜ୍ଞତାକୁ ସମାଜ ସେବା କରିବାକୁ ସମସ୍ତ ଅବସରପ୍ରାପ୍ତ ସେନା ଅଧିକାରୀ ଓ କର୍ମଚାରୀମାନଙ୍କୁ ସେ ଆହ୍ୱାନ ଦେଇଥିଲେ।

# ବିଏମ୍‌ସିର ହୋଲ୍ଡିଂ ଟିକସ ବୃଦ୍ଧି ପ୍ରସ୍ତାବକୁ ବିରୋଧ

## ବେଆଇନ ପାର୍କିଂ ଫି ଆଦାୟର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବି

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ରାଜଧାନୀ ବାସିନ୍ଦାଙ୍କ ପାଇଁ ହୋଲ୍ଡିଂ ଟିକସ ବଢ଼ାଇବାକୁ ଯାଉଛି। ଗତ ୧୨ ତାରିଖରେ ଏ ସମ୍ପର୍କିତ ପ୍ରସ୍ତାବ ଗ୍ରହଣ କରାଯାଇଛି। ଜମିର ବେଞ୍ଚମାର୍କ ମୂଲ୍ୟକୁ ଆଧାରକରି ନୂତନ ଭାବେ ହୋଲ୍ଡିଂ ଟିକସ ବା ପ୍ରପର୍ଟି ଟିକସ ଆଦାୟ କରିବା ପାଇଁ ବିଏମ୍‌ସିର ପ୍ରସ୍ତାବ ରହିଛି। ଏହା ହେଲେ ପ୍ରଚଳିତ ଟିକସଠାରୁ ବହୁ ଅଧିକ ଅର୍ଥ ଦେବାକୁ ପଡ଼ିବ। ବିଏମ୍‌ସିର ଏଭଳି ପ୍ରସ୍ତାବକୁ ଭୁବନେଶ୍ୱର ନାଗରିକ ମହାସଂଘ, ସମାଜବାଦୀ ପାର୍ଟି ସମେତ ବିଭିନ୍ନ ମହଲରେ ବିରୋଧ କରାଯାଇଛି। ଭୁବନେଶ୍ୱର ନାଗରିକ ମହାସଂଘ ପକ୍ଷରୁ ଗତ ୨୫ ତାରିଖରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ଟିକସ ବାବଦରେ ଆଲୋଚନା କରାଯାଇଥିଲା। ପ୍ରସ୍ତାବିତ ଟିକସ ଆଇନ ଅନୁଯାୟୀ ହୋଇ ନ ଥିବା ମହାସଂଘ ଅଭିଯୋଗ





ସମାଜବାଦୀ ପାର୍ଟି ପକ୍ଷରୁ ଆୟୋଜିତ ସର୍ବଦଳୀୟ ସମ୍ମିଳନୀ।

କରିଛି। ଏ ସଂକ୍ରାନ୍ତରେ ଆଇନଗତ ପଦକ୍ଷେପ ନିଆଯିବା ନିମନ୍ତେ ମହାସଂଘ ନିଷ୍ପତ୍ତି ନେଇଛନ୍ତି। ସେହିପରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସୋମବାର ବିଭିନ୍ନ ରାଜନୈତିକ ଦଳ ଓ ବିଭିନ୍ନ ୱାର୍ଡର ବାସିନ୍ଦାଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜନ ହୋଇଥିଲା। ଏଥିରେ ବିଏମ୍‌ସିର ପ୍ରସ୍ତାବିତ ହୋଲ୍ଡିଂ ଟିକସ ଏବଂ ବେଆଇନ ପାର୍କିଂ ଫି ଆଦାୟକୁ ବିରୋଧ କରାଯାଇଥିଲା। ଦୀର୍ଘବର୍ଷ ଧରି ବେଆଇନ ପାର୍କିଂ ଫି ଆଦାୟ କରି ବିଏମ୍‌ସି କର୍ତ୍ତୃପକ୍ଷ ଯେଉଁଭଳି ଭାବେ ବ୍ୟକ୍ତିଗତ ମୁନାଫା ଉଠାଇଛନ୍ତି ତା'ର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରିବାକୁ ଏହି ସମ୍ମିଳନୀରେ ଦାବି କରାଯାଇଥିଲା। ସେହିପରି ବର୍ତ୍ତମାନ ବିଏମ୍‌ସିରେ ନା ମେୟର ଅଛନ୍ତି, ନା କର୍ପୋରେଟର। ଯେତେବେଳେ କୌଣସି ୱାର୍ଡରେ ନିର୍ବାଚିତ ପ୍ରତିନିଧି ନାହାନ୍ତି, ସେତିକିବେଳେ ହୋଲ୍ଡିଂ ଟିକସ ବୃଦ୍ଧି ପାଇଁ ଯୋଜନା କରିବା ନିନ୍ଦନୀୟ। ଯଦି ଟିକସ ବୃଦ୍ଧି ପ୍ରସ୍ତାବକୁ ସ୍ଥଗିତ ନ ରଖାଯାଏ ତା'ହେଲେ ଆସନ୍ତା ୧ ତାରିଖରେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ରାଜନୈତିକ ଦଳ ଓ ନାଗରିକ ସଙ୍ଗଠନ ପକ୍ଷରୁ ପ୍ରତିବାଦ କରାଯିବ ବୋଲି ସମ୍ମିଳନୀରେ ନିଷ୍ପତ୍ତି ନିଆଯାଇଛି।

ଉତ୍କଳ ସାମ୍ବାଦିକ ଭବନରେ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଅମୀୟ ପାଣ୍ଡବ, ସିପିଏମ୍‌ର ସମ୍ପାଦକ ମଣ୍ଡଳୀ ସଦସ୍ୟ ସୁରେଶ ପାଣିଗ୍ରାହୀ, ସିପିଆଇ (ଏମ୍-ଏଲ୍) ଲିବରେଶନ୍‌ର ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ନାଗରିକ ସମାଜର ଜଗବନ୍ଧୁ ଷଡ଼ଙ୍ଗୀଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜାଳିଦେଲେ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆତସବାଜି

**ଭୁବନେଶ୍ୱର, ୨୮।୧୦ (ବ୍ୟୁରୋ)**

ଦୀପାବଳି ଅବସରରେ ରବିବାର ଅପରାହ୍ନରୁ ଆରମ୍ଭ ହୋଇଯାଇଥିଲା ଆତସବାଜିର ଢୋ-ଢା ଶବ୍ଦ। ସୁପ୍ରିମ୍‌କୋର୍ଟ ଗାଇଡ୍‌ଲାଇନ୍ ନ ମାନି ରାତି ପ୍ରାୟ ୧୧ଟା ଯାଏ ଲୋକେ ବାଣ ଫୁଟାଇଥିଲେ। କେବଳ ଭୁବନେଶ୍ୱରରେ ଲୋକେ ଅପରାହ୍ନ ୫ଟାରୁ ରାତି ୧୧ଟା ମଧ୍ୟରେ ପ୍ରାୟ ୯କୋଟିରୁ ଅଧିକ ଟଙ୍କାର ବାଣ ଫୁଟାଇଥିଲେ। ବହୁ ଲୋକ ରାଜରାସ୍ତାରେ ବାଣ ଫୁଟାଇ ଦୀପାବଳି ପାଳନ କରିଥିଲେ। ଧୂଆଁ ଓ ପ୍ରଚଣ୍ଡ ଶବ୍ଦରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ତେବେ ଗତବର୍ଷଗୁଡ଼ିକରେ ରାଜଧାନୀରେ ୧୨ରୁ ୧୫ କୋଟି ଟଙ୍କାର ବାଣ ଫୁଟାଯାଉଥିବାବେଳେ ଏଥର ଅପେକ୍ଷାକୃତ କମ୍ ରହିଥିଲା। ତାଳଫୋଟକା, ଘଡି, ଗୋଲା, ଫୁଲଝରି, ହାବେଳି, ସଟ୍‌ସ, ରକେଟ୍ ବାଣ ସାଙ୍ଗକୁ ସ୍କାଏ ସଟ୍‌ସରେ ରାଜଧାନୀ ଆକାଶ ଆଲୋକମୟ ହୋଇଥିଲା। ତେବେ କଟକଣା ଯୋଗୁ ଏଥର ଶବ୍ଦ ବାଣ ଅପେକ୍ଷା ଲାଇଟ୍ ବାଣ ଅଧିକ ଦେଖିବାକୁ ମିଳିଥିଲା। ରାଜଧାନୀରେ ଚଳିତବର୍ଷ ପ୍ରାୟ ୧୭୨ ବାଣ ଦୋକାନକୁ ଲାଇସେନ୍ସ ମିଳିଥିବାବେଳେ ଦୋକାନ ପିଛା ବ୍ୟବସାୟ ୩ରୁ ୪ଲକ୍ଷ ଟଙ୍କା ଟପିଥିଲା। ବରମୁଣ୍ଡା ପଡ଼ିଆ, ଖଣ୍ଡଗିରି ଜାଗମରା ପଡ଼ିଆ, ତମାଣ୍ଡୋ ପଡ଼ିଆ, ପୋଖରୀପୁଟ ଓ କସ୍‌ମୋପଲିଟାନ୍ ନିକଟସ୍ଥ ପଡ଼ିଆ, ୧ ନମ୍ବର ଖେଳ ପଡ଼ିଆ ଓ ରସୁଲଗଡ଼ ପଡ଼ିଆ ଭଳି ଖୋଲା ସ୍ଥାନରେ ଦୀପାବଳିର ଦୁଇଦିନ ଆଗରୁ ବାଣ ଦୋକାନ ଖୋଲିଥିଲା। ଅଧିକାଂଶ ରାଜଧାନୀବାସୀ ହୋଲ୍‌ସେଲ୍ ଦାମ୍ ପାଇଁ ଜଟଣୀ ଓ ଆଖପାଖ ଅଞ୍ଚଳରୁ ବାଣ ଆଣିଥିଲେ। ସେହିଭଳି ଚାଇନା ବାଣ ବିକ୍ରିରେ କଟକଣା ସତ୍ତ୍ୱେ ବିଭିନ୍ନ ସ୍ଥାନରେ ଏହାର ବିକ୍ରି ଓ ଭଲ ବ୍ୟବସାୟ ବି ହୋଇଥିଲା।





ଚତୁର୍ଥ ଦେବପ୍ରସାଦ ଉତ୍ସବ-୨୦୧୯ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।

# ଏକକ ନୃତ୍ୟରେ ବିମୋହିତ ହେଲେ ଦର୍ଶକ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ଗୁରୁ ଦେବପ୍ରସାଦ ଫାଉଣ୍ଡେଶନ ପକ୍ଷରୁ ଚତୁର୍ଥ ଦେବପ୍ରସାଦ ଉତ୍ସବ-୨୦୧୯ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ, ସମ୍ମାନିତ ଅତିଥି ଭାବେ ଜିଏମ୍‌ଏଚ୍‌ଆର୍ ପିପିଏଲ୍‌ର ଜଗନ୍ନାଥ ଖୁଣ୍ଟିଆ, ବିମାନବନ୍ଦର ନିର୍ଦ୍ଦେଶକ ସୁରେଶଚନ୍ଦ୍ର ହୋତା, କଣ୍ଠଶିଳ୍ପୀ ସଙ୍ଗୀତା ଗୋସାଇଁ, ସମାଜିକ କର୍ମୀ ନମ୍ରତା ଚଢା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗୁରୁ କେ. ରାମରାଓ ପାତ୍ର, ଗୁରୁ ହରମୋହନ ଖୁଣ୍ଟିଆ, ଗୁରୁ ଅନିତା ସିଂଦେଓଙ୍କୁ 'ଗୁରୁ ଦେବପ୍ରସାଦ ସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହିତ କୁଚିପୁଡ଼ି ନୃତ୍ୟରେ ରାମ କୋଣ୍ଡାନ୍ୟ ଏବଂ ଓଡ଼ିଶୀରେ ଶତାବ୍ଦୀ ମଲ୍ଲିକ ଓ ଅଙ୍କିତା ରଥଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ଦେବପ୍ରସାଦ ଦାସଙ୍କ ପୁରାତନ ଛାତ୍ରୀ ମୂର୍ଚ୍ଛନା ମହାନ୍ତିଙ୍କ ଏକକ ନୃତ୍ୟ ଓ ଗୁରୁ ଅଶୋକ ଗୋସାଲ ଏବଂ ବନ୍ଦିତା ଗୋସାଲଙ୍କ ନିଖୁଣ ଅଭିନୟ ଉପସ୍ଥିତ ଦର୍ଶକଙ୍କ ମନମୋହିଥିଲା। ଏହି ଅବସରରେ ୪ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ସମ୍ମାନିତ ପ୍ରତିଭାମାନେ ମଧ୍ୟ ନୃତ୍ୟ ପରିବେଷଣ କରିଥିଲେ।

# ବାଣ ଫୁଟି ୭ ଆହତ

**ବାଲକାଟୀ,୨୮।୧୦(ଡି.ଏନ.ଏ.)**

ବାଲକାଟୀ ଫାଣ୍ଡି ଅଞ୍ଚଳରେ ରବିବାର ବାଣ ଫୁଟାଉଥିବାବେଳେ ୭ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନୂଆପାଟଣା ଗ୍ରାମର ସୁଶୀଲ ଖଟେଇ, ରିଙ୍କୁ ବେହେରା, ବିଠଲ, ସୂର୍ଯ୍ୟମଣି ବେହେରା, ସନ୍ତୋଷ ବେହେରା, ସଞ୍ଜୟ ବେହେରା ଏବଂ ପ୍ରଭାତି ବେହେରା। ଏମାନଙ୍କୁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ସୁଶୀଲଙ୍କ ଅବସ୍ଥା ଗୁରୁତର ହେବାରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଦୀପାବଳି ଥିବାରୁ ଗ୍ରାମର ସୁଶୀଲ ରାତି ୧୦ଟା ୩୦ରେ ବାଣ କିଣି ଗାଁରେ ପହଞ୍ଚିଥିଲେ। ତାଙ୍କ ସାଙ୍ଗମାନେ ବାଣ ଭର୍ତ୍ତି ବ୍ୟାଗକୁ ଟଣାଓଟରା କରୁଥିବାବେଳେ ସୁଶୀଲଙ୍କ ହାତରୁ ଖସି ତଳେ ପଡିଥିଲା। ସେଥିରେ ଥିବା ଶୂନଫୁଟକା ବାଣଟି ଫୁଟିବାରୁ ଅନ୍ୟ ବାଣ ମଧ୍ୟ ଏକା ସାଙ୍ଗେ ବିସ୍ଫୋରଣ ହୋଇଥିଲା। ନିଆଁ ସହ ଶୂନଫୁଟକାରୁ ଗୋଡ଼ି ବାହାରି ପାଖରେ ଥିବା ସମସ୍ତଙ୍କ ଦେହରେ ବାଜିଥିଲା। ସ୍ଥାନୀୟ ଲୋକେ ୭ଜଣଙ୍କୁ ଉଦ୍ଧାର କରିଥିଲେ।

# ଓସ୍‌ଡମା ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା





**ଭୁବନେଶ୍ୱର,୨୮-୧୦(ବ୍ୟୁରୋ)**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ପକ୍ଷରୁ ଆଶ୍ରୟସ୍ଥଳୀ ସ୍ତରୀୟ ସନ୍ଧାନ ଓ ଉଦ୍ଧାର ଏବଂ ପ୍ରାଥମିକ ଚିକିତ୍ସା କୌଶଳ ସମ୍ପର୍କିତ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ତଥା ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ଉପଲକ୍ଷେ ସ୍ଥାନୀୟ ଗୋଠପାଟଣାସ୍ଥିତ ବିପର୍ଯ୍ୟୟ ପରିଚାଳନା ତାଲିମ ପ୍ରତିଷ୍ଠାନଠାରେ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓସ୍‌ଡମାର ଏମ୍‌ଡି ପ୍ରଦୀପ ଜେନା ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଏମ୍ ଶୁଚିସ୍ମିତା ବେହେରା, ସିଜିଏମ୍ ସତ୍ୟରଞ୍ଜନ ସାହୁ, ଡିଜିଏମ୍ ସୁନୀଲ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଗଞ୍ଜାମ, ପୁରୀ ଏବଂ ଖୋର୍ଦ୍ଧା ଭଳି ଜିଲା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିଭଳି ସନ୍ଧାନ ଏବଂ ରକ୍ଷାର ଜଜ୍ ଭାବେ ସତ୍ୟବ୍ରତ ପାଢୀ, ସୀମାଞ୍ଚଳ ପାଢୀ, ସୁନୀଲ କୁମାର ସାହୁ ଏବଂ ପ୍ରାଥମିକ ଚିକିତ୍ସାର ଜଜ୍ ଭାବେ ଡ. ରଶ୍ମିରଞ୍ଜନ ପରିଡା, ଡ.ଡି.ଡି. ନାୟକ, ଗଣେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୬୩ ବାଣ ଦୋକାନୀଙ୍କୁ ବିଏମ୍‌ସି ନୋଟିସ

## ଶୁଣିଲେନି ବ୍ୟବସାୟୀ, ନିଆଯିବ ପଦକ୍ଷେପ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଏମ୍‌ସି) ଉତ୍ତର ମଣ୍ଡଳ ୬୩ ବାଣ ଦୋକାନୀଙ୍କୁ ନୋଟିସ ଦେଇଛି। ବିନା ଟ୍ରେଡ୍ ଲାଇସେନ୍ସରେ ଗତ ୨୪ ତାରିଖରୁ ବାଣ ଦୋକାନ ଖୋଲି ବ୍ୟବସାୟ କରିବା ଅଭିଯୋଗରେ ଏହି ନୋଟିସ୍ ଦିଆଯାଇଛି। ସୋମାବାର ମଧ୍ୟରେ ଏନେଇ ଟ୍ରେଡ୍ ଲାଇସେନ୍ସ ବାବଦକୁ ୧ ହଜାର ଟଙ୍କା ଲେଖାଏ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ କୌଣସି ବ୍ୟବସାୟୀ ଉକ୍ତ ଅର୍ଥ ପୈଠ କରି ନ ଥିଲେ। ଫଳରେ ବିଏମ୍‌ସି ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଜୋନାଲ ଡେପୁଟି କମିଶନର ପ୍ରମୋଦ ପୃଷ୍ଟି କହିଛନ୍ତି। ଉଲ୍ଲେଖଯୋଗ୍ୟ, ସାଧାରଣ ପ୍ରଶାସନ ବିଭାଗରେ ଷ୍ଟଲ୍ ବାବଦ ଭଡ଼ା ଦାଖଲ କରି, ପୋଲିସ ଓ ଅଗ୍ନିଶମ ବିଭାଗର ଅନୁମତି ପରେ ବିଏମ୍‌ସି ଦ୍ୱାରା ଟ୍ରେଡ୍ ଲାଇସେନ୍ସ ନେବା ଜରୁରୀ। ବିନା ଟ୍ରେଡ୍ ଲାଇସେନ୍ସରେ ବ୍ୟବସାୟ କରିବା ଆଇନ୍‌ଗତ ଅପରାଧ ବୋଲି ଦୀପାବଳି ପୂର୍ବରୁ ବିଏମ୍‌ସି ଦ୍ୱାରା ଜାରି ନୋଟିସ୍‌ରେ ଉଲ୍ଲେଖ ରହିଛି। କିନ୍ତୁ କୌଣସି ବ୍ୟବସାୟୀ ଟ୍ରେଡ୍ ଲାଇସେନ୍ସ ପାଇଁ ଆବେଦନ କରି ନ ଥିଲେ। ନିର୍ଦ୍ଦେଶ ନ ମାନି ଦୋକାନ ଖୋଲିଥିବାରୁ ସମ୍ପୃକ୍ତ ବ୍ୟବସାୟୀଙ୍କ ନାଁରେ 'ଓପିଡିଆର୍ ମାମଲା' ରୁଜୁ କରାଯିବା ସହ ଉକ୍ତ ଅର୍ଥ ରାଶି ଆଦାୟ କରାଯିବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ■ ପୂର୍ବତଟ ରେଳପଥ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ

# ଶପଥ ନେଲେ ଅଧିକାରୀ, କର୍ମଚାରୀ

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**

ପୂର୍ବତଟ ରେଳପଥ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ସୋମବାର କର୍ମଚାରୀ ଓ ଅଧିକାରୀମାନେ କାର୍ଯ୍ୟକ୍ଷେତ୍ରରେ ସତ୍ୟନିଷ୍ଠା ପାଇଁ ଶପଥ ଗ୍ରହଣ କରିଛନ୍ତି। ରେଳ ସଦନଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମହାପ୍ରବନ୍ଧକ ବିଦ୍ୟା ଭୂଷଣ ଶପଥ ପାଠ କରାଇଥିଲେ। ଏହି ଅବସରରେ ସେ କହିଲେ, ଦେଶର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ପ୍ରଗତିରେ ଭ୍ରଷ୍ଟାଚାର ବଡ଼ ବାଧା ସାଜିଛି। ରେଳପଥର ସହଭାଗୀ ଯଥା ସରକାରୀ, ବେସରକାରୀ ସଂସ୍ଥା ଓ ଜନ ସାଧାରଣ ଏକତ୍ରିତ ହୋଇ ଦୁର୍ନୀତି ମୂଳୋତ୍ପାଟନ କରିବା ପାଇଁ ଚେଷ୍ଟା କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ। ୨୮ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ସପ୍ତାହ ପାଳନ ପରିପ୍ରେକ୍ଷୀରେ ପୂର୍ବତଟ ରେଳପଥ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି। ବିଭିନ୍ନ ସ୍କୁଲ, କଲେଜରେ ବ୍ୟାନର, ପୋଷ୍ଟର, ସେମିନାର, ଚିତ୍ରାଙ୍କନ, ବକ୍ତୃତା, ଡ୍ରାମା ଓ ପଥପ୍ରାନ୍ତ ନାଟକ ଜରିଆରେ ସଚେତନ କରାଯାଉଛି। ଏହି ଶପଥଗ୍ରହଣ କାର୍ଯ୍ୟକ୍ରମରେ ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାର, ପ୍ରମୁଖ ଦୁର୍ନୀତି ନିବାରଣ ଅଧିକାରୀ ହେମନ୍ତ କୁମାର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉପମୁଖ୍ୟ ଦୁର୍ନୀତିନିବାରଣ ଅଧିକାରୀ ଆର.କେ. ପଣ୍ଡା, ଏମ୍.ଆର୍. ଆଚାର୍ଯ୍ୟ, ପ୍ରଦୀପ କୁମାର, ଅଜୟ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାର୍କିଂ ସ୍ଥାନ ଯାଞ୍ଚ କଲା ବିଏମ୍‌ସି ସ୍ୱତନ୍ତ୍ର ଟିମ୍

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ) :** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସୋମବାର ଅଚାନକ ସହରରେ ଥିବା ବିଭିନ୍ନ ପାର୍କିଂ ସ୍ଥାନଗୁଡ଼ିକୁ ଯାଞ୍ଚ କରାଯାଇଛି। ବିଭିନ୍ନ ସମୟରେ ଲୋକଙ୍କ ଦ୍ୱାରା ବେଆଇନ ପାର୍କିଂ ଫି ଆଦାୟ ହେଉଥିବା ଅଭିଯୋଗ ଆସୁଥିବାରୁ ଏକ ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଏହି ଯାଞ୍ଚ କରାଯାଇଛି। ଟିମ୍ ଦ୍ୱାରା ଆଇଜି ପାର୍କ ନିକଟରେ ଥିବା ପାର୍କିଂ ସ୍ଥାନ, ରିଲାଏନ୍ସ ସ୍ମାର୍ଟରୁ କଳାମନ୍ଦିର ଯାଏ ଥିବା ରାସ୍ତା କଡ଼ ପାର୍କିଂ, ହୋଟେଲ ମ୍ୟାରିଅନ୍‌ରୁ ଶ୍ରୀୟା ଛକ ଯାଏ, ଜନପଥ ଓ ସଚିବାଳୟ ମାର୍ଗରେ ଥିବା ବିଭିନ୍ନ ପାର୍କିଂସ୍ଥଳ ସହ ରସିଦ୍ ଯାଞ୍ଚ କରାଯାଇଛି। କୌଣସି ସ୍ଥାନରେ ବେଆଇନ ପାର୍କିଂ ନ ଥିବା ଉକ୍ତ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।

# ବିଏସ୍‌ଏନ୍‌ଏଲ୍ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ





**ଭୁବନେଶ୍ୱର,୨୮-୧୦(ବ୍ୟୁରୋ)**

ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଓଡ଼ିଶା ସର୍କଲ ପକ୍ଷରୁ ଦୁର୍ନୀତି ନିବାରଣ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଏସ୍‌ଏନ୍‌ଏଲ୍ ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ମହାପ୍ରବନ୍ଧକ ଡ.ଉଦୟ ଶଙ୍କର ପଣ୍ଡା ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ଦୁର୍ନୀତି ନିବାରଣ ଲାଗି ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ଓଡିଶା ସର୍କଲ ଦୁର୍ନୀତି ନିବାରଣ ଅଧିକାରୀ ଭରତ ଚନ୍ଦ୍ର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଉଠାଦୋକାନୀଙ୍କ କବ୍‌ଜାରେ ରଥଦାଣ୍ଡ

**ପୁରୁଣା ଭୁବନେଶ୍ୱର, ୨୮।୧୦(ଡି.ଏନ୍.ଏ.)**

ପୁରୁଣା ଭୁବନେଶ୍ୱରର ଏକମାତ୍ର ମୁଖ୍ୟରାସ୍ତା ଯାହାକି ଶ୍ରୀ ଲିଙ୍ଗରାଜ ମନ୍ଦିରଠାରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ବା ରଥଦାଣ୍ଡ ଏବେ ଉଠାଦୋକାନୀଙ୍କ କବ୍‌ଜାରେ। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଦିନକୁ ଦିନ ଏହି ଦୋକାନଗୁଡିକ ଜବରଦଖଲ କରି ରାସ୍ତାକୁ ମାଡିଆସୁଛନ୍ତି। ଫଳରେ ଏହି ରାସ୍ତା କ୍ରମେ ସଙ୍କୁଚିତ ହେବାକୁ ଲାଗିଲାଣି। ଏକଦା ଅସୁର କିଆରିରେ ଶ୍ରୀ ଲିଙ୍ଗରାଜଙ୍କ ରୁକ୍ମୁଣା ରଥ ଗଳିପଡୁଥିବାବେଳେ ମାଉସୀମାରେ ପହଞ୍ଚିବା ପାଇଁ ନିର୍ଦ୍ଧାରିତ ସମୟରୁ ବହୁଦିନ ଲାଗିଯାଉଛି। ଏହି ଅସୁର କିଆରିର ଉଭୟ ପାର୍ଶ୍ୱରେ ଏବେ ବେଆଇନ ନିର୍ମାଣ ସହ କୋଠା ବାଡ଼ି ଗଢି ଉଠିଲାଣି। ପ୍ରଶାସନ କେବଳ ଉଚ୍ଛେଦ ନାମରେ ରୁକ୍ମୁଣା ରଥଯାତ୍ରା ସମୟରେ ହାତଗଣତି ଉଠାଦୋକାନୀକୁ ଉଚ୍ଛେଦ କରି ଦାୟିତ୍ୱ ସାରିଦେଉଛି। ମାତ୍ର ଉଭୟ ପାର୍ଶ୍ୱରେ ନାଳ, ନୟନଜୋରୀ ଆଦି ଜବରଦଖଲକାରୀଙ୍କ କବଜାକୁ ସମ୍ପୂର୍ଣ୍ଣ ରୂପେ ଚାଲିଗଲାଣି। ଅନ୍ୟପଟେ ଏହି ରଥଦାଣ୍ଡର ଉଭୟ ପାର୍ଶ୍ୱରେ ନୟନଜୋରୀ ଓ ଲିଙ୍ଗରାଜ



ମୁଖ୍ୟ ରାସ୍ତାକୁ ଜବରଦଖଲ କରି ରଖିଛନ୍ତି ଉଠାଦୋକାନୀ।

ମହାପ୍ରଭୁଙ୍କ ଦେବୋତ୍ତର ସମ୍ପତ୍ତି ଉପରେ ଅନେକ ହୋଟେଲ, ଗ୍ୟାରେଜ ଓ କବାଡ଼ିଆ ଦୋକାନ ଗଢି ଉଠିବା ଯୋଗୁ ମନ୍ଦିର କେନାଲରେ ବର୍ଜ୍ୟଜଳ ଯାଇପାରୁ ନାହିଁ। ଏହି ରାସ୍ତାଦେଇ ଯାଇ ଗଙ୍ଗୁଆରେ ମିଶିଥିବା ପ୍ରାକୃତିକ ନାଳଟି ମଧ୍ୟ ଜବରଦଖଲକାରୀଙ୍କ କବଳରୁ ବର୍ତ୍ତି ପାରିନାହିଁ। ନାଳଟିରେ ପାଣି ନ ଯାଇ ପାରିବାରୁ ସ୍ଥାନୀୟ ଅଞ୍ଚଳର କେତେକ ମନ୍ଦିର, ମଠ ଜଳବନ୍ଦୀ ହୋଇରହୁଛି। ଏହି ରାସ୍ତା ସଂଲଗ୍ନ ଗୌତମ ନଗର

■ସଙ୍କୁଚିତ ହେଉଛି ମୁଖ୍ୟରାସ୍ତା
■ ଉଚ୍ଛେଦର ନାଁ ଧରୁନି ପ୍ରଶାସନ

ମୌଜାର ପ୍ଲଟ ନଂ -୨୫୬୯ ଯାହାକି ୬୭୫ ଡିସିମିଲ ପରିମିତ ଏହା ଉପରେ ଜମିମାଫିଆଙ୍କର ଲୋଲୁପ ଦୃଷ୍ଟି ପଡ଼ିଛି। ରାତାରାତି ନିର୍ମାଣକାର୍ଯ୍ୟ ଜୋରସୋରରେ ଚାଲୁଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ। ଏହି ନିକଟରେ ବିଏମସି, ବିଡିଏ, ଜିଏ ଓ ମନ୍ଦିର ପ୍ରଶାସନ ତରଫରୁ ମିଳିତ ଜବରଦଖଲ ଉଚ୍ଛେଦ ସର୍ଭେ ଭଳି ଏଠାରେ ମଧ୍ୟ ମିଳିତ ଜବରଦଖଲ ଉଚ୍ଛେଦ ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁ କୁହନ୍ତି, ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇନାହିଁ, ତଥାପି ଯଦି ଏଭଳି ଘଟଣା ହୋଇଛି ନୁସନ୍ଧାନ କରାଯିବା ପରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ।

# ଆତଙ୍କର ସୌଦାଗର

**ୱାଶିଂଟନ୍:** ଅବୁ ବକ୍ର ଅଲ୍-ବାଗ୍ଦାଦି, ଯାହାଙ୍କ ନାଁ ଶୁଣିଲେ ବୀଭତ୍ସ ହତ୍ୟା ଓ ହିଂସାର ଆତଙ୍କ ଆଖି ସାମ୍ନାରେ ଭାସିଉଠେ। ନିଜକୁ ଖଲିଫା ବୋଲି ଦାବି କରୁଥିବା ଆତଙ୍କବାଦ ଓ ମୃତ୍ୟୁର ସୌଦାଗର ବାଗ୍ଦାଦିଙ୍କର ଏକ ଆତଙ୍କମୟ ପରିବେଶରେ ମୃତ୍ୟୁ ଘଟିଛି। ଆମେରିକା ସ୍ୱତନ୍ତ୍ର ବାହିନୀ ହାତରେ ଧରାପଡିବା ପୂର୍ବରୁ ସେ ନିଜକୁ ବିସ୍ଫୋରଣରେ ଉଡାଇଦେଇଛନ୍ତି।

୧୯୭୧ ଜୁଲାଇ ୨୮ରେ ଇରାକରେ ଜନ୍ମିତ ବାଗ୍ଦାଦି ଇସ୍ଲାମିକ ଷ୍ଟେଟ୍ ଅଫ ଇରାକ ଓ ଲେଭାଣ୍ଟ (ଆଇଏସ୍ଆଇଏଲ୍)ର ନେତା ଥିଲେ। ଜାତିସଂଘ ଏବଂ ୟୁରୋପୀୟ ସଂଘ ଏହାକୁ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ଆଇଏସ୍ ଦ୍ୱାରା କରାଯାଉଥିବା ଅତ୍ୟାଚାର ଓ ମାନବାଧିକାର ଉଲ୍ଲଂଘନ ସହ ବାଗ୍ଦାଦି ସିଧାସଳଖ ଜଡିତ ଥିଲେ। ଏହି ସଂଗଠନ ନିର୍ମମତାର ସବୁ ସୀମା ଟପିଯାଇଥିଲା। ନିରୀହ ଲୋକମାନଙ୍କୁ ଧାଡିରେ ଆଣ୍ଠେଇ ଗଳାକାଟି ହତ୍ୟା କରାଯାଉଥିଲା। କେତେକଙ୍କୁ ଜିଅନ୍ତା ପୋଡିଦିଆଯାଉଥିଲା କିମ୍ବା ପଥର ଫିଙ୍ଗି ହତ୍ୟା କରାଯାଉଥିଲା। ମହିଳାମାନଙ୍କୁ ଯୌନଦାସୀ ଭାବେ ରଖାଯାଇ ବଳାତ୍କାର କରାଯାଉଥିଲା। ଏହି ନିର୍ମମତାର ଭିଡିଓ ଛଡ଼ାଯାଇ ଲୋକଙ୍କ ମନରେ ଆତଙ୍କ ସୃଷ୍ଟି କରାଯାଉଥିଲା। କଳାପୋଷାକ ପରିହିତ ବାଗ୍ଦାଦି ଏହାର ସଂଗଠନକୁ ବିଶ୍ୱ ଆତଙ୍କବାଦୀ ନେଟ୍ୱର୍କରେ ପରିଣତ କରାଇଥିଲେ। ୧୦୦ଟି ଦେଶରୁ ଲକ୍ଷାଧିକ ଯୁବକଙ୍କୁ ତାଙ୍କ ସଂଗଠନରେ ନିଯୁକ୍ତି ମିଳିଥିଲା। ସୁନ୍ନି ପରିବାରରେ ଜନ୍ମିତ ବାଗ୍ଦାଦି ଧର୍ମାନ୍ଧ ଥିଲେ। ଆଇଏସ୍ ସଂଗଠନର ନେତୃତ୍ୱ ନେବା ସହ ସେ ନିଜକୁ ଖଲିଫା ବୋଲି ଦାବି କରୁଥିଲେ। ଏକଦା ଏକ ବିଶାଳ ଭୂଖଣ୍ଡକୁ ତାଙ୍କ ସଂଗଠନ କବ୍ଜା କରିଥିଲା। ତିନି ଡଜନରୁ ଅଧିକ ଦେଶରେ ତାଙ୍କ ଆତଙ୍କବାଦୀ ସଂଗଠନ ପ୍ରଭାବ ବିସ୍ତାର କରିଥିଲା।

ବାଗ୍ଦାଦିଙ୍କ ସମ୍ପର୍କରେ ସୂଚନା ଦେଲେ କିମ୍ବା ତାଙ୍କୁ ଜୀବିତ ଅଥବା ମୃତ ଧରାଇଦେଲେ ୧୦ ନିୟୁତ ଡଲାର ପୁରସ୍କାର ଦିଆଯିବ ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ୨୦୧୧ରେ ଘୋଷଣା କରିଥିଲା। ୨୦୧୭ରେ ଏହି ପୁରସ୍କାର ରାଶିକୁ ୨୫ ନିୟୁତ ଡଲାରକୁ ବୃଦ୍ଧି କରାଯାଇଥିଲା। ଶେଷରେ ୨୬ ତାରିଖରେ ଆମେରିକାର ମିଳିତ ସ୍ୱତନ୍ତ୍ର ଅପରେଶନ କମାଣ୍ଡର କାର୍ଯ୍ୟାନୁଷ୍ଠାନବେଳେ ବାଗ୍ଦାଦି ନିଜ ସହ ତିନି ପିଲାଙ୍କୁ ବିସ୍ଫୋରଣରେ ଉଡାଇଦେଇଛନ୍ତି।

## ଅବୁ ଡୁଆରୁ ଅବୁ ବକର୍

ବାଗ୍ଦାଦିଙ୍କର ଏକାଧିକ ନାଁ ରହିଛି। ଖଲିଫା ବୋଲି ନିଜକୁ ଦାବି କରିବା ପରେ ସେ ଅବୁ ବକ୍ର ଅଲ୍ ବାଗ୍ଦାଦି ନାଁ ଦେଇଥିଲେ। ଏହା ପୂର୍ବରୁ ସେ ଅବୁ ଡୁଆ, ଅଲ୍ ଶବାବ, ଅମିର ଅଲ୍-ମୁମିନିନ୍ ଭାବେ ପରିଚିତ ଥିଲେ। ୨୦୧୮ରେ ରଏଟରରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ତାଙ୍କର ପ୍ରକୃତ



ନାମ ଇବ୍ରାହିମ୍ ଅଲ୍-ଶମରାଇ। ଅନ୍ୟ ଏକ ଖବରକାଗଜରେ ୨୦୧୪ରେ ପ୍ରକାଶିତ ରିପୋର୍ଟରେ ତାଙ୍କ ପିଲାଦିନର ନାଁ ଇବ୍ରାହିମ୍ ଆୱାଦ ଇବ୍ରାହିମ ଅଲ୍-ବଦ୍ରି ଥିଲା। ପରିବାରର ୪ ଭାଇଙ୍କ ମଧ୍ୟରେ ସେ ଥିଲେ ତୃତୀୟ। ତାଙ୍କ ବାପା ଶେଖ ଅୱଦ ଧର୍ମୀୟ କାର୍ଯ୍ୟରେ ସକ୍ରିୟ ଥିଲେ ଓ କୃଷିକୁ ଜୀବିକା ଭାବେ ଗ୍ରହଣ କରିଥିଲେ। ବାଗ୍ଦାଦିଙ୍କ ଜଣେ ଦାଦା ସଦ୍ଦାମ ହୁସେନଙ୍କ ସୁରକ୍ଷା ସେବାରେ ନିୟୋଜିତ ଥିଲାବେଳେ ଭାଇ ଇରାକ ସେନାରେ ଅଫିସର ଥିଲେ। ସୈନ୍ୟବାହିନୀରେ ଥିବା ତାଙ୍କର ଅନ୍ୟଜଣେ ଭାଇ ଇରାକ୍-ଇରାନ ଯୁଦ୍ଧ କିମ୍ବା ଉପସାଗରୀୟ ଯୁଦ୍ଧବେଳେ ନିହତ ହୋଇଥିବା ବିଶ୍ୱାସ କରାଯାଏ। ସେ ବାଗ୍ଦାଦର ଇସ୍ଲାମିକ ବିଶ୍ୱବିଦ୍ୟାଳୟରୁ ଇସ୍ଲାମୀୟ ଆଇନ ଏବଂ କୋରାନ ପଢ଼ିଥିଲେ ଏବଂ ପରେ ସଦ୍ଦାମ ୟୁନିଭର୍ସିଟିରୁ ଉକ୍ତ ବିଷୟରେ ଡକ୍ଟରେଟ୍ କରିଥିଲେ। ତେବେ ଇଣ୍ଟରନେଟରେ ପ୍ରସାରିତ ତାଙ୍କ ଜୀବନୀରେ ଭିନ୍ନ ଭିନ୍ନ ଶିକ୍ଷାଗତ ଯୋଗ୍ୟତା ଉଲ୍ଲେଖ ରହିଛି। ସଦ୍ଦାମ ହୁସେନଙ୍କ ଶାସନ କାଳରେ ବାଗ୍ଦାଦି ଇସଲାମୀୟ ବିପ୍ଳବୀ ଥିଲେ ବୋଲି କେତେକ ବିଶ୍ୱାସ କରୁଥିଲାବେଳେ ଅନ୍ୟ କେତେକେ ରିପୋର୍ଟରେ ଭିନ୍ନ ତଥ୍ୟ ପ୍ରକାଶ ପାଇଛି।

୨୦୦୩ରେ ଆମେରିକା ଇରାକ ଆକ୍ରମଣ କଲାବେଳେ ଆତଙ୍କବାଦୀ ସଂଗଠନ ଜମାତ ଜୟଶ ଅହଲ୍ ଅଲ୍-ସୁନ୍ନାହ ୱାଲ-ଜମାହ (ଜେଜେଏଏସ୍ଜେ) ପ୍ରତିଷ୍ଠାରେ ସହଯୋଗ କରିବା ସହ ଶାରିଆ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ୨୦୦୬ରେ ବାଗଦାଦି ଓ ତାହର ସହଯୋଗୀ ମୁଜାହିଦ୍ଦିନ ଶୁରା କାଉନସିଲ୍ରେ ଯୋଗଦେଇଥିଲେ। ପରେ ଉକ୍ତ ସଂଗଠନର ନାଁ ଇସଲାମିକ ଷ୍ଟେଟ୍ ଅଫ ଇରାକ୍ ହୋଇଥିଲା। ବାଗଦାଦି ଉକ୍ତ ସଂଗଠନର ମୁଖ୍ୟ ତତ୍ତ୍ୱାବଧାରକ ଥିଲେ। ଏହା ଥିଲା ଅଲ୍ କାଏଦାର ଇରାକ୍ ଡିଭିଜନ। ଅବୁ ଓମାର ଅଲ୍-ବାଗଦାଦିଙ୍କ ମୃତ୍ୟୁ ପରେ୨୦୧୦ ମେ ୧୬ରେ ବାଗ୍ଦାଦି ଏହାର ନେତା ଘୋଷିତ ହୋଇଥିଲେ।

ବାଗ୍ଦାଦର ଉମ୍-ଅଲ୍-କୁରା ମସ୍ଜିଦରେ ୨୦୧୧ରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣର ମାଷ୍ଟରମାଇଣ୍ଡ ଥିଲେ ବାଗ୍ଦାଦି। ଏଥିସହିତ ସେହିବର୍ଷ ମାର୍ଚ୍ଚରୁ ଏପ୍ରିଲ ମଧ୍ୟରେ ତାଙ୍କ ସଂଗଠନ ଏକାଧିକ ଆକ୍ରମଣ କରିଥିଲା। ୨୦୧୧ ମେ ୨ରେ ପାକିସ୍ତାନର ଅବୋଟାବାଦ୍ରେ ଅଲ୍କାଏଦା ନେତା ଓସାମା ବିନ୍ ଲାଡେନ୍ ଆମେରିକା ସେନା କାର୍ଯ୍ୟାନୁଷ୍ଠାନରେ ନିହତ ହେବା ପରେ ବାଗଦାଦି ପ୍ରତିଶୋଧର ଧମକ ଦେଇଥିଲେ। ବାଗ୍ଦାଦ୍ର ଦକ୍ଷିଣ ଭାଗ ହିଲାଠାରେ ହୋଇଥିବା ଆକ୍ରମଣ ପାଇଁ ଏହି ନେତା ନିଜକୁ ଦାୟୀ କରିଥିଲେ। ଉକ୍ତ ଆକ୍ରମଣରେ ୨୪ ପୋଲିସ ନିହତ ହେବା ସହ ୭୨ ଆହତ ହୋଇଥିଲେ। ଲାଡେନ ମୃତ୍ୟୁର ପ୍ରତିଶୋଧ ସ୍ୱରୂପ ୨୦୧୧ ଅଗଷ୍ଟ ୧୫ରେ ମୋସୁଲରେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୭୦ ନିହତ ହୋଇଥିଲେ।

୨୦୧୩ରେ ତାଙ୍କ ସଂଗଠନ ସିରିଆକୁ ପ୍ରସାରିତ ହୋଇଥିଲା। ସେହିବର୍ଷ ଏପ୍ରିଲ ୮ରେ ବାଗ୍ଦାଦି ତାଙ୍କ ସଂଗଠନର ନାଁ ଆଇଏସଆଇଏଲ୍ ଘୋଷଣା କରି ଏହାର ମୁଖ୍ୟ ହୋଇଥିଲେ। ତାଙ୍କ ସଂଗଠନକୁ ସୌଦି ଆରବ ଓ କାତାରର ଘରୋଇ ସଂସ୍ଥାଗୁଡିକରୁ ଆର୍ଥିକ ସହାୟତା ମିଳୁଥିଲା ବୋଲି କୁହାଯାଏ। ୨୦୧୪ ଜୁନ ୨୯ରେ ବିଶ୍ୱବ୍ୟାପୀ ଖଲିଫା ସାମ୍ରାଜ୍ୟ ପ୍ରତିଷ୍ଠା ଘୋଷଣା କଲା ଆଇଏଏସ ଏବଂ ବାଗ୍ଦାଦି ଖଲିଫା ଇବ୍ରାହିମ୍ ଭାବେ ନିଜକୁ ନାମିତ କଲେ।



ଆମେରିକା ସେନା କାର୍ଯ୍ୟାନୁଷ୍ଠାନବେଳେ ଆଇଏସ୍ ନେତା ବାଗ୍ଦାଦି ନିହତ ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରୁଛନ୍ତି।

## ଆତଙ୍କବାଦୀ ବିରୋଧୀ ଲଢ଼େଇରେ ଓବାମା ଓ ଟ୍ରମ୍ପ୍

ଅଲ୍କାଏଦା ମୁଖ୍ୟ ଓସାମା ବିନ୍ ଲାଦେନ ଓ ଆଇଏସ ମୁଖ୍ୟ ବାଗ୍ଦାଦି ବିଶ୍ୱର ସବୁଠାରୁ ଘାତକ ଆତଙ୍କବାଦୀ ଭାବେ ବହୁ କ୍ଷତି ଘଟାଇଛନ୍ତି। ଏମାନଙ୍କୁ ମାରିବା ପାଇଁ ଆମେରିକାର ଦୁଇ ରାଷ୍ଟ୍ରପତି ବାରାକ ଓବାମା ଓ ଡୋନାଲ୍ଡ ଟ୍ରମ୍ପଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୁଇ ରାଷ୍ଟ୍ରପତିଙ୍କ ମଧ୍ୟରେ ଏକ ତୁଳନା ବି କରାଯାଇପାରେ। ବାଗ୍ଦାଦିଙ୍କୁ ମାରିବା ପାଇଁ କରାଯାଇଥିବା ଅଭିଯାନ ସଫଳ ହେବା ପରେ ରାଷ୍ଟ୍ରପତି ଟ୍ରମ୍ପଙ୍କର ସିଧା ପ୍ରସାରଣ ଭାଇରାଲ ହେବାରେ ଲାଗିଛି। ୨୦୧୧ରେ ପାକିସ୍ତାନର ଅବୋଟାବାଦରେ ଲୁଚିଥିବା ଆତଙ୍କବାଦୀ ଓସାମା ବିନ୍ ଲାଦେନଙ୍କୁ ମାରିବା ପରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଏ ସମ୍ପର୍କରେ ଘୋଷଣା କରିଥିଲେ। ଦୁଇ ରାଷ୍ଟ୍ରପତିଙ୍କ ଭିନ୍ନ ଭିନ୍ନ ଷ୍ଟାଇଲ୍ ଉପରେ ଚର୍ଚ୍ଚା କରାଯାଉଛି। ହ୍ୱାଇଟ ହାଉସ ପକ୍ଷରୁ ଜାରି କରାଯାଇଥିବା ଫଟୋରେ ଟ୍ରମ୍ପ ରାଷ୍ଟ୍ରୀୟ ସୁରକ୍ଷା ସହ ଜଡିତ ୫ ବରିଷ୍ଠ ପରାମର୍ଶଦାତାଙ୍କ ସହ ଶନିବାର ରାତିରେ ବାଗଦାଦିଙ୍କୁ ମାରିବାର ଲାଇଭ ଷ୍ଟ୍ରିମିଙ୍ଗ ଦେଖୁଥିବା ଲକ୍ଷ୍ୟ କରାଯାଇଥିଲା। ଟ୍ରମ୍ପ ମଝି ସିଟ୍ରେ ହିଁ ବସିଥିଲେ। ଠିକ୍ ସେହିଭଳି ୨୦୧୧ରେ ପାକିସ୍ତାନରେ ଓସାମାକୁ ମାରିବା ସମୟରେ ଓବାମା ମଧ୍ୟ ଲାଇଭ୍ ଷ୍ଟ୍ରିମିଙ୍ଗ୍ ଦେଖିଥିଲେ। ଏହି ସମୟରେ ଓବାମା ଏକ କୋଣରେ ବସିଥିଲେ। ଯେପର୍ଯ୍ୟନ୍ତ ଅପରେଶନ ଶେଷ ହୋଇ ନ ଥିଲା ସେ ଯାଏ ଓବାମା ବସି ରହିଥିଲେ। ଓବାମା ଓ ତାଙ୍କ ଟିମ୍ ପୂରା ଉତ୍ସୁକ ରହିଥିବାବେଳେ ଟ୍ରମ୍ପ ଓ ତାଙ୍କ ଟିମ୍ ଭାବହୀନ ଥିବା ଭଳି ନଜର ଆସିଛନ୍ତି। ଓବାମାଙ୍କ ଟିମ୍ରେ ୧୩ ଜଣ ଥିଲେ। ତାଙ୍କ ସହ ବିଦେଶ ମନ୍ତ୍ରୀ ହିଲାରି କ୍ଲିଣ୍ଟନ ବି ରହିଥିଲେ। ଏହି ସମୟରେ ସେ ସବୁଠାରୁ ବେଶି ଚିନ୍ତିତ



ବାରାକ୍ ଓବାମା

ଥିବାଭଳି ମନେ ହେଉଥିଲେ। ଅନ୍ୟ ପକ୍ଷରେ ବାଗଦାଦିଙ୍କୁ ମାରିବା ଅପରେଶନ୍ରେ ଟ୍ରମ୍ପ ପୂରା ସାଧାରଣ ଥିବା ଭଳି ମନେହେଉଥିଲେ। ତାଙ୍କ ସହ କେବଳ ୫ ଅଧିକାରୀ ଉପସ୍ଥିତ ରହିଥିଲେ। ଟ୍ରମ୍ପ୍ଙ୍କ ସହ ରକ୍ଷାମନ୍ତ୍ରୀ ରହିଥିଲେ। ଓବାମାଙ୍କ ପରି ଟ୍ରମ୍ପ୍ ତାଙ୍କ ଯୋଜନାରେ ବେଶି ଲୋକଙ୍କୁ ସାମିଲ କରି ନ ଥିଲେ। ଟ୍ରମ୍ପ୍ ବାଗ୍ଦାଦିର ମୃତ୍ୟୁ ସମ୍ପର୍କରେ ଘୋଷଣା କରିବା ସମୟରେ ଲାଦେନଙ୍କୁ ମରିବା ପାଇଁ କରାଯାଇଥିବା ମିଶନଠାରୁ ଏହା ବଡ ଥିଲା ବୋଲି କହିଥିଲେ।



ଆଇଏସ୍ ଆତଙ୍କବାଦୀମାନେ ଏମିତି ଢଙ୍ଗରେ ହତ୍ୟା କରୁଥିଲେ।
ଏଭଳି ଭିଡିଓ ସେତେବେଳେ ପ୍ରସାରଣ କରି ଆଇଏସ୍ ସମଗ୍ର ବିଶ୍ୱରେ ଆତଙ୍କ ସୃଷ୍ଟି କରୁଥିଲା।

## ଡେଲ୍ଟା ଫୋର୍ସ

ଆଇଏସ୍ ନେତା ବାଗଦାଦିଙ୍କୁ ମାରିବା ଲାଗି ଆମେରିକାର ଡେଲ୍ଟା ଫୋର୍ସର କମାଣ୍ଡୋମାନେ ଯାଇଥିଲେ। ୭୦ ଦଶକରୁ ଆମେରିକାର ବିଶ୍ୱସ୍ତରରେ ଗତିବିଧି ବୃଦ୍ଧି ପାଇବା ପରେ ଏହି ଫୋର୍ସ ଗଠନ ଆବଶ୍ୟକତା ପଡିଥିଲା। ୧୯, ନଭେମ୍ବର୧୯୭୭ରେ ଆଧିକାରିକସ୍ତରରେ ଏହାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ଆତଙ୍କୀ ବିରୋଧୀ ଅଭିଯାନକୁ ରୋକିବାରେ ଏବଂ ବନ୍ଧକ ସଙ୍କଟରୁ ମୁକାଳିବା ପାଇଁ ଏହା କାର୍ଯ୍ୟ କରେ। ଡେଲ୍ଟା ଫୋର୍ସର ଅଫିସିଆଲ ନାମ ହେଉଛି-ସ୍ୱଟ୍ ସ୍ପେଶାଲ ଫୋର୍ସେସ ଅପରେଶନାଲ ଡିଟାଚମେଣ୍ଟ -ଡେଲ୍ଟା। ଏହା ଆମେରିକାର ସ୍ଥଳସେନା ଅଧିନରେ କାର୍ଯ୍ୟ କରେ। ଜଏଣ୍ଟ ଅପରେଶନ୍ କମାଣ୍ଡ ଦ୍ୱାରା ଏହାର ଅପରେଶନ୍କୁ ନିୟନ୍ତ୍ରଣ କରାଯାଏ। ଏହି କମାଣ୍ଡୋ ବାଗଦାଦିଙ୍କୁ ମାରିବା ପୂର୍ବରୁ ଏହି କମାଣ୍ଡୋ ଖାଡିଯୁଦ୍ଧ,ତୋରା-ବୋରା ଯୁଦ୍ଧରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା। ଇରାକରେ ସଦ୍ଦାମ ହୁସେନ୍ଙ୍କୁ ଠାବ କରି ଧରିବା ପାଇଁ ଆମେରିକା ଅପରେଶନ୍ ରେଡ୍ ଡାଉନ୍ ଚଳାଇଥିଲା। ୯/୧୧ ଆକ୍ରମଣ ପରେ ଏହି କମାଣ୍ଡୋକୁ ଆଫଗାନିସ୍ଥାନ୍ରେ ତାଲିବାନ୍ଙ୍କୁ ନିପାତ କରିବା ପାଇଁ ମୁତୟନ କରାଯାଇଥିଲା।



## ବାଗଦାଦି ଗଲେ ; ଆଇଏସ୍ର ଅନ୍ତ ଘଟିନି

ପ୍ୟାରିସ୍,୨୮।୧୦(ଏଏଫ୍ପି)

ଆଇଏସ୍ ନେତା ଅବୁ ବକ୍ର ଅଲ୍-ବାଗ୍ଦାଦି ନିହତ ହେବା ଖବର ଶୁଣି ବିଶ୍ୱ ଆଶ୍ୱସ୍ତ ହୋଇଛି। ଗତ ୫ ବର୍ଷ ମଧ୍ୟରେ ବାଗଦାଦିଙ୍କ ସଂଗଠନ ହଜାର ହଜାର ଲୋକଙ୍କ ମୁଣ୍ଡକାଟ କରିଥିଲା। ଆଇଏସ୍ ଆତଙ୍କବାଦୀମାନେ ବହୁ ନିରୀହ ଲୋକଙ୍କୁ ଅପହରଣ କରିନେଇ ନିର୍ମମ ଭାବେ ହତ୍ୟା କରୁଥିଲେ। ମହିଳାମାନଙ୍କୁ ସେକ୍ସ ସ୍ଲେଭ୍ ଭାବେ ରଖି ବଳାତ୍କାର କରାଯାଉଥିଲା। ବାଗ୍ଦାଦି ନିହତ ହୋଇଥିବାରୁ ଏହା ଆତଙ୍କବାଦ ନିରୋଧୀ ଲଢ଼େଇ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ବୋଲି ବିଶ୍ୱନେତାମାନେ ମତ ଦେଇଛନ୍ତି। ଏଥିପାଇଁ ଆମେରିକା ସେନା ଓ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି। ଆତଙ୍କବାଦ ବିରୋଧୀ ମିଳିତ ଲଢ଼େଇରେ ଏହା ଏକ ନୂଆ ମୋଡ଼ ବୋଲି କହିଛନ୍ତି ତୁର୍କୀ ରାଷ୍ଟ୍ରପତି ରେସେପ୍ ତାୟିପ୍ ଏର୍ଡୋଗାନ। ଆତଙ୍କବାଦ ନିରୋଧୀ କାର୍ଯ୍ୟାନୁଷ୍ଠାନକୁ ତୁର୍କୀ ସମର୍ଥନ ଜାରି ରଖିବ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

### ବିଭିନ୍ନ ରାଷ୍ଟ୍ରର ପ୍ରତିକ୍ରିୟା

ତେବେ ବାଗ୍ଦାଦି ନିହତ ହେବା ପରେ ଆଇଏସ୍ ସଂଗଠନ ଶେଷ ହୋଇଗଲା ଭାବିବା ଠିକ୍ ନୁହେଁ ବୋଲି ଇରାନ୍ କହିଛି।

ଆତଙ୍କବାଦ ବିରୋଧୀ ବିଶେଷଜ୍ଞଙ୍କ ମତରେ ବାଗ୍ଦାଦି ନିହତ ହୋଇଥିଲେ ହେଁ ଆଇଏସ୍ର ଅନ୍ତ ଘଟିନାହିଁ।



ବୋରିସ ଜନ୍ସନ୍



ରେସେପ୍ ତାୟିପ୍ ଏର୍ଡୋଗାନ



ଏମାନୁଏଲ ମାକଁର୍

ଅନ୍ୟପକ୍ଷରେ ଆମେରିକା ସ୍ୱତନ୍ତ୍ର ବାହିନୀର କାର୍ଯ୍ୟାନୁଷ୍ଠାନ ଉପରେ ରୁଷିଆ ସନ୍ଦେହ ବ୍ୟକ୍ତ କରିଛି। ଇଡ୍ଲିବ୍ର ଉତ୍ତେଜନାପ୍ରବଣ ଅଞ୍ଚଳରେ ଆମେରିକା ସୈନ୍ୟବାହିନୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରୁ କୌଣସି ନିର୍ଭରଯୋଗ୍ୟ ସୂଚନା ମିଳି ନ ଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି।

ବାଗ୍ଦାଦି ନିହତ ହେବା ଉକ୍ତ ସଂଗଠନକୁ ଶକ୍ତ ଧକ୍କା। ତେବେ ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ଜାରି ରହିବ ବୋଲି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକଁର୍ ଟୁଇଟ୍ କରିଛନ୍ତି। ସେହିପରି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ ଜନ୍ସନ କହିଛନ୍ତି, ବାଗ୍ଦାଦି ନିହତ ହେବା ଆତଙ୍କବାଦ ନିରୋଧୀ ଲଢ଼େଇ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ। ତେବେ ଏହା ଲଢ଼େଇର ପରିସମାପ୍ତି ନୁହେଁ ବୋଲି ସେ କହିଛନ୍ତି। ସେହିପରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତ୍ନ୍ୟାହୁ ମଧ୍ୟ ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି କହିଛନ୍ତି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଆମେ ନିଶ୍ଚିତ ଜିତିବା ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆମେରିକା ସ୍ୱତନ୍ତ୍ର ବାହିନୀର କାର୍ଯ୍ୟାନୁଷ୍ଠାନ ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ନାଟୋ ମୁଖ୍ୟ ଜେନ୍ସ ଷ୍ଟଲଟେନବର୍ଗ ଟୁଇଟ କରିଛନ୍ତି। ଆମେରିକାର ପଦକ୍ଷେପକୁ ଅଷ୍ଟ୍ରେଲିଆ ସରକାର ସ୍ୱାଗତ କରିଛନ୍ତି। ବାଗ୍ଦାଦି ନିହତ ହେବା ଆଇଏସ୍ ପାଇଁ ଶକ୍ତ ଝଟ୍କା ବୋଲି ଅଷ୍ଟ୍ରେଲିଆ ବହିର୍ବ୍ୟାପାର ମନ୍ତ୍ରୀ ମାରିସ୍ ପେନେ କହିଛନ୍ତି।

## ସ୍ତ୍ରୀଙ୍କଠାରୁ ମିଳିଥିଲା ସୂଚନା

**ୱାଶିଂଟନ:** ଆଇଏସ୍ ନେତା ବାଗ୍ଦାଦି ରହୁଥିବା ସ୍ଥାନ ସମ୍ପର୍କରେ ଆମେରିକା ଗୋଇନ୍ଦା ସଂସ୍ଥା ସିଆଇଏକୁ କିଛି ମାସ ପୂର୍ବରୁ ସୁରାକ ମିଳିଥିଲା। ତାଙ୍କର ଜଣେ ସ୍ତ୍ରୀ ଏବଂ କୋରିୟର ଗିରଫ ହେବା ପରେ ସେମାନଙ୍କୁ ଜେରା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ବାଗ୍ଦାଦି କେଉଁଠି ରହୁଛି ତା'ର ଖୋଳତାଡ଼ ଆରମ୍ଭ ହୋଇଥିଲା। ଆମେରିକାର କେନ୍ଦ୍ରୀୟ ଗୋଇନ୍ଦା ସଂସ୍ଥା ଇରାକ ଏବଂ ସିରିଆର କୁର୍ଦ୍ଦ ଗୋଇନ୍ଦା ଅଧିକାରୀମାନଙ୍କ ସହ ଏନେଇ ଏକାଠି କାର୍ଯ୍ୟ କରିଥିଲେ। ସମ୍ପୂର୍ଣ୍ଣ ତଥ୍ୟ ମିଳିବା ପରେ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ଅଭିଯାନ। ଆମେରିକାର ସ୍ୱତନ୍ତ୍ର ବାହିନୀ ପକ୍ଷରୁ ରାତି ଅଧିଆ ଚଢ଼ାଉ କରାଯାଇଥିଲା। ଏକ ଅଜ୍ଞାତ ସ୍ଥାନରୁ ଉକ୍ତ ଟିମ୍ କେତେକ ହେଲିକପ୍ଟରରେ ଅପରେଶନ ଆରମ୍ଭ କରିଥିଲା। ତୁର୍କୀ ଓ ସିରିଆ ଉପର ଦେଇ ହେଲିକପ୍ଟରଗୁଡିକ ଇଡଲିବ୍ର ବରିଶା ଗ୍ରାମ ନିକଟରେ ପହଞ୍ଚିଥିଲେ। ସୈନ୍ୟମାନେ ତଳକୁ ଓହ୍ଲାଇବା ପୂର୍ବରୁ ପ୍ରଥମେ ହେଲିକପ୍ଟରରୁ ୩୦ ମିନିଟ ଧରି ଗୁଳିବର୍ଷଣ ହୋଇଥିଲା। ଦୁଇଟି କୋଠାକୁ ଲକ୍ଷ୍ୟ କରି ହେଲିକପ୍ଟରରୁ ମିଶାଇଲ୍ ମାଡ଼ କରାଯାଇଥିଲା। ହେଲିକପ୍ଟର ଅବତରଣ କରିବା ପରେ ଯବାନମାନେ ପାଚେରୀରେ ଗର୍ତ୍ତ କରି ତାହା ଭିତରେ ପ୍ରବେଶ କରିଥିଲେ।

## ଆହତ ହୋଇଥିଲା ତାଲିମପ୍ରାପ୍ତ କୁକୁର

ୱାଶିଂଟନ: ଆମେରିକା ସେନାର ଦୁଃସାହସିକ ଅଭିଯାନ ବେଳେ ଆମେରିକା ସର୍ଭିସ ବିଭାଗର ତାଲିମପ୍ରାପ୍ତ କୁକୁର ଗୁରୁତର ଆହତ ହୋଇଥିଲା ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରିଛନ୍ତି। ୮ଟି ହେଲିକପ୍ଟରରେ ଯାଇ ଆମେରିକୀୟ ସୈନ୍ୟ ବାଗ୍ଦାଦି ରହୁଥିବା ଘର ପାଖରେ ଓହ୍ଲାଇଥିଲେ। ସେମାନଙ୍କ ସହିତ କେତେକ ସ୍ୱତନ୍ତ୍ର ତାଲିମପ୍ରାପ୍ତ କୁକୁର, ରୋବଟ ଥିଲେ। ବାଗଦାଦି ରହୁଥିବା ସୁଡଙ୍ଗ ଭିତରେ ଉକ୍ତ କୁକୁର କୁକୁର ତାଙ୍କୁ ଗୋଡାଇଥିଲେ। ଫଳରେ ଆତଙ୍କବାଦୀ ନେତା ନିଜକୁ ବିସ୍ଫୋରଣରେ ଉଡାଇଦେଇଥିଲେ। ଏହି ସମୟରେ ଏକ ଦକ୍ଷ କୁକୁର ଆହତ ହୋଇଥିଲା ବୋଲି ଟ୍ରମ୍ପ ହ୍ୱାଇଟ ହାଉସ୍ଠାରେ କହିଛନ୍ତି। ସୁଡଙ୍ଗରେ ବ୍ୟବହାର ପାଇଁ ରୋବଟ ନିଆଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟରେ ଲଗାଯାଇ ନ ଥିଲା।



ଆମେରିକା ସ୍ୱତନ୍ତ୍ର ବାହିନୀର ଆକ୍ରମଣରେ ଧ୍ୱଂସ ହୋଇଥିବା ସୁଡ଼ଙ୍ଗ।

# ଟଙ୍କା ପାଇଁ ଯୁବକଙ୍କୁ ବିକିଲେ ମାମୁପୁଅ ଭାଇ

ଜୟପୁର,୨୮।୧୦(ନି.ପ୍ର.)

**■କୌଶଳକ୍ରମେ ଖସିଆସିଲେ ଯୁବକ**
**■ବୋରିଗୁମ୍ମା ଥାନାରେ ଏତଲା**

ଟଙ୍କା ଆଗରେ ତୁଚ୍ଛ ହେଲା ସମ୍ପର୍କ। ଅଣତିରିଶ ହଜାର ଟଙ୍କା ପାଇଁ ଜଣେ ଯୁବକଙ୍କୁ ବିକି ଦେଇଛନ୍ତି ତାଙ୍କ ମାମୁପୁଅ ଭାଇ। କିନ୍ତୁ ଯୁବକ ଜଣକ ତାଙ୍କୁ ନେଇଥିବା ଦୁର୍ବୃତ୍ତମାନଙ୍କ କବଳରୁ କୌଶଳକ୍ରମେ ଖସିଆସିବା ପରେ ଘରେ ପହଞ୍ଚିଥିଲେ। ତାଙ୍କଠାରୁ ସବୁକଥା ଶୁଣି ପରିବାର ଲୋକେ ଥାନାରେ ଏତଲା ଦେଇଛନ୍ତି। କୋରାପୁଟ ଜିଲା ବୋରିଗୁମ୍ମା ଅଞ୍ଚଳରେ ଏଭଳି ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି।

ସୂଚନା ଅନୁଯାୟୀ, ବୋରିଗୁମ୍ମା ବ୍ଲକ ଦେଉଳଗୁଡ଼ାର ରମଣୀ ଅମାନତ୍ୟ (୨୧)। ତାଙ୍କ ମାମୁପୁଅ ଭାଇ ଦେବ ନାୟକ ୨୯ ହଜାର ଟଙ୍କା ଲୋଭରେ ରମଣୀଙ୍କୁ ବିକିଦେଇଥିଲେ। ଦେବ ଓ ତାଙ୍କ ସହଯୋଗୀ ଲିପଟ୍ ଖରା ପ୍ରଥମେ ରମଣୀଙ୍କୁ ତାଙ୍କ ଗାଁରୁ ଡାକିନେଇ ୫ ଜଣ ଯୁବକଙ୍କ ହାତକୁ ଟେକି ଦେଇଥିଲେ। ସେହି ୫ ଜଣ ଯୁବକ ତାଙ୍କୁ କେତେବେଳେ ବନ୍ଧୁକ ଦେଖାଇ ମାରିଦେବେ ବୋଲି କହୁଥିଲେ ତ ପୁଣି କେତେବେଳେ ଟ୍ରେନ ଲାଇନରେ ଫିଙ୍ଗିଦେବେ ବୋଲି ଧମକ ଦେଉଥିଲେ। ଜୟପୁର ନିକଟରେ ତାଙ୍କୁ ବନ୍ଧକ ରଖାଯାଇଥିଲା। ୪୮ ଘଣ୍ଟା ପରେ ସେଠାରୁ ସେ ଖସିଆସି ଘରେ ସବୁ ବଖାଣିବା ପରେ ପରିବାର ଲୋକେ ବୋରିଗୁମ୍ମା ଥାନାରେ ଏତଲା ଦେଇଥିଲେ। ପୋଲିସ ମାମଲା ରୁଜୁକରି ଖୁବ୍ ଶୀଘ୍ର ଅପହରଣକାରୀଙ୍କୁ ଗିରଫ କରିବ ବୋଲି ବୋରିଗୁମ୍ମା ଏସ୍‌ଡିପିଓ ହରେକୃଷ୍ଣ ମାଝି ସୂଚନା ଦେଇଛନ୍ତି। ରମଣୀଙ୍କୁ ବଳି ଦେବା ପାଇଁ ବିକ୍ରି କରାଯାଇଥିଲା ବୋଲି ଚର୍ଚ୍ଚା ଚାଲିଥିବା ବେଳେ ଗଞ୍ଜେଇ କାରବାରକୁ ନେଇ ତାଙ୍କୁ ବନ୍ଧକ ରଖାଯାଇଥିଲା ବୋଲି ମଧ୍ୟ ଶୁଣିବାକୁ ମିଳୁଛି।

## ଜଙ୍ଗଲରୁ ମାଈ ହାତୀର ମୃତଦେହ ଉଦ୍ଧାର

ଲହୁଣୀପଡ଼ା/ବଣାଇଁ/ରାଉରକେଲା ଅଫିସ,୨୮।୧୦ (ଡି.ଏନ.ଏ/ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବାଙ୍କି ରେଞ୍ଜ ଅଧୀନ ବାକରତୋଲା ଜଙ୍ଗଲରୁ ସୋମବାର ଏକ ମାଈ ହାତୀର ମୃତଦେହ ଉଦ୍ଧାର କରାଯାଇଛି। ହାତୀର ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ବିଷାକ୍ତ ଖାଦ୍ୟ ଯୋଗୁ ମୃତ୍ୟୁ ହୋଇଥାଇ ପାରେ ବୋଲି ପ୍ରାଣୀ ଚିକିତ୍ସକ ଅନୁମାନ କରୁଛନ୍ତି। ମିଳିଥିବା ସୂଚନା ମୁତାବକ, ବାକରତୋଲା ଜଙ୍ଗଲରେ ଏକ ହାତୀ ମରି ପଡିଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ କେବଲାଙ୍ଗ ଫରେଷ୍ଟର ମହେଶ୍ୱର ଧଳ, ରାଜାମୁଣ୍ଡା ଫରେଷ୍ଟର ଗୋପାଳ ଓରାମ, ବନରକ୍ଷୀ ନବୀନ ପତ୍ରି କିଷାନ, ଚନ୍ଦନ ଘୋଷ, ସୁନୀଲ ମିର୍ଦ୍ଧା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ହେଲେ ବିଦ୍ୟୁତ୍ ଆଘାତରେ ହାତୀ ମୃତ୍ୟୁ ଘଟିଥିବ ଚର୍ଚ୍ଚା ହୋଇଥିବାରୁ ବଣେଇ ଉପଖଣ୍ଡ ବିଦ୍ୟୁତ୍ ଅଧିକାରୀ ପ୍ରଦୀପ କୁମାର ବେହେରା, ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ରଣଜିତ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ନାୟକଙ୍କ ସହ ବଣେଇ ଡିଏଫ୍‌ଓ ସୁଧାଂଶୁ ଶେଖର ଖୋରା, ଏସିଏଫ ଜଗଦୀଶ ପ୍ରସାଦ ସିଂ, ଜୋହନା ଓରାମ, ସଲବିନ୍ଦର ସିଂ, ବାଙ୍କି ରେଞ୍ଜର ଅଜୟ ଖେସ, ରାଉରକେଲା ଏସିଏଫ ଦିଲୀପ କୁମାର ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ । ହାତୀର ମୃତ୍ୟୁ ଘଟିଥିବା ଜଙ୍ଗଲ ଅଞ୍ଚଳରେ ବିଦ୍ୟୁତ ତାର ଯାଇ ନ ଥିବାରୁ ବିଦ୍ୟୁତ୍ ଆଘାତରେ ହାତୀର ମୃତ୍ୟୁ ଘଟି ନ ଥିବା ଅଧିକାରୀମାନେ ପ୍ରକାଶ କରିଥିଲେ। ପ୍ରାଣୀ ଚିକିତ୍ସକ ପହଞ୍ଚି ହାତୀର ବ୍ୟବଚ୍ଛେଦ କରିଥିଲେ। ପରେ ବନ ବିଭାଗ ପକ୍ଷରୁ ମୃତ ମାଈ ହାତୀକୁ ପୋତି ଦିଆଯାଇଥିଲା । ବିଷାକ୍ତ ଖାଦ୍ୟ ପ୍ରକ୍ରିୟା ଯୋଗୁ ହାତୀର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି।



ସୁନ୍ଦରଗଡ଼ ଜିଲା ବାଙ୍କି ରେଞ୍ଜ ଅଧୀନ ବାକରତୋଲା ଜଙ୍ଗଲରେ ପଡିଥିବା ମୃତ ମାଈ ହାତୀ।

## ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମ୍‌ର ୨ ଗେଟ୍ ଖୋଲିଲା

# ସେକେଣ୍ଡ ପିଛା ୮୦୦୦ କ୍ୟୁସେକ ଜଳ ନିଷ୍କାସନ

ଚିତ୍ରକୋଣ୍ଡା, ୨୮।୧୦(ଡି.ଏନ.ଏ.)



ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମରେ ଜଳପତ୍ତନ ବୃଦ୍ଧିପାଇ ବିପଦସଙ୍କୁଳ ୧୫୧୬ ଫୁଟ ରହିଥିଲା। ପୂର୍ବ ସୂଚନା ମୁତାବକ ପ୍ରଶାସନିକ ଅଧିକାରୀମାନଙ୍କ ଉପସ୍ଥିତିରେ ରବିବାର ସକାଳ ୮ଟା ୪୦ରେ ଡ୍ୟାମର ୨ଟି ଗେଟ୍ ଖୋଲା ଯାଇଥିଲା। ଏହା ପୂର୍ବରୁ ସୁଇସ୍ ଗେଟ୍ ଖୋଲାଯାଇଥିଲା। ପ୍ରତି ସେକେଣ୍ଡରେ ଡ୍ୟାମରୁ ୮୦୦୦ କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଜଳ ନିଷ୍କାସନ ପୂର୍ବରୁ ଜିଲା ପ୍ରଶାସନ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରି ଜନସାଧାରଣ ଓ ମତ୍ସ୍ୟଜୀବୀଙ୍କୁ ସତର୍କ କରିଥିଲା। ମତ୍ସ୍ୟଜୀବୀଙ୍କୁ ଡ୍ୟାମକୁ ମାଛ ମାରିବାକୁ ନ ଯିବାକୁ ବାରଣ କରିଥିଲା। ଗେଟ୍ ଖୋଲିବା ସମୟରେ ଡ୍ୟାମର ନିର୍ବାହୀ ଯନ୍ତ୍ରୀ କବି ପ୍ରସାଦ ନାଥ, ଡେପୁଟି କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବୀନ୍ଦ୍ରନାଥ ଦାଶ, ଏସଡିଓ ଉମା ଶଙ୍କର ସାହୁ, ଯନ୍ତ୍ରୀ ଗଦାଧର ପ୍ରଧାନ, କେସି ପାଣି, ତ୍ରିଲୋଚନ ସେଠୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତବର୍ଷ ଏହି ସମୟରେ ଡ୍ୟାମ ଜଳପତ୍ତନ ବୃଦ୍ଧି ପାଇବାରୁ ୩ଟି ଗେଟ୍ ଖୋଲାଯାଇଥିଲା।

## ପିଏମ୍‌ଜିଏସ୍‌ୱାଇ ଯୋଜନାରେ କଂସର-ଜମନକିରା ରାସ୍ତା କାମରେ ଦୁର୍ନୀତି ଘଟଣା

# ତଦନ୍ତ ନିର୍ଦ୍ଦେଶ ଦେଲେ ସଚିବ

ସମ୍ବଲପୁର,୨୮।୧୦(ବ୍ୟୁରୋ)

**ଧରିତ୍ରୀରେ ଖବର ପ୍ରକାଶ ପରେ ତତ୍ପରତା**

ସମ୍ବଲପୁର ଜିଲା କଂସର-ଜମନକିରା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ କାମରେ ୧ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା ପ୍ରମାଣ ମିଳିଛି। କାମ ସମ୍ପୂର୍ଣ୍ଣ ନ କରି ୨୦୧୯ ମେ ମାସରେ ସମ୍ପୂର୍ଣ୍ଣ ବିଲ୍ ଉଠାଯାଇଛି। ଧରିତ୍ରୀ ଏବଂ ଓଡିଶା ପୋଷ୍ଟରେ ଏ ନେଇ ୨୬ ତାରିଖରେ ଏକ ଅନୁସନ୍ଧାନମୂଳକ ଖବର ପ୍ରକାଶ ପାଇଥିଲା। ଏହା ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ପ୍ରଦୀପ କୁମାର ଜେନାଙ୍କ ଦୃଷ୍ଟିକୁ ଆସିବା ପରେ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ୫ ଜଣିଆ ଟିମ୍ ଗଠନ କରି ତଦନ୍ତ ରିପୋର୍ଟ ଦେବାକୁ ସମ୍ବଲପୁର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନମାନର କାମ, ବଳକା ୬ କି.ମି. ରାସ୍ତା କାମ ନ କରି କିଭଳି ଭାବେ କୋଟିଏ ଟଙ୍କା ବିଲ୍ କରାଗଲା, ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ କାହିଁକି ବିଲ୍ ପ୍ରସ୍ତୁତ କଲେ ସେ ନେଇ ସବିଶେଷ ରିପୋର୍ଟ ଦେବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ସମ୍ପୂର୍ଣ୍ଣ ହୋଇଥିବା କାମ ନିମ୍ନମାନର ହୋଇଛି। ରାସ୍ତା ଖାଲଖମା ହେବା ସହ କିଛି ଦିନ ପରେ ପିଚୁ ଉଠି ଗଲାଣି। ଏହାକୁ ନେଇ ମଧ୍ୟ ତଦନ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏଣୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନରେ ଛନକା ପଶିଛି। ଠିକାଦାର ପୁଣି କାମ ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ହେଲେ ଏହାକୁ ନେଇ ଅଞ୍ଚଳର ଲୋକେ ବିରୋଧ କରିଛନ୍ତି। ଏଭଳି ଦୁର୍ନୀତିଗ୍ରସ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଟେଣ୍ଡର ପାଇଥିବା ତୁଳସୀ କନଷ୍ଟ୍ରକସନ ନାମରେ କାମ ରହିଥିଲା। ହେଲେ ଏହି କାମ ସ୍ଥାନୀୟ ଜଣେ ଠିକାଦାର କରିଛନ୍ତି। ଏଣୁ ରାଜନୈତିକ ପୃଷ୍ଠପୋଷକତାରେ ହିଁ ଏଭଳି ନିମ୍ନମାନର କାମ ହୋଇଛି ଏବଂ ଦୁର୍ନୀତି କରିବାକୁ ସୁଯୋଗ ମିଳିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୭-୧୮ ଆର୍ଥିକ ବର୍ଷରେ କଂସର-ଜମନକିରା ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ସାମିଲ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଟେଣ୍ଡର ଡକା ଯାଇଥିଲା। ଦେବଗଡ ଜିଲାର ତୁଳସୀ କନଷ୍ଟ୍ରକସନ ନାମକ ଠିକା କମ୍ପାନୀ ଟେଣ୍ଡର ପାଇଥିଲା। ମୋଟ ୧୪ କି.ମି. ରାସ୍ତା କାମ ଲାଗି ୫ କୋଟି ୭୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଥିଲା। ହେଲେ ମାତ୍ର ୮ କି.ମି. ରାସ୍ତା କରାଯାଇଛି। ୬ କି.ମି. ରାସ୍ତା କାମ ନ କରି ମଧ୍ୟ ଫାଇନାଲ ବିଲ୍ ଉଠିଛି। ଅପରପକ୍ଷେ ଯେତିକି କାମ ହୋଇଛି ସେଥିରେ ମଧ୍ୟ ନିମ୍ନମାନର କାମ କରାଯାଇଛି।

# କାର୍ଯ୍ୟରେ ଅବହେଳା, ମହିଳା ଏସ୍‌ଆଇ ନିଲମ୍ବିତ

ତାଳଚେର, ୨୮।୧୦(ନି.ପ୍ର.)

କାର୍ଯ୍ୟରେ ଅବହେଳା ଯୋଗୁ ଅନୁଗୋଳ ପୋଲିସ ଜିଲା ଅନ୍ତର୍ଗତ ତାଳଚେର କଲିୟାରୀ ଥାନାର ସବ୍‌ଇନ୍ସପେକ୍ଟର (ଏସ୍‌ଆଇ) ସୁମିତ୍ରା ପାତ୍ରଙ୍କୁ ସୋମବାର ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ନରସିଂହ ଭୋଳ ନିଲମ୍ବନ କରିଛନ୍ତି। ଗତ ମାର୍ଚ୍ଚ ୧୨ରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି କଲିୟାରୀ ଥାନାରେ ନମ୍ବର ୮୦/୧୯ରେ ମାମଲା ରୁଜୁ ହୋଇଥିଲା। ତେବେ ତଦନ୍ତ ଦାୟିତ୍ୱ ନେଇଥିବା ଅଧିକାରୀ ସୁମିତ୍ରା ଘଟଣାର ଠିକ୍ ତଦନ୍ତ କରି ନ ଥିଲେ। ଫଳରେ ଅଭିଯୋଗର ୧୧ ଦିନରେ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିଲେ। ତଦନ୍ତରେ ଅବହେଳା ଯୋଗୁ ମହିଳା ଜଣକ ଆତ୍ମହତ୍ୟା କରିଥିବା ପରିବାର ପକ୍ଷରୁ ଡିଆଇଜିଙ୍କୁ ଅଭିଯୋଗ କରାଯାଇଥିଲା। ଡିଆଇଜି ଘଟଣାର ତଦନ୍ତ କରି କାର୍ଯ୍ୟରେ ଅବହେଳା କରିଥିବା ଅଭିଯୋଗରେ ସୁମିତ୍ରାଙ୍କୁ ନିଲମ୍ବନ କରିଛନ୍ତି। ତାଙ୍କୁ ହେଡକ୍ୱାର୍ଟର ଅନୁଗୋଳକୁ ବଦଳି କରାଯାଇଛି। ସେ ଅନୁଗୋଳ ଆର.ଆଇ.ଙ୍କ ଅଧୀନରେ ରହି କାର୍ଯ୍ୟ କରିବେ ବୋଲି ଜଣାପଡ଼ିଛି।

## ଗଛ ବଞ୍ଚାଇଦେଲା ଜୀବନ

# ନାଳରେ ଭାସି ଯାଇଥିବା ବୃଦ୍ଧା ଉଦ୍ଧାର

ରାସୋଳ, ୨୮।୧୦ (ଡି.ଏନ.ଏ)



ଉଦ୍ଧାର ପାକେଲି ମହାପାତ୍ର।

ଗଛ ବଞ୍ଚାଇଦେଲା ବୃଦ୍ଧାଙ୍କ ଜୀବନ। ଘଟଣା ଘଟିଛି ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ବାହାଲୁଣ୍ଡା ଗ୍ରାମ ନିକଟରେ। ରବିବାର ରାତିରେ ସ୍ଥାନୀୟ ବଡଯୋରା ନାଳରେ ବୃଦ୍ଧା ଜଣକ ଭାସିଯାଇଥିବା ବେଳେ ସୋମବାର ସକାଳେ ତାଙ୍କୁ ଉଦ୍ଧାର କରାଯାଇଛି। ରାତି ତମାମ ବୃଦ୍ଧା ଜଣକ ନାଳ ଭିତରେ ଏକ ଗଛ ଡାଳକୁ ଜାବୁଡ଼ି ଧରି ରହିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ଘଟଣାରୁ ଜଣାପଡିଛି, ବାଲିମୀ ଥାନା ରଞ୍ଜାଗୋଳ ଗ୍ରାମର ଶଙ୍କର ମହାପାତ୍ର ଜଣେ ପୂଜକ। ରବିବାର ଶଙ୍କର ବଡଯୋରା ନାଳ ପାରି ହୋଇ ପୂଜା କରିବାକୁ ଯାଇଥିଲେ। ରାତି ହୋଇଯାଇଥିଲେ ହେଁ ଶଙ୍କର ଘରକୁ ଫେରି ନ ଥିଲେ। ଫଳରେ ସ୍ତ୍ରୀ ପାକେଲି ତାଙ୍କୁ ଖୋଜିବାକୁ ବାହାରିଥିଲେ। ତେବେ ନାଳରେ ଅଧିକ ପାଣି ଥିବାରୁ ସେ ଭାସି ଯାଇଥିଲେ। କିଛି ବାଟ ଭାସିଯିବା ପରେ ଏକ ଗଛଡାଳ ଦେଖି ତାହାକୁ ପାକେଲି ଜାବୁଡ଼ି ଧରିବାରୁ ସେଠାରେ ଅଟକି ଯାଇଥିଲେ। ରାତିତମାମ ସେଠାରେ ସେ ସେମିତି ରହିଥିଲେ। ସକାଳେ ବାହାଲୁଣ୍ଡା ଗ୍ରାମର ସୁଶାନ୍ତ ପଟ୍ଟନାୟକ ଓ ଅନ୍ୟମାନେ ଶୌଚ ପାଇଁ ଯାଇଥିବା ବେଳେ ବୃଦ୍ଧାଙ୍କ ପାଟିଶୁଣି ତାଙ୍କୁ ନାଳରୁ ଉଦ୍ଧାର କରିଥିଲେ। ପରେ ଗ୍ରାମବାସୀ ତାଙ୍କୁ ଡାକ୍ତରଖାନା ନେବା ସହ ପରିବାରକୁ ହସ୍ତାନ୍ତର କରିଥିଲେ।


ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା N-57
ପ୍ରଜ୍ଞାପୀଠ, ସାମନ୍ତପୁର, ଭୁବନେଶ୍ୱର- ୭୫୧୦୧୩
Website-chseodisha.nic.in

ସଂଖ୍ୟା-ଦୂ.ଶି- ୧ -୦୭- ୨୦୧୮ / ୭୬୪୪ /ଉମାଶିପ/ତା. ୨୮.୧୦.୧୯ /

**ବିଜ୍ଞପ୍ତି**

୨୦୧୯ - ୨୦ ଶିକ୍ଷା ବର୍ଷରେ +୨ ପତ୍ର ବିନିମୟ ପାଠ୍ୟକ୍ରମ

(Correspondence Course 1st year) ପ୍ରଥମ ବର୍ଷ ନାମଲେଖା ନିମନ୍ତେ ଆବେଦନ |

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର ପତ୍ର ବିନିମୟ (Correspondence Course 1st year)ରେ ୨୦୧୯ - ୨୦ ଶିକ୍ଷା ବର୍ଷ ନିମନ୍ତେ କଳା ଓ ବାଣିଜ୍ୟ ସ୍ରୋତରେ +୨ ପ୍ରଥମ ବର୍ଷ ଆବେଦନ ତା. ୦୮.୧୧.୨୦୧୯ ରିଖ ରେ ସମାପ୍ତ ହେବ| ଏହାର ବିଷଦ ବିବରଣୀ Website-www.chseodisha.nic.in ଏବଂ www.samsodisha.gov.in ରେ ଉପଲବ୍ଧ |

ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ
ଉପ-ସଚିବ

11003/11/0009/1920



**OFFICE OF THE EXECUTIVE ENGINEER, RWS&S DIVISION, BALANGIR.**
Email: eerwss_blg@nic.in
**1st Corrigendum for "e" Procurement Notice**
**Bid Identification No. RWSS/11 /2019-2020**

No.O-471 :- The corrigendum has been made to the e-procurement notice Identification Bid Identification No. RWSS/11 /2019-2020 and Letter No. 2289 Dated 30.09.2019 as per following amendment.

- Bid document will be available in the website on dt. 13.11.2019 at 10.00 A.M to 28.11.2019 till 5.00 P.M instead of 28.10.2019 at 10.00 A.M to 14.11.2019 till 5.00 P.M respectively.
- The date of opening of Bid document is on dt. 30.11.2019. at 11.00 A.M onwards instead of dt. 14.11.2019.

All other terms and conditions of Bid documents remains unaltered. Further details can be seen from the e-procurement portal http://tenderodisha.gov.in

Sd./-24.10.2019
(S.K. Satapathy)
Executive Engineer, RWS&S Division, Balangir

25033/11/0008/1920



**BHUBANESWAR MUNICIPAL CORPORATION**
**No : 29822 Dt.25.10.2019**
**E-PROCUREMENT NOTICE**

1. Bid reference No : BMC-EED-II-12/2019-20 Dt.25.10.19
2. Tender Call Notice No : No.29822, Dt.25.10.2019
3. No. of work : 4 Nos.
4. Bid Value : Rs.38,37,686/-
5. Period of completion : 60 Days

Date and time of schedule

| Start | End | Opening |
|---|---|---|
| 11.00 A.M of 29.10.19 | 5 P.M of 7.11.19 | 11.00 A.M.of 8.11.19 |

6. Tender details : can be seen for the procurement portal : https://www.tendersodisha.gov.in. BMC website https://www.bmc.gov.in.

Executive Engineer,
BMC, Division No.II

Progress Through Partnership for a Better Bhubaneswar



**ପୌର ପରିଷଦ କାର୍ଯ୍ୟାଳୟ, ଖୋରଧା**
ସ୍ଥାନ/ପୋ/ଥା/ଜିଲ୍ଲା-ଖୋରଧା
ଦୂରଭାଷ: ୦୬୭୫୫-୨୨୦୬୭୪, ୦୬୭୫୫-୨୨୨୬୭୪(ଫ୍ୟାକ୍ସ)
ଇ-ମେଲ୍-khurda_municipality@yahoo.co.in
ନଂ.୪୨୩୮ ତା: ୨୫।୧୦।୨୦୧୯

**ତୃତୀୟ ସଂଶୋଧିତ ବିଜ୍ଞାପନ**

No.C-274 :- ନିଲାମ ଟେଣ୍ଡର ନୋଟିସ୍ ନଂ.୪୦୮୯ ତା.୧୭।୧୦।୨୦୧୯ର "ଖୋରଧା ପୌରାଞ୍ଚଳ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ମଧ୍ୟରେ ପାର୍କିଂ କରୁଥିବା ଯେକୌଣସି ଯାନବାହନ (ଘରୋଇ ଯାନ ବ୍ୟତୀତ) (ବରୁଣେଇ ହୋଟେଲ୍‌ଠାରୁ ବରୁଣେଇଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ବ୍ୟତୀତ) ପାର୍କିଂ ଫି ଆଦାୟ" ନିମ୍ନଲିଖିତ ମତେ ନିୟମାବଳୀ ୧କୁ ପାଠ କରାଯାଇପାରିବ।

- ଖୋରଧା ପୌର ପରିଷଦ ୨୦୧୯-୨୦ ବର୍ଷଠାରୁ ୨୦୨୧-୨୨ (ତା୦୧।୧୧।୨୦୧୯ରିଖରୁ ୩୧।୧୦।୨୦୨୨ରିଖ) ପର୍ଯ୍ୟନ୍ତ ୩ (ତିନି) ବର୍ଷ ନିମନ୍ତେ ଖୋରଧା ପୌରାଞ୍ଚଳ ମଧ୍ୟରେ ଥିବା ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ମଧ୍ୟରେ ପାର୍କିଂ କରୁଥିବା ଯେକୌଣସି ଯାନବାହନ (ଘରୋଇ ଯାନ ବ୍ୟତୀତ) (ବରୁଣେଇ ହୋଟେଲ୍‌ଠାରୁ ବରୁଣେଇଙ୍କ ପୀଠ ପର୍ଯ୍ୟନ୍ତ ରାସ୍ତା ବ୍ୟତୀତ) ପାର୍କିଂ ଫି ଆଦାୟ କରିବା ନିମନ୍ତେ ନିଲାମ/ଟେଣ୍ଡରଗୁଡିକ ବ୍ୟକ୍ତିବିଶେଷ/ସଂସ୍ଥା/ଅନୁଷ୍ଠାନଙ୍କଠାରୁ ଆହ୍ୱାନ କରୁଅଛନ୍ତି।

ସ୍ୱା./- ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

13082/11/0013/1920



**OFFICE OF THE CDMO cum DISTRICT MISSION DIRECTOR DISTRICT PROGRAMME MANAGEMENT & SUPPORT UNIT, NHM. HEALTH & FAMILY WELFARE DEPARTMENT**
GOVT. OF ODISHA, MALKANGIRI, ODISHA, 764045
E-mail : cdmomkg@gmail.com, Phone: 06861-231543
No.9563 Date: 25.10.2019

**TENDER CALL NOTICE**

No.E-440 :- Sealed tenders are invited from interested Firm/ suppliers having valid PAN & GSTIN for Supply of Equipments and Instruments for HWCs under NHM, Malkangiri. The details terms & conditions may be downloaded from the website: www.malkangiri.nic.in. The tender should reach to the Office of the Undersigned on or before 04.11.2019 (Monday) up to 4:30 P.M only through Regd. Post /Speed Post /Courier services only. The tender will be opened on 05.11.2019 at 11:00 AM in the O/o undersigned. The undersigned reserves the right to reject any or all the quotation without assigning any reason thereof.

Sd./- Dr. A.K. Baitharu
Chief District Medical &
Public Health Officer, Malkangiri

10082/11/0007/1920



**GOVERNMENT OF ODISHA DEPARTMENT OF WATER RESOURCES OFFICE OF THE EXECUTIVE ENGINEER, MINOR IRRIGATION DIVISION, SAMBALPUR**
Phone No.(0663)-2412791(Off.)
No.4063 E-mail :-eemisbp@yahoo.co.in Date: 25.10.2019
No.A-332 :- **e-PROCUREMENT NOTICE**
**BID REF No: EE,MID,SBP/09/2019-20**

| | | |
|---|---|---|
| Name of work | : | Civil Construction Works |
| No. of works | : | 04 (Four)Nos. |
| Estimated cost: | : | Varies from Approximately Rs.33.50 lakh to Rs.46.20 lakh for 04 Nos. of works is Rs.170.10 Lakh |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid through online | : | From 13.11.2019 10.00 AM to 25.11.2019 up to 05.30 PM in website(www.tendersorissa.gov.in) |
| Period of receipt of bid through online | : | From 13.11.2019 10.00 AM to 25.11.2019 up to 05.30 through online. |
| Date of opening of bid documents | : | On dt. 26.11.2019 at 11.00 AM. onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| The detail tender call notice can also be seen in the DOWR website- http://dowrorissa.gov.in | | |
| Name & Address of the OIT | : | Executive Engineer, M.I.Division, Sambalpur, At-Motijharan,PO-B.S.S.Nagar,Dist:-Sambalpur, PIN-768001, Ph-0663-2412791, E-mail ID-eemisbp@yahoo.co.in |
| Further details can be seen from the e-Procurement market place. | : | http://tendersorissa.gov.in |

Sd./- 25.10.2019
Executive Engineer, M.I.Division,Sambalpur.

32036/11/0003/1920



DADLS-41

**ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳନ ଉପଲକ୍ଷେ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା**

ତା. ୩୧.୧୦.୨୦୧୯ ସ୍ଥାନ : ଗୀତଗୋବିନ୍ଦ ସଦନ

ପ୍ରବନ୍ଧ ପ୍ରତିଯୋଗିତା : ସମୟ - ପୂର୍ବାହ୍ନ ଘ. ୧୦.୩୦ ମିନିଟ
୧- ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨- ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩- ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

ବକ୍ତୃତା ପ୍ରତିଯୋଗିତା : ସମୟ – ମଧ୍ୟାହ୍ନ ଘ. ୧୨.୦୦ ମିନିଟ୍
୧- ପ୍ରଥମ ବର୍ଗ (ପଞ୍ଚମରୁ ସପ୍ତମ ଶ୍ରେଣୀ)
୨- ଦ୍ୱିତୀୟ ବର୍ଗ (ଅଷ୍ଟମରୁ ଦଶମ ଶ୍ରେଣୀ)
୩- ତୃତୀୟ ବର୍ଗ (ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ)

- ଛାତ୍ରଛାତ୍ରୀମାନଙ୍କୁ ଅନୁରୋଧ, ସେମାନେ ନିର୍ଦ୍ଧାରିତ ସମୟର ଏକଘଣ୍ଟା ପୂର୍ବରୁ ଆସି ନାମ ପଞ୍ଜୀକରଣ କରାଇବେ।
- ପ୍ରତିଯୋଗିତା ଆରମ୍ଭର ୧ ଘଣ୍ଟା ପୂର୍ବରୁ ପ୍ରତିଯୋଗିତାର ଶୀର୍ଷକ ପ୍ରଦାନ କରାଯିବ।
- ପ୍ରତିଯୋଗିତା କେବଳ ଓଡ଼ିଆ ଭାଷାରେ ଅନୁଷ୍ଠିତ ହେବ।
- ପ୍ରବନ୍ଧ ପ୍ରତିଯୋଗିତା ପାଇଁ କାଗଜ ଯୋଗାଇ ଦିଆଯିବ। ପ୍ରତିଯୋଗୀମାନେ ସାଙ୍ଗରେ ପରିଚୟ ପତ୍ର / ପ୍ରଧାନ ଶିକ୍ଷକ / ପ୍ରଧାନ ଶିକ୍ଷୟିତ୍ରୀ / ଅଧ୍ୟକ୍ଷ/ ଅଧ୍ୟକ୍ଷାଙ୍କ ଅନୁମତି ପତ୍ର ଆଣିବା ଆବଶ୍ୟକ।
- ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର ପ୍ରତ୍ୟେକ ବର୍ଗରୁ ତିନିଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ତା୩୧।୧୦।୨୦୧୯ରିଖ ସନ୍ଧ୍ୟା ଘ.୬.୩୦ ମିନିଟ ସମୟରେ ଜୟଦେବ ଭବନଠାରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରଦାନ କରାଯିବ।

ସ୍ୱା./- ନିର୍ଦ୍ଦେଶକ
ସୂଚନା ଲୋକସମ୍ପର୍କ ବିଭାଗ

15001/13/0065/1920



**GOVT. OF ODISHA DEPARTMENT OF WATER RESOURCES, O/O THE CHIEF CONSTRUCTION ENGINEER, RENGALI RIGHT IRRIGATION PROJECT, DHENKANAL**
No. A-331
Email Id – ccerrip@gmail.com
**'e' Procurement Notice**

The Chief Construction Engineer, Rengali Right Irrigation Project, Mahisapat, Dhenkanal on behalf of the Governor of Odisha invites **on line percentage rate bids** for construction of the work as detailed below:

1. Name of the work : Excavation of Darpani Branch Canal from RD 25.530km to 27.520 km including its structures of Right Bank Canal of Rengali Right Irrigation Project
2. Tender Cost : Rs. 1986.45 lakh
3. Bid Document Cost : Rs. 10,000.00 (on line)
4. Bid Security : Rs.19, 86,500.00 (on line)
5. Class of Contractor : Super Class
6. Period of Completion : 17 calendar months (517 days)
7. Other details are as follows;

| Procurement Officer | Bid Identification No. | Availability of Tender On- line for bidding | | Date of Opening of Technical Bid (Cover-I) |
|---|---|---|---|---|
| | | From | To | |
| Chief Construction Engineer, RRIP, Dhenkanal | CCERRIP-03/2019-20 | 04.11.2019 10.00 AM | 19.11.2019 5.30 PM | 20.11.2019 11.00 AM |

8. For further details and on line bidding, visit Govt. website www.tendersodisha.gov.in

Sd/-Chief Construction Engineer
Rengali Right Irrigation Project, Dhenkanal

32351/11/0003/1920



See Career Appointment on every Wednesday & Saturday



**Government of Odisha "e" procurement Notice**
**TENDER CALL NOTICE**
IDENTIFICATION NO. 03/ SE NH SBP of 2019-20 No. b-66
(Bid No.03 SENH SBP of 2019-20)

| Sl. No. | Name of the works | Estimated cost in Rupees | Period of completi on in calendar month | Date / Time for receipt of bids. | Name and address of the officer inviting tender |
|---|---|---|---|---|---|
| 1. | S/R to NH-26 from Km 25/00 to 31/00 Km for the Year 2019-20 | Rs.1,05,04,575.00 | 3(three) Calendar months | 10.00A.M. of Dt. 05.11.2019 to 5.00 P.M. of Dt.20.11.2019 . | Er.Sanjay Kumar Sahoo Superintending Engineer, N.H. Circle, Sambalpur |

Further details can be seen from the "e" procurement website www.tendersorissa.gov.in

Superintending Engineer,
N.H. Circle Sambalpur

34007/11/0003/1920



# ନମନୀୟ ତ୍ୱଚା ପାଇଁ ଆଲୋଭେରା

ସୌନ୍ଦର୍ଯ୍ୟ

**ଆଲୋଭେରା ବା ଘିକୁଆଁରୀରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। କେବଳ ସେତିକି ନୁହେଁ, ତ୍ୱଚାକୁ ନୂଆ ରୂପ ଦେବାରେ ଏହା ଅନେକାଂଶରେ ସାହାଯ୍ୟ କରିଥାଏ। ତେଣୁ ତ୍ୱଚାର ଘରୋଇ ଉପଚାର ସମୟରେ ଏହାକୁ ଆପଣେଇ ପାରନ୍ତି...**

–ଆଣ୍ଟି ଏଜିଂ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ ଆଲୋଭେରା ଜେଲ୍ ସହିତ ବେସନ, ହଳଦୀ ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଲଗାଇ ୧୫–୨୦ମିନିଟ୍ ଛାଡିଦିଅନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚା ନମନୀୟ ହେବା ସହ ଆପଣ ଆଣ୍ଟି ଏଜିଂ ସମସ୍ୟାରୁ ନିଜକୁ ରକ୍ଷା କରିପାରିବେ।

–ତ୍ୱଚାରୁ ଦାଗ ଦୂର କରିବା ପାଇଁ ଏକ ସହଜ ଉପାୟ ଆପଣେଇ ପାରନ୍ତି। ଆଲୋଭେରା ଜେଲ, ଜଜୋବା ଅଏଲ, ଲେମ୍ବୁ ରସକୁ ମିକ୍ସ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଦିନକୁ ଦୁଇଥର ଲଗାନ୍ତୁ। ତା'ପରେ ସଫା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।



–ସନବର୍ନରୁ ମୁକ୍ତି ପାଇବାକୁ ହେଲେ ଆଲୋଭେରା ଜେଲ ଓ ପୁଦିନା ତେଲକୁ ମିକ୍ସ କରି ପ୍ରତିଦିନ ମସାଜ୍ କରନ୍ତୁ। ଯାହା ଆପଣଙ୍କୁ ସନ୍‌ବର୍ନରୁ ମୁକ୍ତି ଦେବ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆଲ୍ ଗୁଣ ରହିଛି, ଯାହା ଆପଣଙ୍କ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିଥାଏ।

–ମୁହଁରେ ପିମ୍ପଲ୍ସ ହୋଇଥିଲେ ଆଲୋଭେରା ଜେଲ ଦ୍ୱାରା ତ୍ୱଚାକୁ ମସାଜ୍ କରି କିଛି ସମୟ ଛାଡ଼ିଦିଅନ୍ତୁ। କିଛି ସମୟ ପରେ ନର୍ମାଲ ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପିମ୍ପଲରୁ ମୁକ୍ତି ମିଳିପାରିବ।

–ତ୍ୱଚାକୁ ଟୋନ୍ କରିବାକୁ ହେଲେ ଆଲୋଭେରା ଜେଲ ଓ ଅମୃତଭଣ୍ଡାର ପେଷ୍ଟ ପ୍ରସ୍ତୁତ କରି ମୁହଁରେ ଲଗାନ୍ତୁ। ଏହାକୁ କିଛି ସମୟ ଛାଡିଦିଅନ୍ତୁ। ଏହା ପରେ ସଫା ପାଣିରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ।

– ଡ୍ରାଏ ସ୍କିନ୍ ପାଇଁ ଆଲୋଭେରା ପ୍ୟାକ୍ ବ୍ୟବହାର କରିପାରନ୍ତି। ଏହି ପ୍ୟାକ୍‌କୁ ପ୍ରସ୍ତୁତ କରିବାକୁ ହେଲେ ୧୦ଟି ବାଦାମ୍‌କୁ ଭିଜାଇ ରଖନ୍ତୁ। ସକାଳୁ ଏହାକୁ ଗ୍ରାଇଣ୍ଡ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। ପୁଣି ସେଥିରେ ଆଲୋଭେରା ଜେଲ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଆପ୍ଲାଏ କରନ୍ତୁ। ଏହାକୁ ୧୫ମିନିଟ୍ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ଡ୍ରାଏ ସ୍କିନ୍ ସମସ୍ୟା ଦୂର ହୋଇଯିବ।



# ପିସିଓଏସ୍-ଆଇଭିଏଫ୍ ଚିକିତ୍ସା ପ୍ରଣାଳୀ



ଡା. ସସ୍ମିତା ନାୟକ





**"ପଲିସାଇଷ୍ଟିକ୍ ଓଭାରିଆନ ଡିଜିଜ (ପିସିଓଡି) ଯାହାକି ପଲିସାଇଷ୍ଟିକ ଓଭାରିୟାନ ସିନଡ୍ରୋମ (ପିସିଓଏସ) ଭାବେ ଏହି ରୋଗ ବର୍ତ୍ତମାନ ମହିଳାମାନଙ୍କ ମଧ୍ୟରେ ବିଶେଷ କରି ୪୦ ବର୍ଷ ବୟସ୍କଙ୍କ ଠାରେ ଅଧିକ ଦେଖାଯାଉଛି। ଏହା ଏକ ସାଧାରଣ ହରମୋନଜନିତ ଅନିୟମିତତା। ଋତୁସ୍ରାବରେ ଅନିୟମିତତା, ଆଦୌ ଋତୁସ୍ରାବ ନ ହେବା କିମ୍ବା ମହିଳାଙ୍କ ଶରୀରରେ ମାତ୍ରାଧିକ ପୁରୁଷ ହରମୋନର ଉପସ୍ଥିତି ଯୋଗୁ ଏହା ହୋଇଥାଏ।"**

**ପିସିଓଡି କ'ଣ**

ପଲିସାଇଷ୍ଟିକ୍ ଓଭାରିଆନ ଡିଜିଜ (ପିସିଓଡି) ଯାହାକି ପଲିସାଇଷ୍ଟିକ ଓଭାରିୟାନ ସିନଡ୍ରୋମ ଭାବେ ଏହି ରୋଗ ବର୍ତ୍ତମାନ ମହିଳାମାନଙ୍କ ମଧ୍ୟରେ ବିଶେଷ କରି ୪୦ ବର୍ଷ ବୟସ୍କଙ୍କ ଠାରେ ଅଧିକ ଦେଖାଯାଉଛି। ଏହା ଏକ ସାଧାରଣ ହରମୋନଜନିତ ଅନିୟମିତତା। ଋତୁସ୍ରାବରେ ଅନିୟମିତତା, ଆଦୌ ଋତୁସ୍ରାବ ନ ହେବା କିମ୍ବା ମହିଳାଙ୍କ ଶରୀରରେ ମାତ୍ରାଧିକ ପୁରୁଷ ହରମୋନର ଉପସ୍ଥିତି ଯୋଗୁ ଏହା ହୋଇଥାଏ । ଯେମିତିକି ଏହା ନାମରୁ ସୂଚିତ ପଲିସାଇଷ୍ଟିକ ଓଭାରିୟାନ ରୋଗ ଏଭଳି ଏକ ଅବସ୍ଥାକୁ ସୂଚାଏ ଯେତେବେଳେ ଡିମ୍ବକୋଷଗୁଡ଼ିକ ସମ୍ପ୍ରସାରିତ ହୋଇଯାଆନ୍ତି ଏବଂ ଏହା ଭିତରେ ଏକାଧିକ କ୍ଷୁଦ୍ର ମୁଣି ଆକୃତି ଦେଖାଯାଏ। ଏହି ରୋଗ ଦେଇ ଅତିକ୍ରମ କରୁଥିବା ପ୍ରତ୍ୟେକ ମହିଳାଙ୍କ ଠାରେ ସମାନ ଲକ୍ଷଣ ଦେଖା ଦେଇ ନ ଥାଏ।

**ଲକ୍ଷଣ**

**ଋତୁସ୍ରାବରେ ଅନିୟମିତତା :** ଋତୁସ୍ରାବରେ ଦୀର୍ଘସମୟର ଅନିୟମିତତା ଏକ ଗମ୍ଭୀର ସମସ୍ୟା । ଏମିତିରେ ପ୍ରାରମ୍ଭିକ ଅବସ୍ଥାରେ ମାସିକ ଋତୁସ୍ରାବରେ ଅନିୟମିତତା ସାଧାରଣ କିନ୍ତୁ ସମୟ ସହ ଏଥିରେ ବିଳମ୍ବତା ପରିଶେଷରେ ଆଦୌ ଋତୁସ୍ରାବ ନ ହେବାର କାରଣ ହୋଇଥାଏ।

**ଡିମ୍ବାଣୁଜନିତ ସମସ୍ୟା :** ଗର୍ଭଧାରଣରେ ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କର ଯାଞ୍ଚ କରାଯିବା ଆବଶ୍ୟକ। ଯେହେତୁ ପିସିଓଏସ୍‌ର ବିକାଶ କାରଣରୁ ଏହି ସମସ୍ୟାକୁ ରୋକାଯାଇପାରିବ।

**ମାତ୍ରାଧିକ କେଶ ବୃଦ୍ଧି:** ମହିଳାମାନଙ୍କ



ଶରୀରରେ ଯେତେବେଳେ ଟେଷ୍ଟୋଷ୍ଟେରୋନ ସ୍ତରରେ ବୃଦ୍ଧି ଘଟିଥାଏ ଏହା କାରଣରୁ ଓଠର ଉପରିଭାଗରେ, ତଳିପେଟରେ, ଥୋଡ଼ି ଏବଂ ସ୍ତନର ଚାରିପାଖରେ ମାତ୍ରାଧିକ କେଶ ବଢ଼ିବାର ଦେଖାଯାଇଥାଏ।

**ଅସ୍ୱାଭାବିକ ରକ୍ତ ପ୍ରବାହ:** ପିସିଓଡି ମହିଳାଙ୍କ ଶରୀରରେ ପ୍ରୋଜେଷ୍ଟେରୋନ ସ୍ତରକୁ ବୃଦ୍ଧି କରିଥାଏ । ଏହା ଉପଯୁକ୍ତ ଗର୍ଭଧାରଣ ଯୋଗୁ ସମ୍ଭବ ହୋଇଥାଏ ଏବଂ ଯାହାକି ଆଗକୁ ଯାଇ ଏଣ୍ଡୋମେଟ୍ରିଆଲ ଟିସୁରେ ଯନ୍ତ୍ରଣା ବୃଦ୍ଧିର କାରଣ ହୋଇଥାଏ। ଯାହାକି ଗର୍ଭାଶୟକୁ ଆଚ୍ଛାଦିତ କରାଇ ମହିଳାମାନଙ୍କଠାରେ ଅନିୟମିତ ରକ୍ତସ୍ରାବର କାରଣ ହୋଇଥାଏ । ଯଦି ଉପଯୁକ୍ତ ଯତ୍ନ ନିଆ ନ ଯାଏ ତେବେ ଏହା ଗର୍ଭାଶୟ କ୍ୟାନ୍ସର ଭଳି ଅନେକ ଗମ୍ଭୀର ସମସ୍ୟାର କାରଣ ହୋଇପାରେ।

**ଇନସୁଲିନରେ ଆଧିକ୍ୟ ଏବଂ ମେଦବହୁଳତା:** ଡାକ୍ତରୀ ଗବେଷଣା ଏବଂ ଡାକ୍ତରମାନେ ଅନୁଧ୍ୟାନ କରି ଜାଣିପାରିଛନ୍ତି ଯେ ପିସିଓଡିରେ ଆକ୍ରାନ୍ତ ମହିଳାଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଅଧିକ ଓଜନର ହୋଇଥାନ୍ତି ଏବଂ ମୋଟାପଣ ସମସ୍ୟାରୁ ମୁକ୍ତ ଥିବା ମହିଳାମାନଙ୍କ ଠାରେ ମଧ ଇନସୁଲିନରେ ତାରତମ୍ୟତା ଦେଖାଯାଇଥିବା ବେଳେ କେତେକଙ୍କୁ ଏହି ଉଭୟ ସମସ୍ୟା ସହ ଲଢ଼ିବାକୁ ପଡ଼ିଥାଏ।



**ପିସିଓଏସ୍ ଥିଲେ ଆପଣ କ'ଣ କରିବା ଉଚିତ :** ବର୍ତ୍ତମାନ ପିସିଓଏସ୍ ପାଇଁ ଅନେକ ଉନ୍ନତ ଚିକିତ୍ସା ପ୍ରଣାଳୀ ଉପଲବ୍ଧ। କିନ୍ତୁ କେତେକ ନିର୍ଦ୍ଦିଷ୍ଟ ପରିବର୍ତ୍ତନକୁ ଗ୍ରହଣ କରିବା ଦ୍ୱାରା ପ୍ରଚଳିତ ଚିକିତ୍ସା ପଦ୍ଧତିରେ ଏହାର ପ୍ରଭାବ ଏବଂ ସଫଳତାକୁ ବଢ଼ାଇଦେଇଛି।

**ନିୟମିତ ବ୍ୟାୟାମ :** ପିସିଓଏସ୍ ଚିକିତ୍ସା ଅଧୀନରେ ଥିବାବେଳେ କେବଳ ବେଡ୍‌ରେଷ୍ଟ କରିବା ବଦଳରେ ପ୍ରତିଦିନ ଅତିକମ୍‌ରେ ୩୦ ମିନିଟ ଚାଲନ୍ତୁ।

**ପ୍ରଚୁର ମାତ୍ରାରେ ଶୋଇବା:** ଉପଯୁକ୍ତ ମାତ୍ରାର ଶୟନ ଆପଣଙ୍କୁ ଉତ୍ତମ ଏବଂ ସକ୍ରିୟ ଅନୁଭବ କରାଇବା ସହ ଯଦି ଆପଣ ମୋଟାପଣ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ତେବେ ଏହା ଆପଣଙ୍କୁ ଓଜନ ହ୍ରାସ କରିବାରେ ସହାୟକ ହୋଇଥାଏ । ମନେରଖନ୍ତୁ ୮ଘଣ୍ଟାର ନିଦ୍ରା ଆପଣଙ୍କ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ନିଦ୍ରାର ଅଭାବ କାରଣରୁ ଆପଣଙ୍କ ଠାରେ ହରମୋନଜନିତ ଅନିୟମିତତା ଦେଖାଯାଇଥାଏ। ଏଥିଯୋଗୁ ଆପଣଙ୍କୁ ଭୋକ ସମସ୍ୟା ଦେଖାଦିଏ ଏବଂ ଏଣୁତେଣୁ ଏପରିକି ସ୍ୱାସ୍ଥ୍ୟ ଅନୁପଯୋଗୀ ଖାଦ୍ୟ ଖାଇବାକୁ ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ।

**ଔଷଧ :** ପରାମର୍ଶ କରାଯାଇଥିବା ଔଷଧକୁ ଛାଡ଼ିଦେବା ଦ୍ୱାରା ଏହା ସମଗ୍ର ଡାକ୍ତରୀ ଚିକିତ୍ସାର ବିଫଳତାର କାରଣ ହୋଇଥାଏ। ଯାହାକି ଏହି ବଟିକା ଗ୍ରହଣ ଉପରେ ହିଁ ଆଧାରିତ ଏବଂ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଏବଂ ଆକ୍ରାନ୍ତ ଥିବା ରୋଗ ପାଇଁ ମଧ୍ୟ ବିପଜ୍ଜନକ ହୋଇଥାଏ।

**ଓଜନ ନିୟନ୍ତ୍ରଣ:** ଠିକ୍ ଓଜନର ନିୟନ୍ତ୍ରଣ ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ କେତେକାଂଶରେ ଦୂରେଇ ରଖିଥାଏ। ଏହା ଆପଣ ନିୟମିତ ବ୍ୟାୟାମ, ସ୍ୱାସ୍ଥ୍ୟକର ଖାଦ୍ୟ ଗ୍ରହଣ ଏବଂ ଏକ ନିୟନ୍ତ୍ରିତ ଡାଏଟ ମାଧ୍ୟମରେ କରି ପାରିବେ। କିନ୍ତୁ ଅସ୍ୱାସ୍ଥ୍ୟକର ଖାଦ୍ୟଠାରୁ ଦୂରେଇ ରୁହନ୍ତୁ, କାରଣ ଏଗୁଡ଼ିକର ଗ୍ରହଣ ଆପଣଙ୍କ ପାଇଁ ପରିସ୍ଥିତିକୁ ଅଧିକ ଜଟିଳ କରିଥାଏ।

**ମାସିକ ଋତୁସ୍ରାବର ହିସାବ ରଖନ୍ତୁ :** ଆପଣଙ୍କ ଋତୁଚକ୍ରର ଏକ ସବିଶେଷ ହିସାବ ରଖନ୍ତୁ। କାରଣ ପିସିଓଡିରେ ଆକ୍ରାନ୍ତ ଲୋକମାନଙ୍କ କ୍ଷେତ୍ରରେ ଅନିୟମିତ ଋତୁସ୍ରାବ କିମ୍ବା ଆଦୌ ଋତୁସ୍ରାବ ନ ହେବା ଏକ ଚିନ୍ତାର ବିଷୟ। ଏହା ଗର୍ଭାଶୟଜନିତ କର୍କଟ କିମ୍ବା ଅନ୍ୟାନ୍ୟ ସମସ୍ୟାଗୁଡ଼ିକର କାରଣ ହୋଇପାରେ । ଯଦି ଆପଣ ନିଜ ଋତୁସ୍ରାବର ହିସାବ ରଖୁଥାନ୍ତି ତେବେ ଏହିଭଳି ସମସ୍ୟାଗୁଡ଼ିକୁ ଡାକ୍ତରଙ୍କ ନିକଟରେ ପ୍ରକାଶ କରନ୍ତୁ

**ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ :** ଯେତେବେଳେ ଆପଣ ପିସିଓଡିରେ ଆକ୍ରାନ୍ତ ଥାନ୍ତି ସେତେବେଳେ ଆପଣଙ୍କର ପୂର୍ବରୁ ବିଗିଡ଼ି ଯାଇଥିବା ସ୍ୱାସ୍ଥ୍ୟରେ ଆହୁରି ଅନେକ ନୂଆ ରୋଗ ବିକଶିତ ହେବାର ଆଶଙ୍କା ଥାଏ ଏବଂ ଧୂମପାନ ଏବଂ ନିଶାଦ୍ରବ୍ୟ ସେବନ ଅଭ୍ୟାସ ଯୋଗୁ ଡାଇବେଟିସ, ହୃଦ୍‌ଜନିତ ରୋଗ ଭଳି ଅନେକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଥାଏ । ତେଣୁ ଏକ ସୁସ୍ଥ ଜୀବନ ପାଇଁ ଏବଂ ପିସିଓଡିକୁ ପ୍ରଭାବକାରୀ ଭାବେ ଚିକିତ୍ସା କରିବା ପାଇଁ ଆପଣଙ୍କୁ ଏସବୁକୁ ତ୍ୟାଗ କରିବାକୁ ହେବ।

**ସମ୍ଭାବ୍ୟ ଅବସାଦଗୁଡ଼ିକୁ ଚିହ୍ନଟ କରନ୍ତୁ**

ପିସିଓଡିରେ ଆକ୍ରାନ୍ତ ମହିଳାମାନଙ୍କ ଠାରେ ଅନ୍ୟମାନଙ୍କ ତୁଳନାରେ ଅବସାଦ ବେଶି ମାତ୍ରାରେ ଦେଖାଯାଇଥାଏ । ତେଣୁ ଯଦି ଆପଣ ଏପରି କିଛି ଲକ୍ଷଣ ଦେଖନ୍ତି, ଯାହାକି ଅବସାଦ ଆଡ଼କୁ ସଂକେତ ଦେଉଥାଏ ତେବେ ଏହାକୁ ହାଲୁକା ଭାବେ ଗ୍ରହଣ କରନ୍ତୁ ନାହିଁ। ଏହି ଲକ୍ଷଣଗୁଡ଼ିକ ହେଉଛି ମାତ୍ରାଧିକ ନିଦ୍ରା ଏବଂ ଖାଦ୍ୟ ଗ୍ରହଣ, ଓଜନରେ ମାତ୍ରାଧିକ ବୃଦ୍ଧି କିମ୍ବା ହ୍ରାସ, ଶୋଇବା ଏବଂ ଖାଦ୍ୟ ଗ୍ରହଣ ଅଭ୍ୟାସରେ ଅନିୟମିତତା କିମ୍ବା ସମସ୍ୟା ଦେଖାଯିବା, ଦୀର୍ଘ ସମୟର ବିଷାଦ ଆଦି।

ପିସିଓଡି ଏପରି ଏକ ରୋଗ ଯାହାକି ଉପଯୁକ୍ତ ଯତ୍ନର ଅଭାବରେ ଏକ ଗମ୍ଭୀର ସମସ୍ୟା ରୂପ ଧାଣର କରେ। କିନ୍ତୁ ଯଦି ଆପଣ ସୁସ୍ଥ ଉପାୟରେ ଏକ ଶୃଙ୍ଖଳିତ ଢଙ୍ଗରେ ଚିକିତ୍ସା ଗ୍ରହଣ କରନ୍ତି ତେବେ ଆପଣଙ୍କୁ ଏଥିରୁ ବାହାରିବା ପାଇଁ ଅଧିକ ସହଜ ହୋଇଯିବ।

*–ଗାଇନାକଲୋଜିଷ୍ଟ ଏବଂ ଆଇଭିଏଫ୍ ବିଶେଷଜ୍ଞ, ଇନ୍ଦିରା ଆଇଭିଏଫ୍ ହସ୍‌ପିଟାଲ, ଭୁବନେଶ୍ୱର*

# କିପରି ଦେଖାଯିବେ ଷ୍ଟାଇଲିଶ୍

**ଆଉ ଦିନ କେଇଟା ପରେ ଶୀତଦିନ ଆସିବ । ଏହି ଦିନରେ କିପରି ଷ୍ଟାଇଲିଶ୍ ଦେଖାଯିବେ ଜାଣନ୍ତୁ ସେ ସମ୍ପର୍କରେ...**



– ଆପଣ ଜିନ୍ସ ବଦଳରେ ମ୍ୟାକ୍ସି ସ୍କର୍ଟ କ୍ୟାରି କରିପାରିବେ। ଏହାକୁ ପିନ୍ଧିଲେ ଅଧିକ ଥଣ୍ଡାରେ ଆପଣ ଷ୍ଟାଇଲିଶ୍ ଲାଗିବେ। କାଜୁଆଲ ଆଉଟିଂ ହେଉକି ଲଞ୍ଚ ଡେଟ୍,ଏହି ସ୍କର୍ଟ ଆପଣଙ୍କୁ ଟ୍ରେଣ୍ଡି ଓ ଗ୍ଲାମର୍ସ ଲୁକ୍ ଦେବ। ଏହା ସହିତ ଆପଣ ଲଙ୍ଗ ଓ ରେଗୁଲାର ଦୁଇ ପ୍ରକାର ଜ୍ୟାକେଟ୍ ପିନ୍ଧିପାରିବେ।

– ଟ୍ରେଣ୍ଡି ଲୁକ୍ ପାଇଁ ଡେନିମ୍ ମ୍ୟାକ୍ସି ସ୍କର୍ଟ ପିନ୍ଧିପାରିବେ। ଏହା ଫ୍ରଣ୍ଟରେ ବଟନ୍ ଦିଆଯାଇଛି ଯାହାକୁ ଆପଣ ନିଜ ହିସାବରେ ଷ୍ଟାଇଲ୍ କରିପାରିବେ।

–ଇଣ୍ଡୋ ୱେଷ୍ଟର୍ନ ଲୁକ୍ ପାଇଁ ଆପଣ ବ୍ଲୁ ଓ ଗ୍ରୀନ୍ ଫ୍ଲୋରାଲ ପ୍ରିଣ୍ଟ ମ୍ୟାକ୍ସି ସ୍କର୍ଟ କ୍ୟାରି କରନ୍ତୁ।

–ଷ୍ଟାଇଲିଶ୍ ଲୁକ୍ ପାଇଁ ଷ୍ଟ୍ରାଇପ୍ଡ ମ୍ୟାକ୍ସି ସ୍କର୍ଟ ବେଷ୍ଟ। ଏହା ସହ ସ୍ଲିଟସ୍ ଟିଟେଲିଙ୍ଗ ଦିଆହୋଇଛି।

–କୁଲ୍ ଓ କାଜୁଆଲ୍ ଲୁକ୍ ପାଇଁ କଣ୍ଟ୍ରାଷ୍ଟ ବ୍ଲକ୍ ପ୍ରିଣ୍ଟ ସ୍କର୍ଟ ପିନ୍ଧନ୍ତୁ। ଏହି ଫ୍ଲୋଇ ମ୍ୟାକ୍ସି ସ୍କର୍ଟକୁ ଆପଣ କେଉଁଠି ବି କ୍ୟାରି କରିପାରିବେ। ଏହା ଆପଣଙ୍କୁ ରିଫ୍ରେଶିଂ ଲୁକ୍ ଦେବ।

–ଭିନ୍‌ଟେଜ୍ ଲୁକ୍ ପାଇଁ ସାଇଡ୍ ବଟନ୍ ପ୍ରିଣ୍ଟେଡ୍ ପ୍ୟାନେଲ୍‌ଡ ମ୍ୟାକ୍ସି ସ୍କର୍ଟ ଚୟନ କରନ୍ତୁ। ସ୍ଲିମ୍ ଲୁକ୍ ପାଇଁ ଏହା ବେଷ୍ଟ । ଏହାକୁ ପିନ୍ଧିଲେ ଆପଣ ପୂର୍ବାପେକ୍ଷା ଡେଙ୍ଗା ଦେଖାଯିବେ।

ଖାଦ୍ୟରୁଚି

# ମିଠା ପଲଉ

**ଆବଶ୍ୟକ ସାମଗ୍ରୀ**

ଘିଅ ୩ଚାମଚ(ବଡ଼),ଦୁଇଟି ବଡ଼ ତେଜପତ୍ର,କଞ୍ଚାଲଙ୍କା୫–୬ଟି,କଳା ଅ ଳେ ଇ ଚ ୨ – ୩ ଟି , ଡା ଲ ଚି ନି ଦୁଇଖଣ୍ଡ, ଲବଙ୍ଗ ୭–୮ଟି, ଜାଇତ୍ରୀ–୧ଟି,କେସର ୩–୪ଖଣ୍ଡ,ଅଦା ଏକ ଚାମଚ, ବାସ୍‌ମତି ଚାଉଳ ଏକ କପ୍, କାଜୁ ୧୨–୧୬ଟି, କିସ୍‌ମିସ୍ ଏକଚତୁର୍ଥାଂଶ, ପିସ୍ତା ୧୨–୧୬ଟି, ଚିନି ଦୁଇ ବଡ଼ ଚାମଚ, ଲୁଣ ଆବଶ୍ୟକ ପରିମାଣର, ଜାଇଫଳ ଏକ ଛୋଟ ଚାମଚ, ହଳଦୀ ପାଉଡର୧–୨ଚାମଚ, ଗ୍ରୀନ୍ ମଟରଏକ କପ୍, ପାଣି ଦୁଇକପ୍।

**ପ୍ରସ୍ତୁତି ପ୍ରଣାଳୀ**

ମିଠା ପଲାଉ ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଏକ ବଡ଼ ପାତ୍ରରେ ଚାଉଳକୁ ଦଶମିନିଟ୍ ପର୍ଯ୍ୟନ୍ତ ଭିଜାଇ ରଖନ୍ତୁ। ଏହାପରେ ଏକ କଡ଼ାଇରେ ଘିଅ ଗରମ କରନ୍ତୁ। ସେଥିରେ ଗୋଟା ମସଲା ସବୁ ପକାଇ ନାଲି ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପରେ ତାକୁ ପାତ୍ରରେ ରଖିଦିଅନ୍ତୁ। ଏବେ ଭିଜାଯାଇଥିବା ଚାଉଳକୁ ଛାଣି କଡ଼ାଇରେ କିଛି ସମୟ ପାଇଁ ଫ୍ରାଏ କରନ୍ତୁ। ଏହାପରେ ଏକ ଅଲଗା ପାତ୍ର ନେଇ ପାଣି ଗରମ କରନ୍ତୁ। ପାଣି ଫୁଟିଲା ବେଳକୁ ସେଥିରେ ଚାଉଳ ପକାନ୍ତୁ। ଏହା ହୋଇଗଲା ପରେ ପାଣି ସବୁକୁ ନିଗାଡ଼ି ଦିଅନ୍ତୁ। ଏବେ ସେଥିରେ ଚିନି, କେସର ଓ ମସଲା ସବୁ ପକାଇ ହାଲ୍‌କା ଆଞ୍ଚରେ ବସାନ୍ତୁ। ସେଥିରେ ଏବେ କାଜୁ, କିସ୍‌ମିସ୍, ପିସ୍ତାବାଦାମ ଆଦି ପକାଇ ୧୦ମିନିଟ୍ ପର୍ଯ୍ୟନ୍ତ ଘୋଡ଼ାଇ ରଖି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମିଠା ପଲାଉ।



# ବୁଲି ଯିବାର ପ୍ଲାନିଂ ଥିଲେ...

**କେଉଁଠିକି ବୁଲିଯିବାର ଥିଲେ ମନରେ ଯେତିକି ଉତ୍ସାହ ରହିଥାଏ,ତା' ଠୁ ଜିନିଷପତ୍ରକୁ ଠିକ୍‌ଭାବେ ପ୍ୟାକ୍ କରିବାକୁ ନେଇ ଅଧିକ ଚିନ୍ତା ଥାଏ । ସାଧାରଣତଃ ଜିନିଷପତ୍ରକୁ ସଜାଇ ନ ରଖିଲେ ଠିକ୍ ସମୟରେ ଖୋଜିଲା ବେଳେ ସେଗୁଡିକ ସହଜରେ ମିଳି ନ ଥାଏ। ଆସନ୍ତୁ ଜାଣିବା ଟ୍ରାଭେଲ ସମୟରେ ଜିନିଷ ପ୍ୟାକିଂ କରି କେଉଁଠି ରଖିବେ ଓ କାହିଁକ...**



–ପ୍ରଥମେ ସୁଟ୍‌କେସ୍‌କୁ ତଳେ ପୂରା ଖୋଲା କରି ରଖନ୍ତୁ।

–ମୋଜାକୁ ଜୋତା ଭିତରେ ରଖିଦିଅନ୍ତୁ। ଏହାପରେ ଜୋତାକୁ ସୁଟ୍‌କେସ୍‌ରେ ରଖିଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ମୋଜା ହଜିବ ନାହିଁ ଓ ଜୋତା ବି ହଜିବ ନାହିଁ।

–ଜୋତା ଉପରେ ମୋଟା କପଡ଼ା ଯେମିତି ଜିନ୍ସ,ସ୍ୱେଟରର ଛୋଟ ଛୋଟ ଫୋଲ୍ଡ କରି ତଳେ ରଖନ୍ତୁ ,ଏହାଦ୍ୱାରା ଆପଣଙ୍କ ସୁଟ୍‌କେସ୍‌ରେ ଅଧିକ ଜାଗା ରହିବ।

–ଯଦି ଆପଣଙ୍କ ପାଖରେ ଏମିତି ଜିନିଷ ଅଛି ଯାହା ସହଜରେ ଭାଙ୍ଗିଯିବ,ତେବେ ଏହି ଜିନିଷକୁ ମଝି ସ୍ଥାନରେ ରଖନ୍ତୁ। ଏପରି କରିବା ଦ୍ୱାରା ଆପଣଙ୍କ ଜିନିଷ ସୁରକ୍ଷିତ ରହିବ।

–ଏହାପରେ ଟି ଶାର୍ଟ,ସ୍କାର୍ଫ ଆଦିକୁ ଫୋଲ୍ଡ କରି ରଖନ୍ତୁ।

–ଭଲ ହେବ କପଡ଼ାକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ଫୋଲ୍ଡ କରି ରଖନ୍ତୁ,ଏହାଦ୍ୱାରା ଗୋଟିଏ କପଡ଼ାର ରଙ୍ଗ ଅନ୍ୟ କପଡ଼ାରେ ଲାଗିବ ନାହିଁ। ଏହା ସହ କପଡ଼ା ମଧ୍ୟ ଲୋଟାକୋଟା ହେବ ନାହିଁ।

–ରୁମାଲ ଓ ଛୋଟ ଛୋଟ ଜିନିଷକୁ ହାତ ପାଖ ଛୋଟ ପର୍ସରେ ରଖନ୍ତୁ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୯ ଅକ୍ଟୋବର, ୨୦୧୯



“ଭାରତ-ବାଂଲାଦେଶ ପ୍ରଥମ ଟି୨୦ ମ୍ୟାଚ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେବ ନାହିଁ । ସରକାର ଏଥିଲାଗି ଆବଶ୍ୟକ ପଦକ୍ଷେପ ନେଇଛନ୍ତି ।
–ଅରବିନ୍ଦ କେଜ୍‌ରିୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ



“ଭାରତ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡକୁ ଛାଡ଼ିଦେଲେ ଟେଷ୍ଟ ଫର୍ମାଟରେ ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ଭଳି ଦଳର ଅବନତି ଚିନ୍ତାର ବିଷୟ ।
– ଇଆନ ଚାପେଲ, ଅଷ୍ଟ୍ରେଲିଆର ମହାନ୍ କ୍ରିକେଟର



## ସଂକ୍ଷେପରେ

### ଇଣ୍ଟରନ୍ୟାଶନାଲ ରେଫରି ପରୀକ୍ଷାରେ ପ୍ରେମ୍ ସିଂ ଉତ୍ତୀର୍ଣ୍ଣ



**ଭୁବନେଶ୍ୱର, ୨୮।୧୦ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ପେନଚାକ୍ ସିଲଟ୍ ଆସୋସିଏଶନର ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପ୍ପା ଇଣ୍ଟରନ୍ୟାଶନାଲ ରେଫରି କ୍ଲାସ-୨ରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗତ ୨୪ରେ ସିଙ୍ଗାପୁରଠାରେ ଏହି ଇଣ୍ଟରନ୍ୟାଶନାଲ ରେଫରି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରେମ ସିଂ ଭାଗନେଇ ଉତ୍ତୀର୍ଣ୍ଣ ହେବା ସହ କ୍ଲାସ-୨ ରେଫରି ହୋଇପାରିଛନ୍ତି। ଏହି ସଫଳତା ଲାଗି ଭାରତ ପେନଚାକ୍ ସିଲଟ୍ ଆସୋସିଏଶନ ଏବଂ ଓଡ଼ିଶା ପେନଚାକ୍ ସିଲଟ୍ ଆସୋସିଏଶନ ପ୍ରେମ ସିଂଙ୍କୁ ଅଭିନନ୍ଦନ ଜଣାଇବା ସହ ସେ ଦେଶ ଓ ରାଜ୍ୟକୁ ଗର୍ବିତ କରିଛନ୍ତି ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ପେନ୍‌ଚାକ ସିଲଟ୍ ହେଉଛି ଏକ ଇଣ୍ଡୋନେସିଆ ମାର୍ଶାଲ ଆର୍ଟ ପ୍ରତିଯୋଗିତା। ୨୦୧୮ ଏସିଆନ ଗେମ୍ସରେ ଏହି କ୍ରୀଡ଼ାକୁ ସାମିଲ କରାଯାଇଥିଲା।

### ଫାଇନାଲରେ ହାରିଲେ ସ୍ୱସ୍ତିକ-ଚିରାଗ

**ପ୍ୟାରିସ୍,୨୮।୧୦:** ଭାରତୀୟ ପୁରୁଷ ଡବଲ୍ସ ଖେଳାଳି ସ୍ୱସ୍ତିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଯୋଡ଼ିକୁ ଏଠାରେ ଚାଲିଥିବା ଫ୍ରେଞ୍ଚ ଓପନ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଉପବିଜେତା ଭାବେ ସନ୍ତୁଷ୍ଟ ରହିବାକୁ ପଡ଼ିଛି। ସେମାନଙ୍କୁ ଟପ୍ ସିଡ୍ ଇଣ୍ଡୋନେସିଆର ମାର୍କସ ଫର୍ନାଲ୍ଡି ଗିଡେନ ଓ କେଭିନ ସଞ୍ଜୟ ସୁକାମୁଲଜୋଙ୍କ ଯୋଡ଼ି ହରାଇ ଫ୍ରେଞ୍ଚ ଓପନ ଟାଇଟଲ ଜିତିଛନ୍ତି। ଭାରତୀୟ ଖେଳାଳି ସ୍ୱସ୍ତିକ ଓ ଚିରାଗଙ୍କ ଯୋଡ଼ି ୧୮-୨୧, ୧୬-୨୧ ଗେମ୍‌ରେ ପରାସ୍ତ ହୋଇଥିଲେ। ପ୍ରତିପକ୍ଷ ମାର୍କସ ଓ କେଭିନ ଗତ ୧୨୧ ସପ୍ତାହ ହେଲା ପୁରୁଷ ଡବଲ୍ସ ବର୍ଗର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ବର୍ଷ ଇଣ୍ଡୋନେସିଆ ଯୋଡ଼ିର ଏହା ୭ମ ଟାଇଟଲ। ଥାଇଲାଣ୍ଡ ଓପନ ସୁପର ୫୦୦ ଟୁର୍ନାମେଣ୍ଟ ଜିତିଥିବା ସ୍ୱସ୍ତିକ ଓ ଚିରାଗଙ୍କ ଯୋଡ଼ି ଫାଇନାଲରେ ମାତ୍ର ୩୫ ମିନିଟ୍ ତିଷ୍ଠି ପାରିଥିଲେ। ୩୭ ବର୍ଷ ପରେ ପ୍ରଥମ ଥର ପାଇଁ କୌଣସି ଭାରତୀୟ ଯୋଡ଼ି ସୁପର ୭୫୦ ଟୁର୍ନାମେଣ୍ଟ ଫାଇନାଲରେ ପ୍ରବେଶ କରିଥିଲା। ଏମାନଙ୍କ ପୂର୍ବରୁ ଶେଷ ଥର ଲାଗି ପାର୍ଥୋ ଗାଙ୍ଗୁଲି ଓ ବିକ୍ରମ ସିଂ ୧୯୮୩ ଫ୍ରେଞ୍ଚ ଓପନ ଜିତିଥିଲେ। ସିଙ୍ଗଲ୍ସରେ ଏଠାରେ କିଦାମ୍ବି ଶ୍ରୀକାନ୍ତ ୨୦୧୭ରେ ପୁରୁଷ ସିଙ୍ଗିଲ୍ସ ଟାଇଟଲ ଜିତିଥିବାବେଳେ ସାଇନା ନେହ୍ୱାଲ ୨୦୧୨ ସଂସ୍କରଣରେ ମହିଳା ସିଙ୍ଗଲ୍ସ ବର୍ଗର ଉପବିଜେତା ହୋଇ ରହିଥିଲେ।

### ପ୍ୟାରୀମୋହନ ସାମନ୍ତରାୟ ସ୍ମାରକୀ ଚେସ୍ ୨ରୁ

**କଟକ ଅଫିସ,୨୮।୧୦:** ଆଇଏସ୍ ଚେସ୍ ସେଣ୍ଟର, କଟକ ଜିଲା ଚେସ୍ ଆସୋସିଏଶନ ଏବଂ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୨ରୁ ୩ୟ ପ୍ୟାରୀମୋହନ ସାମନ୍ତରାୟ ସ୍ମାରକୀ ରାଜ୍ୟସ୍ତରୀୟ ସ୍କୁଲ ଚେସ୍ ପ୍ରତିଯୋଗିତା ଆରମ୍ଭ ହେବ। ମଧୁପାଟଣା ସ୍ଥିତ ପ୍ରମିଳା ମଣ୍ଡପଠାରେ ଦୁଇଦିନ ଧରି ଏହି ପ୍ରତିଯୋଗିତା ଚାଲିବ। ୭ ରାଉଣ୍ଡବିଶିଷ୍ଟ ଉକ୍ତ ପ୍ରତିଯୋଗିତାରେ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। ଏହାଛଡ଼ା ୧୨୦୦ ରେଟିଂ ମଧ୍ୟରେ ଥିବା ଖେଳାଳି ଏଥିରେ ଭାଗନେଇପାରିବେ। ପୁରସ୍କାର ଭାବେ ୩ଟି ସାଇକେଲ୍, ୫୦ଟି ଆକର୍ଷଣୀୟ ଟ୍ରଫି ଏବଂ ୧୦୦ଟି ମେଡାଲ ରହିଛି। ବିଭିନ୍ନ ବୟସ ବର୍ଗରେ ୪୦ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଟୁର୍ନାମେଣ୍ଟରେ ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ । ନଭେମ୍ବର ୧ ତାରିଖ ହେଉଛି ନାମ ପଞ୍ଜୀକରଣର ଶେଷ ଦିବସ। ପ୍ରତିଯୋଗିତାରେ ଭାଗନେବା ପାଇଁ ଇଚ୍ଛୁକ ଖେଳାଳି ଆଇଏସ୍ ଚେସ୍ ସେଣ୍ଟର ସହ ଯୋଗାଯୋଗ କରିବାକୁ ସେଣ୍ଟର ନିର୍ଦ୍ଦେଶକ ମାନସ ପାଣି ଓ ସଂଯୋଜକ ସୁବ୍ରତ ସାମନ୍ତରାୟ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦେଇଛନ୍ତି ।

# ଫୁଟ୍‌ବଲ ପ୍ରତିଭାର ବିକାଶ ପାଇଁ ଅଭିନବ ଉଦ୍ୟମ

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟରେ ଫୁଟ୍‌ବଲର ପ୍ରଚାର ଓ ପ୍ରସାର ପାଇଁ ନିରନ୍ତର ଉଦ୍ୟମ କରିଆସିଥିବା ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଏବେ ଆଉ ଏକ ପଦକ୍ଷେପ ହାତକୁ ନିଆଯାଇଛି। ଲୋକଲୋଚନକୁ ଆସିପାରୁ ନ ଥିବା ଫୁଟବଲ ପ୍ରତିଭାର ବିକାଶ ପାଇଁ ଆସୋସିଏଶନ ପକ୍ଷରୁ ଅଭିନବ ଉଦ୍ୟମ ଆରମ୍ଭ ହୋଇଛି। ଗତ ଜୁନ୍ ମାସରୁ ପିଲାମାନଙ୍କୁ ମାଗଣାରେ ଟ୍ରେନିଂ ଦିଆଯିବା ସହ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। ୟୁନିଟ-୬ ହାଇସ୍କୁଲ ପଡ଼ିଆରେ ପ୍ରତି ଶନିବାର ଏବଂ ରବିବାର ଅପରାହ୍ନରେ ପିଲାମାନଙ୍କୁ ମାଗଣାରେ ଟିଫିନ୍ ଦିଆଯିବା ସହ ଆବଶ୍ୟକ ଖେଳ ସମ୍ପର୍କିତ ଟିପ୍ସ ଦିଆଯାଉଛି। ଆସୋସିଏଶନର ସଭାପତି ତପନ ମହାନ୍ତି ଏବଂ ସମ୍ପାଦକ ଦିଲୀପ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଛି। ଉପସଭାପତି ତଥା ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ପ୍ରଫୁଲ୍ଲ ମିଶ୍ର ଆବଶ୍ୟକସ୍ଥଳେ ପିଲାମାନଙ୍କୁ ଫୁଟ୍‌ବଲର ବିଭିନ୍ନ ନିୟମ ସମ୍ପର୍କରେ ଅବଗତ କରାଉଛନ୍ତି। ରାଜ୍ୟର ପୂର୍ବତନ ଖେଳାଳି ତଥା ଷ୍ଟେଟ୍‌ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ଦତ୍ତ ପିଲାମାନଙ୍କୁ ଟ୍ରେନିଂ ଦେଉଛନ୍ତି। ପୂର୍ବରୁ କଲ୍ୟାଣ ୟୁନିଟ୍-୬ ଆସୋସିଏଶନରେ ଟ୍ରେନିଂ ଦେଇ ଏକ ଦଳ ଗଠନ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଏହି ଦଳ ଭଲ ପ୍ରଦର୍ଶନ କରି ଏଜି ଭଳି ଦଳକୁ ପରାସ୍ତ କରିଥିଲା। ଏବେ ଅବସର ପରେ ସେ ସେହି ୟୁନିଟ୍-୬ରେ ପିଲାମାନଙ୍କୁ ଟ୍ରେନିଂ ଦେଇ ଆଉ ଏକ ଦଳ ଗଠନ ପ୍ରୟାସରେ ରହିଛନ୍ତି। ବିଶେଷକରି ୧୩ ବର୍ଷରୁ କମ୍ ଦଳ ଗଠନ କରି ଆନ୍ତଃସ୍କୁଲ ପରି ବିଭିନ୍ନ ଟୁର୍ନାମେଣ୍ଟରେ ଖେଳାଇବା ତାଙ୍କର ଇଚ୍ଛା ରହିଛି। ଏହା ବ୍ୟତୀତ ସିନିୟରସ୍ତରରେ ଆଉ ଏକ ଟିମ୍ ଗଢ଼ି ସର୍ବଭାରତୀୟ ଟୁର୍ନାମେଣ୍ଟଗୁଡ଼ିକରେ ଭାଗନେବା ତାଙ୍କ ଲକ୍ଷ୍ୟ ରହିଛି। କଲ୍ୟାଣ ରାଜ୍ୟ ପକ୍ଷରୁ ଖେଳିବା ସହ ଷ୍ଟେଟ୍‌ବ୍ୟାଙ୍କ ତରଫରୁ କଟକ ଲିଗ୍‌ରେ ପ୍ରତିନିଧିତ୍ୱ କରିଥିଲେ। କଟକ ଲିଗ୍‌ରେ ସେ ରାଧାରମଣ, ରାଇଜିଂ ଷ୍ଟାର ଆଦି ଦଳ ପକ୍ଷରୁ ଖେଳିବାର ଅଭିଜ୍ଞତା ରଖିଛନ୍ତି। ନିଜ ସମୟରେ ସେ ରାଇଜିଂ ଷ୍ଟାରକୁ ୩ଟି ସିଲ୍ଡ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେତେବେଳେ ଏହା ଏକ ବିରଳ ସଫଳତା ଥିଲା ବୋଲି କଲ୍ୟାଣ କହିଛନ୍ତି।

‘‘ଛୋଟପିଲାମାନଙ୍କୁ ନେଇ ଟ୍ରେନିଂ ଆରମ୍ଭ ହୋଇଛି। ଏମାନେ ୟୁନିଟ୍-୬ର ଭବିଷ୍ୟତ। ଏବେ ମୋ ନିକଟରେ ୩୫ରୁ ୪୦ ପିଲା ଟ୍ରେନିଂ ନେଉଛନ୍ତି। ବିଶେଷକରି ବଲ୍‌କୁ ରିସିଭ୍ କରିବା, ନିୟନ୍ତ୍ରଣରେ ରଖିବା, ଜଗଲିଂ, ଶରୀରକୁ ଫିଟ୍ ରଖିବା ପାଇଁ ଆବଶ୍ୟକ ବ୍ୟାୟାମ ଆଦି ଏଠାରେ ଶିଖାଯାଉଛି। ପ୍ରଥମେ ଫିଟ୍‌ନେସ୍ ଏବଂ ପରେ ସେମାନଙ୍କୁ ଫୁଟ୍‌ବଲର ମୌଳିକ ଶିକ୍ଷା ଦିଆଯିବା ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଏହା ବିଗ୍‌ନିଂ ଷ୍ଟେଜ୍ ହୋଇଥିଲେ ହେଁ ପିଲାମାନେ ଭଲ ରିସିଭ୍ କରୁଛନ୍ତି। ଫିଟ୍‌ନେସ ସ୍ତର ବଢ଼ିଲେ ସେମାନେ ଆହୁରି ଭଲ କରିବେ’’ ବୋଲି କଲ୍ୟାଣ ପ୍ରକାଶ କରିଛନ୍ତି। ଏଠାରେ ଭଲ ପିଲା ମିଳିଲେ ଆମେ ତାଙ୍କୁ କୋଚିଂ ଦେଇ ଯେପରି ଭାରତୀୟ ଦଳରେ ସ୍ଥାନ ପାଇବେ ତା’ ଉପରେ ଧ୍ୟାନ ଦେବୁ। ସ୍ପୋର୍ଟ୍ସ ହଷ୍ଟେଲ ଚୟନ ପାଇଁ ମଧ୍ୟ ପିଲା ଉପଲବ୍ଧ ହୋଇପାରିବେ।

ଆସୋସିଏଶନ ସମ୍ପାଦକ ଦିଲୀପ ମଧ୍ୟ କ୍ୟାମ୍ପ୍‌କୁ ନେଇ ବେଶ୍ ଆଶାବାଦୀ। ‘ଗତ ୫ ମାସ ହେଲା କ୍ୟାମ୍ପ୍ ଆରମ୍ଭ ହୋଇଛି। ଏବେ ପାଖାପାଖି ୪୦ ପିଲା ଆମ ନିକଟରେ ଅଛନ୍ତି। ଏଠାରେ ଟ୍ରେନିଂ ନେଇ ଆମ ପିଲାମାନେ ଯେପରି ଆଇ-ଲିଗ୍ କିମ୍ବା ଆଇଏସ୍‌ଏଲ ଦଳରେ ସାମିଲ ହୋଇପାରିବେ ତା’ ଉପରେ ଧ୍ୟାନ ଦେବୁ। ମୋଟାମୋଟି ଫୁଟ୍‌ବଲରେ ଓଡ଼ିଶାର ପିଲାମାନେ ଯେପରି ନାଁ ରଖିପାରିବେ ତା’ ଉପରେ ଆମେ ଫୋକସ କରିବୁ। ପୂର୍ବତନ ରାଜ୍ୟ ଖେଳାଳି କଲ୍ୟାଣ ଦତ୍ତ ପୂରା ସମୟ ଦେଇ ପିଲାଙ୍କୁ ଟ୍ରେନିଂ ଦେଉଛନ୍ତି। ଏଠାରେ ଆବଶ୍ୟକ ସରଞ୍ଜାମ ମଧ୍ୟ ମାଗଣାରେ ଯୋଗାଇ ଦିଆଯାଉଛି। ଭବିଷ୍ୟତରେ କିଛି ପ୍ରତିଭାସମ୍ପନ୍ନ ପିଲାଙ୍କୁ ଏଠାରେ ରଖି ମାଗଣାରେ ଟ୍ରେନିଂ ଦେବା ସହ ସେମାନଙ୍କ ପାଠପଢ଼ା ଦାୟିତ୍ୱ ମଧ୍ୟ ଆମେ ବୁଝିବାକୁ ଲକ୍ଷ୍ୟ ରଖିଛୁ। ଟ୍ରେନିଂ ପାଇଁ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ପିଲାମାନେ ଆସୁଛନ୍ତି। ସଂଖ୍ୟା ଧୀରେ ଧୀରେ ବଢ଼ିବାରେ ଲାଗିଛି। ଏବେ ସପ୍ତାହକୁ ୨ ଦିନ ଟ୍ରେନିଂ ଦେଉଛୁ, ଭବିଷ୍ୟତରେ ଏହାକୁ ନିୟମିତ କରିବାକୁ ଚେଷ୍ଟା କରୁଛୁ। ପିଲାଙ୍କ ମଧ୍ୟରେ ମ୍ୟାଚ୍ ମଧ୍ୟ ହେଉଛି। ଫଳରେ ବ୍ୟକ୍ତିଗତ ଭାବେ ପ୍ରଦର୍ଶନର ସ୍ତର ବଢ଼ାଇବା ପାଇଁ ସେମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ବଢୁଛି’’ ବୋଲି ଦିଲୀପ କହିଛନ୍ତି।



ପିଲାଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି କଲ୍ୟାଣ ଦତ୍ତ।



କଲ୍ୟାଣ ଦତ୍ତ

**ଫୁଟ୍‌ବଲ ପ୍ରଶିକ୍ଷଣ**

- ସପ୍ତାହକୁ ଦୁଇଦିନ ଦିଆଯାଉଛି ଟ୍ରେନିଂ
- ଭବିଷ୍ୟତରେ ଏହାକୁ ନିୟମିତ କରାଯିବାକୁ ଯୋଜନା
- କୋଚିଂ ଦେଉଛନ୍ତି ପୂର୍ବତନ ରାଜ୍ୟ ଖେଳାଳି କଲ୍ୟାଣ ଦତ୍ତ
- ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଜୁନିୟର ଓ ସିନିୟର ବର୍ଗରେ ଦଳ ଗଠନ ଲକ୍ଷ୍ୟ




ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ମ୍ୟାଚ୍ ଖେଳିବା ଲାଗି ଭୁବନେଶ୍ୱରରେ ପହଞ୍ଚିଥିବା ରୁଷିଆ ଦଳ।

## ‘ପ୍ରଥମ ଶ୍ରେଣୀ ଖେଳାଳିଙ୍କ ପାଇଁ ଚୁକ୍ତି ବ୍ୟବସ୍ଥା ଲାଗୁହେବ’

**କୋଲକାତା, ୨୮।୧୦ (ପି.ଟି.):** ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ଲାଗି ଖୁବ୍‌ଶୀଘ୍ର ଚୁକ୍ତି ବ୍ୟବସ୍ଥା ଲାଗୁ ହେବ। ଏହାଦ୍ୱାରା ସେମାନେ ନିଜ ସ୍ଥିତି ନେଇ ସୁରକ୍ଷିତ ମନେକରିବେ। ବିସିସିଆଇର ସଭାପତି ସୌରଭ ଗାଙ୍ଗୁଲି ଏଠାରେ ଏକ ସାକ୍ଷାତ୍‌କାରରେ ଏହା ପ୍ରକାଶ କରିଛନ୍ତି। ଅନ୍ତର୍ଜାତୀୟ ଖେଳାଳିଙ୍କ ଲାଗି ଯେପରି ବାର୍ଷିକ ଚୁକ୍ତି ପ୍ରଚଳନ କରାଯାଇଛି, ସେହି ଢାଞ୍ଚାରେ ଘରୋଇ କ୍ରିକେଟରେ ପାରିଶ୍ରମିକ ପ୍ରଦାନ ବ୍ୟବସ୍ଥା କରିବାକୁ ସେ ଚାହୁଁଛନ୍ତି। ଘରୋଇ କ୍ରିକେଟରମାନଙ୍କ ଲାଗି ଚୁକ୍ତି ବ୍ୟବସ୍ଥା ପ୍ରସ୍ତୁତ କରିବା ଲାଗି ନୂଆ ଆର୍ଥିକ କମିଟିକୁ କୁହାଯିବ। ବର୍ତ୍ତମାନ ଜଣେ ଘରୋଇ କ୍ରିକେଟର ବାର୍ଷିକ ୨୫ରୁ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରିପାରୁଛନ୍ତି। ଏହା ଅବଶ୍ୟ ସେ କେତେ ମ୍ୟାଚ ଖେଳୁଛନ୍ତି ତାହା ଉପରେ ନିର୍ଭର କରେ। ପ୍ରଥମ ଶ୍ରେଣୀ ଗେମ୍ ପାଇଁ ମ୍ୟାଚ ଫି’ ଦିନ ପିଛା ୩୫,୦୦୦ ଟଙ୍କା (ଦୈନିକ ଭତ୍ତା ଛାଡ଼ି) ପାଉଛନ୍ତି। ବିସିସିଆଇ ବ୍ରଡକାଷ୍ଟ ରାଇଟ ବାବଦରେ ଯେତିକି ରାଜସ୍ୱ ପାଏ ତାହାର ୧୩ ପ୍ରତିଶତ ଖେଳାଳିଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ।

## ଭାରତକୁ ଚ୍ୟାଲେଞ୍ଜ ଦେବୁ: ସ୍କିପାଚେଭ୍

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)**

ଅଲିମ୍ପିକ୍ କ୍ୱାଲିଫାୟର୍ସ ହକି ଖେଳିବା ପାଇଁ ରୁଷିଆ ଦଳ ଭୁବନେଶ୍ୱରରେ ପହଞ୍ଚିଛି। ଭାରତ ଓ ରୁଷିଆ ମଧ୍ୟରେ ମ୍ୟାଚ୍ ନଭେମ୍ବର ୧ ଓ ୨ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୨ ମ୍ୟାଚ୍‌ର ପ୍ରଦର୍ଶନଭିତ୍ତିରେ କେଉଁ ଦଳ ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବ, ତାହା ଧାର୍ଯ୍ୟ ହେବ।

ଭାରତ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫ମ ସ୍ଥାନରେ ଥିବାବେଳେ ରୁଷିଆ ୨୨ତମ ସ୍ଥାନରେ ରହିଛି। ମାତ୍ର ଭାରତ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ ପାଇଁ ରୁଷିଆ ଅଧିନାୟକ ଡେନିସ ସ୍କିପାଚେଭ ଆଶାପ୍ରକାଶ କରିଛନ୍ତି। ‘‘ଗତ ଜୁନ୍‌ରେ ଏଠାରେ ଏଫ୍‌ଆଇଏଚ୍ ସିରିଜ ଫାଇନାଲରେ ଖେଳିବା ପରେ ପୁଣି ଏଠାକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଆମେ ଖୁବ୍ ଖୁସୀ। ଏଠାରେ ଷ୍ଟାଡିୟମ ଭରପୂର ହକିପ୍ରେମୀଙ୍କ ଗହଣରେ ଆମେ ମ୍ୟାଚ୍‌କୁ ପୂରା ଉପଭୋଗ କରିଥିଲୁ। ଜୁନ୍‌ରେ ବହୁତ ଗରମ ହେଉଥିଲା। ତେଣୁ ଆମେ ପରିବେଶ ସହିତ ଖାପ ଖୁଆଇବା କଷ୍ଟକର ହୋଇଥିଲା। ମାତ୍ର ଏଥର ପରିବେଶ ଥଣ୍ଡା ରହିବା ନେଇ ଆମେ ଆଶାବାଦୀ’’ ବୋଲି ସ୍କିପାଚେଭ୍ କହିଛନ୍ତି। ଏଫ୍‌ଆଇଏଚ୍ ସିରିଜ ଫାଇନାଲ୍ସରେ ଭାରତ ୧୦-୦ ଗୋଲରେ ରୁଷିଆକୁ ପରାସ୍ତ କରିଥିଲା। ଏ ସମ୍ପର୍କରେ ସ୍କିପାଚେଭ୍ କହିଲେ ଯେ, ଭାରତ ଏକ ଶକ୍ତିଶାଳୀ ଦଳ। ର୍‍ୟାଙ୍କିଙ୍ଗ୍‌ରେ ଆମଠାରୁ ବହୁ ଉପରେ। ଆମେ ହକିରେ ଏବେ କ୍ରମେ ଉନ୍ନତି କରୁଛୁ। ତେବେ ଆଗାମୀ ମ୍ୟାଚ୍‌ଦ୍ୱୟରେ ଆମେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେବାକୁ ଆଶା ରଖିଛୁ। ଆମେ ଭଲଭାବେ ପ୍ରସ୍ତୁତ ହୋଇ ଏଠାକୁ ଆସିଛୁ। ତେଣୁ ଏଥର ପୂର୍ବାପେକ୍ଷା ଭିନ୍ନ ପ୍ରଦର୍ଶନ ଦେଖିବାକୁ ମିଳିବ ବୋଲି ସେ ପ୍ରକାଶ କରିଛନ୍ତି।

**ଏଫଆଇଏଚ୍ କ୍ୱାଲିଫାୟର୍ସ ହକି**

## ଏସ୍‌ଆର୍ ଚେସ୍ ସେଣ୍ଟରରେ ଚିଲି ଗ୍ରାଣ୍ଡମାଷ୍ଟର



ଏସ୍‌ଆର୍ ଚେସ୍ ସେଣ୍ଟରର କର୍ମକର୍ତ୍ତାଙ୍କ ଗହଣରେ ରୋଡ୍ରିଗୋ ଭାସ୍କେଜ।

**ଭୁବନେଶ୍ୱର, ୨୮।୧୦(କ୍ରୀଡ଼ା ପ୍ରତିନିଧି)**

ଚେସ୍‌ର ଗୁରୁକୁଳଭାବେ ପରିଚିତ ହେଉଥିବା ଏସଆର ଚେସ୍ ସେଣ୍ଟରର ସହିଦ ନଗର ବ୍ରାଞ୍ଚରେ ଶନିବାର ରାତିରେ ପହଞ୍ଚିଥିଲେ ଚିଲି ଗ୍ରାଣ୍ଡମାଷ୍ଟର ରୋଡ୍ରିଗୋ ଭାସ୍କେଜ। ସେ ସେଣ୍ଟରର ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ଉପସଭାପତି ରଞ୍ଜନ ମହାନ୍ତି, ସେଣ୍ଟରର ଅନ୍ୟ କୋଚ୍ ଏବଂ ପିଲାମାନଙ୍କ ସହ ମିଶିବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ସେଣ୍ଟରର ପରିବେଶ ଏବଂ ଉପଲବ୍ଧ ସୁବିଧା ସୁଯୋଗ ଦେଖି ଖୁସି ହେବା ସହ ଗୋଟିଏ ମ୍ୟାଚ ଖେଳିଥିଲେ ଭାସ୍କେଜ। ଏହି ଅବସରରେ ସେ ପିଲାମାନଙ୍କୁ ଚେସ୍ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଟିପ୍ସମାନ ଦେଇଥିଲେ। ୧୯୬୯ ଡିସେମ୍ବର ୬ରେ ଜନ୍ମିତ ଭାସ୍କେଜ ୧୯୮୯, ୧୯୯୨ ଓ ୨୦୦୪ରେ ଚିଲିଆନ ଚାମ୍ପିୟନ ହୋଇଥିଲେ। ଗ୍ରାଣ୍ଡମାଷ୍ଟର କୋଚିଂ ଶିବିରରେ ପ୍ରଶିକ୍ଷଣ ଦେବାପାଇଁ ଭାସ୍କେଜ ଓଡ଼ିଶା ଆସିଛନ୍ତି।

## ପ୍ରଥମଥର ଲାଗି ଟପ୍-୧୦ରେ ବରେଟିନି

**ପ୍ୟାରିସ୍, ୨୮।୧୦ (ଏଏଫ୍‌ପି):** ଇଟାଲୀୟ ଟେନିସ୍ ଖେଳାଳି ମାଟ୍ଟେଓ ବରେଟିନି ପ୍ରଥମଥର ଲାଗି ଏଟିପି ର୍‍ୟାଙ୍କିଙ୍ଗ୍‌ର ଟପ୍-୧୦ରେ ପ୍ରବେଶ କରିଛନ୍ତି। ସୋମବାର ପ୍ରକାଶିତ ସଦ୍ୟତମ ତାଲିକାରେ ବରେଟିନି ପୁରୁଷ ସିଙ୍ଗଲ୍ସର ୯ମ ସ୍ଥାନରେ ରହିଛନ୍ତି। ୨୩ ବର୍ଷୀୟ ଏହି ଯୁବ ଖେଳାଳି ଗତ ସପ୍ତାହରେ ଭିଏନା ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜାପାନର କେଇ ନିଶିକୋରିଙ୍କ ମାନ୍ୟତାରେ ମଧ୍ୟ ଅବନତି ଘଟିଛି। ସେ ଗୋଟିଏ ପାହାଚ ଖସି ୧୧ତମ ସ୍ଥାନରେ ରହିଛନ୍ତି। ସର୍ବିୟାର ନୋଭାକ ଜୋକୋଭିଚ୍ ପୁରୁଷ ସିଙ୍ଗଲ୍ସ ତାଲିକାର ଶୀର୍ଷରେ ରହିଛନ୍ତି। ରାଫାଲ ନାଡାଲ, ରୋଜର ଫେଡରର, ଡାନିଲ ମେଡ୍‌ଭେଡ୍, ଡୋମିନିକ ଥିଏମ ଯଥାକ୍ରମେ ତାଲିକାର ୨ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

## ‘ଭିଜନ୍-୨୦୨୪’ ଉପରେ ଗୁରୁତ୍ୱ



ଓସିଏ କାଉନ୍‌ସିଲ୍ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**କଟକ ଅଫିସ,୨୮।୧୦**

ତୃଣମୂଳସ୍ତରରୁ କ୍ରିକେଟର ବିକାଶ ହେବ। ଗାଁ ଗହଳିରୁ ଖେଳାଳି ଖୋଜାଯିବେ। ଏ ଦିଗରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ସମସ୍ତ ପ୍ରଚେଷ୍ଟା କରିବ। ଏପରିକି ସ୍କୁଲ, କଲେଜସ୍ତରରେ ବିଭିନ୍ନ ଟୁର୍ନାମେଣ୍ଟ ହେବା ସହ ରେସିଡେନ୍ସିଆଲ ବ୍ୟବସ୍ଥା କରାଯାଇ ଖେଳାଳିଙ୍କୁ ପ୍ରଶିକ୍ଷଣ ଦିଆଯିବ। ୨୦୨୪ ପୂର୍ବରୁ ରାଜ୍ୟ କ୍ରିକେଟର ସ୍ଥିତିକୁ ସୁଦୃଢ଼ କରାଯିବ। ଏଭଳି ଭିଜନ୍ ତଥା ଲକ୍ଷ୍ୟ ରଖି ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି ଓସିଏ। ସୋମବାର ଓସିଏ କାର୍ଯ୍ୟାଳୟରେ କାଉନସିଲ ବୈଠକ ଅନୁଷ୍ଠିତ ହେବା ସହ ବିଭିନ୍ନ ପ୍ରସଙ୍ଗରେ ଦୀର୍ଘସମୟ ଧରି ଆଲୋଚନା ହୋଇଛି, ଯେଉଁଥିରେ ଭିଜନ-୨୦୨୪ ସମେତ ଆଗାମୀ ଦିନରେ ହେବାକୁ ଥିବା ଅନ୍ତର୍ଜାତୀୟ ମ୍ୟାଚ୍ ସମ୍ପର୍କରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

ରାଜ୍ୟ କ୍ରିକେଟ ସଂଘର ସମ୍ପ୍ରତି ଅବସ୍ଥା ସମ୍ପର୍କରେ ପ୍ରଥମେ ଆଲୋଚନା କରାଯାଇଥିଲା। ଓସିଏ ଅଫିସ ସମେତ ଓସିଏ ଜିମ୍, ଓସିଏ ଏକାଡେମୀ, ଓସିଏ କ୍ଲବ, ଓସିଏ ଇନ୍‌ଡୋର ହଲ୍ ପ୍ରଭୃତି ଆଗାମୀ ଦିନରେ କିପରି ଭଲଭାବେ କାର୍ଯ୍ୟ କରିବ, ସେ ସମ୍ପର୍କରେ ଆଲୋଚନା ହୋଇଛି। ଆର୍ଥିକ ସ୍ଥିତି ଏବେ କିପରି ଅଛି ତାହାର ଏକ ରିପୋର୍ଟ ଯାଞ୍ଚ କରାଯାଇଥିଲା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡର ସମସ୍ତ ଘରୋଇ ଟୁର୍ନାମେଣ୍ଟରେ ରାଜ୍ୟ ଦଳର ଅଂଶଗ୍ରହଣଠାରୁ ଆରମ୍ଭ କରି ଫଳାଫଳ କିପରି ରହୁଛି ସେ ଦିଗରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି। ଆବଶ୍ୟକ ରହିଥିବା ଓସିଏର ଅନ୍ୟ ପଦାଧିକାରୀ ନିଯୁକ୍ତି ଉପରେ ଏକ ରିପୋର୍ଟ ଉପସ୍ଥାପିତ ହୋଇଥିଲା। ଅନ୍ୟପକ୍ଷରେ ଦୀପକ ରଘୁ ଏହି ଅବସରରେ ଏଜିର ପ୍ରତିନିଧି ଭାବେ ଓସିଏ କାଉନ୍‌ସିଲକୁ ମନୋନୀତ ହୋଇଥିଲେ। ବୈଠକରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପସଭାପତି ଅକ୍ଷୟ କୁମାର ସାମନ୍ତ, ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ମେହତାବ ଖାନ, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆପେକ୍ସ କାଉନ୍‌ସିଲ ସଦସ୍ୟ ଶୁଭାଶିଷ ସେନାପତି, ସିଇଓ ବିଦ୍ୟୁତ୍ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଓସିଏ କାଉନସିଲ୍ ବୈଠକ**

**ନଭେମ୍ବର ପ୍ରଥମ ସପ୍ତାହରୁ ଷ୍ଟାଡିୟମ ମରାମତି**

ଡିସେମ୍ବର ୨୨ରେ ବାରବାଟୀରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳାଯିବ। ଏବେ ବି ବାରବାଟୀର ଅବସ୍ଥା ସୁଧୁରିନି। ଏଣୁ ମରାମତି ଶେଷକରି ଅନ୍ତର୍ଜାତୀୟ ମ୍ୟାଚ୍ ନିମନ୍ତେ ପ୍ରସ୍ତୁତ ହେବାକୁ ତତ୍ପରତା ପ୍ରକାଶ ପାଇଛି। ସୋମବାର ଓସିଏ କାଉନ୍‌ସିଲ ବୈଠକରେ ଏ ସମ୍ପର୍କରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ନଭେମ୍ବର ପ୍ରଥମ ସପ୍ତାହରୁ ଷ୍ଟାଡିୟମ ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ଓସିଏ ସମ୍ପାଦକ ସଞ୍ଜୟ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କୁ ଭେଟିବେ ଓ ଏ ଦିଗରେ ଆଲୋଚନା କରିବେ। କିଛିଦିନ ତଳେ ‘ଦେବ ମସ୍କୋ’ ଟିମ୍ ଷ୍ଟାଡିୟମର ଫ୍ଲଡ୍ ଲାଇଟ୍ କ୍ଷୟକ୍ଷତି ଯାଞ୍ଚକରି ଫେରିଥିଲା। ଏହି ଟିମ୍ ଫ୍ଲଡ୍ ଲାଇଟ ବାବଦରେ ୫୦ ଲକ୍ଷ ଟଙ୍କାର କ୍ଷୟକ୍ଷତି ଆକଳନ କରିଛି। ଏହାଛଡ଼ା ସମ୍ପୂର୍ଣ୍ଣ ଭାବେ ନୂତନ ଲାଇଟ୍ ଲଗାଯିବାକୁ ମଧ୍ୟ ଟିମ୍ ପରାମର୍ଶ ଦେଇଛି। ହେଲେ ବୈଠକରେ ନୂତନ ଲାଇଟ୍ ଲଗାଯିବା ବଦଳରେ କେବଳ ମରାମତି କରାଯିବାକୁ ନିଷ୍ପତ୍ତି ହୋଇଥିଲା। ମରାମତି କରାଗଲେ ଏହି ଲାଇଟ୍‌ଗୁଡ଼ିକ ୩ରୁ ୪ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା। ଖୁବ୍‌ଶୀଘ୍ର ମରାମତି ନିମନ୍ତେ ବିସିସିଆଇରୁ ପାଣ୍ଠି ଓସିଏକୁ ଆସିବ ବୋଲି ଜଣାପଡ଼ିଛି।

“କେନ୍ଦ୍ରୀୟ ଚୁକ୍ତି ଖିଲାପ ପାଇଁ ଶକିବ ଉଲ ହସନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଇ ପାରେ, ହେଲେ ତାଙ୍କୁ କାରଣ ଦର୍ଶାଇବାକୁ ପଡ଼ିବ ।
–ନିଜାମୁଦ୍ଦିନ ଚୌଧୁରୀ, ବାଂଲାଦେଶ କ୍ରିକେଟ ବୋର୍ଡ ସିଇଓ



“ଅନ୍ତର୍ଜାତୀୟ ମ୍ୟାଚ ବ୍ୟତୀତ ବହୁ ଘରୋଇ ଲିଗ୍‌ରେ ସମ୍ପୃକ୍ତ ଥିବାରୁ କାର୍ଯ୍ୟଭାର ଲାଘବ ପାଇଁ ମୁଁ ଟେଷ୍ଟ କ୍ରିକେଟରେ ଉଇକେଟ କିପିଂରୁ ଅବ୍ୟାହତି ନେଉଛି ।
–ମୁସ୍‌ଫିକର ରହିମ, ବାଂଲାଦେଶ ଉଇକେଟକିପର



## ସଂକ୍ଷେପରେ

### ପୋର୍ତା ଜିତିଲେ ମୋଟୋ୩ ବିଶ୍ୱ ଟାଇଟଲ



**ଫିଲିପ୍ ଆଇସଲାଣ୍ଡ (ଅଷ୍ଟ୍ରେଲିଆ), ୨୮।୧୦(ଏଏଫପି):** ଇଟାଲୀର ହୋଣ୍ଡା ରାଇଡର ଲରେଞ୍ଜୋ ଡେଲା ପୋର୍ତା ଅଷ୍ଟ୍ରେଲିଆନ ଗ୍ରାଁ ପ୍ରି ଜିତିବା ସହ ମୋଟୋ୩ ବିଶ୍ୱ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଛନ୍ତି। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଆରନ କାନେଟ ଦୁର୍ଘଟଣାର ସମ୍ମୁଖୀନ ହେବାରୁ ପୋର୍ତା ଟାଇଟଲ ହାସଲ କରିଛନ୍ତି। ୨୨ ବର୍ଷୀୟ ପୋର୍ତା ଗ୍ରୀଡ୍‌ର ୬ଷ୍ଠ ସ୍ଥାନରୁ ରେସ୍ ଆରମ୍ଭ କରିଥିଲେ। ସେ ନିକଟତମ ସ୍ପେନ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ଷ୍ଟାଣ୍ଡିଂରେ ୪୭ ପଏଣ୍ଟ ଆଗରେ ଥିବାରୁ ଟାଇଟଲ ଫେଭରାଇଟ ଥିଲେ। ଅନ୍ୟତମ ହୋଣ୍ଡା ରାଇଡର ମାର୍କୋସ ରାମିରେଜ ଓ କେଟିଏମର ଆଲବର୍ଟ ଆରେନ୍ସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଚଳିତ ସିଜନରେ ପୋର୍ତା ୩ ବିଜୟ ସହ ୧୦ ଥର ପୋଡିୟମ ମଣ୍ଡନ କରିଥିଲେ। ଫଳସ୍ୱରୂପ ଆହୁରି ୨ଟି ରେସ୍ ବାକିଥାଇ ବିଶ୍ୱ ଟାଇଟଲ ହାସଲ ସ୍ପଷ୍ଟ କରିଛନ୍ତି।

### ଆସାମ ବିପକ୍ଷ ମ୍ୟାଚ୍ ପାଇଁ ରାଜ୍ୟ ଦଳ ଘୋଷିତ

**କଟକ ଅଫିସ,୨୮।୧୦:** ଆସନ୍ତା ୩୧ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଆସାମର ଗୁଆହାଟୀଠାରେ ୧୬ ବର୍ଷରୁ କମ୍ ବିଜୟ୍ ମର୍ଚ୍ଚାଣ୍ଟ ଟ୍ରଫି ପୂର୍ବାଞ୍ଚଳ ଗ୍ରୁପ୍‌ର ଏକ ମ୍ୟାଚ୍‌ରେ ଓଡ଼ିଶା ଘରୋଇ ଆସାମ ଦଳକୁ ଭେଟିବ। ଉକ୍ତ ମ୍ୟାଚ୍ ପାଇଁ ରାଜ୍ୟ ୧୬ ବର୍ଷରୁ କମ୍ ଦଳ ଘୋଷଣା କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ୩ଟି ମ୍ୟାଚ୍ ଖେଳିସାରିଲାଣି। ପ୍ରଥମ ଦୁଇ ମ୍ୟାଚ୍‌ରେ ତ୍ରିପୁରାକୁ ୭୯ ରନ୍‌ରେ ଓ ବିହାରକୁ ୪୫ ରନ୍‌ରେ ପରାସ୍ତ କରିଥିଲା। ଝାଡ଼ଖଣ୍ଡ ବିପକ୍ଷ ୩ୟ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ଉଭୟ ଦଳ ପଏଣ୍ଟ ବାଣ୍ଟି ନେଇଥିଲେ। ଆସାମ ବିପକ୍ଷ ମ୍ୟାଚ୍ ଖେଳିସାରିବା ପରେ ଘରୋଇ ଗ୍ରାଉଣ୍ଡରେ ପ୍ରତିଯୋଗିତାର ଅନ୍ତିମ ମ୍ୟାଚ୍ ଓଡ଼ିଶା ବେଙ୍ଗଲ ବିପକ୍ଷରେ ଖେଳିବ।

ଓଡ଼ିଶା ଦଳ: ଶ୍ରେଷ୍ଠ ସିଂ (ଅଧିନାୟକ), ତନୟ କୁମାର ବିଶ୍ୱାଳ, ସାଇଦୀପ ମହାପାତ୍ର, ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର), ସୁଦର୍ଶନ ସ୍ୱାଇଁ (ଉଇକେଟ କିପର), ମହମ୍ମଦ ସୋହେଲ ଖାନ୍, ଶୁଭମ୍ ନାୟକ, ଦିଗ୍‌ବିଜୟ ପାତ୍ର, ପ୍ରତୀକ ବଳ (ଉଇକେଟ କିପର), ଅଂଶୁମାନ ବେଜ୍, ମହମ୍ମଦ ଜିସାନ, ଭବିଷ୍ୟ ବେହେରା, ତାରିଣୀ ପ୍ରସାଦ ନାୟକ, ଓମ୍ ପ୍ରକାଶ ସାହୁ, ଶ୍ରେୟାଂଶ ପଣ୍ଡା । କେ.ଭି. ପ୍ରସାଦ- କୋଚ୍ ଓ ମ୍ୟାନେଜର, ଦୀନେଶ ସାହୁ-ଫିଜିଓ, ସୌର୍ଯ୍ୟ ରଞ୍ଜନ ରାୟ-ଟ୍ରେନର ।

### ଜାତୀୟ ଶିବିରରେ ଶିବ, ରଞ୍ଜନ





**କଟକ ଅଫିସ,୨୮।୧୦:** ବାହାରିନ୍‌ଠାରେ ହେବାକୁ ଥିବା ଏଏଫ୍‌ସି ୧୫ ବର୍ଷରୁ କମ୍ ଫୁଟ୍‌ବଲ ଚାମ୍ପିୟନଶିପ୍-୨୦୨୦ ନିମନ୍ତେ ଜାତୀୟ ଦଳର ପ୍ରସ୍ତୁତି ଓ ଚୟନ ଶିବିର ଗୋଆଠାରେ ଅନୁଷ୍ଠିତ ହେବ। ଏଥିଲାଗି ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନ୍(ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୧୫ରୁ ଏକ ପ୍ରସ୍ତୁତି ଶିବିର ଆୟୋଜନ କରାଯିବ। ଉକ୍ତ ଶିବିରରେ ଦୁଇ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଏମାନେ ହେଲେ ଭୁବନେଶ୍ୱରର ରଞ୍ଜନ ସୋରେନ୍ ଓ ଫୁଲବାଣୀ ସ୍ପୋର୍ଟସ ହଷ୍ଟେଲର ଏ. ଶିବ ପ୍ରସାଦ। ଉଭୟଙ୍କୁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ସମ୍ପାଦକ(ଇନ୍‌ଚାର୍ଜ) ଅଭିଜିତ ପାଲ ଶୁଭେଚ୍ଛା ଜଣାଇଛନ୍ତି।

### ବିଜୟ ମହାନ୍ତିଙ୍କ ପରଲୋକ

**କଟକ ଅଫିସ,୨୮।୧୦:** ଯାଜପୁର କ୍ରିକେଟ୍ ଆସୋସିଏଶନ ସମ୍ପାଦକ ବିଜୟ କୁମାର ମହାନ୍ତିଙ୍କ ଶନିବାର ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ଘଟିଛି। ବିଜୟ ଯାଜପୁର କ୍ରିକେଟ ଆସୋସିଏଶନ ପ୍ରଥମ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିବା ସହ ମୃତ୍ୟୁ ପର୍ଯ୍ୟନ୍ତ ଏହି ପଦବୀରେ ଥିଲେ। ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ପକ୍ଷରୁ ବିଜୟଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରାଯାଇଛି।

# ଏନ୍‌ସିଏ ମୁଖ୍ୟ ଦ୍ରାବିଡଙ୍କୁ ଭେଟିବେ ଗାଙ୍ଗୁଲି

**ନୂଆଦିଲ୍ଲୀ, ୨୮।୧୦ (ପି.ଟି.)**

ଦୀର୍ଘଦିନ ଧରି ଟିମ୍‌ମେଟ୍ ରହିଆସିଥିବା ସୌରଭ ଗାଙ୍ଗୁଲି ଓ ରାହୁଲ ଦ୍ରାବିଡ ବୁଧବାର ବେଙ୍ଗାଲୁରୁରେ ପରସ୍ପରକୁ ଭେଟିବେ। ଗାଙ୍ଗୁଲି ବର୍ତ୍ତମାନ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଦ୍ରାବିଡ ନ୍ୟାଶନାଲ କ୍ରିକେଟ୍ ଏକାଡେମୀ(ଏନ୍‌ସିଏ)ର ମୁଖ୍ୟ ଅଛନ୍ତି। ଉଭୟେ ଭାରତୀୟ କ୍ରିକେଟ୍‌ର ‘ରୋଡ୍ ମ୍ୟାପ୍’ ନେଇ ଆଲୋଚନା କରିବେ। ଦ୍ରାବିଡ ଜୁଲାଇରେ ଏନ୍‌ସିଏର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରତିଷ୍ଠାନ ପାଇଁ ସେ ଇତିମଧ୍ୟରେ ଏକ ‘ରୋଡ୍ ମ୍ୟାପ୍’ ପ୍ରସ୍ତୁତ କରିସାରିଛନ୍ତି। ଦୁଇ ପୂର୍ବତନ ଅଧିନାୟକ ଯେତେବେଳେ ଭେଟାଭେଟି ହେବେ ସେତେବେଳେ ଗାଙ୍ଗୁଲି କ୍ରିକେଟ୍‌ରେ ଉନ୍ନତି ପାଇଁ ତାଙ୍କ ମନରେ ରହିଥିବା ଚିନ୍ତାଧାରାକୁ ଉପସ୍ଥାପନ କରିବେ। ଗତ ୨୩ ତାରିଖରେ ଦାୟିତ୍ୱ ଗ୍ରହଣ କରିଥିବା



ରାହୁଲ ଦ୍ରାବିଡ ଓ ସୌରଭ ଗାଙ୍ଗୁଲି।

ବିସିସିଆଇର ନବନିର୍ବାଚିତ କର୍ମକର୍ତ୍ତାଗଣ ଏହି ବୈଠକରେ ଉପସ୍ଥିତ ରହିବେ। ଏନ୍‌ସିଏର ସିଇଓ ତୁଫାନ୍ ଘୋଷ୍ ମଧ୍ୟ ଆଲୋଚନାରେ ଭାଗନେବେ। ଗାଙ୍ଗୁଲି ଓ ଦ୍ରାବିଡ ଅତୀତରେ ବିସିସିଆଇର ବୈଷୟିକ କମିଟି ବୈଠକରେ କେତେଥର ଏକାଠି ହୋଇଛନ୍ତି। ‘ପ୍ରିନ୍ସ ଅଫ୍ କୋଲ୍‌କାତା’ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଦ୍ରାବିଡ ୧୯ ବର୍ଷରୁ କମ୍ ଏବଂ ଭାରତ ଏ’ ଟିମ୍ କୋଚ୍ ଭାବେ ଏଥିରେ ଯୋଗଦେଇଛନ୍ତି। କହିବାକୁ ଗଲେ, ଭାରତୀୟ କ୍ରିକେଟକୁ ଖେଳାଳି ଯୋଗାଇବା ଲକ୍ଷ୍ୟ ନେଇ ଏନ୍‌ସିଏ ଗଠନ କରାଯାଇଥିଲା। ମାତ୍ର ଏହା ଏକ ରିହାବିଲିଟେଶନ ସେଣ୍ଟରରେ ପରିଣତ ହୋଇଯାଇଛି। ଗାଙ୍ଗୁଲି କିନ୍ତୁ ଏନ୍‌ସିଏକୁ ନୂଆ ରୂପ ଦେବାକୁ ଚାହୁଁଛନ୍ତି। ଏହାକୁ କିପରି କାର୍ଯ୍ୟକାରୀ କରିହେବ, ସେନେଇ ଗାଙ୍ଗୁଲି ଓ ଦ୍ରାବିଡ ଆଲୋଚନା କରିପାରନ୍ତି ବୋଲି ବିସିସିଆଇର ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ପୃଥ୍ୱୀ ଶ’ଙ୍କ ଭଳି ଖେଳାଳିଙ୍କ ଲାଗି କରାଯାଇଥିବା ରିହାବିଲିଟେଶନ ପ୍ରୋଗ୍ରାମ୍ ସମ୍ପର୍କରେ ନୂଆ ସଭାପତି ହୁଏତ ଜାଣିବାକୁ ଚାହିଁ ପାରନ୍ତି। ପୃଥ୍ୱୀ ଶ’ ଡୋପିଂ ପାଇଁ ବାସନ୍ଦ ହେବା ପରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହାଛଡ଼ା ଯଶପ୍ରୀତ୍ ବୁମ୍‌ରା ଏବଂ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଲାଗି ଷ୍ଟ୍ରେନ୍ଥ ଏବଂ କଣ୍ଡିଶନିଂ କ୍ୟାମ୍ପ ସମ୍ପର୍କରେ ମଧ୍ୟ ସେ ପଚାରି ବୁଝିପାରନ୍ତି। ଭିଭିଏସ୍ ଲକ୍ଷ୍ମଣ ଏବଂ ଭାରତର ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ସମେତ ବହୁ ପୂର୍ବତନ ଖେଳାଳି ଏହି ଦୁଇ ସେଲିବ୍ରିଟି ଗାଙ୍ଗୁଲି ଏବଂ ଦ୍ରାବିଡଙ୍କଠାରୁ ଅନେକ କିଛି ଆଶା କରୁଛନ୍ତି।

# ପ୍ରଦୂଷଣ ମ୍ୟାଚ୍‌ରେ ବାଧା ଆଣିବନି

**ନୂଆଦିଲ୍ଲୀ, ୨୮।୧୦(ପି.ଟି.)**

### ଭାରତ-ବାଂଲାଦେଶ ଟି୨୦

ବାଂଲାଦେଶ କ୍ରିକେଟ୍ ଦଳ ନଭେମ୍ବର ପ୍ରଥମ ସପ୍ତାହରେ ଭାରତ ଗସ୍ତରେ ଆସି ଏକ ଦ୍ୱିପାକ୍ଷିକ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି କ୍ରମରେ ପ୍ରଥମେ ୩ ମ୍ୟାଚ୍‌ବିଶିଷ୍ଟ ଟି୨୦ ସିରିଜ ଖେଳାଯିବ। ଏହି ସିରିଜର ପ୍ରଥମ ମ୍ୟାଚ୍ ରାଜଧାନୀ ଦିଲ୍ଲୀଠାରେ ନଭେମ୍ବର ୩ରେ ଅନୁଷ୍ଠିତ ହେବ। ଦିଲ୍ଲୀରେ ବର୍ତ୍ତମାନ ବାୟୁ ପ୍ରଦୂଷଣର ମାତ୍ରା ଗମ୍ଭୀର ରହିଥିବାରୁ ପ୍ରଥମ ଟି୨୦ ମ୍ୟାଚ୍ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଏପରି କି ଦୀପାବଳି ପରଦିନ ଅର୍ଥାତ୍ ସୋମବାର ବାୟୁ ପ୍ରଦୂଷଣସ୍ତର ‘ଗୁରୁତର’ କାଟେଗୋରିରେ ରହିଛି, ଯାହାକି ଚଳିତ ସିଜନରେ ପ୍ରଥମ। ତେବେ ପ୍ରଦୂଷଣ ଏହି ମ୍ୟାଚ୍‌ରେ କୌଣସି ବାଧା ସୃଷ୍ଟି କରିବ ନାହିଁ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଆଶାପୋଷଣ କରିଛନ୍ତି। ଏପରି କି ପ୍ରଦୂଷଣ ସ୍ତରରେ ଉନ୍ନତି ପାଇଁ ଗାଡ଼ି ଚାଳନାରେ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଆରମ୍ଭ କରିବା ନେଇ ସେ ପଦକ୍ଷେପ ଗ୍ରହଣ କରିଛନ୍ତି।

‘ମୁଁ ଆଶା କରୁଛି ମ୍ୟାଚ୍‌ରେ ପ୍ରଦୂଷଣ ବାଧା ସୃଷ୍ଟି କରିବ ନାହିଁ। ପ୍ରଦୂଷଣସ୍ତର କମାଇବା ପାଇଁ ଆମେ ୪ ନଭେମ୍ବରରୁ ଯୁଗ୍ମ-ଅଯୁଗ୍ମ ଫର୍ମୁଲା ଆରମ୍ଭ କରିବାକୁ ଯାଉଛୁ। ପୂର୍ବରୁ ଚଳିତ ସିଜନରେ ମ୍ୟାଚ୍ ଭଲରେ ଅନୁଷ୍ଠିତ ହୋଇସାରିଛି। ତେଣୁ ଦିଲ୍ଲୀରେ ଏହି ମ୍ୟାଚ୍ ଖେଳାଯିବ’ ବୋଲି କେଜ୍‌ରିୱାଲ ଏକ ଖବରଦାତା ସମ୍ମିଳନୀରେ ସୋମବାର ପ୍ରକାଶ କରିଛନ୍ତି। ପୂର୍ବରୁ ୨୦୧୭ ଡିସେମ୍ବରରେ ଭାରତ ବିପକ୍ଷ ଏକ ଟେଷ୍ଟ ମ୍ୟାଚ୍ ସମୟରେ ବାୟୁ ପ୍ରଦୂଷଣ ଯୋଗୁ ଶ୍ରୀଲଙ୍କା ଖେଳାଳିମାନେ ମୁହଁରେ ମାସ୍କ ଲଗାଇ ଫିଲ୍ଡିଂ କରିଥିବାର ନଜିର ରହିଛି। ଦୀପାବଳି ପରେ ଦିଲ୍ଲୀର ବାୟୁ ପ୍ରଦୂଷଣ ସ୍ତରରେ ଅବନତି ଘଟିଛି। କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଆହୁରି ପାଖାପାଖି ଗୋଟିଏ ସପ୍ତାହ ସମୟ ରହିଥିବାରୁ ଖେଳାଳିମାନଙ୍କର କୌଣସି ଶାରୀରିକ ସମସ୍ୟା ହେବନାହିଁ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି।

# ଦୀପାବଳି ପାଳିଲେ କୋହଲି

**ମୁମ୍ବାଇ,୨୮।୧୦**

ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା ଦୀପାବଳି ପାଳନ କରିବାର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ସଭିଙ୍କୁ ଦୀପାବଳିର ଶୁଭକାମନା। ଆଲୋକର ଉତ୍ସବ ସଭିଙ୍କ ପାଇଁ ପ୍ରେମ ଓ ଶାନ୍ତି ଆଣି ଦେଉ ବୋଲି କୋହଲି ଟୁଇଟର ଓ ଇନ୍‌ଷ୍ଟାଗ୍ରାମରେ କ୍ୟାପଶନ ଦେଇ ଲେଖିଛନ୍ତି। ତାଙ୍କ ଭଳି ଅନୁଷ୍କା ମଧ୍ୟ କିଛି ଫଟୋ ଶେୟାର କରିଛନ୍ତି। ଗୋଟିଏ ଫଟୋରେ ଘରେ ରଙ୍ଗୋଲି ସହ ଦୀପ ସଜା ହୋଇଥିବା ଦେଖିବାକୁ ମିଳିଛି। ଉଭୟଙ୍କ ଟୁଇଟ୍‌କୁ ପ୍ରଶଂସମାନେ ବହୁ ପସନ୍ଦ କରିଛନ୍ତି। ନିକଟରେ କୋହଲିଙ୍କ ନେତୃତ୍ୱାଧୀନ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୩-୦ ବ୍ୟବଧାନରେ ମୂଳପୋଛ କରି ଦେଇଛି। ସେହିଭଳି ବିଗ୍‌ବି ଅମିତାଭ ବଚ୍ଚନ ତାଙ୍କ ମୁମ୍ବାଇସ୍ଥିତ ବାସଭବନରେ ‘ଗ୍ରାଣ୍ଡ ଦିୱାଲି ପାର୍ଟି’ ଆୟୋଜନ କରିଥିଲେ। ଯେଉଁଥିରେ କୋହଲି ଓ ଅନୁଷ୍କାଙ୍କ ସମେତ ବଲିଉଡ୍‌ର ବହୁ ନାମୀଦାମୀ କଳାକାରଙ୍କୁ ଦେଖିବାକୁ ମିଳିଥିଲା।



# ଫେଡରରଙ୍କୁ ରେକର୍ଡ ସୁଇସ୍ ଓପନ ଟାଇଟଲ

**ବାସେଲ (ସୁଇଜରଲାଣ୍ଡ), ୨୮।୧୦:** କିମ୍ବଦନ୍ତୀ ଟେନିସ ଖେଳାଳି ରୋଜର ଫେଡରର ରେକର୍ଡ ୧୦ମ ଥର ପାଇଁ ସୁଇସ୍ ଓପନ ଟାଇଟଲ ହାତେଇଛନ୍ତି। ରବିବାର ଖେଳାଯାଇଥିବା ଫାଇନାଲରେ ଫେଡରର ୬-୨, ୬-୨ ଅଷ୍ଟ୍ରେଲିଆର ଆଲେକ୍ସ ଡେ ମିନାରଙ୍କୁ ହରାଇ ଦେଇଛନ୍ତି। ସର୍ବାଧିକ ୨୦ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ମ୍ୟାଚ୍ ଆରମ୍ଭରୁ ହିଁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରତିପକ୍ଷ ଖେଳାଳି ଉଦ୍ୟମ କରିଥିଲେ ମଧ୍ୟ ଫେଲ୍ ମାରିଥିଲେ। ୩୮ ବର୍ଷୀୟ ଫେଡରରଙ୍କ କ୍ୟାରିୟରର ଏହା ୧୦୩ତମ ଟାଇଟଲ। ରେକର୍ଡ ୧୦ମ ସୁଇସ୍ ଟାଇଟଲ ଜିତିବା ପରେ ଭାବବିହ୍ୱଳ ଫେଡରର କହିଥିଲେ, ଏହା ମୋ ପାଇଁ ଅବିଶ୍ୱସନୀୟ ସଫଳତା। ଏଠାରେ ମୁଁ ଦିନେ ବଲ ବୟ ଭାବେ କାର୍ଯ୍ୟ କରୁଥିଲି। ଏବେ ଏଠାରେ ସର୍ବାଧିକ ସଂଖ୍ୟକ ଟାଇଟଲ ଜିତିଥିବା ଖେଳାଳି ହୋଇପାରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି।

# ହାମିଲଟନ ଜିତିଲେ ମେକ୍ସିକାନ ଗ୍ରାଁ ପ୍ରି

**ମେକ୍ସିକୋ ସିଟି, ୨୮।୧୦ (ଏଏଫ୍‌ପି)**

ମର୍ସିଡିଜ୍‌ରେ ଲୁଇସ୍ ହାମିଲଟନ ମେକ୍ସିକାନ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ଜିତିଛନ୍ତି। ଚଳିତ ସିଜନରେ ଏହା ହେଉଛି ତାଙ୍କର ୧୦ମ ଟାଇଟଲ। ଫେରାରିର ସେବାଷ୍ଟିଆନ ଭେଟେଲ ଏବଂ ହାମିଲଟନଙ୍କ ଟିମ୍‌ମେଟ ଭାଲ୍‌ଟେରୀ ବୋଟାସ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି। ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିଲେ ମଧ୍ୟ ତାଙ୍କୁ ଯଥାକ୍ରମେ ରେଡ୍‌ବୁଲ୍‌ର ଆଲେକ୍ସ ଆଲବନ ଏବଂ ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ ଆଗରେ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ରେସ୍ ଆରମ୍ଭରେ ପିଟ୍ ଷ୍ଟପ୍ ଯୋଗୁ ଭର୍ଷ୍ଟାପେନ୍‌ଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ସ୍ଥାନୀୟ ହିରୋ ରେସିଂ ପଏଣ୍ଟର ସର୍ଗିଓ ପେରେଜ ସପ୍ତମ ସ୍ଥାନ ଅଧିକାର କରିଥିଲେ। ଟୋରୋ ରୋସୋର ଦୁଇ ଡ୍ରାଇଭର ପିଏରେ ଗାସ୍‌ଲି ଏବଂ ନିକୋ ହକେନ୍‌ବର୍ଗଙ୍କୁ ପଛରେ ପକାଇ ରେନଲ୍ଟର ଡାନିଏଲ ରିକାର୍ଡୋ ୮ମ ହୋଇଥିଲେ। ହାମିଲଟନଙ୍କ କ୍ୟାରିୟରର ଏହା ୮୩ତମ ଟାଇଟଲ। ଅନ୍ୟପକ୍ଷରେ ମର୍ସିଡିଜ୍‌ର ଏହା ହେଉଛି ୧୦୦ତମ ବିଜୟ। ଆସନ୍ତା ସପ୍ତାହରେ ଟେକ୍ସାସ୍‌ର ଅଷ୍ଟିନ୍‌ଠାରେ ୟୁଏସ୍ ଗ୍ରାଁ ପ୍ରି ହେବ। ଏଥିରେ ବିଜୟ ସହ ସେ ତାଙ୍କର ୬ଷ୍ଠ ୱାର୍ଲ୍ଡ ଡ୍ରାଇଭର୍ସ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛନ୍ତି।



ଟ୍ରଫି ସହ ଲୁଇସ୍ ହାମିଲ୍‌ଟନ୍।

# ବେଙ୍ଗାଲୁରୁ-ଗୋଆ ମ୍ୟାଚ୍ ଡ୍ର

**ଗୋଆ, ୨୮।୧୦**

### ଇଣ୍ଡିଆନ୍ ସୁପର ଲିଗ୍

ଚଳିତ ୬ଷ୍ଠ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ରେ ସୋମବାର ଗତବର୍ଷର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଏବଂ ଦୁଇଥର ରନର୍ସଅପ୍ ଏଫ୍‌ସି ଗୋଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ଭାବେ ଶେଷ ହୋଇଛି। ସ୍ଥାନୀୟ ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚରେ ବେଙ୍ଗାଲୁରୁ ଉଦାନ୍ତ ସିଂଙ୍କ ଗୋଲ ଜରିଆରେ ଅଗ୍ରଣୀ ହେବାପରେ ଗୋଆ ପକ୍ଷରୁ ଫେରାନ କରୋମିନାସ ଅନ୍ତିମ ମିନିଟ୍‌ରେ ପେନାଲଟି କିକ ଯୋଗେ ଗୋଲ ପରିଶୋଧ କରି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିଲେ। ଏଥିସହିତ ଏଫ୍‌ସି ଗୋଆ ଦୁଇଟି ମ୍ୟାଚରୁ ଚାରି ପଏଣ୍ଟ ପାଇ ମୁମ୍ବାଇ ସିଟି ଏଫ୍‌ସି ଏବଂ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ସହିତ ଟେବୁଲ ଶୀର୍ଷରେ ଯୋଗଦେଇଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁ ଏଫ୍‌ସି କ୍ରମାଗତ ଦ୍ୱିତୀୟ ଥର ମ୍ୟାଚ ଡ୍ର ରଖି ପଏଣ୍ଟ ଭାଗ କରିଛି। ସୋମବାର ଖେଳରେ ମାରୁତି ସୁଜୁକି ଲିମିଟଲେସ ପ୍ଲେୟାର ଅଫ ଦି ମ୍ୟାଚ ପୁରସ୍କାର ଫେରାନ କରୋମିନାସଙ୍କୁ ଏବଂ ହିରୋ ଅଫ ଦି ମ୍ୟାଚ ପୁରସ୍କାର ଉଦାନ୍ତ ସିଂଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଆଶିକ କୁରୁନିୟାନ ଆଇସଏଲ ଇମର୍ଜିଂ ପ୍ଲେୟାର ଅଫ୍ ଦି ମ୍ୟାଚ ପୁରସ୍କାର ଲାଭ କରିଥିଲେ। ରବିବାର ଚେନ୍ନାଇଠାରେ ଚେନ୍ନାଇନ ଏଫ୍‌ସି ଏବଂ ମୁମ୍ବାଇ ସିଟି ଏଫସି ମଧ୍ୟରେ ଅନୁଷ୍ଠିତ ଲିଗ୍‌ର ୮ମ ମ୍ୟାଚ ଗୋଲଶୂନ୍ୟ ଭାବେ ଶେଷ ହୋଇଛି। ଫଳରେ ଉଭୟ ଦଳ ପଏଣ୍ଟ ବଣ୍ଟାଆରା କରିଛନ୍ତି।

# ପ୍ରି-କ୍ୱାର୍ଟରରେ ଜ୍ୟୋତ୍ସ୍ନା

**କାଇରୋ, ୨୮।୧୦ (ପି.ଟି.):** ଭାରତର ଅଗ୍ରଣୀ ସ୍କ୍ୱାଶ୍ ଖେଳାଳି ଚିନ୍ନାପା ଜ୍ୟୋତ୍ସ୍ନା ସିଆଇବି ପିଏସ୍‌ଏ ମହିଳା ବିଶ୍ୱ ଚାମ୍ପିୟନଶିପ୍‌ର ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏଠାରେ ହଂକଂର ହୋ ଟିଜି ଲୋକ୍‌ଙ୍କ ବିପକ୍ଷରେ ସେ ସହଜ ବିଜୟ ହାସଲ କରିଛନ୍ତି। ବିଶ୍ୱର ୧୨ ନମ୍ବର ର‌୍ୟାଙ୍କିଂପ୍ରାପ୍ତ ଜ୍ୟୋତ୍ସ୍ନା ପ୍ରି-କ୍ୱାର୍ଟରରେ ଦ୍ୱିତୀୟ ସିଡ୍ ନୁର୍ ଏଲ୍ ଶେରବିନିଙ୍କୁ ଭେଟିବେ। ଜ୍ୟୋତ୍ସ୍ନା ୧୧-୫, ୧୧-୪ରେ ଅଗ୍ରଣୀ ରହିଥିବାବେଳେ ବିପକ୍ଷ ଖେଳାଳି ଟିଜି ଲୋକ୍ ଆଘାତପ୍ରାପ୍ତ ହେବାରୁ ମ୍ୟାଚ୍‌ରୁ ଓହରି ଯାଇଥିଲେ। ଫଳରେ ଜ୍ୟୋତ୍ସ୍ନା ବିଜୟୀ ହୋଇଥିଲେ।

# ଦଙ୍ଗଲରେ ଅନୁପମା ଚାମ୍ପିୟନ

**ଭୁବନେଶ୍ୱର, ୨୮।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

### ରାଜ୍ୟ କୁସ୍ତି ଉଦ୍‌ଯାପିତ

ଓଡ଼ିଶା କୁସ୍ତି ଓ ପୁରୀ କୁସ୍ତି ସଂଘର ମିଳିତ ଆନୁକୂଲ୍ୟରେ ୩ଦିନିଆ ରାଜ୍ୟ କୁସ୍ତି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ ଥିବା ତାରକା ସାମରିକ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ ଓପନ୍ ୱେଟ୍ ଓ ବୟସ କୁସ୍ତି (ଦଙ୍ଗଲ)ରେ ଚାମ୍ପିୟନ ହୋଇଛନ୍ତି। ମହିଳା ଦଙ୍ଗଲ ଫାଇଟ୍‌ରେ କଟକର ଅଜିଜା ବେଗମ୍ ରନର୍ସଅପ୍ ହୋଇଛନ୍ତି। ପୁରୁଷ ଦଙ୍ଗଲ ଫାଇଟ୍‌ର ଫାଇନାଲ ସମୟ ଅଭାବରୁ ଅମୀମାଂସିତ ଭାବେ ଶେଷ ହୋଇଛି। ପ୍ରତିଯୋଗିତାରେ ପୁରୀ ଜିଲା ଓଭରଅଲ୍ ଚାମ୍ପିୟନ ଓ କଟକ ରନର୍ସଅପ୍ ହୋଇଥିଲା। ସେହିଭଳି ପୁରୁଷରେ ପୁରୀ ଓ କଟକ ଏବଂ ମହିଳାରେ କଟକ ଓ ଢେଙ୍କାନାଳ ଯଥାକ୍ରମେ ଚାମ୍ପିୟନ ଏବଂ ରନର୍ସଅପ୍ ହୋଇଥିଲେ।

ଏହି ପ୍ରତିଯୋଗିତାରେ ଆୟୋଜକ ପୁରୀ ସମେତ କଟକ, ଖୋର୍ଦ୍ଧା, ସମ୍ବଲପୁର, ଗଞ୍ଜାମ, ଗଜପତି, ବାଲେଶ୍ୱର, ଢେଙ୍କାନାଳ ଏବଂ ଓଡ଼ିଶା ପୋଲିସ ପକ୍ଷରୁ ୧୧୦ ଜଣ ପୁରୁଷ ଓ ୬୦ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୁସ୍ତି ସଂଘର ସଭାପତି ରାମଚନ୍ଦ୍ର ପାଢ଼ୀ, ସମ୍ପାଦକ ଦେବେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ବିନୋଦ ଚନ୍ଦ୍ର ଦାସ, ପୁରୀ ସଂଘର ସମ୍ପାଦକ ରବି ନାରାୟଣ ପ୍ରତିହାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। କଟକ ଜିଲା ସମ୍ପାଦକ କିଶୋର ଚନ୍ଦ୍ର ବେହେରା, ରାଜ୍ୟ ସଂଘର ସହସମ୍ପାଦକ ଭାରତ ଭୂଷଣ ସ୍ୱାଇଁ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଅନୁପମା ସ୍ୱାଇଁ।

# ଅଷ୍ଟ୍ରେଲିଆକୁ ବିଜୟୀ କଲେ ୱାର୍ନର

**ଆଡିଲେଡ, ୨୮।୧୦(ଏଏଫପି)**

### ଜନ୍ମଦିନରେ ଶତକ

ନିଜର ୩୩ତମ ଜନ୍ମଦିନରେ ଶତକ ହାସଲ କରିଛନ୍ତି ଅଷ୍ଟ୍ରେଲିଆ ଓପନର ଡେଭିଡ ୱାର୍ନର। ତାଙ୍କର ଏହି ଶତକ ବଳରେ ଅଷ୍ଟ୍ରେଲିଆ ସିରିଜର ପ୍ରଥମ ମ୍ୟାଚରେ ଶ୍ରୀଲଙ୍କାକୁ ୧୩୪ ରନରେ ପରାସ୍ତ କରିଛି। ଟି୨୦ରେ ଏହାଥିଲା ୱାର୍ନରଙ୍କ ପ୍ରଥମ ଶତକ। ବାର୍ଥଡେ ବୟ ୱାର୍ନରଙ୍କ ଅପରାଜିତ ଶତକ ବଳରେ ଅଷ୍ଟ୍ରେଲିଆ ୨୦ ଓଭରରେ ୨ ଉଇକେଟ ହରାଇ ବୃହତ୍ ୨୩୩ ରନ କରିଥିଲା। ୱାର୍ନର ୫୬ ବଲ୍‌ରୁ ୧୦ ଚୌକା ଓ ୪ ଛକା ସହାୟତାରେ ୧୦୦ ରନ କରି ଅପରାଜିତ ରହିଥିବାବେଳେ ଆରନ ଫିଞ୍ଚ୍ ୬୪ (୩୬ ବଲ, ୮ ଚୌକା, ୩ ଛକା) ଏବଂ ଗ୍ଲେନ ମ୍ୟାକ୍ସୱେଲ ଦ୍ରୁତ ୬୨ (୨୭ ବଲ, ୭ ଚୌକା, ୩ ଛକା) ରନର ଇନିଂସ ଖେଳିଥିଲେ। ଜବାବରେ ଶ୍ରୀଲଙ୍କା ୨୦ ଓଭରରେ ୯ ଉଇକେଟ ହରାଇ କେବଳ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଦୁସାନ ଶନକା ସର୍ବାଧିକ ୧୭ ରନ କରିଥିଲେ। ଅଷ୍ଟ୍ରେଲୀୟ ବୋଲରଙ୍କ ମଧ୍ୟରେ ଆଡାମ ଜାମ୍ପା ୩ଟି ଏବଂ ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କମିନ୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ୱାର୍ନର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ବିଜୟ ଫଳରେ ଅଷ୍ଟ୍ରେଲିଆ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଛି।



ଡେଭିଡ ୱାର୍ନର

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଅକ୍ଟୋବର ୨୯/୨୦୧୯ Bhubaneswar, Tuesday, October 29/2019

## ସଂକ୍ଷେପରେ

### ୩୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ):** କୁଇକ୍ ଆକ୍ସନ ଟିମ(କ୍ୟୁଏଟି) ଏବଂ ଶହୀଦନଗର ଥାନା ପୋଲିସ ରବିବାର ରାତିରେ ମିଳିତ ଚଢ଼ାଉରେ ଶାନ୍ତିପଲ୍ଲୀ ବସ୍ତିରୁ ବ୍ରାଉନସୁଗାର କାରବାରରେ ସମ୍ପୃକ୍ତ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗ୍ରୀଡକୋ କଲୋନୀ କ୍ୱାର୍ଟର ନଂ ୨ଆର୍/ଏ/୭ରେ ରହୁଥିବା ନୃସିଂହ ଚରଣ ନାୟକ ଓରଫ ପିଣ୍ଟୁ(୨୭) ଓ ଖୋର୍ଦ୍ଧା ଟାଉନ ଥାନା ଗୁରୁଜଙ୍ଗ ଅଞ୍ଚଳର କୃଷ୍ଣଚନ୍ଦ୍ର ସାମନ୍ତରାୟ ଓରଫ ବୁନୁ(୩୭)। ପୋଲିସ ତାଙ୍କଠାରୁ ୩୦ଗ୍ରାମ ବ୍ରାଉନସୁଗାର ସମେତ ମୋବଇଲ, ବାଇକ୍ ଓ ଟଙ୍କା ଜବତ କରିଛି। ସୂଚନା ମୁତାବକ, ଦୀର୍ଘଦିନ ହେବ ଶାନ୍ତିପଲ୍ଲୀ ବସ୍ତି ଅଞ୍ଚଳରେ ବ୍ରାଉନସୁଗାର ବ୍ୟବସାୟ ହେଉଥିବା ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଫଳରେ କ୍ୟୁଏଟି ଏବଂ ଶହୀଦନଗର ଥାନା ପୋଲିସ ମିଳିତ ଭାବେ ବସ୍ତିର ମହାବୀର ମନ୍ଦିର ନିକଟ ଅଞ୍ଚଳରେ ଚଢ଼ାଉ କରିଥିଲେ। ଚଢ଼ାଉରେ ବ୍ରାଉନସୁଗାର, ୩୪ ହଜାର ୫ଶହ ଟଙ୍କା, ୪ଟି ମୋବାଇଲ ସମେତ ଗୋଟିଏ ବାଇକ ଓ ସ୍କୁଟର ଜବତ କରିଛି। ଏ ନେଇ ପୋଲିସ ନଂ.୫୪୮/୧୯ରେ ଏକ ମାମଲା ରୁଜୁ କରି ୨ ଅଭିଯୁକ୍ତଙ୍କୁ ପଚରାଉଚରା କରି ଧରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ୨ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ୧୩ ଫୁଟର ଅଜଗର ଉଦ୍ଧାର



**ଡେଲାଙ୍ଗ, ୨୮।୧୦(ଡି.ଏନ୍.ଏ.):** ଡେଲାଙ୍ଗ ବନାଞ୍ଚଳ ଅନ୍ତର୍ଗତ ଦୟାନଦୀର ରେଙ୍ଗଳ ଗ୍ରାମ ନିକଟସ୍ଥ କରଣିଆ ବନ୍ଧରୁ ସୋମବାର ଏକ ଅଜଗର ସାପ ଉଦ୍ଧାର ହୋଇଛି। ଅଜଗରର ଲମ୍ବ ୧୩ ଫୁଟ ହୋଇଥିବାବେଳେ ଏହାର ବୟସ ୩ ବର୍ଷ ବୟସର ବୋଲି ଅନୁମାନ କରାଯାଉଛି। ସାପଟିକୁ ରେଙ୍ଗଳ ଗ୍ରାମର କେତେକ ବ୍ୟକ୍ତି ଦେଖିବା ପରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ଶଶୀଭୂଷଣ ବଳିୟାରସିଂହଙ୍କୁ ସୂଚନା ଦେଇଥିଲେ। ସାପଟି ପାଣିରେ ଥିବାରୁ ଉଦ୍ଧାର କରିବା ସମ୍ଭବ ନ ହେବାରୁ ଡେଲାଙ୍ଗ ବନପାଳ ଗଗନ ବିହାରୀ ମହାପାତ୍ର ଓ କର୍ମଚାରୀମାନେ ସ୍ନେକ ହେଲପ ଲାଇନର ସହଯୋଗରେ ସାପଟିକୁ ଉଦ୍ଧାର କରିଥିଲେ। ଅଜଗରକୁ ଉଦ୍ଧାର କରାଯିବାପରେ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯାଇ ସାପଟିକୁ ଘଞ୍ଚ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ବନପାଳ ମହାପାତ୍ର ସୂଚନା ଦେଇଛନ୍ତି।

### ବିବେକାନନ୍ଦ ହସ୍ପିଟାଲରେ ବିରଳ ଟ୍ୟୁମର ଅସ୍ତ୍ରୋପଚାର

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ):** ବିବେକାନନ୍ଦ ହସ୍ପିଟାଲରେ ଗତ ଗୁରୁବାର ଏକ ବିରଳ ଟ୍ୟୁମରର ସଫଳ ଅସ୍ତ୍ରୋପଚାର କରାଯାଇଛି। ପଶ୍ଚିମବଙ୍ଗର ଅରବିନ୍ଦ ପ୍ରାମାଣିକଙ୍କ ପେଟର ତଳ ଭାଗରୁ ହୃତ୍‌ପିଣ୍ଡକୁ ରକ୍ତ ପ୍ରବାହ କରୁଥିବା ନଳୀ ସହ ଯୋଡି ହୋଇ ଉକ୍ତ ଟ୍ୟୁମରଟି ବଢ଼ିଥିଲା। ପଶ୍ଚିମବଙ୍ଗ ଏବଂ ଓଡ଼ିଶାର ବିଭିନ୍ନ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇ ନିରାଶ ହେବାପରେ ଅରବିନ୍ଦ ବିବେକାନନ୍ଦ ହସ୍ପିଟାଲରେ ଆଡ୍‌ମିଶନ ହୋଇଥିଲେ। ଶଲ୍ୟ ବିଶେଷଜ୍ଞ ଡାକ୍ତର ସନନ୍ତ ମହାନ୍ତି ଓ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସରୋଜ ସାହୁଙ୍କ ଉଦ୍ୟମ ତଥା ଅତ୍ୟାଧୁନିକ ଯନ୍ତ୍ର କୌଶଳରେ ଅରବିନ୍ଦଙ୍କ ସଫଳ ଅସ୍ତ୍ରୋପଚାର ହୋଇଥିଲା। ଏବେ ସେ ଚିକିତ୍ସାଧୀନ ଥିବାବେଳେ ସ୍ୱାସ୍ଥ୍ୟବସ୍ଥା ଭଲଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।

# ଆଇନଜୀବୀଙ୍କ ଘରୁ ଟଙ୍କା, ସୁନାଗହଣା ଚୋରି

## ଦିନ ମଜୁରିଆଙ୍କ ଘରୁ ନେଇଗଲେ ସୁନା, ୩ ଅଟକ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

ଦୀପାବଳିରେ ରାଜଧାନୀରେ ଦୁଇଟି ସ୍ଥାନରୁ ଚୋରି ହୋଇଛି। ଚୋରିର ଶିକାର ହୋଇଛନ୍ତି କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୬ରେ ରହୁଥିବା ଆଇନଜୀବୀ ସୁକାନ୍ତ କୁମାର ସାହୁ ଓ ନୟାପଲ୍ଲୀ ଥାନା ଜଗନ୍ନାଥ ନଗରରେ ରହୁଥିବା ଦିନ ମଜୁରିଆ ଆର୍. ରେଡ୍ଡୀ। ଆଇନଜୀବୀ ସାହୁଙ୍କ ଘରୁ ନଗଦ ୧୦ ହଜାର ଟଙ୍କା ଓ ଦେଢ଼ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବାବେଳେ ୩ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁଯାୟୀ, ଆଇନଜୀବୀ ସାହୁ ରବିବାର ରାତି ପ୍ରାୟ ୭ଟାରେ ପରିବାର ଲୋକଙ୍କ ସହ ବାହାରକୁ ବୁଲିବାକୁ ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ବାଥରୁମ୍ ସ୍କାଏଲାଇଟ୍ କାଚ ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ଏହାପରେ ସେମାନେ ଘର କବାଟ ଭାଙ୍ଗି ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ପଳାଇଥିଲେ। ସୁକାନ୍ତ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣି ପୋଲିସକୁ ଜଣାଇଥିଲେ। ସେହିଭଳି ରେଡ୍ଡୀଙ୍କ ଘର ଗଞ୍ଜାମ ହୋଇଥିବାବେଳେ ସେ ନୟାପଲ୍ଲୀ ସାଲିଆସାହି ଜଗନ୍ନାଥ ନଗରରେ ରୁହନ୍ତି। ଦୀପାବଳି ପାଇଁ ପରିବାରର ସମସ୍ତ ସଦସ୍ୟ ଗଞ୍ଜାମସ୍ଥିତ ଘରକୁ ଚାଲି ଯାଇଥିଲେ। ଘରେ କେବଳ ତାଙ୍କ ବୃଦ୍ଧା ମାଆ ରହିଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଦୁର୍ବୃତ୍ତମାନେ ଘରର କବାଟ ତାଡି ଭିତରେ ପଶି ନଗଦ ୫ ହଜାର ଟଙ୍କା ଓ ୧ ଲକ୍ଷ ଟଙ୍କାର ସୁନା ଗହଣା ଚୋରି କରି ନେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।




## ବାଣ ଫୁଟାଇବାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ମୁହାଁମୁହିଁ

# ଯୁବକଙ୍କୁ ଭୁଜାଲିରେ ହାଣି ମୁଣ୍ଡକୁ ଛେଚି ହତ୍ୟା

- ଘଟଣାସ୍ଥଳରୁ ୫ ବୋମା, ମଦ ବୋତଲ ଜବତ
- ପୂର୍ବତନ କର୍ପୋରେଟରଙ୍କୁ ଅଟକ ନେଇ ଥାନା ଘେରାଉ





ଭୋଜି ପରେ ଘଟଣାସ୍ଥଳରେ ପଡ଼ି ରହିଥିବା ବାସନକୁସନ।

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର(ଡି.ଏନ୍.ଏ.)**

ଏୟାରଫିଲ୍ଡ ଥାନାଠାରୁ ମାତ୍ର ଶହେ ମିଟର ଦୂର ଭୀମଟାଙ୍ଗୀସ୍ଥିତ ଏକାମ୍ର କଲେଜ ପଛପାର୍ଶ୍ୱରେ ରବିବାର ଘଟିଛି ଏକ ବୀଭତ୍ସ ହତ୍ୟାକାଣ୍ଡ। ବାଣଫୁଟାକୁ ନେଇ ସନ୍ଧ୍ୟାରେ ଦୁଇଗୋଷ୍ଠୀ ମୁହାଁମୁହିଁ ହୋଇଥିବାବେଳେ ବିଳମ୍ବିତ ରାତିରେ ଘଟିଛି ସଂଘର୍ଷ। ଗୋଟିଏ ଗୋଷ୍ଠୀର ଯୁବକମାନେ ପ୍ରତିପକ୍ଷର ଜଣେ ଯୁବକଙ୍କୁ ଭୁଜାଲିରେ ହାଣି ମୁଣ୍ଡକୁ ଛେଚି ଅତି ନୃଶଂସ ଭାବେ ହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଖଣ୍ଡୁଆଳ ଛକ ନିକଟରେ ରହୁଥିବା ଅମରେଶ ନାୟକ(୨୭)। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ମୃତକଙ୍କ ମାଆ ରତ୍ନ ମଞ୍ଜରୀଙ୍କ ଅଭିଯୋଗକ୍ରମେ ପୋଲିସ୍ ଆଇପିସି ଦଫା ୩୦୨ ଓ ୩୪ରେ ମାମଲା ନଂ. ୧୯୬/୧୯ ରୁଜୁ କରି ତଦନ୍ତ ଚଳାଇଛି। ସୋମବାର ସକାଳେ ସାଇଣ୍ଟିଫିକ୍ ଟିମ୍ ଓ ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ରକ୍ତ ନମୁନା ସଂଗ୍ରହ କରିଛି। ଏଥିସହ ସେଠାରୁ ୫ ବୋମା, କିଛି ମଦ ବୋତଲ ଜବତ କରିଛି। ଏହି ହତ୍ୟାକାଣ୍ଡରେ ସୁନ୍ଦରପଦା ଅଞ୍ଚଳର କେତେଜଣ ଯୁବକ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

ଅନ୍ୟପକ୍ଷରେ ସମସ୍ତ ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ଉକ୍ତ ରାତିରେ ପୂର୍ବତନ କର୍ପୋରେଟର ମଣ୍ଟୁ ନନ୍ଦଙ୍କୁ ପଚରାଉଚରା ପାଇଁ ଥାନାକୁ ଆଣିଥିଲା। ଖବର ପାଇ ଶତାଧିକ ମହିଳା ଥାନା ଘେରାଉ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପୋଲିସ ମଣ୍ଟୁଙ୍କୁ ଥାନାରୁ ଛାଡିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଏନେଇ ମଣ୍ଟୁ କହିଛନ୍ତି, ମୋର ଏହି ମାମଲାରେ କିଛି ସମ୍ପୃକ୍ତି ନାହିଁ। ମୋତେ ଅଯଥାରେ ଫସା ଯାଉଛି। ପୋଲିସ ମୋତେ ଫୋନ୍ କରି ଥାନାକୁ ଡାକି ଅଟକ ରଖିଥିଲା। ମୁଁ ପୋଲିସକୁ ଅନ୍ୟ ମାମଲାରେ ସହଯୋଗ କରେ। ତେଣୁ ଏହି ମାମଲାର ତଦନ୍ତରେ ସହଯୋଗ କରିବି ବୋଲି ସେ କହିଛନ୍ତି।

ପୋଲିସ ସୂଚନାନୁସାରେ, ରବିବାର ରାତି ପ୍ରାୟ ୭ଟାରେ ଜଣେ ଯୁବକ ଏକାମ୍ରକଲେଜ ପଛ ପଡିଆରେ ବସିଥିଲେ। ଏହି ସମୟରେ ମୃତ ଅମରେଶଙ୍କ କେତେଜଣ ସହଯୋଗୀ ସେଠାରେ ପହଞ୍ଚି ବାଣ ଫୁଟାଯିବ କହି ତାଙ୍କୁ ସେଠାରୁ ଉଠିଯିବାକୁ କହିଥିଲେ। କିନ୍ତୁ ସେ ଉଠି ନ ଥିଲେ। ଅମରେଶଙ୍କ ସହଯୋଗୀମାନେ ବାଣ ଫୁଟାଇବା ପରେ ଉକ୍ତ ଯୁବକ ଜଣକ ସେଠାରୁ ପଳାଇଥିଲେ। ଏହାର କିଛି ସମୟ ପରେ ଯୁବକଜଣକ ଅନ୍ୟ ୮ଜଣ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଯୁକ୍ତିତର୍କ କରିବାରୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଆପୋସ ସମାଧାନ ପରେ ଉକ୍ତ ଗୋଷ୍ଠୀ ସେଠାରୁ ଚାଲିଯିବା ପରେ ଅମରେଶ ଓ ସହଯୋଗୀମାନେ ପୁଣି ବାଣ ଫୁଟାଇବା ସହ ଭୋଜି କରିଥିଲେ। ରାତି ପ୍ରାୟ ୧୨ଟାରେ ସମସ୍ତେ ଭୋଜି ଖାଇ ଘରକୁ ଯାଇଥିଲେ। ହେଲେ ଅମରେଶ ଓ ଅନ୍ୟ ଦୁଇ ସାଙ୍ଗ ବାସନକୁସନ ଧୋଇ ନେବାକୁ ପ୍ରସ୍ତୁତ ହେଉଥିଲେ। ଏହି ସମୟରେ ହଠାତ୍ ୨୫ରୁ ଊର୍ଦ୍ଧ୍ୱ ଯୁବକ ଶାବଳ, ଭୁଜାଲି, ହକି ଷ୍ଟିକ୍ ଓ ବନ୍ଧୁକ ଧରି ସେଠାରେ ପହଞ୍ଚି ଅତର୍କିତ ଆକ୍ରମଣ କରିଥିଲେ।

### ଉପସ୍ଥିତ ବୁଦ୍ଧି ଯୋଗୁ ବଞ୍ଚିଗଲେ ଦୁଇ ସାଙ୍ଗ

ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଅମରେଶ ଓ ଦୁଇ ସାଙ୍ଗଙ୍କୁ ନିସ୍ତୁକ ପିଟିଥିଲେ। ଦୁଇସାଙ୍ଗ ମାଡ଼ ଖାଇବା ପରେ ଜାଣିଶୁଣି ଅଚେତ ହେବା ଭଳି ପଡ଼ି ଯାଇଥିଲେ। ଫଳରେ ସେମାନଙ୍କୁ ଛାଡ଼ି ଯୁବକମାନେ ସଂଘବଦ୍ଧ ଭାବେ ଅମରେଶଙ୍କୁ ଘେରିଯାଇଥିଲେ। କିଏ ଭୁଜାଲିରେ ହାଣିଥିଲେ ତ ଆଉ କିଏ ଶାବଳ ଓ ଠେଙ୍ଗାରେ ପିଟି ପଥର ମାଡ଼ କରିଥିଲେ। ସେ ନିସ୍ତେଜ ହୋଇ ତଳେ ପଡିଯିବା ପରେ ମଧ ସେମାନେ ଛାଡ଼ି ନ ଥିଲେ। ଏପରି କି ଅଭିଯୁକ୍ତମାନେ ଯିବା ପୂର୍ବରୁ ଅମରେଶଙ୍କ ଉପରେ ଗାଡ଼ି ଚଢ଼ାଇ ନେଇଥିଲେ ବୋଲି ଅମରେଶଙ୍କ ସାଙ୍ଗ କିକି କହିଛନ୍ତି। ଅଭିଯୁକ୍ତମାନେ ଚାଲିଯିବା ପରେ କିକି ଓ ଅନ୍ୟଜଣେ ସାଙ୍ଗ ଉଠିପଡ଼ି ଅମରେଶଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପୂର୍ବରୁ ଟାର୍ଗେଟରେ ଥିଲେ ଅମରେଶ

ମୃତ ଅମରେଶଙ୍କ ବାପା ବମ୍ବେରେ ବ୍ୟାଙ୍କ୍ ମ୍ୟାନେଜର ଥିବାବେଳେ ସେ ଇଞ୍ଜିନିୟରିଂ ପଢୁଥିଲେ। ହେଲେ ତାଙ୍କ ନାମରେ ବିଭିନ୍ନ ଥାନାରେ ହତ୍ୟା ଉଦ୍ୟମ, ଗଣ୍ଡଗୋଳ ଆଦି ୨୨ରୁ ଊର୍ଦ୍ଧ୍ୱ ମାମଲା ରହିଛି। ପୂର୍ବରୁ ମଧ ତାଙ୍କ ଗୋଷ୍ଠୀ ସହ ଅନ୍ୟ ଏକ ଗୋଷ୍ଠୀର ଶତ୍ରୁତା ଥିଲା। ଗତବର୍ଷ ଉକ୍ତ ଗୋଷ୍ଠୀ ଅମରେଶଙ୍କୁ ଖଣ୍ଡାରେ ୩୨ ଚୋଟ ହାଣିଥିଲେ ମଧ ସେ ବଞ୍ଚିଯାଇଥିଲେ।

## ଦୁର୍ଘଟଣା ନେଲା ୩ ଜୀବନ

**ଭୁବନେଶ୍ୱର,୨୮।୧୦(ବ୍ୟୁରୋ)**

ରାଜଧାନୀର ଦୁଇଟି ସ୍ଥାନରେ ଦୁର୍ଘଟଣା ଘଟି ୩ଜଣଙ୍କ ଜୀବନ ଯାଇଛି। ଖଣ୍ଡଗିରି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର ସକାଳ ପ୍ରାୟ ୧୦ଟାରେ ବାଣୀବିହାର ଓଭରବ୍ରିଜ୍ ଉପରେ ଆଉଏକ ଅଜଣା ଗାଡି ଧକ୍କାରେ ବୁଲେଟରେ ଯାଉଥିବା ଦୁଇଜଣଙ୍କର ମୃତ୍ୟୁ ଘଟିଛି। ଖଣ୍ଡଗିରି ଛକରେ ମୃତ ବାଇକ୍ ଚାଳକ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦାର ଶିବ ପ୍ରସାଦ ଦାଶ। ସେହିଭଳି ବାଣୀବିହାର ଓଭରବ୍ରିଜ ଦୁର୍ଘଟଣାରେ ମୃତ ବ୍ୟକ୍ତି ହେଲେ ନୟାଗଡ଼ ଫତେଗଡର ଜିତେନ୍ଦ୍ର ପ୍ରଧାନ(୨୪) ଓ ସାଲେପୁରର ସୁଧୀର ଭୋଇ(୨୬)।

ସୂଚନାଯୋଗ୍ୟ, ରବିବାର ରାତି ପ୍ରାୟ ୧୨ଟାରେ ବରମୁଣ୍ଡାରେ ରହୁଥିବା ଶିବ ପ୍ରସାଦ ଆଇଗିଣିଆ ଛକରୁ ଘରକୁ ଫେରୁଥିଲେ। ଖଣ୍ଡଗିରି ଛକର କିଛି ଦୂରରେ ଏକ ଅଜଣା ଗାଡି ତାଙ୍କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଶିବ ପ୍ରସାଦଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ସେହିଭଳି ବାଣୀବିହାର ଓଭରବ୍ରିଜ୍ ଉପରେ ଏକ ବୁଲେଟ (ଓଡି-୩୩-ୟୁ-୯୮୬୦)ରେ ଜିତେନ୍ଦ୍ର ଓ ସୁଧୀର ରସୁଲଗଡ ଛକରୁ ଜୟଦେବ ବିହାର ଛକ ଅଭିମୁଖେ ଯାଉଥିଲେ। ଏକ ଅଜଣା ଗାଡି ସେମାନଙ୍କୁ ପଛରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଜିତେନ୍ଦ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଭାବେ ସୁଧୀରଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶହୀଦନଗର ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।




ଆତଙ୍କବାଦକୁ ବିରୋଧ କରି ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକା କଳା।

## ସାବରିମାଳା ଯାତ୍ରା ପାଇଁ ସ୍ପେଶାଲ ଏକ୍ସପ୍ରେସ୍

**ଭୁବନେଶ୍ୱର, ୨୮।୧୦(ବ୍ୟୁରୋ)**




କେରଳର ପ୍ରସିଦ୍ଧ ସାବରିମାଳା ମନ୍ଦିରକୁ ବୁଲିଯିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଏକ ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି। ବିଶାଖାପାଟଣା-କୋଲମ-ବିଶାଖାପାଟଣା(୦୮୫୧୫-୦୮୫୧୬) ସ୍ପେଶାଲ ଏକ୍ସପ୍ରେସ୍‌ଟି ୧୭ ନଭେମ୍ବରରୁ ବିଶାଖାପାଟଣାରୁ ବାହାରି କୋଲମ ଜଙ୍କ୍‌ଶନ ପର୍ଯ୍ୟନ୍ତ ଚଳାଚଳ କରିବ। ଏହା ଆସନ୍ତା ବର୍ଷ ୨୧ ଜାନୁଆରୀ ପର୍ଯ୍ୟନ୍ତ ସେବା ଯୋଗାଇବ। ବିଶାଖାପାଟଣାରୁ ପ୍ରତି ରବିବାର ରାତି ୧୧ଟା ୫୦ରୁ ଛାଡିବ ଓ ମଙ୍ଗଳବାର ସକାଳ ୬ଟା ୫୫ରେ କୋଲମ ଜଙ୍କ୍‌ଶନରେ ପହଞ୍ଚିବ। ସେହିପରି କୋଲମ ଜଙ୍କ୍‌ଶନରୁ ପ୍ରତି ମଙ୍ଗଳବାର ପୂର୍ବାହ୍ନ ୧୦ରେ ଛାଡ଼ିବ ଓ ଗୁରୁବାର ସଂଧ୍ୟା ୬ଟାରେ ବିଶାଖାପାଟଣାରେ ପହଞ୍ଚିବ।




# ଶ୍ମଶାନରେ ସମୂହ ଦୀପାବଳି ପାଳିଲେ ଗ୍ରାମବାସୀ

**ବେଗୁନିଆ,୨୮।୧୦(ଡି.ଏନ୍.ଏ.)**



ଡିଙ୍ଗର ଗ୍ରାମ ଶ୍ମଶାନରେ ଦୀପଜାଳି ଦୀପାବଳି ପାଳନ କରୁଛନ୍ତି ଲୋକେ।

ଆଲୋକର ପର୍ବ ଦୀପାବଳିକୁ ବେଗୁନିଆ ବ୍ଲକ ଅନ୍ତର୍ଗତ ଡିଙ୍ଗର ଗ୍ରାମବାସୀ ନିଆରା ଢଙ୍ଗରେ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଶ୍ମଶାନ ପରିସରରେ ଗ୍ରାମବାସୀ ସାମୂହିକଭାବେ ବଡ଼ବଡୁଆଙ୍କୁ ଦୀପଦାନ କରିବା ସହ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ସୂଚନାଥାଉ କି, ଗ୍ରାମର ବିଶ୍ୱନାଥ ମାର୍ଥା ନାମକ ଜଣେ ବ୍ୟକ୍ତି ପ୍ରାୟ ୨ ବର୍ଷ ହେବ ଘର ଛାଡି ଶ୍ମଶାନରେ ରହୁଛନ୍ତି। ଶ୍ମଶାନରେ ପୁଷ୍ପ, ଫଳ ଓ ଔଷଧୀୟ ଗଛ ସୃଷ୍ଟି କରିବାରେ ସେ ସଫଳତା ହାସଲ କରିଛନ୍ତି। ତାଙ୍କ ଆତ୍ମବିଶ୍ୱାସ ହିଁ ତାଙ୍କୁ ସଫଳତାର ପାହାଚ ପହଞ୍ଚାଇଛି। ମନୁଷ୍ୟ ମନରେ ବାନ୍ଧିଥିବା ଛୁଆଁ, ଭୟ ଭାବନାକୁ କିଭଳି ଦୂରେଇ ହେବ ସେ ପ୍ରୟାସ କରିଛନ୍ତି। ଶ୍ମଶାନ ପରିସରରେ ଦୀପାବଳି ପାଳିବା ପାଇଁ ସେ ଗ୍ରାମର ବୁଦ୍ଧିଜୀବୀଙ୍କ ସହଯୋଗ ଲୋଡିଥିଲେ। ରବିବାର ଅପରାହ୍ନ ପ୍ରାୟ ୪ଟା ରୁ ଶ୍ମଶାନ ପରିସର ଲୋକାରଣ୍ୟ ହୋଇଯାଇଥିଲା। ଏହି ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀ, ବକ୍ତାଭାବେ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ଅତିଥିଭାବେ ସରପଞ୍ଚ ଶିବପ୍ରସାଦ ଦାସ, ଖବରଦାତା ଦୁର୍ଗାପ୍ରସାଦ ଦାସ, ଯୋଗେଶ୍ୱର ପଣ୍ଡା,ସଞ୍ଜୀବ ସେଠୀ, ଦେବେନ୍ଦ୍ର ବିଶୋୟୀ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଷ୍ଠାତା ବିଶ୍ୱନାଥ ଓ ଉପଦେଷ୍ଟା ବିଦ୍ୟାଧର ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାମୁହିକ ଭାବେ ବଡ଼ବଡୁଆଙ୍କୁ ଦୀପଦାନ କରାଯାଇଥିଲା। ଗ୍ରାମର ବୁଦ୍ଧିଜୀବୀ ଅଭିନ୍ନ ବିଶ୍ୱାଳ, ଦୀନବନ୍ଧୁ ନାଗ, କାର୍ତ୍ତିକେଶ୍ୱର ସାହୁ, ମାନସ ଦାସ, ମଙ୍ଗୁଳି ମାର୍ଥା, ଡ. ସୋମନାଥ ବିଶୋୟୀ, ଲକ୍ଷ୍ମୀଧର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସୋମନାଥ ସାହୁ ଧନ୍ୟବାଦ ଦେଇଥିଲେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୯ ଅକ୍ଟୋବର, ୨୦୧୯



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୀୟ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି। -**ବ୍ୟାସଦେବ**



## ସଂକ୍ଷେପରେ

### ରାସ୍ତା ଅବରୋଧ ପ୍ରତିବାଦରେ ତହସିଲ ଘେରାଉ

**ନରସିଂହପୁର,୨୮।୧୦(ଡି.ଏନ.ଏ.):** ରାସ୍ତା ଅବରୋଧ ପ୍ରତିବାଦରେ ସୋମବାର ନରସିଂହପୁର ବ୍ଲକ ଅଧୀନ ଧନୀପୁର ଗ୍ରାମର କେତେଜଣ ଗ୍ରାମବାସୀ ତହସିଲ କାର୍ଯ୍ୟାଳୟ ଘେରାଉ କରିଥିଲେ। ଗ୍ରାମର ଭାଗୀରଥି ମଲ୍ଲିକ, ବାଇଧର ମଲ୍ଲିକ ଓ ଗୋବିନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ଏହି ଘେରାଉରେ ସାମିଲ ହୋଇଥିଲେ। ଏନେଇ ଧନୀପୁର ଗ୍ରାମର ବାଇଧର ମଲ୍ଲିକ କୁହନ୍ତି, ଆମ ଗ୍ରାମରୁ ନରସିଂହପୁର ଟାଉନକୁ ଆସିବା ପାଇଁ ଜୟମଙ୍ଗଳ ଗ୍ରାମ ଦେଇ ଆସିବାକୁ ପଡ଼େ। ଫଳରେ ଗ୍ରାମର ଶହଶହ ୨ ଚକିଆ, ଚାରି ଚକିଆ ଯାନ ଓ ବ୍ୟବସାୟୀ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି। ମାତ୍ର ଜୟମଙ୍ଗଳ ଗ୍ରାମବାସୀ ରାସ୍ତା ମଝିରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଛନ୍ତି। ଯଦ୍ୱାରା ଆମ ଗ୍ରାମ ସହିତ ସ୍ଥାନୀୟ ଗ୍ରାମବାସୀ ରାସ୍ତା ଦେଇ ଯାତାୟାତ କରି ପାରୁନାହାନ୍ତି। ସରକାରୀ ରାସ୍ତାକୁ ସେମାନେ ବେଆଇନଭାବେ ଅବରୋଧ କରିଥିବାରୁ ଆମେ ନ୍ୟାୟ ପାଇଁ ତହସିଲ ଘେରାଉ କରିଛୁ। ଘେରାଉର କିଛି ସମୟ ପରେ ତହସିଲଦାର ପହଞ୍ଚି ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରେ ଗ୍ରାମବାସୀ ଫେରି ଆସିଥିଲେ। ଏ ସମ୍ପର୍କରେ ତହସିଲଦାର ରାଜକିଶୋର ଜେନା କହିଛନ୍ତି, ସର୍ବସାଧାରଣ ରାସ୍ତା ଅବରୋଧ କରିବାର କ୍ଷମତା ତାଙ୍କର ନାହିଁ। ଏହାର ସମାଧାନ ପାଇଁ ମୁଁ ନରସିଂହପୁର ଥାନା ଅଧିକାରୀଙ୍କ ସହ କଥା ହୋଇଛି। ରାସ୍ତା ଅବରୋଧକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ବାଙ୍କୀରେ ଦୀପାବଳି

**ବାଙ୍କୀ,୨୮।୧୦(ସ୍ୱ.ପ୍ର.):** ଦୀପାବଳି ଅମାବାସ୍ୟା ଓ କାଳୀପୂଜା ବାଙ୍କୀ ଉପଖଣ୍ଡରେ ଶାନ୍ତି ଶୃଙ୍ଖଳାରେ ପାଳିତ ହୋଇଛି। ବାଙ୍କୀରେ ମା'କାଳୀଙ୍କ ମୃଣ୍ମୟୀ ମୂର୍ତ୍ତି କୌଣସି ମଣ୍ଡପରେ ଶୋଭାପାଇନି। ମାତ୍ର ମା'ଚର୍ଚ୍ଚିକା ଏହି ଦିନରେ ମା'କାଳୀ ରୂପରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ପରମ୍ପରା ବହୁ ଆବାହନ କାଳରୁ ପାଳିତ ହୋଇ ଆସୁଛି। ଦୀପାବଳି ଲାଗି ବାଙ୍କୀ ପୋଲିସ ପକ୍ଷରୁ ପେଟ୍ରୋଲିଂ କଡ଼ାକଡ଼ି କରାଯାଇଥିଲା। ବିନା ଲାଇସେନ୍ସରେ ଖୋଲିଥିବା ବାଣ ଦୋକାନକୁ ବନ୍ଦ କରାଯାଇଥିଲା। କୌଣସି ସ୍ଥାନରେ ଯେପରି ଅସୁବିଧା ନ ହେବ ସେଥିପ୍ରତି ଉପଖଣ୍ଡ ପୋଲିସ ଅଧିକାରୀ ପ୍ରସନ୍ନ ବିଶ୍ୱାଳଙ୍କ ନେତୃତ୍ୱରେ ବାଙ୍କୀ ଥାନା ଅଧିକାରୀ ସମୀର ପଣ୍ଡା ତଦାରଖ କରିଥିଲେ। ମହିଳା ଥାନା ଅଧିକାରୀ ସ୍ନିଗ୍ଧମୟୀ ବରାଳ, ଦୀପିକା ମଲ୍ଲିକ, ଶତ୍ରୁଘ୍ନ ଦଳେଇ ବିଭିନ୍ନ ଅଞ୍ଚଳ ବୁଲି ତନଖି କରିଥିଲେ। ଯୁବବର୍ଗ ପରିବାର ସହ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ।

### ଯୁବକଙ୍କ ମୃତଦେହ ଉଦ୍ଧାର

**ଫୁଲନଖରା, ୨୮।୧୦(ଡି.ଏନ୍.ଏ.):** କଟକ ସଦର ଥାନା ଅଧୀନ କାଜିପାଟଣା ଗ୍ରାମର ଏକ ପାଣିଖାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ପୋଲିସ ଉଦ୍ଧାର କରିଛି। ସେ ହେଲେ କାଜିପାଟଣା ଗ୍ରାମର ଅନିଲ ପାଳ। ଶନିବାର ରାତି ୧୧ଟାରେ ଅନିଲ ଚଣ୍ଡୀଖୋଲରୁ ଫେରି ଘରକୁ ଚାଲି ଚାଲି ଯାଉଥିଲେ। ହେଲେ ବାଟରେ ଜଣେ ବ୍ୟକ୍ତିଙ୍କ ବାଡିରେ ଥିବା ପାଣି ଖାଲରେ ମୁହଁ ମାଡି ପଡି ଯାଇଥିଲେ। ରବିବାର ସକାଳେ ଜଣେ ମହିଳା ଫୁଲ ତୋଳିବାକୁ ଆସିଥିବାବେଳେ ମୃତଦେହ ପଡିଥିବା ଦେଖି ପାଟି କରିଥିଲେ। ଫଳରେ ମୃତକଙ୍କ ପରିବାର ଓ ସାହି ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଆକ୍ରମଣ, ଯୁବକ ଗିରଫ

**ଫୁଲନଖରା, ୨୮।୧୦(ଡି.ଏନ୍.ଏ.):** ଆକ୍ରମଣ ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଥାନା ଅଧୀନ ନୂଆଗଡ ଗ୍ରାମର ଅଭୟ ଭଞ୍ଜ। ପୋଲିସ ସୂତ୍ରରୁ ପ୍ରକାଶ, ଉକ୍ତ ଗ୍ରାମର ଦୀପକ ପ୍ରଧାନଙ୍କ ସାନଭାଇ ତାଙ୍କ ସାଙ୍ଗମାନଙ୍କ ସହିତ କ୍ୟାରମ ଖେଳୁଥିଲେ। ସେହି ସମୟରେ ଦୀପକଙ୍କ ଗାଡିକୁ ଅଭୟ ଏକ ଲୁହା ଜିନିଷ ସାହାଯ୍ୟରେ ଗାରେଇ ଦେଇଥିଲେ। ଏହାକୁ ନେଇ ଦୀପକଙ୍କ ସାନଭାଇ ଓ ଅଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଦୀପକ ଏ ସମ୍ପର୍କରେ ଅଭୟଙ୍କୁ ପଚାରିଥିଲେ। ହେଲେ ଏଥିରେ ଅଭୟ ଉତ୍‌କ୍ଷିପ୍ତ ହୋଇ ଦୀପକଙ୍କୁ ଛୁରିରେ ଆକ୍ରମଣ କରିଥିଲେ।

## ନରସିଂହପୁର କଲେଜରେ ଛାତ୍ର ଅଣଛାତ୍ର ଗୋଷ୍ଠୀ ମୁହାଁମୁହିଁ

# ପୋଲିସ ଲାଠି ଚାର୍ଜ ପ୍ରତିବାଦରେ ରାସ୍ତାରୋକୋ

**ନରସିଂହପୁର,୨୮।୧୦(ଡି.ଏନ.ଏ.)**



ଉତ୍ତ୍ୟକ୍ତ କଲେଜ ଛାତ୍ର କଟକ-ନରସିଂହପୁର ରାସ୍ତା ଅବରୋଧ କରିଛନ୍ତି।




ପୋଲିସ ଗାଡି କାଚ ଭାଙ୍ଗି ଯାଇଛି।

- କଲେଜ ପାଲଟିଲା ରଣକ୍ଷେତ୍ର
- ପୋଲିସ ଗାଡ଼ି ଭାଙ୍ଗିଲେ ଉତ୍ତ୍ୟକ୍ତ ଛାତ୍ର
- ଥାନାରେ ପୃଥକ୍ ଅଭିଯୋଗ

ନରସିଂହପୁର କଲେଜରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଛାତ୍ର-ଅଣଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଫଳରେ କଲେଜ ପରିସର ରଣକ୍ଷେତ୍ରରେ ପରିଣତ ହୋଇଛି। ଉତ୍ତେଜିତ ଅଣଛାତ୍ର ଗୋଷ୍ଠୀ ଛାତ୍ର ଗୋଷ୍ଠୀର ୨ ବାଇକ୍‌କୁ ବାଡ଼େଇ ଭାଙ୍ଗି ଦେଇଛନ୍ତି। ଏହି ସଂଘର୍ଷ ତୀବ୍ର ହେବାରୁ କଲେଜ ଅଧକ୍ଷ ଅଶୋକ କୁମାର ମହାନ୍ତି ନରସିଂହପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଲାଠି ଚାର୍ଜ କରିଥିଲା। ପୋଲିସ ଲାଠିମାଡ଼ରେ ଉଭୟ ଗୋଷ୍ଠୀର ପିଲା ଆହତ ହୋଇଥିଲେ। ଫଳରେ ସେମାନେ ରାଗିଯାଇ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏହାପରେ କେତେଜଣ ଉତ୍ତ୍ୟକ୍ତ ଛାତ୍ର କଟକ-ନରସିଂହପୁର ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ରାସ୍ତା ଅବରୋଧ ହଟାଇଥିଲା। ଏହି ଘଟଣାରେ ପୋଲିସ ଜଣେ ଛାତ୍ରଙ୍କୁ ଅଟକ ରଖି ପଚରା ଉଚୁରା ଚଳାଇଛି। ଘଟଣା ସମ୍ପର୍କରେ ଥାନାରେ ୨ଟି ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସେଠାରେ ଦିନସାରା ଉତ୍ତେଜନା ଲାଗିରହିଛି। ଗଣ୍ଡଗୋଳ ସମ୍ପର୍କରେ ଜଣେ ଯୁକ୍ତ ୨ ଛାତ୍ର କହିଛନ୍ତି, ଶନିବାର ଯୁକ୍ତ ୨ର ଛାତ୍ରମାନେ ବାରଣ୍ଡାରେ ବସିବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଉଭୟ ଗୋଷ୍ଠୀର ଧସ୍ତାଧସ୍ତି ହେବାରୁ ପୋଲିସ ପହଞ୍ଚି ଗଣ୍ଡଗୋଳକୁ ରୋକିଥିଲା। ତେଣୁ ଏହି ଘଟଣାକୁ ନେଇ ଗଣ୍ଡଗୋଳ ଘଟିଛି।

ସୂଚନାଯୋଗ୍ୟ, ଦୀର୍ଘଦିନ ହେବ କଲେଜରେ ୨ ଗୋଷ୍ଠୀ ମଧ୍ୟରେ ଛକା ପଞ୍ଝା ଲାଗିରହିଛି। ଏହି ୨ ଗୋଷ୍ଠୀକୁ କେତେଜଣ ଅଣଛାତ୍ର ସହଯୋଗ ଦେଉଛନ୍ତି। ୨ ମାସ ମଧ୍ୟରେ ଏହି କଲେଜରେ ୩ଥର ଗଣ୍ଡଗୋଳ ହୋଇ ସାରିଲାଣି। କଲେଜ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ କରୁ ନ ଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା କହିଛନ୍ତି, ଗୋଷ୍ଠୀ ସଂଘର୍ଷ ଘଟିଥିବାରୁ କଲେଜ ବନ୍ଦ ରଖିବାକୁ ଅଧକ୍ଷଙ୍କୁ କୁହାଯାଇଛି। ଘଟଣାର ସମାଧାନ ନ ହେବା ପର୍ଯ୍ୟନ୍ତ କଲେଜ ବନ୍ଦ ରହିବ। ଯେଉଁମାନେ ଏହି ଘଟଣା ଘଟାଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ କଲେଜ ଅଧକ୍ଷ ମହାନ୍ତି କହିଛନ୍ତି, ଆମେ ଖୁବ୍‌ଶୀଘ୍ର ଏହି ବିବାଦର ସମାଧାନ କରିବୁ। ସମସ୍ତ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯିବ।

# ଧବଳେଶ୍ୱର ପୀଠରେ ମାତିଲେ ମହିଳା ଲୁଟେରା

**ଖୁଣ୍ଟୁଣୀ,୨୮।୧୦(ଡି.ଏନ.ଏ.)**

**୫ ସୁନାଚେନ ଲୁଟ୍, ଜଣେ ଅଟକ**

କାର୍ତ୍ତିକ ମାସର ତୃତୀୟ ପାଳିର ସୋମବାରରେ ଧବଳେଶ୍ୱରଙ୍କ ପୀଠରେ ପୂର୍ବ ଅପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ପ୍ରାୟ ୧୮ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆସିଥିବା ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। କିନ୍ତୁ ଏହି ଭିଡ଼ ମଧ୍ୟରେ କେତେକ ମହିଳା ଲୁଟ୍ କରିବାକୁ ପଛାଇ ନାହାନ୍ତି। ଭିଡ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ୪ଜଣ ମହିଳାଙ୍କ ଠାରୁ ସୁନାଚେନ ଲୁଟ ହୋଇଯାଇଛି। ପୋଲିସ ସିସିଟିଭି ଯାଞ୍ଚ କରିବା ପରେ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି। ସୂଚନା ମୁତାବକ, ଠାକୁରଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରରୁ ଭକ୍ତ ଆସି ରାତି ୪ଟାରୁ ଅପେକ୍ଷା କରିଥାନ୍ତି। କିନ୍ତୁ ସାଢ଼େ ୮ଟାରୁ ୧୦ଟା ମଧ୍ୟରେ ଭିଡ ଏତେମାତ୍ରାରେ ବଢ଼ିଯାଇଥିଲା ଯେ ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କେତନ ବିସି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ୧ ପ୍ଲାଟୁନ ଫୋର୍ସ ଏହାକୁ ନିୟନ୍ତ୍ରଣ କରିବାକୁ ନାକେଦମ ହୋଇଥିଲେ। ଏହି ଭିଡ଼ବେଳେ ଭୋଗ ମଣ୍ଡପ ପାଖରୁ କେନ୍ଦ୍ରାପଡ଼ା ଜିଲା ନିକିରେଇ ଗ୍ରାମର ମଧୁସ୍ମିତା ସାହୁ, ବଡମୁଣ୍ଡୁଳି ଗ୍ରାମର ନଳିନୀ ପ୍ରଭ ଦାସ, ବଡ଼ଚଣାର ଚପଳା ବିଶ୍ୱାଳ ଓ ଛତିଆର ସୁଜାତା ମଲ୍ଲିକଙ୍କଠାରୁ ୪ଟି ସୁନାହାର ଓ ଚେନ ଲୁଟି ନେଇଯାଇଥିଲେ। ପରେ ସେମାନେ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେଶ ନଂ. ୧୦୫/୧୯ରେ ରୁଜୁ କରି ସିସିଟିଭି ଯାଞ୍ଚ କରିଥିଲେ। ଏଥିରେ ଜଣେ ମହିଳାଙ୍କ ଲୁଟ କରୁଥିବା ଜାଣି ଅଟକ ରଖିଥବା ବେଳେ ତାଙ୍କଠାରୁ ନଗଦ ଟଙ୍କା ଜବତ କରିଛି। ତାଙ୍କ ସହ ଆଉ ୪ଜଣ ମହିଳା ଥିବା ଥାନାଧିକାରୀ କହିଛନ୍ତି।

## ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୁକ୍ତଙ୍କୁ ଗିରଫ କରୁନି ପୋଲିସ

# ତଦନ୍ତକାରୀ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

**ମାହାଙ୍ଗ,୨୮।୧୦(ସ୍ୱ.ପ୍ର.)**

ମାହାଙ୍ଗା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଗତ ଶନିବାର ଦୁର୍ବ୍ୟବହାର ସହ ଅସଦାଚରଣ କରାଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ନ ଥିବାବେଳେ ସୋମବାର ଏସଆଇ ଅନିଲ ନାୟକ ଓ ଏଏସଆଇ ଜାକିର ହୁସେନ ଘଟଣାର ତଦନ୍ତ କରିବାକୁ ମହିଳାଙ୍କ ଗ୍ରାମକୁ ଯାଇଥିଲେ। ଏହି ସମୟରେ ଗ୍ରାମବାସୀ ରାଗିଯାଇ ତଦନ୍ତ କାରି ୨ ଅଧିକାରୀଙ୍କୁ ଅଟକ ରଖିବା ସହ କାହିଁକି ଅଭିଯୁକ୍ତଙ୍କୁ ଗିରଫ କରାଯାଉନି ବୋଲି କହି ହୋହଲ୍ଲା କରିଥିଲେ। ପରେ ପୋଲିସ ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଶୁଝା କରି ଫେରି ଆସିଥିଲେ। ସୂଚନାଯୋଗ୍ୟ, ସକାଳେ ମହିଳାଜଣକ ଫୁଲ ତୋଳିବାକୁ ଯାଇଥିବାବେଳେ ଗ୍ରାମର ବିକ୍ରମ ରାଉତରାୟ ତାଙ୍କୁ ଅସଦାଚରଣ କରିଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ-୨୨୧/୧୯ରୁଜୁ କରିଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରିନାହିଁ। ଫଳରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ପ୍ରତିପକ୍ଷଙ୍କ ତରଫରୁ ମଧ୍ୟ ଏକ ପାଲଟା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମାମଲା ନଂ ୨୨୨/୧୯ରୁଜୁ କରି ତଦନ୍ତ ଚଳାଇଛି।

### ମାହାଙ୍ଗାରେ ଶ୍ୟାମାକାଳୀ ପୂଜା

**ମାହାଙ୍ଗା,୨୮।୧୦(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ମା'ଶ୍ୟାମାକାଳୀଙ୍କ ପୂଜା ପାଳିତ ହେଉଛି। ଅଞ୍ଚଳର ମୁରଲୀ ଛକ, ରଘୁନାଥ ନଗର, ଶିପୁରା, ମାହାଙ୍ଗା ପଦନଦାସପୁର, ବରଅଠା, ନୁର୍ତ୍ତାଙ୍ଗ ଚଣ୍ଡିହାଟ, କୁଆଁପାଳ କାଳୀମଠ ସମେତ ବିଭିନ୍ନ ସ୍ଥାନରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛି। ଏହି ପୂଜା ମଣ୍ଡପ ଗୁଡିକ ବିଭିନ୍ନ ରଙ୍ଗବେରଙ୍ଗ ଆଲୋକରେ ସଜ୍ଜିତ ହୋଇଛି। ବିଭିନ୍ନ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଶେଷ କରି ବାସୁଦେବପୁର ପଞ୍ଚାୟତ ବରଅଠା(ଅଲିନଗର)ପୂଜା ମଣ୍ଡପରେ ମା'ଙ୍କ ପୂଜା ଧୁମଧାମରେ ପାଳିତ ହେଉଛି। ଏଠାରେ ୭ ଦିନ ଧରି ପୂଜା ଅନୁଷ୍ଠିତ ହେବ।

### ଶିଶୁଯତ୍ନ କେନ୍ଦ୍ରରେ ଦୀପାବଳି ପାଳିତ

**ବାଙ୍କୀ,୨୮।୧୦(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଗୋପାଳପୁର ପଞ୍ଚାୟତରେ ଥିବା ଶିଶୁ ଯତ୍ନ କେନ୍ଦ୍ର ଲୋକନାୟକ କ୍ଲବ ପ୍ରାଙ୍ଗଣରେ ଦୀପାବଳି ପାଳିତ ହୋଇଛି। ଅନାଥ ଓ ଅସହାୟ ପିଲାଙ୍କ ମନରେ ଆନନ୍ଦ ଭରିଦେବା ପାଇଁ ଏହି ଦିବସ ପାଳନ କରାଯାଏ ବୋଲି କେନ୍ଦ୍ର ପରିଚାଳକ ଶ୍ରୀରାମ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଗାୟତ୍ରୀ ମହାପାତ୍ର, ସୌମ୍ୟରଞ୍ଜନ ପଟ୍ଟନାୟକ, ସୁରେଶ ଦାଶ, ତୁଷାର ପିରୋଇ, ସୁଶାନ୍ତ ମଲ୍ଲିକ ପ୍ରମୁଖ ପିଲାଙ୍କ ସହ ମିଶି ଶହୀଦଙ୍କ ଆତ୍ମାର ସଦ୍‌ଗତି ପାଇଁ ଦୀପଦାନ କରିବା ସହ ହର୍ବାଲ ବାଣ ଫୁଟାଇଥିଲେ।

# ସମ୍ମାନଜନକ ମାତୃତ୍ୱ ସେବା ପ୍ରଶିକ୍ଷଣ ଶିବିର

**ବାଙ୍କୀ,୨୮।୧୦(ସ୍ୱ.ପ୍ର.)**




ପ୍ରଶିକ୍ଷଣ ଶିବିରରେ ଅତିଥି ଓ ଅନ୍ୟମାନେ।

ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ 'ସମ୍ମାନଜନକ ମାତୃତ୍ୱ ସେବା' ପ୍ରଶିକ୍ଷଣ ଶିବିର ସୋମବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଧୂଳେଶ୍ୱର ପ୍ରଧାନ ଉଦ୍‌ଘାଟନ କରି ସେବିକା ଓ ଡାକ୍ତର ପ୍ରସୂତି ଯନ୍ତ୍ରଣାରେ ଆସୁଥିବା ମହିଳାଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ କହିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଆଠଗଡ଼ ଚିକିତ୍ସାଳୟର ପ୍ରସୂତି ବିଭାଗର ଡା. ଦିଲୀପ ରଞ୍ଜନ ପାତ୍ର, କଟକ ଏସ୍‌ସିବି ମେଡିକାଲର ପୂର୍ବତନ ପ୍ରସୂତି ବିଭାଗ ମୁଖ୍ୟ ଡା. ଶ୍ୟାମା କାନୁନ୍‌ଗୋ, ରାଜ୍ୟ ପ୍ରସୂତି ବିଭାଗର ସଂଯୋଜକ ଡା. ମୃତ୍ୟୁଞ୍ଜୟ ମିଶ୍ର, ରାଜ୍ୟ ସେଲ୍ ଫର୍ କ୍ୟାଟ୍ ଲାଇ ଜିଙ୍ଗ୍ ଚେକର ମୁଖ୍ୟ ଡା. ଅଶୋକ ନାୟକ ଯୋଗଦେଇ ସେବିକା ଓ ଡାକ୍ତରମାନେ ଉତ୍ତମ ସେବା ଯୋଗାଇଦେବାକୁ ପରାମର୍ଶ ଦେଇଥିଲେ। ଡା.ବନବାସୀ ବେହେରା, ଡା. ବିଶ୍ୱମୋହନ ରାଉତରାୟ, ସେବିକା ସନ୍ଧ୍ୟାରାଣୀ ଦାସ, ରଶ୍ମିରେଖା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୁନିୟର ହସ୍ପିଟାଲ ମ୍ୟାନେଜର ଶଶିକାନ୍ତ ମିଶ୍ର ପରିଚାଳନା କରିଥିଲେ।

## ତିଗିରିଆରେ ଜିଲାପାଳଙ୍କ ଜନଶୁଣାଣି ଶିବିର

# ୩୬୯ ଅଭିଯୋଗ, ୧୦୬ର ତତ୍କାଳ ସମାଧାନ



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

**ତିଗିରିଆ,୨୮।୧୦(ଡି.ଏନ.ଏ.)**

ତିଗିରିଆ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲାପାଳ ଭବାନୀଶଙ୍କର ଚଇନୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ୩୬୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୪ଟି ସାମୂହିକ ଅଭିଯୋଗ ରହିଥିବାବେଳେ ଅବଶିଷ୍ଟ ବ୍ୟକ୍ତିଗତ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଗୋଟିଏ ଅଭିଯୋଗ ଗ୍ରହଣ କରାଯାଇଛି। ଅନ୍ୟ ଅଭିଯୋଗଗୁଡ଼ିକ ମଧ୍ୟରୁ ଜିଲାପାଳ ୧୦୬ଟି ଅଭିଯୋଗର ତତ୍କାଳ ବିଚାର କରି ସମାଧାନ କରିଛନ୍ତି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅବଦାଲ ଏମ. ଅକ୍‌ତର, ଏଡିଏମ (ଜେନେରାଲ) ବିଜୟ ଖଣ୍ଡାୟତରାୟ, ଉପଜିଲାପାଳ ଅମୀୟ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସତ୍ୟବ୍ରତ ଛୋଟରାୟ, ଉପଖଣ୍ଡ ଚିକିତ୍ସାଧିକାରୀ ବିଜୟ କୁମାର ମିଶ୍ର, ତିଗିରିଆ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ପରେଶ କୁମାର ନାୟକ, ବ୍ଲକ ଅଧକ୍ଷା ରୂପା ଦଳେଇଙ୍କ ସହିତ ବ୍ଲକ, ତହସିଲ କର୍ମଚାରୀ ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୁର୍ନୀତି ନିବାରଣ ସପ୍ତାହରେ ଶପଥ ପାଠ



ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

**ବାଙ୍କୀ,୨୮।୧୦(ସ୍ୱ.ପ୍ର.)**

ଅକ୍ଟୋବର ୨୮ଠାରୁ ନଭେମ୍ବର ୨ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଶପଥ ପାଠ ଉତ୍ସବ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ତହସିଲ୍ ଓ ବାଙ୍କୀ ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗଦେଇ ରାଜ୍ୟ ସରାକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତେ ନିଜ ନିଜ କାର୍ଯ୍ୟରେ ସାଧୁତା, ସ୍ୱଚ୍ଛତା ଏବଂ ଦୁର୍ନୀତି ମୁକ୍ତ ରହି କାର୍ଯ୍ୟ କରିବା ପାଇଁ ଶପଥ ପାଠ କରିଥିଲେ। ଏହାପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଏହି ସପ୍ତାହ ମଧ୍ୟରେ ଉପଖଣ୍ଡର ସମସ୍ତ ସରକାରୀ ପଦାଧିକାରୀ ନିଜ କାର୍ଯ୍ୟାଳୟରେ ଶପଥ ପାଠ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶପଥପାଠ ଉତ୍ସବରେ ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ, ଅତିରିକ୍ତ ତହସିଲଦାର କିଶୋର ଚନ୍ଦ୍ର ଦାଶ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି, ସହକାରୀ ଜିଲାପାଳ ନାରାୟଣ ସାହୁ, ଦେବେନ୍ଦ୍ର କୁମାର ଖଟୁଆ ଓ ବାଙ୍କୀ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିନୟ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା

# ଜିଆର୍‌ଏସ୍‌ଙ୍କ ବିରୋଧରେ ବିଡିଓଙ୍କୁ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୨୮।୧୦(ସ୍ୱ.ପ୍ର.)**



ୱାର୍ଡମେମ୍ବର ଓ ଅନ୍ୟମାନେ ଭାରପ୍ରାପ୍ତ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

**୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ବ୍ଲକ ଘେରାଉ ଚେତାବନୀ**

ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଗରିବ ଲୋକଙ୍କୁ ପକ୍କାଘର ଯୋଗାଇ ଦେବାକୁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏହିକ୍ରମରେ ହିତାଧିକାରୀଙ୍କ କଚ୍ଚାଘରକୁ ଜିଓ ଟ୍ୟାଗିଂ କରିବା ପାଇଁ ଜିଆରଏସମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ସ୍ୱଚ୍ଛଭାରତ ଅଭିଯାନରେ ପାଇଖାନା ଦିଆଯାଇଥିବା ହିତାଧିକାରୀଙ୍କ ଜିଓ ଟ୍ୟାଗିଂ ପାଇଁ ମଧ୍ୟ ଜିଆରଏସଙ୍କୁ କୁହାଯାଇଛି। ହେଲେ ଜିଆରଏସମାନେ ଏହି କ୍ଷମତାର ଦୁରୂପଯୋଗ କରୁଛନ୍ତି। ଫଳରେ ବହୁ ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବାଦ ପଡିଥିବା ବେଳେ ବହୁ ଧନୀଲୋକ(କୋଠାଘର ଥିବା)ଯୋଜନାରେ ସାମିଲ ହୋଇଛନ୍ତି। ଏଭଳି ଅଭିଯୋଗ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ବଡ଼କ୍ଷୀର ପଞ୍ଚାୟତରୁ ଆସିଛି। ପଞ୍ଚାୟତ ୱାର୍ଡ ସଭ୍ୟମାନେ ସିଧାସଳଖ ଏହି ଦୁର୍ନୀତି ପାଇଁ ଜିଆରଏସଙ୍କୁ ଦାୟୀ କରି ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି, ପଞ୍ଚାୟତର ଜିଆରଏସ୍ ରାଜେଶ ସାହୁ ଆବାସ ଯୋଜନା ହିତାଧିକାରୀ ଚୟନରେ ପାତର ଅନ୍ତର ନୀତି ଅବଲମ୍ବନ କରିଛନ୍ତି। ଆବାସ ଯୋଜନାରେ ଜିଓ ଟ୍ୟାଗିଂ ପାଇଁ ମୋଟା ଅଙ୍କରେ ଲାଞ୍ଚ ନେଇ ଅଯୋଗ୍ୟ ହିତାଧିକାରୀଙ୍କୁ ଯୋଗ୍ୟ ତାଲିକାରେ ସ୍ଥାନ ଦେଇଛନ୍ତି। ସେହିପରି ଏନଆରଜିଏସ୍ ଯୋଜନାରେ କୌଣସି କାର୍ଯ୍ୟ ଅଦ୍ୟାବଧି ହୋଇ ନ ଥିଲେ ବି ସେ ମିଥ୍ୟା ବିଲ୍ କରିଛନ୍ତି। ଏସମ୍ପର୍କରେ ଲୋକ ପ୍ରତିନିଧି ପ୍ରତିବାଦ କରିବାରୁ ସେ ତାଙ୍କୁ ଦୁର୍ବ୍ୟବହାର କରୁଛନ୍ତ ବୋଲି ଏପରି ବହୁ ସମସ୍ୟା ଓ ଅଭିଯୋଗକୁ ନେଇ ପଞ୍ଚାୟତର ନାଏବ ସରପଞ୍ଚ ବୁଲୁ ଦାସ, ୱାର୍ଡ ସଭ୍ୟ ସସ୍ମିତା ସାହୁ, ଉମା ସାହୁ, ବେନୁ ମଲ୍ଲିକ, ଅନସୂୟା ବିଶୋଇ, ବୀର କିଶୋର ନନ୍ଦ, ଶଙ୍କର୍ଷଣ ସ୍ୱାଇଁ, ଗୀତାଞ୍ଜଳି ସାମଲଙ୍କ ସମେତ ୱାର୍ଡ ସଭ୍ୟମାନେ ସୋମବାର ନିଶ୍ଚିନ୍ତକୋଇଲି ବିଡିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ୭ ଦିନ ମଧ୍ୟରେ ଜିଆରଏସ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ୱାର୍ଡ ସଭ୍ୟ ଓ ଗ୍ରାମବାସୀ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିଡିଓଙ୍କ ଅନୁପସ୍ଥିତିରେ ଭାରପ୍ରାପ୍ତ ବିଡିଓ ସୁଶାନ୍ତ ରଣା ଅଭିଯୋଗକୁ ଗ୍ରହଣ କରି ଏପିଓ ଓ ଜିପିଓଙ୍କୁ ଅଭିଯୋଗର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଆରଏସ ସାହୁ କହିଛନ୍ତି, ହିତାଧିକାରୀ ଚୟନ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା କରାଯାଇ ଏକ ତାଲିକା ପ୍ରଦାନ କରାଯାଇଥିଲା। ତାଲିକା ଅନୁଯାଇ ଆମେ ଫଟୋ ଉଠାଇବା କାର୍ଯ୍ୟ କରିଛୁ। ୱାର୍ଡ ସଭ୍ୟ ଅଯୋଗ୍ୟ ହିତାଧିକାରୀଙ୍କ ଫଟୋ ଉଠାଇବାକୁ ମୋତେ ବାଧ କରିଥିଲେ। ଏପରିକି ସେମାନଙ୍କ ଗୋଟେ କୋଟା ଅଛି ବୋଲି କହିଥିଲେ। ମୁଁ ସରକାରୀ ନିୟମ ଅନୁସାରେ କାର୍ଯ୍ୟ କରୁଥିବାରୁ ଏପରି ଅଭିଯୋଗ କରିଛନ୍ତି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବନା ସ୍ୱୀୟ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି। -ବ୍ୟାସଦେବ



## ସଂକ୍ଷେପରେ

### ଯୁବକଙ୍କ ମୃତଦେହ ଉଦ୍ଧାର

**ଫୁଲନଖରା, ୨୮।୧୦(ଡି.ଏନ୍.ଏ.):** କଟକ ସଦର ଥାନା ଅଧୀନ କାଜିପାଟଣା ଗ୍ରାମର ଏକ ପାଣିଖାଲରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ରବିବାର ପୋଲିସ ଉଦ୍ଧାର କରିଛି। ସେ ହେଲେ କାଜିପାଟଣା ଗ୍ରାମର ଅନିଲ ପାଲ। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର ରାତି ୧୧ଟାରେ ଅନିଲ ଚଣ୍ଡୀଖୋଲରୁ ଫେରି ନିଜ ଘରକୁ ଚାଲି ଚାଲି ଯାଉଥିଲେ। ହେଲେ ବାଟରେ ଜଣେ ବ୍ୟକ୍ତିଙ୍କ ବାଡିରେ ଥିବା ପାଣି ଖାଲରେ ମୁହଁ ମାଡି ପଡି ଯାଇଥିଲେ। ରବିବାର ସକାଳେ ଜଣେ ମହିଳା ଫୁଲ ତୋଳିବାକୁ ଆସିଥିବାବେଳେ ମୃତଦେହ ପାଣିରେ ପଡିଥିବା ଦେଖି ପାଟି କରିଥିଲେ। ଫଳରେ ମୃତକଙ୍କ ପରିବାର ଓ ସାହି ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଅଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଆଇଆଇସି ସୁଧାଂଶୁ ଭୂଷଣ ଜେନା କହିଛନ୍ତି।

### ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

**ଫୁଲନଖରା, ୨୮।୧୦(ଡି.ଏନ୍.ଏ.):** ଆକ୍ରମଣ ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ନୂଆଗଡ ଗ୍ରାମର ଅଭୟ ଭଞ୍ଜ। ପୋଲିସ ସୂତ୍ରରୁ ପ୍ରକାଶ, ଉକ୍ତ ଗ୍ରାମର ଦୀପକ ପ୍ରଧାନଙ୍କ ସାନଭାଇ ତାଙ୍କ ସାଙ୍ଗମାନଙ୍କ ସହିତ କ୍ୟାରମ ଖେଳୁଥିଲେ। ସେହି ସମୟରେ ଦୀପକଙ୍କ ଗାଡିକୁ ଅଭୟ ଏକ ଲୁହା ଜିନିଷ ସାହାଯ୍ୟରେ ଗାରେଇ ଦେଇଥିଲେ। ଏହାକୁ ନେଇ ଦୀପକଙ୍କ ସାନଭାଇ ଓ ଅଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଦୀପକ ଏ ସମ୍ପର୍କରେ ଅଭୟଙ୍କୁ ପଚାରିଥିଲେ। ହେଲେ ଏଥିରେ ଅଭୟ ଉତ୍କ୍ଷିପ୍ତ ହୋଇ ଦୀପକଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ଦୀପକଙ୍କ ଶରୀରର ୪/୫ଟି ସ୍ଥାନରେ କ୍ଷତି ସୃଷ୍ଟି ହୋଇଛି। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୪୮୨/୧୯) ରୁଜୁ କରିଛି।

### ରାମଲୀଳା ପ୍ରଚାର ସମିତି ପକ୍ଷରୁ ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ

**କଟକ ଅଫିସ,୨୮।୧୦:** ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅନୁଷ୍ଠାନ ରାମଲୀଳା ପ୍ରଚାର ସମିତି ପକ୍ଷରୁ ସୋମବାର ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କରାଯାଇଛି। ଏଥିରେ ବିଧାୟକ ଇଂ. ମହମ୍ମଦ ମୋକିମ ଓ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ମଣ୍ଡପ ପରିକ୍ରମା ପାଇଁ ଯାଉଥିବା ପଟୁଆରକୁ ମାରୁତି ମଣ୍ଡପଠାରେ ଉଦ୍‌ଘାଟନ କରିଥିଲେ। ସହରର ସମସ୍ତ ପୂଜାମଣ୍ଡପରେ ମା' ଶ୍ୟାମାକାଳୀଙ୍କୁ ପୂଜାର୍ଚ୍ଚନା କରାଯାଇଥିବାବେଳେ ପ୍ରତ୍ୟେକ ମଣ୍ଡପର ସଭାପତି ଓ ସମ୍ପାଦକଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତି ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକ, ସମ୍ପାଦକ ରବୀନ୍ଦ୍ର ସେଠୀ, ଅଶୋକ ଦାଶ, ଗଜେନ୍ଦ୍ର କୁମାର ପାଣି, ମାଧବ ମିଶ୍ର, ପୁଷ୍ପକାନ୍ତି ମହାନ୍ତିଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ। କୈଳାସ ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

### ଚୌଦ୍ୱାରରେ ଗିରି ଗୋବର୍ଦ୍ଧନ ପୂଜା

**ଚୌଦ୍ୱାର,୨୮।୧୦(ଡି.ଏନ୍.ଏ.):** ଚୌଦ୍ୱାରସ୍ଥିତ ଓଟିଏମ୍ ବଜାର ନିକଟସ୍ଥ ବ୍ୟାଘ୍ର ବାହିନୀ ମନ୍ଦିର ସନ୍ନିକଟ ମଠସାହିରେ ଶ୍ରୀ ଶ୍ରୀ ଗିରି ଗୋବର୍ଦ୍ଧନ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି। ସ୍ଥାନୀୟ ବୁଣାକାର ପରିବାର ପରିବାରବର୍ଗଙ୍କ ଉଦ୍ୟମରେ ପରିଚାଳିତ ଏହି ଉତ୍ସବରେ ସୋମବାର ପ୍ରଭାତରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜନ, ଘଟ ସ୍ଥାପନ ଆଦି ସହିତ ଗିରି ଗୋବର୍ଦ୍ଧନଙ୍କ ବିଭିନ୍ନ ଉପଚାର ପୂଜା ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ୩ଦିନ ପର୍ଯ୍ୟନ୍ତ ହେବ ବୋଲି ମନୋରଞ୍ଜନ ମହାନ୍ତି, ବିଶ୍ୱନାଥ ମହାନ୍ତି, ନରେନ୍ଦ୍ର ମହାନ୍ତି, ସୁରେନ୍ଦ୍ର ମହାନ୍ତି, ପ୍ରତାପ ବେହେରା, ନିହାର ରଞ୍ଜନ ମହାନ୍ତି, ସୁମନ ମହାନ୍ତି ପ୍ରମୁଖ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

### ନରସିଂହପୁର କଲେଜରେ ଛାତ୍ର ଅଣଛାତ୍ର ଗୋଷ୍ଠୀ ମୁହାଁମୁହିଁ

# ପୋଲିସ ଲାଠି ଚାର୍ଜ ପ୍ରତିବାଦରେ ରାସ୍ତାରୋକୋ

**ନରସିଂହପୁର,୨୮।୧୦(ଡି.ଏନ.ଏ.)**



ଉତ୍ତ୍ୟକ୍ତ କଲେଜ ଛାତ୍ର କଟକ-ନରସିଂହପୁର ରାସ୍ତା ଅବରୋଧ କରିଛନ୍ତି।




ପୋଲିସ ଗାଡ଼ି କାଚ ଭାଙ୍ଗି ଯାଇଛି।

ନରସିଂହପୁର କଲେଜରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ଛାତ୍ର-ଅଣଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଫଳରେ କଲେଜ ପରିସର ରଣକ୍ଷେତ୍ରରେ ପରିଣତ ହୋଇଛି। ଉତ୍ତେଜିତ ଅଣଛାତ୍ର ଗୋଷ୍ଠୀ ଛାତ୍ର ଗୋଷ୍ଠୀର ୨ ବାଇକ୍‌କୁ ବାଡ଼େଇ ଭାଙ୍ଗି ଦେଇଛନ୍ତି। ଏହି ସଂଘର୍ଷ ତୀବ୍ର ହେବାରୁ କଲେଜ ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି ନରସିଂହପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେବାରୁ ଲାଠି ଚାର୍ଜ କରିଥିଲା। ପୋଲିସ ଲାଠିମାଡ଼ରେ ଉଭୟ ଗୋଷ୍ଠୀର ପିଲା ଆହତ ହୋଇଥିଲେ। ଫଳରେ ସେମାନେ ରାଗିଯାଇ ପୋଲିସ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏହାପରେ କେତେଜଣ ଉତ୍ତ୍ୟକ୍ତ ଛାତ୍ର କଟକ-ନରସିଂହପୁର ରାସ୍ତା ଅବରୋଧ କରିଥିଲେ। ପୋଲିସ ପହଞ୍ଚି ରାସ୍ତା ଅବରୋଧ ହଟାଇଥିଲା। ଏହି ଘଟଣାରେ ପୋଲିସ ଜଣେ ଛାତ୍ରଙ୍କୁ ଅଟକ ରଖି ପଚରା ଉତୁରା ଚଳାଇଛି। ଘଟଣା ସମ୍ପର୍କରେ ଥାନାରେ ୨ଟି ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ସେଠାରେ ଦିନସାରା ଉତ୍ତେଜନା ଲାଗିରହିଛି। ଗଣ୍ଡଗୋଳ ସମ୍ପର୍କରେ ଜଣେ ଯୁକ୍ତ ୨ ଛାତ୍ର କହିଛନ୍ତି, ଶନିବାର ଯୁକ୍ତ ୨ର ଛାତ୍ରମାନେ ବାରଣ୍ଡାରେ ବସିବାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଉଭୟ ଗୋଷ୍ଠୀର ଧସ୍ତାଧସ୍ତି ହେବାରୁ ପୋଲିସ ପହଞ୍ଚି ଗଣ୍ଡଗୋଳକୁ ରୋକିଥିଲା। ତେଣୁ ଏହି ଘଟଣାକୁ ନେଇ ଗଣ୍ଡଗୋଳ ଘଟିଛି।

ସୂଚନାଯୋଗ୍ୟ, ଦୀର୍ଘଦିନ ହେବ କଲେଜରେ ୨ ଗୋଷ୍ଠୀ ମଧ୍ୟରେ ଛକା ପଞ୍ଝା ଲାଗିରହିଛି। ଏହି ୨ ଗୋଷ୍ଠୀକୁ କେତେଜଣ ଅଣଛାତ୍ର ସହଯୋଗ ଦେଉଛନ୍ତି। ୨ ମାସ ମଧ୍ୟରେ ଏହି କଲେଜରେ ୩ଥର ଗଣ୍ଡଗୋଳ ହୋଇ ସାରିଲାଣି। କଲେଜ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ କରୁ ନ ଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା କହିଛନ୍ତି, ଗୋଷ୍ଠୀ ସଂଘର୍ଷ ଘଟିଥିବାରୁ କଲେଜ ବନ୍ଦ ରଖିବାକୁ ଅଧ୍ୟକ୍ଷଙ୍କୁ କୁହାଯାଇଛି। ଘଟଣାର ସମାଧାନ ନ ହେବା ପର୍ଯ୍ୟନ୍ତ କଲେଜ ବନ୍ଦ ରହିବ। ଯେଉଁମାନେ ଏହି ଘଟଣା ଘଟାଇଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ମହାନ୍ତି କହିଛନ୍ତି, ଆମେ ଖୁବ୍‌ଶୀଘ୍ର ଏହି ବିବାଦର ସମାଧାନ କରିବୁ। ସମସ୍ତ ଅଭିଭାବକ ଓ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ଏହାର ସମାଧାନ କରାଯିବ।

- କଲେଜ ପାଲଟିଲା ରଣକ୍ଷେତ୍ର
- ପୋଲିସ ଗାଡ଼ି ଭାଙ୍ଗିଲେ ଉତ୍ତ୍ୟକ୍ତ ଛାତ୍ର
- ଥାନାରେ ପୃଥକ୍ ଅଭିଯୋଗ

## ଧବଳେଶ୍ୱର ପୀଠରେ ମାତିଲେ ମହିଳା ଲୁଟେରା

**ଖୁଣ୍ଟୁଣୀ,୨୮।୧୦(ଡି.ଏନ.ଏ.)**

**୪ ସୁନାଚେନ ଲୁଟ୍, ଜଣେ ଅଟକ**

କାର୍ତ୍ତିକ ମାସର ତୃତୀୟ ପାଳିର ସୋମବାରରେ ଧବଳେଶ୍ୱରଙ୍କ ପୀଠରେ ପୂର୍ବ ଅପେକ୍ଷା ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ପରିଲକ୍ଷିତ ହୋଇଛି। ପ୍ରାୟ ୧୮ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆସିଥିବା ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। କିନ୍ତୁ ଏହି ଭିଡ଼ ମଧ୍ୟରେ କେତେକ ମହିଳା ଲୁଟ୍ କରିବାକୁ ପଛାଇ ନାହାନ୍ତି। ଭିଡ ସ୍ଥାନରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ୪ଜଣ ମହିଳାଙ୍କ ଠାରୁ ସୁନାଚେନ ଲୁଟ ହୋଇଯାଇଛି। ପୋଲିସ ସିସିଟିଭି ଯାଞ୍ଚ କରିବା ପରେ ଜଣେ ମହିଳାଙ୍କୁ ଅଟକ ରଖି ପଚରାଉତୁରା ଚଳାଇଛି। ସୂଚନା ମୁତାବକ, ଠାକୁରଙ୍କ ଦର୍ଶନ ପାଇଁ ଦୂରଦୂରାନ୍ତରରୁ ଭକ୍ତ ଆସି ରାତି ୪ଟାରୁ ଅପେକ୍ଷା କରିଥାନ୍ତି। କିନ୍ତୁ ସାଢ଼େ ୮ଟାରୁ ୧୦ଟା ମଧ୍ୟରେ ଭିଡ ଏତେମାତ୍ରାରେ ବଢ଼ିଯାଇଥିଲା ଯେ ଗୁରୁଡିଝାଟିଆ ଥାନା ଅଧିକାରୀ ବିଜୟ କେତନ ବିସି, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ୧ ପ୍ଲାଟୁନ ଫୋର୍ସ ଏହାକୁ ନିୟନ୍ତ୍ରଣ କରିବାକୁ ନାକେଦମ ହୋଇଥିଲେ। ଏହି ଭିଡ଼ବେଳେ ଭୋଗ ମଣ୍ଡପ ପାଖରୁ କେନ୍ଦ୍ରାପଡ଼ା ଜିଲା ନିକିରେଇ ଗ୍ରାମର ମଧୁସ୍ମିତା ସାହୁ, ବଡମୁଣ୍ଡୁଳି ଗ୍ରାମର ନଳିନୀ ପ୍ରଭ ଦାସ, ବଡ଼ଚଣାର ଚପଳା ବିଶ୍ୱାଳ ଓ ଛତିଆର ସୁଜାତା ମଲ୍ଲିକଙ୍କଠାରୁ ୪ଟି ସୁନାହାର ଓ ଚେନ ଲୁଟି ନେଇଯାଇଥିଲେ। ପରେ ସେମାନେ ସ୍ଥାନୀୟ ଥାନାରେ ଅଭିଯୋଗ କରିବା ପରେ ପୋଲିସ କେଶ ନଂ. ୧୦୫/୧୯ରେ ରୁଜୁ କରି ସିସିଟିଭି ଯାଞ୍ଚ କରିଥିଲେ। ଏଥିରେ ଜଣେ ମହିଳାଙ୍କ ଲୁଟ କରୁଥିବା ଜାଣି ଅଟକ ରଖିଥବା ବେଳେ ତାଙ୍କଠାରୁ ନଗଦ ଟଙ୍କା ଜବତ କରିଛି। ତାଙ୍କ ସହ ଆଉ ୪ଜଣ ମହିଳା ଥିବା ଥାନାଧିକାରୀ କହିଛନ୍ତି।




ଶିଶୁ କିଶୋର ସାହିତ୍ୟ ପତ୍ରିକା ସଂସାରର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

## ଶିଶୁ ସାହିତ୍ୟ ହିଁ ଶ୍ରେଷ୍ଠ ସାହିତ୍ୟ

**କଟକ ଅଫିସ, ୨୮।୧୦**

ଶିଶୁ କିଶୋର ସାହିତ୍ୟ ପତ୍ରିକା ସଂସାରର ବାର୍ଷିକ ଉତ୍ସବ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦେଇ କହିଥିଲେ, ଶିଶୁ ସାହିତ୍ୟ ହିଁ ଶ୍ରେଷ୍ଠ ସାହିତ୍ୟ। ଏଥିରେ ଭରି ରହିଛି ମୂଲ୍ୟବୋଧ। ଏହା ବର୍ତ୍ତମାନ ଅବହେଳିତ ଅବସ୍ଥାରେ ରହିଛି। ଏଥିରେ ମୁଖ୍ୟବକ୍ତା ଭାବେ ଡ. ମଣେନ୍ଦ୍ର ମହାନ୍ତି ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଡ. ମହେଶ୍ୱର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ନୃସିଂହ ଚରଣ ମହାନ୍ତିଙ୍କ ଆସ ସଙ୍ଗାତେ ପକାଅ ସପ ବସି ଶୁଣିବା ଅଜାଙ୍କ ଗପ ଓ ପୁଷ୍ପେସୁ ମଲ୍ଲୀ ନଗରେ ସୁ ଦିଲ୍ଲୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହ ସଂସାର ସମ୍ମାନରେ ଡ. ନିତ୍ୟାନନ୍ଦ ସ୍ୱାଇଁ ଓ ଲେଖକ ସମ୍ମାନରେ ରତ୍ନାକର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସରୋଜିନି ମିଶ୍ର ଧନ୍ୟବାଦ ଦେଇଥିଲେ।

## ସିଏମ୍‌ସିର ପ୍ରସ୍ତୁତି ବୈଠକ: ବାଲିଯାତ୍ରା ପଡ଼ିଆ ୨ବେଳା ସଫେଇ ହେବ

**କଟକ ଅଫିସ, ୨୮।୧୦**

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ଥାନୀୟ ବିଜୁ ଭବନଠାରେ ବାଲିଯାତ୍ରା ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରୀୟ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଏବଂ ସିଏମ୍‌ସି କମିଶନର ଅନନ୍ୟା ଦାସ ଯୋଗଦେଇଥିଲେ। ବାଲିଯାତ୍ରା ପଡିଆ ଏବଂ ଏହାର ଆଖପାଖ ରାସ୍ତା ସଫେଇ କରାଯିବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଚଳିତବର୍ଷ ବାଲିଯାତ୍ରା ସମୟରେ ସକାଳ ୬ରୁ ୨ଟା ଏବଂ ୨ଟାରୁ ୧୦ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ସଫେଇ କରାଯିବ। ବାଲିଯାତ୍ରା ସୁରୁଖୁରୁରେ ସମାପନ ପାଇଁ ପ୍ରସ୍ତୁତ ଥିବା ସମସ୍ତ ଅଧିକାରୀ କହିଛନ୍ତି। ସୋମବାରଠାରୁ ଅସ୍ଥାୟୀ ରୋଡ ଓ ଆଲୋକ ବ୍ୟବସ୍ଥା କାର୍ଯ୍ୟ ଆରମ୍ଭ ହୋଇଛି। ବାଲିଯାତ୍ରା ପଡ଼ିଆକୁ ସଫା ରଖିବା ନିମନ୍ତେ ଟେଣ୍ଡର ପ୍ରକ୍ରିୟାରେ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯିବ। ବାଲିଯାତ୍ରା ସମୟରେ କେଉଁ ଅଫିସର କେଉଁ ଦାୟିତ୍ୱରେ ରହିବେ ସେ ନେଇ ଏକ ଚିଠା ପ୍ରସ୍ତୁତ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥର ବାଲିଯାତ୍ରା ପଡ଼ିଆରେ ୭ଟି ମିନି କମ୍ପୋଷ୍ଟ ପ୍ଲାଣ୍ଟ ଜରିଆରେ ସାନିଟେଶନ କରାଯିବା ନେଇ ସିଏମ୍‌ସି ପ୍ରସ୍ତୁତି ଚଳାଇଥିବା କମିଶନର କହିଛନ୍ତି। ବାଲିଯାତ୍ରାର ପ୍ରଥମ ଦିନରୁ ସମସ୍ତ ବ୍ୟବସାୟୀଙ୍କୁ ପଲିଥିନ ବ୍ୟବହାର ନ କରିବା ପାଇଁ କୁହାଯିବ। ଏଥିସହ ପାଣି ଓ ଟଏଲେଟ୍ ବ୍ୟବସ୍ଥା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଖାଦ୍ୟର ମାନ ଯାଞ୍ଚ ଅଧିକାରୀ ନିଯୁକ୍ତ କରାଯାଇ ବିଭିନ୍ନ ସମୟରେ ପ୍ରତ୍ୟେକ ଷ୍ଟଲ ବୁଲି ଖାଦ୍ୟ ମାନ ଯାଞ୍ଚ କରିବା ଦିଗରେ ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ସିଏମସିର ବହୁ ଉଚ୍ଚପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ଦୁର୍ନୀତି ନିବାରଣ ସଚେତନତା ଶପଥପାଠ

**କଟକ ଅଫିସ, ୨୮।୧୦**

କଟକ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ଶ୍ରୀକାନ୍ତ ତରାଇ ଅଧ୍ୟକ୍ଷତା କରିବା ସହ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ନିଜ କାର୍ଯ୍ୟରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ସହ ଦୁର୍ନୀତିମୁକ୍ତ ରହି କାର୍ଯ୍ୟ କରିବା ପାଇଁ ଶପଥପାଠ କରାଇଥିଲେ। ଜନସାଧାରଣଙ୍କୁ ବିଭିନ୍ନ ସେବା ଯୋଗାଇଦେବା ସହିତ ଅନୁଷ୍ଠାନର ସୁନାମ ବଜାୟ ରଖିବାକୁ ସେ ପରାମର୍ଶ ଦେଇଥିଲେ।

ସେହିପରି ରାଜସ୍ୱ ପର୍ଷଦ ମୁଖ୍ୟ ଶାଖାଠାରେ ଦୁର୍ନୀତି ନିବାରଣ ସଚେତନତା ଶପଥପାଠ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅର୍ଥ ପରାମର୍ଶଦାତା ସୁବ୍ରତ ଶତପଥୀ ଯୋଗଦେଇ କହିଥିଲେ, ଭାରତ ପରି ଏକ ପ୍ରଗତିଶୀଳ ରାଷ୍ଟ୍ରର ବିକାଶ ପାଇଁ ସେବା ଯୋଗାଉଥିବା ବ୍ୟକ୍ତି, ସରକାରୀ ପଦାଧିକାରୀ, ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅନୁଷ୍ଠାନ ସ୍ୱଚ୍ଛତା ରକ୍ଷା କରିବା ଓ ଦୁର୍ନୀତିମୁକ୍ତ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ରାଜସ୍ୱ ପର୍ଷଦର ଉପଶାସନ ସଚିବ ଅଶୋକ କୁମାର ପୁରୋହିତ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସଚିବ ବିନୋଦିନୀ ପଣ୍ଡା, ଉପଶାସନ ସଚିବ ଦେବାଶିଷ ପଟ୍ଟନାୟକଙ୍କ ସହ ରାଜସ୍ୱ ପର୍ଷଦର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ମହିଳା ସାମାଜିକ କର୍ମୀଙ୍କ ନାମରେ ଠକେଇ ଅଭିଯୋଗ

**ଚୌଦ୍ୱାର,୨୮।୧୦(ଡି.ଏନ୍.ଏ.)**

ପାରିବାରିକ କଳହକୁ ସମାଧାନ କରାଇ ଦେବାକୁ କହି ଜଣେ ମହିଳା ସମାଜିକ କର୍ମୀ ଅନ୍ୟ ଜଣେ ମହିଳାଙ୍କଠାରୁ ୧୫ହଜାର ଟଙ୍କା ଠକି ନେଇଥିବା ଚୌଦ୍ୱାର ଥାନାରେ ସୋମବାର ଅଭିଯୋଗ ହୋଇଛି। ଅଭିଯୋଗକ୍ରମେ ପୋଲିସ ନଂ.୪୧୮/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ମହିଳାଙ୍କ ଅଭିଯୋଗ ଅନୁଯାୟୀ, ସ୍ତ୍ରୀ ସ୍ୱାମୀ ଓ ତାଙ୍କର ମାନସିକ ବିକାରଗ୍ରସ୍ତ ପୁଅର ଚିକିତ୍ସା ପାଇଁ ଏକ ଭଡାଘରେ ରହୁଥିଲେ। ପରେ ତାଙ୍କ ସ୍ୱାମୀ ଅନ୍ୟ ଜଣେ ମହିଳାଙ୍କ ସହ ଅନୈତିକ ସମ୍ପର୍କ ରଖିଥିବା ଓ ନିଜ ସ୍ତ୍ରୀ ପିଲାଙ୍କୁ ଅଣଦେଖା କରୁଥିବା ଜାଣିବାପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଏହାକୁ ନେଇ ସମ୍ପୃକ୍ତ ମହିଳା କିଛିଦିନ ହେବ ଅଲଗା ହୋଇ ଅନ୍ୟ ଏକ ଭଡ଼ାଘରେ ରହୁଥିଲେ। ହେଲେ ପୁଅର ଚିକିତ୍ସା ଲାଗି ସ୍ୱାମୀଙ୍କଠାରୁ ଅର୍ଥ ଯୋଗାଡ଼ କରିବା ପାଇଁ ସେ ଚୌଦ୍ୱାର ଅଞ୍ଚଳର ସାମାଜିକ କର୍ମୀ ସସ୍ମିତା ଦାସଙ୍କ ଆଶ୍ରୟ ନେଇଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଥିବା ଝଗଡ଼ାକୁ ସମାଧାନ କରିବା ସହ ସ୍ୱାମୀଠାରୁ ପୁଅର ଚିକିତ୍ସା ପାଇଁ ଅର୍ଥ ଆଦାୟ କରାଯିବ ବୋଲି ସସ୍ମିତା ପ୍ରତିଶ୍ରୁତି ଦେବାସହ କିଛି ଅର୍ଥ ଲାଗିବ ବୋଲି ମହିଳାଙ୍କୁ କହିଥିଲେ। ଉକ୍ତ ମହିଳା ନିରୁପାୟ ହୋଇ ନିଜ କାନଫୁଲକୁ ବିକି ସସ୍ମିତାଙ୍କୁ ଟଙ୍କା ଦେଇଥିଲେ। ମାତ୍ର ସସ୍ମିତା ଘଟଣାର ସମାଧାନ କରିବା ପରିବର୍ତ୍ତେ ନେଇଥିବା ଟଙ୍କା ମଧ୍ୟ ଫେରାଉ ନ ଥିଲେ। ଟଙ୍କା ମାଗିଲେ ସେ ତାଙ୍କୁ ଗାଳିଗୁଲଜ କରିବା ସହ ନାନା ଧମକ ଦେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ସସ୍ମିତା ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ସେ କାହାଠାରୁ ଟଙ୍କା ନେଇ ନ ଥିବା କହିଛନ୍ତି।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ: ଯୁବକ ଗିରଫ

**ଟାଙ୍ଗୀ(କଟକ), ୨୮।୧୦(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ବାରମ୍ବାର ପ୍ରେମ ନିବେଦନ କରି ସଫଳ ନ ହେବାରୁ ବଳାତ୍କାର ଉଦ୍ୟମ ଓ ହତ୍ୟା ଧମକ ଦେବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛନ୍ତି। ଯୁବକଙ୍କୁ ଟାଙ୍ଗୀ ପୋଲିସ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି । ସେହେଲେ ଉକ୍ତ ଥାନା ଅନ୍ତର୍ଗତ ଏକ ଗ୍ରାମର ବିଶ୍ୱଜିତ ମହାନ୍ତି। ବିଶ୍ୱଜିତ୍ ରହୁଥିବା ଗ୍ରାମରେ ଉକ୍ତ ମହିଳାଙ୍କ ପରିବାର ଭଡ଼ାରେ ରୁହନ୍ତି। ଗତ କିଛି ମାସହେଲା ବିଶ୍ୱଜିତ ଉକ୍ତ ମହିଳା ସ୍ୱାମୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ତାଙ୍କୁ ପ୍ରେମ ନିବେଦନ କରିବା ସହ ଶାରୀରିକ ସମ୍ପର୍କ ରଖିବାକୁ ବାଧ୍ୟ କରୁଥିଲେ। ତେବେ ରବିବାର ଭୋର ସମୟରେ ମହିଳାଙ୍କୁ ଭଡ଼ାଘର ମଧ୍ୟରେ ଏକୁଟିଆ ପାଇ ବିଶ୍ୱଜିତ ତାଙ୍କୁ ଟଣା ଓଟରା କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଥିଲେ। ଏତଲା ପାଇବା ପରେ ଥାନାଧିକାରୀ ପଦାରବିନ୍ଦ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ସତ୍ୟନାରାୟଣ ସେନାପତି ଘଟଣାର ତଦନ୍ତ କରି ୨୨୦/୧୯ରେ ମାମଲା ରୁଜୁ କରିଥିଲେ।

## ବାଣ ଦୁର୍ଘଟଣା: ୪୨ ଆହତ

**କଟକ ଅଫିସ, ୨୮।୧୦**

ଦୀପାବଳିରେ ବାଣ ଫୁଟାଇ ୪୨ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ରୋଗୀଙ୍କ ଘର କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଅଞ୍ଚଳରେ। ବାଣ ଦୁର୍ଘଟଣାକୁ ଆଖି ଆଗରେ ରଖି ଏସ୍‌ସିବି ମେଡିକାଲ ପକ୍ଷରୁ କାଜୁଆଲ୍‌ଟିରେ ଏକ ସ୍ୱତନ୍ତ୍ର ୱାର୍ଡ ଖୋଲାଯାଇଥିଲା। ଏହି ସ୍ୱତନ୍ତ୍ର ୱାର୍ଡକୁ ୪୨ ଜଣ ରୋଗୀ ଆସିଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

## ଦୁର୍ଘଟଣାରେ ୭ ଗୁରୁତର

**ଟାଙ୍ଗୀ(କଟକ), ୨୮।୧୦(ଡି.ଏନ୍.ଏ.)**

ଟାଙ୍ଗୀ ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ଷ୍ଟେଟବ୍ୟାଙ୍କ ଗଡା ନିକଟରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ରବିବାର ଅପରାହ୍ନରେ ୭ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ପଠାଯାଇଥିଲା। ସୂଚନା ଅନୁଯାୟୀ, 'ଜେନା' ନାମକ ଏକ ଯାତ୍ରୀବାହୀ ବସ୍ ଅପରାହ୍ନରେ କଟକରୁ ଡୁବୁରୀ ଅଭିମୁଖେ ଦ୍ରୁତଗତିରେ ଆସୁଥିଲା। ଟାଙ୍ଗୀ ଷ୍ଟେଟବ୍ୟାଙ୍କ ଗଡା ଅତିକ୍ରମବେଳେ ଟାଙ୍ଗୀ-ହରିପୁର ରାସ୍ତାରେ ଆସୁଥିବା ଏକ ଟ୍ରକ ରାଜପଥ ଅତିକ୍ରମ ଉଦ୍ୟମ କରିଥିଲା। ଫଳରେ ନିଶ୍ଚିତ ଦୁର୍ଘଟଣା ଜାଣି ଚାଳକଜଣକ ବସଟିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବସ୍‌ଟି ଟ୍ରକ ପଛରେ ପିଟି ହୋଇଯାଇଥିଲା। ଖବର ପାଇ ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିଥିବାବେଳେ ଟ୍ରକଟି ଘଟଣାସ୍ଥଳରୁ ଫେରାର ହୋଇଥିଲା।

# ଜନହିତକର ଯୋଜନାରେ ଅଧିକ ଦୁର୍ନୀତି

**କଟକ ଅଫିସ, ୨୮।୧୦**




କଟକ ସାରଳା ଭବନରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜନସାଧାରଣଙ୍କ ସେବାରେ ନିୟୋଜିତ ଅଧିକାରୀ ଦୁର୍ନୀତିଗ୍ରସ୍ତ ହେବା ଦ୍ୱାରା ଲୋକଙ୍କ ସମ୍ପତ୍ତି ଓ ଜାତୀୟ ସମ୍ପତ୍ତି ନଷ୍ଟ ହେଉଛି। ମୁଖ୍ୟତଃ ଦେଶର ଜନସାଧାରଣଙ୍କ ହିତ ପାଇଁ ହେଉଥିବା ଯୋଜନାଗୁଡିକରେ ହିଁ ଅଧିକ ଦୁର୍ନୀତି ହେଉଛି। ଯେଉଁମାନେ ଦୁର୍ନୀତିରେ ଲିପ୍ତ ଅଛନ୍ତି କିମ୍ବା ଦୁର୍ନୀତିକୁ ପ୍ରଶୟ ଦେଉଛନ୍ତି ସେମାନେ କେବେ ହେଲେ ଜଣେ ଭଲ କର୍ମଚାରୀ ହୋଇପାରିବେ ନାହିଁ। ଯେଉଁମାନେ ଜୀବନରେ ସଚ୍ଚୋଟତା ଅବଲମ୍ବନ କରନ୍ତି ସେମାନେ ଆଗକୁ ଯିବା ସହ ସମସ୍ତେ ତାଙ୍କ ଉପରେ ଆସ୍ଥା ପ୍ରକଟ କରିଥାନ୍ତି। ଓଡ଼ିଶା ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏହି କଥା କହିଛନ୍ତି ଲୋକାୟୁକ୍ତ ସଦସ୍ୟ ଜଷ୍ଟିସ ବିଜୟ କୁମାର ନାୟକ। ସୋମବାର ସନ୍ଧ୍ୟାରେ କଟକ ସାରଳା ଭବନରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ଲୋକାୟୁକ୍ତ ସଦସ୍ୟ ରାଜେନ୍ଦ୍ର ପ୍ରସାଦ ଶର୍ମା ଯୋଗଦେଇ କହିଥିଲେ, ପ୍ରତ୍ୟେକ ସରକାରୀ କର୍ମଚାରୀ ନିଜ କର୍ତ୍ତବ୍ୟ ଠିକ୍ ଭାବେ ସମ୍ପାଦନ କଲେ ସମାଜରେ ଦୁର୍ନୀତି ରୁହନ୍ତା ନାହିଁ। ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଲୋକାୟୁକ୍ତର ସଦସ୍ୟ ଦେବବ୍ରତ ସ୍ୱାଇଁ କହିଥିଲେ, ପ୍ରତ୍ୟେକ କାର୍ଯ୍ୟାଳୟରେ ସଚ୍ଚୋଟ ଓ ଦୁର୍ନୀତିଗ୍ରସ୍ତ କର୍ମଚାରୀ ଅଛନ୍ତି। ତେବେ ସମସ୍ତ କର୍ମଚାରୀ ସଚ୍ଚୋଟତାକୁ ଆପଣାଇଲେ ଲୋକାୟୁକ୍ତ ଓ ଭିଜିଲାନ୍ସର ଆବଶ୍ୟକତା ପଡନ୍ତା ନାହିଁ। ଭିଜିଲାନ୍ସ ମହାନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କଟକ ଭିଜିଲାନ୍ସ ଡିଭିଜନ ଏସ୍‌ପି ଶଶିଭୂଷଣ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ଭିଜିଲାନ୍ସ ଡିଆଇଜି ସଞ୍ଜୟ କୌଶଳ ଧନ୍ୟବାଦ ଦେଇଥିଲେ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବନା ସ୍ୱୀୟ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି। -**ବ୍ୟାସଦେବ**



## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

ଖୋର୍ଦ୍ଧା ଅଫିସ, ୨୮।୧୦: ବିଦ୍ୟୁତ୍ ଆଘାତରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଣପୁର ଥାନା ଗମ୍ଭାରୀମୁଣ୍ଡା ନିକଟସ୍ଥ ଘାସେଡିହ ଗ୍ରାମର ମନୋଜ ପ୍ରଧାନ(୧୮)। ସୂଚନା ଅନୁଯାୟୀ ଦୀପାବଳି ଉପଲକ୍ଷେ ମନୋଜ ଘରେ ଲିଚୁ ଲାଇଟ ଲଗାଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ବାଣପୁର ସରକାରୀ ଡାକ୍ତରଖାନା ପରେ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗତ ଦୁଇ ସପ୍ତାହ ମଧ୍ୟରେ ବାଣପୁର ଓ ବାଲୁଗାଁ ଅଞ୍ଚଳରେ ବିଦ୍ୟୁତ୍ ଆଘାତରେ ୭ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି।

### ବାର୍ହା ଆକ୍ରମଣରେ ୨ ଆହତ

ଖୋର୍ଦ୍ଧା ଅଫିସ,୨୮।୧୦: ଖୋର୍ଦ୍ଧା ବ୍ଲକ ମଲ୍ଲିପୁର ପଞ୍ଚାୟତ ନିଆଳି ଗ୍ରାମରେ ରବିବାର ବାର୍ହା ଆକ୍ରମଣରେ ୨ଜଣ ଆହତ ହୋଇଛନ୍ତି। ଆହତଦ୍ୱୟ ଶଳା, ଭିଶୋଇ ହୋଇଥିବା ଜଣାପଡିଛି। ଚିକିତ୍ସା ପାଇଁ ଏମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶଳାଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁଯାୟୀ, ନିଆଳି ଗ୍ରାମର ବିଜୟ ନାୟକ(୩୦) ରବିବାର ପୂର୍ବାହ୍ନରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପୂର୍ବାହ୍ନ ପ୍ରାୟ ୯ଟାରେ ପୋଖରୀରୁ ଗାଧୋଇ ଫେରୁଥିବାବେଳେ ଏକ ବାର୍ହା ତାଙ୍କୁ ଆକ୍ରମଣ କରିଥିଲା। ନିକଟରେ ଥିବା ସେହି ଗାଁର ଭିଶୋଇ ଯୋଗେଶ୍ୱର ପଲେଇ(୫୫) ଶଳାକୁ ଉଦ୍ଧାର କରିବାକୁ ଯାଇ ସେ ମଧ୍ୟ ଆହତ ହୋଇଥିଲେ।

### ବ୍ରହ୍ମାକୁମାରୀ ଆଶ୍ରମରେ ଦୀପାବଳି

ଖୋର୍ଦ୍ଧା ଅଫିସ,୨୮।୧୦: ଖୋର୍ଦ୍ଧା ସହରର ଗୋଡିପୋଖରୀସ୍ଥିତ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପ୍ରାଙ୍ଗଣରେ ଦୀପାବଳି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଅତିଥିଭାବେ ଜୟଦେବ ବିଧାୟକ ଅରବିନ୍ଦ ଢାଲି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସେବାକେନ୍ଦ୍ର ସଞ୍ଚାଳିକା ଅନୁରାଧା ଭଉଣୀଙ୍କର ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଡା. ସ୍ନେହଲତା ମଲ୍ଲିକ, ଉତ୍କଳ କମେଡିର ନଟିଆ ଭୂମିକାରେ କଣ୍ଠଦାନ କରିଥିବା କଣ୍ଠଶିଳ୍ପୀ ସ୍ମୃତିରଞ୍ଜନ ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମକୁମାର ଜୟକୃଷ୍ଣ, ବିଜୟ, ଗୋବର୍ଦ୍ଧନ, ଡା. ଅଶୋକ କୁମାରଙ୍କ ସମେତ ୧୫୦ ବ୍ରହ୍ମାକୁମାରୀ ବ୍ରହ୍ମାକୁମାର ଯୋଗଦେଇଥିଲେ।

### ପାଇକ ଗୁରୁ ଦୀନବନ୍ଧୁଙ୍କ ପରଲୋକ

ଖୋର୍ଦ୍ଧା ଅଫିସ,୨୮।୧୦: ଓଡ଼ିଶାର ବିଶିଷ୍ଟ ପାଇକ ଗୁରୁ ଦୀନବନ୍ଧୁ ବିଶ୍ୱାଳଙ୍କ ସୋମବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୬୫ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଖୋର୍ଦ୍ଧାର ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଖୋର୍ଦ୍ଧା ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ପଦ୍ମ ଚରଣ ରାୟ, ସାମାଜିକକର୍ମୀ ସଞ୍ଜୟ ପଟ୍ଟନାୟକଙ୍କ ସମେତ ବହୁ ଲୋକ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗୁରୁଜଙ୍କ ବାସଭବନରୁ ଦୀନବନ୍ଧୁଙ୍କ ମୃତଦେହକୁ ଜନ୍ମଭୂମି ଉଇଲକିଶନନଗରକୁ ପାଇକ ଆଖଡା ଦଳ, ସଂକୀର୍ତ୍ତନ, ବ୍ୟାଣ୍ଡ ପାର୍ଟି ଶୋଭାଯାତ୍ରାରେ ନିଆଯାଇ ସ୍ଥାନୀୟ ଶ୍ମଶାନରେ ସଂସ୍କାର କରାଯାଇଥିଲା। ଓଡ଼ିଶାରେ ପାଇକ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ପାଇକ ଆଖଡା ପ୍ରଦର୍ଶନ କରିବାରେ ଦୀନବନ୍ଧୁଙ୍କ ପ୍ରମୁଖ ଭୂମିକା ଥିଲା।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମହିଳାଙ୍କ ମୃତ୍ୟୁ

ଟାଙ୍ଗୀ (ଖୋର୍ଦ୍ଧା),୨୮।୧୦(ଡି.ଏନ.ଏ.)- ବିଦ୍ୟୁତ ଆଘାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ରାଉତପଡା ଗ୍ରାମର ଜୟନ୍ତୀ ମଙ୍ଗରାଜ(୪୮)। ସୋମବାର ପ୍ରତ୍ୟୁଷରୁ ସେ ପୂଜା କରିବାକୁ ଫୁଲ ତୋଳିବା ପାଇଁ ଯାଇଥିଲେ । ତାଙ୍କ ପଡୋଶୀ ଦୀପାବଳି ଉପଲକ୍ଷେ ଟଗର ଗଛରେ ଲିଚୁମାଳ ପକାଇ ନିଜ ବାସଭବନକୁ ସାଜସଜ୍ଜା କରିଥିଲେ। ସେହି ଟଗର ଗଛରେ ଜୟନ୍ତୀ ଫୁଲ ତୋଳିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସିଥଲେ। ବିଦ୍ୟୁତ୍ ଆଘାତ ପାଇ ଖୁବ୍ ଜୋରରେ ଚିତ୍କାର କରିବାରୁ ପରିବାର ଲୋକମାନେ ତାଙ୍କୁ ସେଠାରୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

■ସଂପୁର ଧାନ କ୍ରୟ କେନ୍ଦ୍ରରେ ଦୁର୍ନୀତି

# ୮୯ ଚାଷୀ ପାଇନାହାନ୍ତି ବୀମା ଟଙ୍କା

**ଖୋର୍ଦ୍ଧା ଅଫିସ,୨୮।୧୦:**

ଚାଷୀଙ୍କ ଅଭିଯୋଗକୁ ସରକାର ପ୍ରାଧାନ୍ୟ ଦେଉଛନ୍ତି। ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକ ସଂପୁର ପ୍ରାଥମିକ କୃଷି ସମବାୟ ସମିତିର ଧାନକ୍ରୟ ଦୁର୍ନୀତିର ତଦନ୍ତ ବିଳମ୍ବ ହେଉଥିବା ନେଇ ଚାଷୀମାନେ ସୋମବାର ଖୋର୍ଦ୍ଧା ଉପନିବନ୍ଧକ ସମବାୟ ସମିତି ସମୂହ(ଡିଆର୍‌ସିଏସ୍)ଙ୍କୁ ଭେଟି ଅବଗତ କରାଇଛନ୍ତି। ୨୦୧୭-୧୮ ଆର୍ଥିକ ବର୍ଷରୁ ୮୯ ଚାଷୀ ଏଯାବତ ବୀମା ଟଙ୍କା ପାଇଲେ ନାହିଁ ବୋଲି ଅଭିଯୋଗ କରିଛନ୍ତି। ୭ଦିନ ମଧ୍ୟରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନ ହେଲେ ଚାଷୀମାନେ ୫୭ନଂ. ବଲାଙ୍ଗୀର-ଖୋର୍ଦ୍ଧା ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସଂପୁର ପ୍ରାଥମିକ କୃଷି ସମବାୟ ସମିତିର ଧାନକ୍ରୟ କେନ୍ଦ୍ରରେ ମୃତ ବ୍ୟକ୍ତି ଧାନ ବିକ୍ରି କରିଛନ୍ତି। ଚାଷୀଙ୍କ ପାଖରେ ଧାନ ମହଜୁଦ୍ ଥିବାବେଳେ କାଗଜାତରେ କେତେଜଣ ଚାଷୀଙ୍କ ଧାନ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ଧାନ ଦୁର୍ନୀତିକୁ ତଦନ୍ତ କରିବା ବଦଳରେ ଶୀତଳଭଣ୍ଡାରକୁ ଫୋପାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ଦୁର୍ନୀତି ସମ୍ପର୍କରେ ଚାଷୀମାନେ ବାରମ୍ବାର ଆନ୍ଦୋଳନ, ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଚାଷୀମାନେ ଏହାର ତଦନ୍ତ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସମବାୟ ମନ୍ତ୍ରୀ, କୃଷି ମନ୍ତ୍ରୀ, ନିବନ୍ଧକ ସମବାୟ ସମିତି ସମୂହ, ଉପ ନିବନ୍ଧକ ସମବାୟ ସମିତି ସମୂହ, ଜିଲାପାଳ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକଙ୍କୁ ଅବଗତ କରାଇଥିଲେ। ଚାଷୀ ଭଗବାନ ସ୍ୱାଇଁ ଓ ରବୀନ୍ଦ୍ର ସାଥୁଆ କୁହନ୍ତି, ମୃତ ବ୍ୟକ୍ତି ଧାନ ବିକିଲେ। ବଞ୍ଚିଥିବା ଚାଷୀ ଧାନ ବିକ୍ରି କରି ପାରିଲେ ନାହିଁ। ୨୦୧୭-୧୮ରେ ୮୯ଚାଷୀ କୃଷିବୀମା ପାଇବାରୁ ବଞ୍ଚିତ ହୋଇଛନ୍ତି। ୮ସେପ୍ଟେମ୍ବର ୨୦୧୯ରେ ଅନିୟମିତତା ସମ୍ପର୍କରେ ଅଭିଯୋଗ ହୋଇଥିଲା। ୨୦୧୯ ଅକ୍ଟୋବର ୧୮ରେ ୨୦୧୮ ମସିହାର ସାଧାରଣ ସଭାରେ ଦୁର୍ନୀତି ପ୍ରସଙ୍ଗ ଉଠାଯିବାକୁ ପ୍ରସ୍ତୁତି ବେଳେ ସଭା କରାଗଲା ନାହିଁ। ଏ ନେଇ ଧାରଣା ଦିଆଯାଇଥିଲା। ସଂପୁର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଜ୍ଞାନ ରଞ୍ଜନ ବେହେରା କୁହନ୍ତି. ୨୦୧୮ ଧାନ କିଣାରେ ଦୁର୍ନୀତି ହୋଇ ନାହିଁ। ଜଣେ ମୃତ ଚାଷୀଙ୍କ ନାଁ ପଞ୍ଜୀକୃତ କରାଯାଇ ତାଙ୍କ ନାଁରେ ଧାନ କିଣା ହେଲା। କିନ୍ତୁ ଜାଣି ହେଲା ନାହିଁ। ପରେ ଜାଣିଲା ବେଳକୁ ମୃତ ଚାଷୀଙ୍କ ପୁଅ ଏଟିଏମ ଯୋଗେ ଟଙ୍କା ଉଠାଇ ସାରିଥିଲେ। ଅନ୍ୟପକ୍ଷେ ୨୦୧୮ଖରିଫ ଋତୁରେ ୯ ହଜାର ୪୦୦କୁଇଣ୍ଟାଲ ଧାନ ସଂପୁର ସମିତିରୁ କିଣାଯିବା କଥା। କିନ୍ତୁ ୪ ହଜାର ୫୦୦ ଟାର୍ଗେଟ ଆସିଲା। ଟାର୍ଗେଟ ଅନୁସାରେ ଧାନ କିଣାଗଲା। ଚାଷୀଙ୍କ ପାଖରେ ଧାନ ରହିଯିବାରୁ ଚାଷୀ ଧାନ ବିକ୍ରି କରି ପାରିଲେ ନାହିଁ। ଚାଷୀଙ୍କ ନାଁରେ କାଗଜାତରେ ଯେଉଁ ଧାନବିକ୍ରିର ଅଭିଯୋଗ ରହିଛି ସେଥିରେ ସତ୍ୟତା ନାହିଁ ବୋଲି ସଫେଇ ଦେଇଛନ୍ତି। ଏ ପ୍ରସଙ୍ଗର ସମାଧାନ ହୋଇ ସାରିଛି ବୋଲି କହିଥିଲେ।



ଡିଆରସିଏସ୍‌ଙ୍କୁ ଭେଟିବାକୁ ଆସିଥିବା ଚାଷୀମାନେ ।

■ ଡିଆରସିଏସ୍‌ଙ୍କୁ ଭେଟି ତଦନ୍ତ ଦାବି କଲେ ଚାଷୀ
■ ୫୭ନଂ. ଜାତୀୟ ରାଜପଥ ଅବରୋଧ ଚେତାବନୀ

■ବିବାଦୀୟ ଜମିରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଅଭିଯୋଗ

## ପ୍ରଶାସନିକ ଅଧିକାରୀଙ୍କ ତଦନ୍ତ ଆରମ୍ଭ

**ଜଟଣୀ,୨୮।୧୦(ଡି.ଏନ୍.ଏ):**

ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ସ୍ଥିତାବସ୍ଥା ବଜାୟ ରହିଥିବା ସତ୍ତ୍ୱେ ଜଟଣୀସ୍ଥିତ ସେଣ୍ଟଜନ୍ ଚର୍ଚ୍ଚ ପରିସର ପଡ଼ିଆରେ ବେଆଇନ ନିର୍ମାଣ କାର୍ଯ୍ୟ ଚାଲିଥିବା ନେଇ ଦକ୍ଷିଣ ପୂର୍ବ ରେଲୱେ ପକ୍ଷରୁ ଅଭିଯୋଗ ହୋଇଥିଲା। ଫଳରେ ଏହି ବିବାଦୀୟ ଜମିରେ ନିର୍ମାଣ କାର୍ଯ୍ୟ ଚାଲିଛି କି ନାହିଁ ସୋମବାର ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଜଟଣୀ ସୀତାରାମଛକ ନିକଟ ମୁଖ୍ୟରାସ୍ତା ପାର୍ଶ୍ୱରେ ରହିଛି ସେଣ୍ଟଜନ୍ ଚର୍ଚ୍ଚ। ଏଠାରେ ୬ଏକର ୬୨୫ ଡିସିମିଲ୍ ଜମି ରହିଛି । ରେକର୍ଡରେ ରେଲୱେ ନାମରେ ଥିବା ଦର୍ଶାଇ ରେଲୱେ ପକ୍ଷରୁ ନ୍ୟାୟାଳୟରେ ମାମଲା କରାଯାଇଥିଲା। ସୁପ୍ରିମକୋର୍ଟରେ ଏହି ମାମଲା ବିଚାରାଧୀନ ରହିଛି । ଆବେଦନକାରୀ ଦକ୍ଷିଣପୂର୍ବ ରେଲୱେ ବନାମ ସେଣ୍ଟଜନ୍ ଇନ୍ ଦ ୱାଇଲଡରନେସ୍ ଜଟଣୀ, ପ୍ରତିନିଧି ଟ୍ରଷ୍ଟିସ୍ କଲିକତା ଡାଇଓସେସାନ୍ ଟ୍ରଷ୍ଟ ମଧ୍ୟରେ ମାମଲା ଚାଲିଛି। ଏହି ଜମି ଉପରେ ସ୍ଥିତାବସ୍ଥା ଥିବା ବେଳେ ଚର୍ଚ୍ଚର ପ୍ରଶାସନିକ ମୁଖ୍ୟ ତଥା ଡାଇଓସିସ୍ ଅଫ୍ କଟକର ବିଶପ୍ ସୁରେନ୍ଦ୍ର ନନ୍ଦଙ୍କ ଦ୍ୱାରା ନିଯୁକ୍ତ ତଥା କ୍ଷମତାପ୍ରାପ୍ତ ୨ଜଣ ସ୍ଥାନୀୟ ପ୍ରତିନିଧି ବେନିୟମ ଭାବେ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ କରୁଥିବା ରେଲୱେ ପକ୍ଷରୁ ନ୍ୟାୟାଳୟରେ ଅବଗତ କରାଯାଇଥିଲା। ଫଳରେ ସର୍ବୋଚ୍ଚ ନ୍ୟାୟାଳୟ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଖୋର୍ଦ୍ଧା ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଟଣୀ ତହସିଲଦାର, ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଓ ପୋଲିସ ମିଳିତ ଭାବେ ଏହି ବିବାଦୀୟ ଜମିକୁ ଯାଇ ସୋମବାର ଅନୁଧ୍ୟାନ କରିଛନ୍ତି । ଏହା ସହ ମାର୍କେଟ କମ୍ପ୍ଲେକ୍ସ ହେବା ପାଇଁ ବିଭିନ୍ନ ସରକାରୀ ସଂସ୍ଥାରୁ ଏନ୍‌ଓସି ନିଆଯାଇଛି କି ନାହିଁ ମଧ୍ୟ ତଦନ୍ତ କରାଯାଇଥିବା ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ତପନ ମହାପାତ୍ର କହିଛନ୍ତି। ଅନୁଧ୍ୟାନ ପାଇଁ ଯାଇଥିବା ସମସ୍ତ ବିଭାଗର ମିଳିତ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଏଠାରେ ନିର୍ମାଣ କାର୍ଯ୍ୟ ପାଇଁ ମ୍ୟୁନିସିପାଲିଟି ପକ୍ଷରୁ କୌଣସି ଅନୁମତି ନିଆଯାଇ ନ ଥିବା ସେ କହିଛନ୍ତି।

## ଦୋକାନ ଆଗରେ ମାରପିଟ :୨ ଗୁରୁତର

**ଖୋର୍ଦ୍ଧା ଅଫିସ, ୨୮।୧୦:**

ଦୀପାବଳି ରାତିରେ ପାନଦୋକାନରୁ ଜିନିଷ କିଣିବାକୁ ନେଇ ପ୍ରଥମେ ବଚସା ପରେ ମାରପିଟ ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ବାଣପୁର ଥାନା ବିଧାରପୁର ଗ୍ରାମର ମୁନା ପ୍ରଧାନ ଓ ସନ୍ତୋଷ ବିଶ୍ୱାଳ। ଚିକିତ୍ସା ପାଇଁ ଉଭୟଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ବିଧାରପୁର ଗ୍ରାମର ମୁନା ଓ ସନ୍ତୋଷ ରବିବାର ରାତି ପ୍ରାୟ ୯ଟା ରେ ଶ୍ରୀକାନ୍ତ ପରିଡାଙ୍କ ପାନଦୋକାନ ସମ୍ମୁଖରେ ଛିଡା ହୋଇଥିଲେ ।ଏହି ସମୟରେ କେତେଜଣ ଯୁବକ ସେଠାରେ ପହଞ୍ଚି ଜିନିଷ କିଣିବା ପାଇଁ କହିଥିଲେ । ଶ୍ରୀକାନ୍ତ ଦୋକାନ ବନ୍ଦ ହେବାର ସମୟ ହୋଇଯାଇଛି ବୋଲି କହି ଜିନିଷ ଦେବାକୁ ମନା କରିଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ଉକ୍ତ ଯୁବକମାନେ ଦୋକାନରୁ ସିଗାରେଟ ଓ ଅନ୍ୟାନ୍ୟ ଜିନିଷ ନେବାସହ ସିଗାରେଟ ଧୂଆଁ ଦୋକାନୀଙ୍କ ମୁହଁକୁ ଛାଡି ଗାଳିଗୁଲଜ କରିଥିଲେ। ସେଠାରେ ଥିବା ମୁନା ଓ ସନ୍ତୋଷ ପ୍ରତିବାଦ କରିବାରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଘଟଣା ସ୍ଥାନୀୟ ଅଞ୍ଚଳରେ ପ୍ରଘଟ ହେବାରୁ ଉଭୟ ପକ୍ଷର ସମର୍ଥକମାନେ ସେଠାରେ ଏକତ୍ରିତ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଉଭୟଙ୍କ ମଧ୍ୟରେ ମାରପିଟ ହେବାରୁ ମୁନା ଓ ସନ୍ତୋଷଙ୍କ ସମେତ ଅନ୍ୟ ଜଣେ ଯୁବକ ଆହତ ହୋଇଥିଲେ। ଏ ନେଇ ମୁନା ପ୍ରଧାନଙ୍କ ସ୍ତ୍ରୀଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଚଳାଇଛି।

## ଇପିଙ୍ଗରେ ଶ୍ୟାମାକାଳୀ ପୂଜା

**କୃଷ୍ଣପ୍ରସାଦ,୨୮।୧୦(ଡି.ଏନ.ଏ.):**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ସ୍ଥାନରେ ଶ୍ୟାମାକାଳୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି। ପାରିକୁଦଗଡ ଇପିଙ୍ଗଠାରେ ୨୩ ବର୍ଷ ଧରି ଏହି ଉତ୍ସବ ପାରମ୍ପରିକ ଭାବେ ପାଳିତ ହୋଇଆସୁଛି। ସ୍ଥାୟୀ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଶୋଭା ପାଉଥିବା ବେଳେ ଗାଁ ଦାଣ୍ଡ ରଙ୍ଗବେରଙ୍ଗର ଆଲୋକ ମାଳାରେ ସଜ୍ଜିତ କରାଯାଇଛି । ସନ୍ଧ୍ୟାରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି । ପୂଜା କମିଟି ସଭାପତି ନୀଳାଚଳ ପାଣିଗ୍ରାହୀ, ସମ୍ପାଦକ ସୁବ୍ରତ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଜିତ୍ କୁମାର ପଣ୍ଡା ପ୍ରମୁଖ ଉତ୍ସବକୁ ପରିଚାଳନା କରୁଛନ୍ତି।



ଟାଙ୍ଗୀ ସେସୁ କାର୍ଯ୍ୟାଳୟ ଓ ବୋଲଗୋଡଠାରେ ପୂଜା ପାଉଥିବା ମା'ଶ୍ୟାମାକାଳୀ ।

■ ଜୁଏଲାରୀ ଦୋକାନରୁ ଲୁଟ୍

## ସିସିଟିଭି ଫୁଟେଜରୁ ଧରାପଡ଼ିଲେ ଦୁଇ ମହିଳା

**ବାଲୁଗାଁ,୨୮।୧୦(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ବାଲୁଗାଁ ବଜାରସ୍ଥିତ ଏକ ଜୁଏଲେରୀ ଦୋକାନରୁ ଗତ ଶନିବାର ମଧ୍ୟାହ୍ନରେ ଅଳଙ୍କାର କିଣିବା ବାହାନାରେ ୪ ମହିଳା ରୁପା ଗହଣା ଲୁଟି ନେଇଥିଲେ। ଏ ନେଇ ସିସିଟିଭି ଫୁଟେଜରୁ ଉତ୍ତୋଳିତ ଚିତ୍ରରୁ ଜଣାପଡିଛି। ରବିବାର ପୁନର୍ବାର ସେମାନଙ୍କ ମଧ୍ୟରୁ ଦୁଇ ଜଣ ମହିଳା ଉକ୍ତ ଦୋକାନକୁ ଆସି ଲୁଟିବା ପାଇଁ ଉଦ୍ୟମ କରୁଥିବା ବେଳେ ଧରାପଡ଼ିଛନ୍ତି। ସେମାନେ ନଈରୀ ଗ୍ରାମର ବୋଲି ଜଣାପଡିଛି। ସେମାନଙ୍କଠାରୁ ୩ହଳ ରୁପା ପାଉଁଜି ପୋଲିସ ଜବତ କରିଛି । ଏହି ଘଟଣା ବାଲୁଗାଁ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି ।

ଖବର ନେବାରେ ଜଣାଯାଇଛି ଶନିବାର ମଧ୍ୟାହ୍ନ ପ୍ରାୟ ୨ଟାରେ ଏସ୍‌ବି ଜୁଏଲାରୀ ଦୋକାନକୁ ୪ଜଣ ମହିଳା ଅଳଙ୍କାର କିଣିବା ନିମନ୍ତେ ଆସିଥିଲେ। ସେହି ସମୟରେ ଦୋକାନ ଭିଡ଼ ରହିଥିଲା, ଏହାର ସୁଯୋଗ ନେଇ ମହିଳାମାନେ ରୁପା ପାଉଁଜି ଦେଖାଇବା ପାଇଁ ମାଲିକଙ୍କୁ କହିଥିଲେ । ଦୀର୍ଘ ଦେଢ଼ ଘଣ୍ଟା ଧରି ମହିଳାମାନେ ଦୋକାନରେ ବିଭିନ୍ନ ଅଳଙ୍କାର ଘାଣ୍ଟି ସମୟ ବିତାଇଥିଲେ । ଇତିମଧ୍ୟରେ କିଛି ହଳ ରୁପା ପାଉଁଜି ସେମାନେ ଲୁଟି ନେବାରେ ସଫଳ ହୋଇଥିଲେ । ସେମାନେ ଯିବା ପରେ ମାଲିକ ପାଉଁଜି ବାକ୍ସକୁ ତଦାରଖ କରିବାରେ ଚୋରି ଯାଇଥିବା ଜାଣିବାକୁ ପାଇଥିଲେ । ପରେ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଅନୁଧ୍ୟାନ କରିବାରେ ଲୁଟ୍ ହୋଇଥିବା ସ୍ପଷ୍ଟ ଭାବେ ଜାଣିପାରିଥିଲେ । ଏପରିସ୍ଥଳେ ରବିବାର ମଧ୍ୟାହ୍ନରେ ସେମାନଙ୍କ ମଧ୍ୟରୁ ଦୁଇ ମହିଳା ପୁନର୍ବାର ଅଳଙ୍କାର କିଣିବା ପାଇଁ ଉକ୍ତ ଦୋକାନକୁ ଆସିଥିଲେ । ମାଲିକ ସେମାନଙ୍କୁ ଚିହ୍ନିପାରି ସଙ୍ଗେ ସଙ୍ଗେ ବାଲୁଗାଁ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ସିସିଟିଭି ଫୁଟେଜ୍ ତଦନ୍ତ କରିବା ପରେ ସମ୍ପୃକ୍ତ ମହିଳା ଦ୍ୱୟଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲେ । ସେମାନଙ୍କଠାରୁ ପୋଲିସ ୩ହଳ ଚୋରି ପାଉଁଜି ଜବତ କରିବାରେ ସକ୍ଷମ ହୋଇଥିଲା । ତେବେ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ମହିଳା ଫେରାର ଥିବା ବେଳେ ସେମାନଙ୍କୁ ଖୋଜି ପାଇବାରେ ପୋଲିସ୍ ବିଫଳ ହୋଇଛି । ତେବେ ଫେରାର ଅଭିଯୁକ୍ତଙ୍କୁ ଚିହ୍ନଟ ନିମନ୍ତେ ପୋଲିସକୁ ସହଯୋଗ କରିବା ପାଇଁ ଧାରା ୪୧ ଅନୁଯାୟୀ ଗିରଫ ମହିଳା ଦ୍ୱୟଙ୍କୁ ପୋଲିସ୍ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଇଥିବା ଜଣାଯାଇଛି । ତଦନ୍ତରେ ଅସହଯୋଗ କଲେ ଅଭିଯୁକ୍ତ ମହିଳା ଦ୍ୱୟଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଆଇଆଇସି ରମାକାନ୍ତ ମହାଳିକ କହିଛନ୍ତି । ଦୋକାନ ମାଲିକ ଶିବ ପ୍ରସାଦ ପାତ୍ରଙ୍କ ଅଭିଯୋଗକ୍ରମେ ବାଲୁଗାଁ ପୋଲିସ୍ ୧୩୧/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଅବ୍ୟାହତ ରଖିଛି ।

## ପୂର୍ବ ଶତ୍ରୁତାରୁ ଗଣ୍ଡଗୋଳ: ୨ ଆହତ

**ଖୋର୍ଦ୍ଧା ଅଫିସ,୨୮।୧୦:**

ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ ଘଟଣାରେ ବାଣପୁର ଥାନା ମୁକ୍ତାଦେଇପୁର ଗ୍ରାମର ମେଘନାଦ ଲେଙ୍କାଙ୍କ ଦୁଇ ପୁଅ ଅନିଲ ଓ ସୁନୀଲ ଆହତ ହୋଇଛନ୍ତି। ଅଭିଯୋଗ ଅନୁଯାୟୀ, ମୁକ୍ତାଦେଇପୁର ଗ୍ରାମର ଅନିଲ ଓ ସନୀଲ ରବିବାର ରାତିରେ ବଡବଡୁଆ ଡାକିବା ପାଇଁ ଗ୍ରାମର ଜଣେ ବନ୍ଧୁଙ୍କ ଘରକୁ ଯାଉଥିଲେ। ବାଟରେ କେତେଜଣ ଯୁବକ ସେମାନଙ୍କୁ ଅଟକାଇ ଆକ୍ରମଣ କରିଥିଲେ। ଏଥିରେ ଅନିଲ ଆହତ ହୋଇଥିବା ବେଳେ ସୁନିଲ ଗୁରୁତର ହୋଇଥିଲେ। ଚିକିତ୍ସା ପାଇଁ ସୁନିଲଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପୂର୍ବରୁ ପରିବାର ସହ ଗ୍ରାମର କେତେଜଣ ଲୋକଙ୍କ ଶତ୍ରୁତା ଥିବାରୁ ବିରୋଧୀ ପକ୍ଷ ବାଟରେ ଆକ୍ରମଣ କରିଥିବା ଅନିଲ ସୋମବାର ଥାନାରେ ଅଭିଯୋଗ କରିଛନ୍ତି । ଅପରପକ୍ଷ ପୂର୍ବ ବିବାଦକୁ ନେଇ ମେଘନାଦ ଓ ତାଙ୍କର ଦୁଇ ପୁଅ ବାଟରେ ମାଡ ମାରିଥିବା ଲକ୍ଷ୍ମୀଧର ଜେନା ଥାନାରେ ଅଭିଯୋଗ କରିଛନ୍ତ। ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି।

## ବୃଦ୍ଧାଶ୍ରମରେ ଦୀପାବଳି ପାଳିତ

**ଜଟଣୀ,୨୮।୧୦(ଡି.ଏନ୍.ଏ):**

ଜଟଣୀସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ଆଶାକିରଣ ପରିସରରେ ଥିବା ବୃଦ୍ଧାଶ୍ରମରେ ଆଲୋକର ପର୍ବ ଦୀପାବଳି ପାଳିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଅଶୋକ ପାତ୍ର, ଅଧ୍ୟାପକ ପ୍ରେମାନନ୍ଦ ମହାରଣା, ଯୋଗେଶ ନାୟକ, ଆଶାକିରଣ ହୋମ୍‌ର ମୁଖ୍ୟ ହୋଚିମିନ୍ ଶାସ୍ତ୍ରୀ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ କୁଦିଆରୀ ଗ୍ରାମରେ ଥିବା ଚୈତନ୍ୟ ଫାଉଣ୍ଡେଶନ ପକ୍ଷରୁ ବୃଦ୍ଧାଶ୍ରମ ଓ ନିରାଶ୍ରୟ ଛୋଟ ଛୋଟ ପିଲାଙ୍କ ଗହଣରେ ଦୀପାବଳି ପାଳନ କରିଥିଲେ। ଜଟଣୀରେ ନିରାଶ୍ରୟ ପିଲାଙ୍କ ପାଇଁ ଥିବା ମୁକ୍ତାକାଶ ଆଶ୍ରୟସ୍ଥଳ, ଭୁବନେଶ୍ୱରସ୍ଥିତ ପିପୁଲ୍ ଫର ସେବା ଓ ପ୍ରତିଭା ବୃଦ୍ଧାଶ୍ରମ ପରିସରରେ ଏହା ପାଳନ କରିଥିଲେ ।ଛୋଟ ପିଲା, ବୃଦ୍ଧାମାନଙ୍କୁ ଶୁଖିଲା ଖାଦ୍ୟ, ଫଳବଣ୍ଟନ କରାଯାଇଥିଲା। ପରିବେଶ ପ୍ରଦୂଷଣ ହେଉ ନ ଥିବା ବାଣ ପ୍ରଦାନ କରାଯିବା ସହ ସେମାନଙ୍କ ଗହଣରେ ଦୀପାବଳି ପାଳନ କରିଥିଲେ। ଫାଉଣ୍ଡେଶନର ଚେୟାରମ୍ୟାନ ପ୍ରକାଶ ପ୍ରଧାନ(ପପୁ), ସଭାପତି ଅରୁଣ ନାୟକ, କାର୍ଯ୍ୟକାରୀ ସଭାପତି ଜୟସୂରଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଦୀପାବଳି ପାଳନ ଅବସରରେ ମୁକ୍ତାକାଶ ଆଶ୍ରୟସ୍ଥଳର ପିଲାମାନେ।

## ବିଶ୍ୱ ମସ୍ତିଷ୍କ ଘାତ ଦିବସ

**ଖୋର୍ଦ୍ଧା ଅଫିସ, ୨୮।୧୦:**

ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ବିଶ୍ୱ ମସ୍ତିଷ୍କ ଘାତ ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ସୁବାସ ଚନ୍ଦ୍ର ହୋତା, ଶିକ୍ଷା ବିଭାଗର ମୁଖ୍ୟ ଡ. ବିଜୟ ଲକ୍ଷ୍ମୀ ଦାସ, ଅଧ୍ୟାପକ ବିଭୂତି ଭୂଷଣ ଦାସ ଯୋଗଦେଇଥିଲେ। ବିଶ୍ୱ ମସ୍ତିଷ୍କ ଘାତ ଦିବସ ପ୍ରସଙ୍ଗ ଥାଇ ଏକ ପ୍ରବନ୍ଧ ପ୍ରତିଯୋଗିତା ମହିଳା ମହାବିଦ୍ୟାଳୟ ଓ ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୨୫ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିଲା।



ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

## ଖଙ୍ଗୁରିଆରେ ନବନିର୍ମାଣ କୃଷକ ସଙ୍ଗଠନ ବୈଠକ

**ବୋଲଗଡ଼,୨୮।୧୦(ଡି.ଏନ.ଏ.):**

ବୋଲଗଡ଼ ବ୍ଲକ ଖଙ୍ଗୁରିଆସ୍ଥିତ ଅମୃତେଶ୍ୱର ଦେବଙ୍କ ମନ୍ଦିର ନିକଟରେ ସୋମବାର ନବନିର୍ମାଣ କୃଷକ ସଙ୍ଗଠନର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ନେତା ସୁରେଶ ମାନସିଂହ ସଭାପତିତ୍ୱ କରି ଭୁବନେଶ୍ୱରରେ ନଭେମ୍ବର ୬ ତାରିଖରେ ହେବାକୁ ଥିବା ରାଷ୍ଟ୍ରୀୟ କୃଷକ ସମ୍ମିଳନୀରେ ଯୋଗଦେବାକୁ ଚାଷୀମାନଙ୍କୁ ଅନୁରୋଧ କରିଥିଲେ। ସଙ୍ଗଠନର ସହ ସଂଯୋଜକ ସୋମନାଥ ମହାପାତ୍ର ସରକାରଙ୍କ କୃଷକ ମାରଣ ନୀତି ବିରୋଧରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ନାୟକ, ଆଦିତ୍ୟ ନାରାୟଣ ପଣ୍ଡା, ସାଧୁଚରଣ ରାଉତରାୟ, ବିଶ୍ୱନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା: ଦୀପାବଳିରେ ବାଣ ଦୁର୍ଘଟଣା

**ଖୋର୍ଦ୍ଧା ଅଫିସ, ୨୮।୧୦:**

**ଜଳିଗଲା ୨ ବଖରା**

ଆଲୋକର ପର୍ବ ଦୀପାବଳି ରାତିରେ ବାଣପୁର ଥାନା ଭେଟେଶ୍ୱର ପଞ୍ଚାୟତର ବାଁଲେଇ ଗ୍ରାମରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୨ବଖରା ଘର ପୋଡିଯାଇଛି। ଏଥିରେ ଦୁଇଟି ଗାଈର ମୃତ୍ୟୁ ଘଟିଛି। ବାଣ ଫୁଟି ନିଆଁ ଝୁଲ ପଡିବା ଦ୍ୱାରା ଗ୍ରାମର ଗଗନ ପ୍ରଧାନଙ୍କ ଚାଳ ଘରେ ନିଆଁ ଲାଗିଯାଇଥିଲା। ପରେ ପଡୋଶୀ ଯୁଗଳ ପ୍ରଧାନଙ୍କ ଘରକୁ ବ୍ୟାପି ଥିଲା। ଖବରପାଇ ବାଣପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏଥିରେ ପ୍ରାୟ ୨ଲକ୍ଷ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି। ଦୁଇ ବିପନ୍ନ ପରିବାରକୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

**୨୫ ଆହତ, ୫ ଭୁବନେଶ୍ୱର ସ୍ଥାନାନ୍ତର**

ଖୋର୍ଦ୍ଧା ସହରରେ ଦୀପାବଳି ବାଣରେ ଖୋର୍ଦ୍ଧା ଓ ଆଖପାଖ ଅଞ୍ଚଳର ପ୍ରାୟ ୨୫ଜଣ ଆହତ ହୋଇ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏମାନଙ୍କ ମଧ୍ୟରୁ ୨୦ଜଣ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ୫ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା।

**ଅଫୁଟା ବାଣ ଗୋଟାଇ ୬ ଆହତ**

ଦୀପାବଳି ରାତିର ଅଫୁଟା ବାଣକୁ ଗୋଟାଇ ସୋମବାର ଖୋର୍ଦ୍ଧା ବ୍ଲକ ଦଧିମାଛଗାଡିଆ ଆଦିବାସୀସାହିର ୬ଜଣ ନାବାଳକ ଆହତ ହୋଇଛନ୍ତି। ପ୍ରାୟ ୧୦ରୁ ୧୨ ବର୍ଷର ନାବାଳକଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଦେଖା ଦେଇଥିଲା। ସମସ୍ତ ନାବାଳକଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସା ପରେ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଛି।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବନା ସ୍ୱୀୟ ମାୟା ଭାବରେ ଶରୀର ଧାରଣ କରନ୍ତି। ଅଧର୍ମ ପ୍ରବଳ ଓ ଧର୍ମ ହୀନବଳ ହୋଇ ଆସିଲେ ଧର୍ମର ରକ୍ଷା ନିମିତ୍ତ ପୃଥିବୀରେ ଜନ୍ମ ଗ୍ରହଣ କରନ୍ତି। -ବ୍ୟାସଦେବ



## ସଂକ୍ଷେପରେ

### ଜରାଶ୍ରମରେ ଦୀପାବଳି ପାଳିତ

ପୁରୀ ଅଫିସ, ୨୮।୧୦:ଦୀପାବଳିକୁ ନିଆରା ଢଙ୍ଗରେ ପାଳିଛନ୍ତି ସାମାଜିକ ଅନୁଷ୍ଠାନ 'ହୋପ୍ ଇଜ୍ ଲାଇଫ୍'ର ସଦସ୍ୟମାନେ। ରବିବାର ଆଖଣ୍ଡଳମଣି ମନ୍ଦିର ପାଖ ଅସ୍ତରାଗ ଜରାଶ୍ରମରେ ସେମାନେ ମହାପ୍ରସାଦ ବାଣ୍ଟିଥିଲେ। ମହିଳା ସଦସ୍ୟାମାନେ ଜରାଶ୍ରମ ଆଗରେ ରଙ୍ଗୋଲିରେ ଝୋଟି ଆଙ୍କିଥିଲେ। ଅନ୍ତେବାସୀଙ୍କ ସହିତ ମିଶି ଦୀପ ପ୍ରଜ୍ଜ୍ୱଳନ କରି ବାଣ ଫୁଟାଇଥିଲେ। ଏହି କାର୍ଯ୍ୟକ୍ରମରେ ସସ୍ମିତା ଘୋଷ, ସୁଜାତା ଦାସ, ସଂଘମିତ୍ରା ସାହୁ, ଶୋଭାମଣି ଦେବୀ, ଆଶିଷ ଦାସ, ମାନସ ମହାନ୍ତି, ମନୋଜ ମହାନ୍ତି, ରଜନୀ ପଟ୍ଟନାୟକ, ଭଗବାନ ମିଶ୍ର ଦିନଭଞ୍ଜନ ପଣ୍ଡା, ସୁରେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱ ଜୁଡ଼ୋ ଦିବସ ପାଳିତ

ପୁରୀ ଅଫିସ, ୨୮।୧୦: ଏମ୍. କେ. ଗ୍ରୁପ୍ ଆନୁକୂଲ୍ୟରେ ଗାନ୍ଧୀ ପାର୍କରେ ବିଶ୍ୱ ଜୁଡ଼ୋ ଦିବସ ପାଳିତ ହୋଇଯାଇଛି। ସଂସ୍ଥାର ଆବାହକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅକ୍ଷୟ କୁମାର ଜୟସିଂ ଓ ବ୍ରଜକିଶୋର ସାହୁ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ନିଷ୍ଠା ଓ ଏକାଗ୍ରତା ସଫଳତା ଆଣେ ବୋଲି ଅତିଥି ଦ୍ୱୟ କହିଥିଲେ। କାର୍ଯ୍ୟକ୍ରମରେ ବିନାୟକ ରାୟସିଂ, ଶୁଭମ ନାୟକ, ଜିତେନ୍ଦ୍ର ବେହେରା, ରଶ୍ମିରଞ୍ଜନ ବସ୍ତିଆ, ବିଶ୍ୱରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଲାଇଫ୍ ସେଭିଂ ପ୍ରତିଯୋଗିତାରେ ପୁରୀକୁ ସଫଳତା

ପୁରୀ ଅଫିସ, ୨୮।୧୦:ରାଷ୍ଟ୍ରୀୟ ଲାଇଫ୍ ସେଭିଂ ସୋସାଇଟି ଆନୁକୂଲ୍ୟରେ ଡାମନଡିଉରେ ଚଳିତ ମାସ ୨୧ରୁ ୨୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା ଲାଇଫ ସେଭିଂ ପ୍ରତିଯୋଗିତା। ଏଥିରେ ଓଡ଼ିଶାକୁ ସଫଳତା ମିଳିଛି। ପୁରୀର ପ୍ରତିଯୋଗୀମାନେ ବ୍ୟକ୍ତିଗତ ସ୍ତରରେ ୧୦ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହି ପ୍ରତିଯୋଗୀମାନେ ସୋମବାର ପୁରୀ ରେଳଷ୍ଟେଶନରେ ପହଞ୍ଚିବା ପରେ ବହୁ କ୍ରୀଡ଼ାନୁଷ୍ଠାନର କର୍ମକର୍ତ୍ତା କ୍ରୀଡ଼ାପ୍ରେମୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିଯୋଗୀମାନେ ଆସନ୍ତା ୨୦୨୦ରେ ଇଟାଲୀରେ ହେବାକୁ ଥିବା ବିଶ୍ୱ ଲାଇଫ ସେଭିଂ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ସେଠାରେ ଅଧିକ ପଦକ ହାସଲ ଲକ୍ଷ୍ୟ ରହିବ ବୋଲି ଏମାନେ କହିଛନ୍ତି।

### ଜବରଦଖଲ ଉଚ୍ଛେଦ ସ୍ଥଗିତ ପାଇଁ ବ୍ୟବସାୟୀଙ୍କ ଦାବି

ସାକ୍ଷୀଗୋପାଳ, ୨୮।୧୦(ଡି.ଏନ୍.ଏ.): ସାକ୍ଷୀଗୋପାଳ ବଜାରରେ ମଙ୍ଗଳବାର ହେବାକୁ ଥିବା ଜବର ଦଖଲ ଉଚ୍ଛେଦ ପ୍ରକ୍ରିୟା କିଛିଦିନ ପାଇଁ ସ୍ଥଗିତ ରଖିବାକୁ ବ୍ୟବସାୟୀମାନେ ସତ୍ୟବାଦୀ ତହସିଲଦାରଙ୍କ ନିକଟରେ ଦାବି କରିଛନ୍ତି। ବଜାର କମିଟି ସଭାପତି ବୀରେନ୍ଦ୍ର ଭୂଷଣ ହୋତା, ଭ୍ରମର ବର ସ୍ୱାଇଁ, ପ୍ରଫୁଲ୍ଲ କୁମାର ବେହେରା, ପ୍ରକାଶ ଚନ୍ଦ୍ର ଦାସ, ନିର୍ମଳ କୁମାର ନନ୍ଦ ଓ କୈଳାସ ଚନ୍ଦ୍ର ବରାଳ ପ୍ରମୁଖ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିବା ଦେଖାଯାଇଥିଲା। ରାଜ୍ୟ ଦେବୋତ୍ତର କମିଶନରଙ୍କ ଆଦେଶ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଠାକୁରଙ୍କ ଜମି ଜବର ଦଖଲ ମୁକ୍ତ କରିବାକୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇ ସୂଚନା ଦିଆଯାଇଥିଲା।

### 'ସୁଖ କିଣା ଏଠି ଦୁଃଖ ମାଗଣା' ନାଟକ ମଞ୍ଚସ୍ଥ

ବ୍ରହ୍ମଗିରି, ୨୮।୧୦(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ବ୍ରହ୍ମଗିର କାଳିକାଦେବୀ ସାଂସ୍କୃତିକ ସେବା ସଂଘ ତରଫରୁ ସୋମବାର 'ସୁଖ କିଣା ଏଠି ଦୁଃଖ ମାଗଣା' ନାଟକ ମଞ୍ଚସ୍ଥ ହୋଯାଇଛି। ନାଟ୍ୟକାର ସର୍ବେଶ୍ୱର ଦାସଙ୍କ ରଚିତ କେଦାରନାଥ ପ୍ରଧାନଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକରେ ଉକ୍ତ ସେବା ସଂଘର ସୌଖିନ କଳାକାର ମାନଙ୍କ ପରିବେଶବିତ୍ ନାଟକ ସମାଜକୁ ଏକ ନୂତନ ବାର୍ତ୍ତା ଦେଇଥିଲା। ଏହି ନାଟକରେ ନିରଞ୍ଜନ ନାୟକ, ହରିହର ସାହୁ, ସ୍ୱାଧୀନ ଚମ୍ପତିରାୟ, ରାଜକିଶୋର ପ୍ରଧାନ, ତ୍ରିଲୋଚନ ତ୍ରିପାଠୀ, ମିଟୁ ଶତପଥୀ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ ଅନ୍ୟାନ୍ୟ ଅତିଥି ଭାବେ ଲିଙ୍ଗରାଜ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ନାୟକ ଯୋଗଦେଇଥିଲେ।

■ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅଣାୟତ୍ତ ଭିଡ଼

# ରେକର୍ଡ ସଂଖ୍ୟକ ୩,୪୬୫ ଅଭିଯୋଗ

**ସନ୍ଧ୍ୟା ପର୍ଯ୍ୟନ୍ତ ଲମ୍ବା ଧାଡ଼ିରେ ଅଭିଯୋଗକାରୀ**



ଘରଭଙ୍ଗା ସହାୟତା ପାଇଁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ହିତାଧିକାରୀ।

ପୁରୀ ଅଫିସ,୨୮।୧୦:

ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ପ୍ରବଳ ଭିଡ଼ ହୋଇଥିଲା। ଜିଲାର ବିଭିନ୍ନ ସ୍ଥାନରୁ ଲୋକେ ଅଭିଯୋଗପତ୍ର ଆଣି ଗୁହାରି ଜଣାଇବାକୁ ଆସିଥିଲେ। ତେବେ ଭିଡ଼ ଅଣାୟତ୍ତ ହୋଇପଡ଼ିଥିଲା। ଏତେ ସଂଖ୍ୟକ ଅଭିଯୋଗକାରୀ ଉପସ୍ଥିତ ଥିଲେ ଯେ ଅନ୍ୟ କେହି କାର୍ଯ୍ୟାଳୟ ଭିତରକୁ ପଶିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିଥିଲା। ୩ଟି ଧାଡ଼ିରେ ଲୋକେ ଅଭିଯୋଗ ଉପସ୍ଥାପନ କରିଥିଲେ। ଗୋଟିଏ ଦିନରେ ରେକର୍ଡ ସଂଖ୍ୟକ ୩,୪୬୫ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

ବାତ୍ୟା ଫନୀକୁ ଇତିମଧ୍ୟରେ ସାଢେ ୫ମାସ ପୂରିଯାଇଛି। ହେଲେ ଏବେ ବି ଅନେକ କ୍ଷତିଗ୍ରସ୍ତଙ୍କୁ ସହାୟତା ମିଳିପାରି ନାହିଁ। ପୁଣି ଘରଭଙ୍ଗା ସହାୟତା ପ୍ରଦାନରେ ପାତରଅନ୍ତର ହୋଇଛି। ଅନେକ ଲୋକଙ୍କ ଘର ବାସ୍ତବରେ ଭାଙ୍ଗିଥିଲେ ମଧ୍ୟ ସେମାନଙ୍କ ନାଁ ତାଲିକାରେ ନାହିଁ। ଅଥଚ କୋଠାଘର ଥିବା ଲୋକଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି ବୋଲି ଦର୍ଶାଯାଇ ବହୁ ଧନୀକ ଶ୍ରେଣୀର ପରିବାର ସହାୟତା ହାତେଇଛନ୍ତି। ଆର୍ଆଇ ଏବଂ ସର୍ଭେ ଦାୟିତ୍ୱରେ ଥିବା ସରକାରୀ କର୍ମଚାରୀମାନେ ଏଭଳି ଅନିୟମିତତା କରିଥିବା ଅଭିଯୋଗ ହୋଇଛି। ସେହିପରି ବାତ୍ୟାରେ ଅନେକ ଚାଷୀଙ୍କର ପନିପରିବା ଚାଷ ନଷ୍ଟ ହୋଇଥିଲା। ସମସ୍ତଙ୍କୁ ସହାୟତା ମିଳିନାହିଁ। ଏମିତି ବିଭିନ୍ନ ପ୍ରକାର ଅଭିଯୋଗ ଆଣି ସୋମବାର ଜିଲାପାଳଙ୍କୁ ଜଣାଇବାକୁ ପହଞ୍ଚିଥିଲେ ହଜାର ହଜାର ଲୋକ। ସ୍ଥିତି ଏମିତି ହୋଇଥିଲା ଯେ, ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଓ ଫାଟକ ସମ୍ମୁଖରେ ଏକାଧିକ ପୋଲିସ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରିଥିଲେ। ବାତ୍ୟା ଘରଭଙ୍ଗା ସହାୟତାକୁ ନେଇ ସର୍ବାଧିକ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ସହାୟତା ପାଇ ନ ଥିବାରୁ ଜିଲାର ବିଭିନ୍ନ ସ୍ଥାନରୁ ଗୁହାରି କରିବାକୁ ଏକାଧିକ ଥର ଲୋକଙ୍କୁ ଆସିବାକୁ ପଡୁଛି। ଏହାଦ୍ୱାରା ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ମାତ୍ର ସେମାନଙ୍କୁ କୌଣସି ସୁଫଳ ମିଳୁନାହିଁ ବୋଲି ବ୍ରହ୍ମଗିରିର ସୁବାସ ପରିଡ଼ା କହିଛନ୍ତି। ତେଣୁ କିପରି ସହାୟତା ମିଳିବ ସେ ଦିଗରେ ଜିଲା ପ୍ରଶାସନ ବ୍ୟବସ୍ଥା କରିବା ଦରକାର ବୋଲି ସେ ମତ ରଖିଛନ୍ତି।

## ଲୋକେ ସଚେତନ ହେଲେ ଦୁର୍ନୀତି ହଟିବ

ପୁରୀ ଅଫିସ,୨୮।୧୦:

ଦୁର୍ନୀତି ସମାଜର ଏକ ବଡ଼ ବ୍ୟାଧି। ଲାଞ୍ଚ ନେବା ଓ ଲାଞ୍ଚ ଦେବା ବ୍ୟକ୍ତି ଉଭୟ ଦାୟୀ। ଜନସାଧାରଣ ସଚେତନ ହେଲେ ଏହାକୁ ରୋକାଯାଇପାରିବ। କୌଣସି ବିଭାଗରେ ଦୁର୍ନୀତି ହେଉଥିବା ନଜରକୁ ଆସିଲେ ଦୃଢ଼ତାର ସହ ଏହାର ବିରୋଧ କରନ୍ତୁ କିମ୍ବା ଭିଜିଲାନ୍ସ ବିଭାଗକୁ ଜଣାନ୍ତୁ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁରୀ ଭିଜିଲାନ୍ସ ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ କହିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ଜିଲା ଦୁର୍ନୀତି ନିବାରଣ ଶାଖାର ମିଳିତ ଆନୁକୂଲ୍ୟରେ ସୋମବାର ସଦ୍‌ଭାବନା ଗୃହରେ ଆୟୋଜିତ ଜିଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଭିଜିଲାନ୍ସ ଏସ୍‌ପି ଷଡ଼ଙ୍ଗୀ ସଭାପତିତ୍ୱ କରି ଏହା କହିଛନ୍ତି। ଅତିଥି ଭାବେ ଏସ୍‌ପି ଡା. ଉମାଶଙ୍କର ଦାଶ ଯୋଗଦେଇ ଦୁର୍ନୀତିମୁକ୍ତ ସମାଜ ଗଠନ ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲାପରିଷଦ ସଭାପତି ଜ୍ୟୋତିର୍ମୟ ଦଳାଇ କହିଥିଲେ, ନିଜକୁ ପରିବର୍ତ୍ତନ କରନ୍ତୁ, ସମାଜ ପରିବର୍ତ୍ତନ ହୋଇଯିବ। ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶାଳ ସିଂ କହିଥିଲେ, କାର୍ଯ୍ୟରେ ନିଷ୍ଠା ଓ ସଚ୍ଚୋଟତା ରହିଲେ ଦୁର୍ନୀତି ହଟିପାରିବ। ଭିଜିଲାନ୍ସ ଡିଏସ୍‌ପି ହରନାରାୟଣ ପତି ଉପସ୍ଥିତ ଥିଲେ। ଏହି ଅବସରରେ 'ସଚ୍ଚୋଟତା– ଏକ ଜୀବନ ଶୈଳୀ' ଶୀର୍ଷକ ଆଲୋଚନାଚକ୍ରରେ ସାମାଜିକ କର୍ମୀ ପ୍ରତିମା ମିଶ୍ର, ରୁଦ୍ରନାରାୟଣ ସିଂ, ନାରାୟଣ ନନ୍ଦ, ଆଇନଜୀବୀ ପୁଷ୍କର ମହାପାତ୍ର ଏବଂ ଛାତ୍ରୀଛାତ୍ର ନିଜ ମତ ରଖିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଛାତ୍ରୀଛାତ୍ର, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ଶପଥପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୁରୁମିତ୍ର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା ଏବଂ ଅନ୍ୟମାନେ ସହଯୋଗ କରିଥିଲେ।



ମଞ୍ଚସ୍ଥ ଅଧିକାରୀମାନେ ଶପଥପାଠ କରୁଛନ୍ତି।

■ ଶ୍ରୀକ୍ଷେତ୍ରରେ ପାଳନହେଲା ଦୀପାବଳି

## ସିଂହଦ୍ୱାର ସମ୍ମୁଖରେ ବଡ଼ବଡୁଆ ଡାକ

ପୁରୀ ଅଫିସ,୨୮।୧୦:

ପୁରପଲ୍ଲୀରେ ରବିବାର ପାଳିତ ହୋଇଯାଇଛି ଆଲୋକର ପର୍ବ ଦୀପାବଳି। ପୁରୀରେ ମଧ୍ୟ ଖୁବ୍ ଧୁମ୍‌ଧାମରେ ଦୀପାବଳି ପାଳିଛନ୍ତି ସହରବାସୀ। ରାତି ୮ଟାରୁ ୧୦ଟା ୨ ଘଣ୍ଟା ବାଣ ଫୁଟାଇବା ଲାଗି ନିର୍ଦ୍ଦେଶ ରହିଥିଲେ ମଧ୍ୟ ଏହାକୁ କେହି ମାନି ନ ଥିଲେ। ସଞ୍ଜ ନଇଁବା ପୂର୍ବରୁ ଆତସବାଜିରେ କମ୍ପିଥିଲା ଶ୍ରୀକ୍ଷେତ୍ର। ଏପରି କି ରାତି ସାଢେ ୧୧ଟା ପର୍ଯ୍ୟନ୍ତ ବାଣ ଫୁଟାଯାଇଥିଲା। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟା ଅବସରରେ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କୁ ଦର୍ଶନ କରି ଶ୍ରୀମନ୍ଦିର ବାଇଶି ପାହାଚରେ ପୟାଶ୍ରାଦ୍ଧ କରିବା ପରେ ସିଂହଦ୍ୱାରରେ କାଉଁରିଆ କାଠି ଜାଳି ବଡ଼ ବଡୁଆଙ୍କୁ ଡାକିଥିଲେ।



ଶ୍ରୀମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁମାନେ କାଉଁରିଆକାଠି ଜାଳି ବଡ଼ବଡୁଆ ଡାକୁଛନ୍ତି।

ସକାଳୁ ସିଂହଦ୍ୱାରରେ କାଉଁରିଆ କାଠି ଜାଳି ବଡ଼ବଡୁଆ ଡାକିବା ଆରମ୍ଭ ହୋଇଯାଇଥିଲା। କିନ୍ତୁ ସନ୍ଧ୍ୟାରେ ପ୍ରବଳ ଗହଳି ହୋଇଥିଲା। ବଡ଼ବଡୁଆ ଡାକିବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ଆସିଥିଲେ। ବିଶ୍ୱାସ ରହିଛି ମହାଳୟାରେ ପିତୃପୁରୁଷଙ୍କୁ ଆବାହନ କରାଯାଏ। ଦୀପାବଳି ଅମାବାସ୍ୟାରେ ପିତୃପୁରୁଷଙ୍କୁ ଫେରିବା ପାଇଁ ଆଲୋକ ଦେଖାଯାଇଥାଏ। ଦୀପାବଳିକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ, ପୋଲିସ ଏବଂ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା।

## ମଣ୍ଡଳସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ

ନିମାପଡ଼ା,୨୮।୧୦(ଡି.ଏନ.ଏ.)

ନିମାପଡ଼ା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ସୋମବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ବେହେରା, ପଞ୍ଚାୟତ ସିମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ଗୋଷ୍ଠୀ ସାଧନ ସଂଯୋଜକ ଚିତ୍ତରଞ୍ଜନ ସ୍ୱାଇଁ, ସହକାରୀ ବ୍ଲକ ଶିକ୍ଷାଧିକାରୀ ବସନ୍ତ ମିଶ୍ର, ହାଡୁ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଜିଲାସ୍ତରୀୟ ସୁରଭି ପାଇଁ ମନୋନୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ଶହ ଛାତ୍ରଛାତ୍ର ଯୋଗଦେଇଥିଲେ।

## ଡେଲାଙ୍ଗ ବ୍ଲକ୍‌ରେ ଜନଶୁଣାଣି

ଡେଲାଙ୍ଗ, ୨୮।୧୦(ଡିଏନ୍‌ଏ)

ଡେଲାଙ୍ଗ ବ୍ଲକ୍ ପରିସରରେ ସୋବାର ଏକ ଜନଶୁଣାଣିଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨୯ରୁ ଊର୍ଦ୍ଧ୍ୱ ଅଭିଯୋଗର ଶୁଣାଣୀ ହୋଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଶିବିରରେ ପୁରୀ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଜିଲା ଖାଦ୍ୟ ଓ ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତ୍ରିନାଥ ପାଢ଼ୀ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡେଲାଙ୍ଗ ହାଟ ବଜାର ନିକଟସ୍ଥ ପଟଣପୁର ଯିବା ରାସ୍ତାରେ ନିର୍ମିତ ହେବାକୁ ଥିବା ଲୁଣାନଦୀ ସେତୁ ସମ୍ପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ଦୁଇ ପାର୍ଶ୍ୱର ରାସ୍ତା ନିର୍ମାଣ ହୋଇ ନ ଥିବାରୁ ନିକଟସ୍ଥ ଗ୍ରାମର ଅଧିବାସୀ ଯାତାୟତରେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ ହୋଇଥିଲା। ଏହି ସେତୁଟି ୨୦୧୫ରେ ସମ୍ପୂର୍ଣ୍ଣ ହେବା ପାଇଁ ନିର୍ଦ୍ଦେଶ ରହିଥିଲା ବେଳେ, ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ନିୟୋଜିତ ଠିକାଦାର ଏବେ ସୁଦ୍ଧା ରାସ୍ତା ସଂଯୋଗୀକରଣ ସମ୍ପୂର୍ଣ୍ଣ କରିନାହାନ୍ତି। ଫଳରେ ଲୋକେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି। ନଭେମ୍ବର ୧୭ ସୁଦ୍ଧା ସେତୁକୁ ସଂଯୋଗ ରାସ୍ତା ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୁଆଲି, ଓଡ଼ତରାବୋଇ, ବ୍ରହ୍ମେଶ୍ୱରପୁର, ଉଦୟପୁର ଓ ବେରବୋଇ ଗ୍ରାମର ସମସ୍ତ ଗ୍ରାମବାସୀ ଏକତ୍ର ହୋଇ ଜଳ ନିଷ୍କାସନ ରାସ୍ତାକୁ ମୁଷ୍ଟିମେୟ କେତେଜଣ ବ୍ୟକ୍ତି ଅବରୋଧ କରିଥିବା ଅଭିଯୋଗ କରିଥିଲେ। ଶ୍ରୀପୁରୁଷୋତ୍ତମପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ସମିତି ସଭ୍ୟା ହରପ୍ରିୟା ପାତ୍ର ଅଭିଯୋଗ କରିଛନ୍ତି। ଫନୀ ସହାୟତା ପ୍ରଦାନରେ ଅନିୟମିତତା ନେଇ ଅଭିଯୋଗ ହୋଇଥିଲା।

## ଶ୍ରଦ୍ଧାଳୁଙ୍କୁ ବାଧୁଛି ଅବଢ଼ା ଦର

ପୁରୀ ଅଫିସ,୨୮।୧୦:

ମହାପ୍ରସାଦ ଦର ଉପରେ ଶ୍ରୀମନ୍ଦିର ପ୍ରଶାସନର କୌଣସି ନିୟନ୍ତ୍ରଣ ନାହିଁ। ମନଇଚ୍ଛା ଦାମ୍ ନେଉଛନ୍ତି ମହାପ୍ରସାଦ ବିକ୍ରି କରୁଥିବା ସୁଆର ସେବକ। ବର୍ତ୍ତମାନ କାର୍ତ୍ତିକ ମାସ ଚାଲିଥିବାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ହେଉଛି। ଏଥିସହ ହବିଷିଆଳିମାନେ ମଧ୍ୟ ପ୍ରତ୍ୟହ ବହୁ ସଂଖ୍ୟାରେ ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଦର୍ଶନ ପାଇଁ ଆସୁଛନ୍ତି। ଏହାର ସୁଯୋଗ ନେଉଛନ୍ତି ମହାପ୍ରସାଦ ବିକ୍ରି କରୁଥିବା କେତେଜଣ ସୁଆର ସେବକ। ସେମାନେ ମନଇଚ୍ଛା ଦାମ୍ ନେଉଛନ୍ତି। ରବିବାର ଥିଲା କାର୍ତ୍ତିକ ଅମାବାସ୍ୟା। ପୟାଶ୍ରାଦ୍ଧ ପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରରେ ପ୍ରବଳ ଗହଳି ମଧ୍ୟ ହୋଇଥିଲା। ତେବେ ଆନନ୍ଦ ବଜାରରେ ଅବଢା ଦର ବେଶ୍ ଅଧିକ ରହିଥିଲା। କାର୍ତ୍ତିକ ମାସ ପୂର୍ବରୁ ଯେଉଁ ଅବଢା ୧୦୦ ଟଙ୍କାରେ ମିଳୁଥିଲା ବର୍ତ୍ତମାନ ତାହା ଦାମ୍ ଦୁଇଗୁଣା ବଢ଼ିଛି, ଏପରି କି କେହି କେହି ୩୦୦ ଟଙ୍କା ମଧ୍ୟ ନେଉଛନ୍ତି। ଫଳରେ ଶ୍ରଦ୍ଧାଳୁଙ୍କୁ ଏହି ଦାମ୍ ବାଧୁଛି। ନୟାଗଡ଼ ଗଣିଆର ରାକେଶ ସାହୁ କହିଛନ୍ତି, ପ୍ରାୟ ସବୁ ଥର ମହାପ୍ରସାଦ ପାଇକି ଘରକୁ ଯାଏ। ହେଲେ ପୂର୍ବରୁ ଯେଉଁ ଦାମ୍ ଦେଇ ଅବଢା କିଣୁଥିଲି ରବିବାର ତାହା ପ୍ରାୟ ତିନିଗୁଣା ନେଇଥିଲେ। ହେଲେ ଠାକୁରଙ୍କ ମହାପ୍ରସାଦ ଭାବି କିଛି କହି ନ ଥିଲି। ଅବଢା ବିକ୍ରି କରୁଥିବା ସୁଆର ସେବକ ଯାହା କହିଲେ ସେତିକି ଟଙ୍କା ଦେଲି। ରାକେଶଙ୍କ ପରି ଅନେକ ଭକ୍ତ ଅବଢା ଦର ଅଧିକ ରହିଥିବା କହିଥିଲେ। ପ୍ରଶାସନ ଆନନ୍ଦ ବଜାରରେ ଦର ଲଗାଇବାକୁ ଘୋଷଣା କରିଥିଲେ ବି ତାହା ସମ୍ଭବ ହୋଇ ପାରିନି।

## ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଖୁଣ୍ଟି ଅନୁକୂଳ

କଣାସ, ୨୮।୧୦(ସ୍ୱ.ପ୍ର.):

କଣାସ ବ୍ଲକର ଆରାଧ୍ୟା ଠାକୁରାଣୀ ମା' କୁଞ୍ଜେଶ୍ୱରୀ ଦେବୀଙ୍କ ପୀଠରେ ଅନୁଷ୍ଠିତ ହେବାକୁଥିବା ୪୦ତମ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଗତ ଖୁଣ୍ଟି ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ତାରିଖ ନବମୀଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭହୋଇ ୧୨ତାରିଖ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀରେ ଶେଷ ହେବ। ଖୁଣ୍ଟି ଅନୁକୂଳ ସମୟରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଅନୁଷ୍ଠାନର ସଭାପତି ବିପିନ ବିହାରୀ ନାୟକ ଓ ଉପସଭାପତି ଧନେଶ୍ୱର ରାଉତ ତଥା ପରିଚାଳନା କରିଥିଲେ।

## କଣାସ ବ୍ଲକସ୍ତରୀୟ ସୁରଭି

କଣାସ, ୨୮।୧୦(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ସିରେଇ ସଂଯୁକ୍ତ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର କଣାସ ବ୍ଲକ ବିଦ୍ୟାଳୟ ସମୂହର ସୁରଭି କାର୍ଯ୍ୟକ୍ରମ ଅନିଷ୍ଠିତ ହୋଇଯାଇଛି। ପୂର୍ବରୁ କଣାସ ବ୍ଲକର ୧୭ଟି କ୍ଲଷ୍ଟରରେ ଏହି ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟରରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ବ୍ଲକ ସ୍ତରୀୟ ସୁରଭି ପ୍ରତିଯୋଗିତରେ ଭାଗ ନେବେ। ୧୨ଟି ବିଭାଗରେ ବରିଷ୍ଠ ଓ କନିଷ୍ଠ ବର୍ଗ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଣାସ ବ୍ଲକ ଶିକ୍ଷାଅଧିକାରୀ ନିରଞ୍ଜନ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁରଭିକାର୍ଯ୍ୟକ୍ରମକୁଉଦ୍‌ଘାଟନ କରିଥିବା ବେଳେ ଅତିରିକ୍ତ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ବୀରକିଶୋର ପ୍ରାଧାନ ଅତିଥିଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଆଗାମୀ ଦିନରେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

## ପ୍ରଧାନମନ୍ତ୍ରୀ ସଡ଼କ ଅବସ୍ଥା ଶୋଚନୀୟ

କଣାସ, ୨୮।୧୦(ସ୍ୱ.ପ୍ର.)

କଣାସ ବ୍ଲକ ଅନ୍ତର୍ଗତ ନୂଆ ଜଗନ୍ନାଥ ସଡ଼କର କୋଟକଣା ଛକଠାରୁ ଶାନ୍ତିଧାମ ଆଶ୍ରମକୁ ସଂଯୋଗ କରୁଥିବା ପ୍ରଧାନ ମନ୍ତ୍ରୀ ସଡକ ଅବସ୍ଥା ଶୋଚନୀୟ ହୋଇପଡିଛି। ଯାନବାହନ ଯିବା ଦୂରେଥାଉ ପାଦରେ ଚାଲିଚାଲି ଯିବା ମଧ୍ୟ ବାଟୋଇଙ୍କ ପକ୍ଷରେ କଷ୍ଟକର ହୋଇପଡିଛି। ଠାକୁର ଅଭିରାମ ପରମହଂସଙ୍କ ଭକ୍ତ ଦୈନନ୍ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ଶହ ଶହ ସଂଖ୍ୟାରେ ଯାନବାହନରେ ଆସୁଥିବାରୁ ଏହି ୧୦କି.ମି. ରାସ୍ତାକୁ ଘଣ୍ଟା ଘଣ୍ଟା ଧରି ସମୟ ଲଗୁଥିବାରୁ ଭକ୍ତମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ରାସ୍ତା ମରାମତି ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡାକୁ ପଚାରିବାରୁ ସେ କୁହନ୍ତି, ରାସ୍ତା ତିଆରି ପାଇଁ ଟେଣ୍ଡର ହୋଇ ଠିକାଦାର ନିଯୁକ୍ତି ହୋଇଛନ୍ତି। ରାସ୍ତା କାମ ପାଇଁ ଗୋଡି ମିଳୁ ନ ଥିବାରୁ ରାସ୍ତା କାମ ହୋଇପାରିନାହିଁ ଶୀଘ୍ର କାମ କରାଯିବ ବୋଲି କହିଥିଲେ।



ଶୋଚନୀୟ ହୋଇପଡ଼ିଥିବା ପ୍ରଧାନ ମନ୍ତ୍ରୀ ସଡକ।

■ ଆବାସ ଯୋଜନା ହିତାଧିକାରୀ ଚୟନରେ ଅନିୟମିତତା

## ବ୍ଲକ୍ ଅଫିସ୍ ସମ୍ମୁଖରେ ଗ୍ରାମବାସୀଙ୍କ ଧାରଣା

ଗୋପ, ୨୮।୧୦(ଡି.ଏନ୍.ଏ.)

ଗୋପ ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଚୟନ ତାଲିକାରେ କେତେକ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଥିବା ଅଭିଯୋଗ ଆସିଥିଲା। ସୋମବାର ଏହି ବ୍ଲକ୍ ଅଧୀନ ଅଣ୍ଡରା ଇଚ୍ଛାପୁର ପଞ୍ଚାୟତରେ ଆବାସ ଯୋଜନାରେ ବ୍ୟାପକ ଅନିୟମିତତା ଅଭିଯୋଗରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ବ୍ଲକ୍ ସମ୍ମୁଖରେ ଧାରଣା ଦେଇଥିଲେ। ଏହା ସହ ଜିଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ପଠାଇଥିଲେ।

ପ୍ରକାଶ ଯେ, ଅଣ୍ଡରା ଇଚ୍ଛାପୁର ପଞ୍ଚାୟତର ବିଭିନ୍ନ ୱାର୍ଡର ଜନସାଧାରଣଙ୍କର ଘର ଭାଙ୍ଗିଥିଲେ ମଧ୍ୟ ସଂପୃକ୍ତ ଗ୍ରାମପଞ୍ଚାୟତର ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମୋଟା ଅଙ୍କର ଉତ୍କୋଚ ନେଇ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତିମାନଙ୍କର ଜିଓ ଟ୍ୟାଗ୍ କରି ତାଲିକାଭୁକ୍ତ କରିଥିବା ଅଭିଯୋଗ ହୋଇଛି। ଏପରିକି କୋଠାଘର, ଟ୍ରାକ୍ଟର, ଚାରିଚକିଆ ଯାନ ଓ ଅଧିକାଂଶ ଅବିବାହିତ ପୁଅ ଓ ଝିଅଙ୍କ ନାମରେ ତାଲିକା ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଗୋଟିଏ ଗୋଟିଏ ପରିବାରର ୨ ରୁ ୩ ଜଣଙ୍କ ନାମ ତାଲିକା ଭୁକ୍ତ କରିଥିବା ଅଭିଯୋଗ ହୋଇଛି। ସୋମବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଥିବାବେଳେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଅଣ୍ଡରା ଇଚ୍ଛାପୁରର ପୂର୍ବତନ ସରପଞ୍ଚ ଅଶ୍ୱିନୀ ପଟ୍ଟନାୟକ ଓ ଯୁବ ନେତା ରମଣ ପଟ୍ଟନାୟକଙ୍କ ନେତୃତ୍ୱରେ ବିଚିତ୍ରାନନ୍ଦ ପ୍ରଧାନ, ପଞ୍ଚାନନ ପ୍ରଧାନ, ବିଜୟ କୁମାର ଭୋଳ, ହରେକୃଷ୍ଣ ମହାନ୍ତିଙ୍କ ପ୍ରମୁଖ ଦୀର୍ଘ ଦୁଇ ଘଣ୍ଟା ଧରି ଧାରଣାରେ ବସିଥିଲେ। ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆସନ୍ତା ୪ ତାରିଖରେ ଅନଶନରେ ବସିବା ଲାଗି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏ ସଂପର୍କରେ ବିଡିଓ ଦୀପ୍ତିରାଣୀ ଦାସଙ୍କୁ ପଚାରିବାରେ ଅନିୟମିତତା ସମ୍ପର୍କରେ ଅଭିଯୋଗ ଆସିଛି। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯଦି କୌଣସି ଜାଗାରେ ଅନିୟମିତତା ହୋଇଥାଏ ତେବେ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯିବା ସହ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯିବ।



ଲୋକମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।